
କାନ୍ଦିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ | ୬


# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ



facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବାୟୁସେନା ଅଧିକାରୀଙ୍କ ଭୂମିକାରେ ଅକ୍ଷୟ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୭୯ Vol. 21 No-279 7 JANUARY 2025 TUESDAY BHUBANESWAR ମଙ୍ଗଳବାର, ୭ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଭୁବନେଶ୍ୱରରେ ଦୁଇ କେନ୍ଦ୍ରମନ୍ତ୍ରୀ


ଭୁବନେଶ୍ୱର,୬।୧(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଦୁଇ କେନ୍ଦ୍ରମନ୍ତ୍ରୀ ଡ.ଏସ୍.ଜୟଶଙ୍କର ଏବଂ ନିତ୍ୟାନନ୍ଦ ରାୟ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନେ ରାତିରେ କୋଣାର୍କ ଯାଇ ଇକୋ-ରିଟ୍ରିଟ୍‌ରେ ରାତ୍ରିଯାପନ କରିବେ। ମଙ୍ଗଳବାର ସକାଳେ ସୂର୍ଯ୍ୟମନ୍ଦିର ବୁଲିବେ ଓ ପୁରୀ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପରେ ସେମାନେ ଧଉଳି ଶାନ୍ତିସ୍ତୂପ ଯିବେ ବୋଲି ସୂଚନା ଦିଆଯାଇଛି। ୫ ଦିନିଆ ଓଡ଼ିଶା ଗସ୍ତରେ ଏହି ଦୁଇ କେନ୍ଦ୍ରମନ୍ତ୍ରୀ ଆସିଥିବା କୁହାଯାଉଛି।

### ସାତକୋଶିଆରେ କୁମ୍ଭୀର ଗଣନା ଆରମ୍ଭ

ଅନୁଗୋଳ,୬।୧(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା ସାତକୋଶିଆରେ ସୋମବାରଠାରୁ ଆରମ୍ଭ ହୋଇଛି କୁମ୍ଭୀର ଗଣନା। ଏଥିପାଇଁ ପର୍ଯ୍ୟଟକଙ୍କୁ ସାତକୋଶିଆ ଯିବାପାଇଁ ବାରଣ କରାଯାଇଛି। ୮ ତାରିଖ ପର୍ଯ୍ୟନ୍ତ ଏହି ଗଣନା ଚାଲୁ ରହିବ ବୋଲି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଗଣନା କାର୍ଯ୍ୟରେ ୧୪ଟି ଦଳ ନିୟୋଜିତ ହୋଇଛନ୍ତି। ମହାନଦୀ ଗଣ୍ଡରେ ୨୩ କିମି ପର୍ଯ୍ୟନ୍ତ ଏହି ଗଣନା କରାଯିବ।

## ଦେଶରେ ଚିନ୍ତା ବଢାଇଲା ଏଚ୍‌ଏମ୍‌ପିଭି ଭାଇରସ୍

# ୬ ଆକ୍ରାନ୍ତ ଚିହ୍ନଟ



### ବେଙ୍ଗାଲୁରୁରେ ୨, ଗୁଜରାଟରେ ୧, ଚେନ୍ନାଇରେ ୨, ପଶ୍ଚିମବଙ୍ଗରେ ଜଣେ ଚିହ୍ନଟ
### ମାସ୍କ ପିନ୍ଧିବାକୁ କର୍ଣ୍ଣାଟକ ସରକାରଙ୍କ ପରାମର୍ଶ
### ଛିଙ୍କ, କାଶ ବେଳେ ପାଟି,ନାକ ଘୋଡ଼ାଇବାକୁ ଅନୁରୋଧ

ନୂଆଦିଲ୍ଲୀ,୬।୧: ଦେଶରେ ଆତଙ୍କ ଖେଳାଇବାରେ ଲାଗିଛି ଏଚ୍‌ଏମ୍‌ପିଭି ଭାଇରସ। କରୋନା ଭଳି ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରୁଥିବା ଏହି ଭାଇରସରେ ଦେଶର ୬ଜଣ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଫଳରେ ଦେଶବାସୀଙ୍କ ମଧ୍ୟରେ ପୁଣିଥରେ ଭୟର ସଞ୍ଚାର ହୋଇଛି। କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରେ ଦୁଇଜଣ ନବଜାତକଙ୍କ ଶରୀରରେ ଏହି ଭାଇରସ ଚିହ୍ନଟ ହୋଇଥିବାବେଳେ ଗୁଜରାଟରେ ଜଣେ ଓ ପଶ୍ଚିମବଙ୍ଗର ଜଣେ ଶିଶୁଙ୍କ ଦେହରେ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ସେହିପରି ଚେନ୍ନାଇରେ ମଧ୍ୟ ଦୁଇ ଶିଶୁ ଏହି ଭାଇରସରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ୬ ଜଣ ଆକ୍ରାନ୍ତଙ୍କ ଚିହ୍ନଟ ପରେ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଭିଡ଼ ସ୍ଥାନରେ ମାସ୍କ ପିନ୍ଧିବାକୁ ସରକାର ପରାମର୍ଶ ଦେଇଛନ୍ତି। ରାଜ୍ୟର ସମସ୍ତ ହସ୍ପିଟାଲକୁ ସବୁପ୍ରକାର ପରିସ୍ଥିତିର ସାମ୍ନା କରିବା ପାଇଁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନମୁନା ପରୀକ୍ଷାପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ସାମାନ୍ୟ କାଶ, କଫ, ଥଣ୍ଡା କିମ୍ବା ତଜ୍ଜନିତ ସମସ୍ୟା ରହିଥିବା ଶିଶୁମାନଙ୍କୁ ସ୍କୁଲ ନ ପଠାଇବାପାଇଁ ସରକାର ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଗୁଜରାଟରୁ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେଠାକାର ରାଜ୍ୟ ସରକାର ମଧ୍ୟ ମାର୍ଗଦର୍ଶିକା ଜାରି କରିଛନ୍ତି। ରାଜସ୍ଥାନରୁ ଚିକିତ୍ସାପାଇଁ ଅହମ୍ମଦାବାଦ ଆସିଥିବା ଏକ ଶିଶୁର ନମୁନାରେ ଏଚଏମପିଭି ଭାଇରସ ଠାବ କରାଯାଇଛି। ଏହାପରେ ସରକାର ଆରଟି-ପିସିଆର କିଟ୍ କିଣିବା ସହ ଲୋକଙ୍କ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗରେ ମଧ୍ୟ ଜଣେ ୬ ମାସର ଶିଶୁ ଦେହରେ ଏହି ଭାଇରସ ଠାବ କରାଯାଇଛି। ତେବେ ସମସ୍ତ ଚାରିଜଣଯାକ ଶିଶୁଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ଦିଆଯାଇଛି। ଦେଶର ରାଜଧାନୀ ଦିଲ୍ଲୀରେ ମଧ୍ୟ ଏହି ଭାଇରସକୁ ନେଇ • ପୃଷ୍ଠା ୫ ଦେଖନ୍ତୁ

### ମୁକାବିଲା ପାଇଁ ପ୍ରସ୍ତୁତ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୬।୧(ଭାସ୍କର ନ୍ୟୁଜ): ଦେଶରେ ୪ଜଣ ଏଚଏମପିଭି ଆକ୍ରାନ୍ତ ଚିହ୍ନଟ ହେବାପରେ ଓଡ଼ିଶା ସରକାର ଏ ନେଇ ଚିନ୍ତା ପ୍ରକଟ କରିଛନ୍ତି। ତେବେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ସେ କହିଛନ୍ତି, ଏ ନେଇ କେହି ଭୟଭୀତ ହେବାର ଆବଶ୍ୟକତା ନାହିଁ । ଭାରତ ସରକାର ଏପର୍ଯ୍ୟନ୍ତ କୌଣସି ଆଡଭାଇଜରି ଜାରି କରିନାହାନ୍ତି। ସେହିପରି ଚୀନ୍‌ରୁ ଏହି ଭାଇରସ ଆସୁଥିବା ନେଇ 'ହୁ' ମଧ୍ୟ ସ୍ପଷ୍ଟ କରିନି। ଆମେ କରୋନା ମହାମାରୀରୁ ବହୁକିଛି ଶିକ୍ଷା କରିଛୁ। ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଧିକ ସୁଦୃଢ ହୋଇଛି। ତେଣୁ ସମସ୍ତେ ସତର୍କ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ

# ୯ ଯବାନ ସହିଦ



- ଆଇଇଡି ବିସ୍ଫୋରଣରେ ଉଡିଲା ଗାଡ଼ି
- ଅପରେସନରୁ ଫେରୁଥିବାବେଳେ ବିସ୍ଫୋରଣ
- ଜୋରଦାର ହେଲା ସର୍ଚ୍ଚ ଅପରେସନ


ମାଲକାନଗିରି,୬।୧(ଭାସ୍କର ନ୍ୟୁଜ): ଛତିଶଗଡ଼ର ବିଜାପୁରରେ ମାଓବାଦୀମାନେ ସୋମବାର ଏକ ବଡ଼ଧରଣର ଅଘଟଣ ଘଟାଇଛନ୍ତି। ମାଓବାଦୀ ଖଞ୍ଜିଥିବା ଆଇଇଡି ବିସ୍ଫୋରଣରେ ଯବାନଙ୍କ ଏକ ଗାଡ଼ି ଉଡିଯାଇଥିବାବେଳେ ୯ଜଣ ଯବାନ ସହିଦ ହୋଇଛନ୍ତି। ୯ଜଣଙ୍କ ମଧ୍ୟରେ ୮ଜଣ ସୁରକ୍ଷାକର୍ମୀ ଥିବାବେଳେ ଜଣେ ଗାଡ଼ିର ଡ୍ରାଇଭର ରହିଛନ୍ତି। ବିସ୍ଫୋରଣରେ ଯବାନଙ୍କ ଗାଡ଼ିଟି ପୁରା ଛିନଛତ୍ର ହୋଇଯାଇଛି। ଏହି ଘଟଣାକୁ ବସ୍ତର ଆଇଜି ସ୍ୱୀକାର ମଧ୍ୟ କରିଛନ୍ତି। ବସ୍ତର ଆଇଜି ପି.ସୁନ୍ଦରାଜ କହିଛନ୍ତି ଯେ ଡିଆରଜି ଯବାନମାନେ ଦାନ୍ତେୱାଡ଼ା, ନାରାୟଣ ଓ ବିଜାପୁରକୁ ଅପରେସନ ପାଇଁ ଯାଇଥିଲେ। ସେଠାରେ ଅପରେସନ ସାରି କ୍ୟାମ୍ପକୁ ଫେରୁଥିବାବେଳେ କୁଟ୍ରୁ ପୋଲିସ ଷ୍ଟେସନ ଅଧୀନରେ ଥିବା ଆମ୍ବେଲି ଗାଁ ନିକଟରେ ମାଓବାଦୀ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ ହୋଇଥିଲା। ସୋମବାର ଅପରାହ୍ନ ୨.୧୫ରେ ଏହି ବିସ୍ଫୋରଣ ଘଟିଥିଲା। ଫଳରେ ଗାଡ଼ିରେ ଥିବା ସମସ୍ତଙ୍କର ମୃତ୍ୟୁ ଘଟିଥିଲା। ଏଥିପୂର୍ବରୁ ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୫ଜଣ ନକ୍ସଲ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୨ଜଣ ମହିଳା କ୍ୟାଡର ରହିଥିଲେ। ଏହି ଘଟଣାର ପ୍ରତିଶୋଧ ନେବାପାଇଁ ମାଓବାଦୀମାନେ • ପୃଷ୍ଠା ୫ ଦେଖନ୍ତୁ






ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ସଦରମହକୁମା ସ୍ଥିତ ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ସଭାଗୃହରେ କଟକ ଜିଲ୍ଲା ମୁଣ୍ଡୁଳି ସ୍ଥିତ ଜାତୀୟ ବିପର୍ଯ୍ୟୟ ଉଦ୍ଧାର ସୁରକ୍ଷା ବାହିନୀ ଏବଂ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଏକ ସାମୂହିକ ଗୋଷ୍ଠୀ ସଚେତନତା ଅଭ୍ୟାସ (ମକଡ୍ରିଲ) ଆଲୋଚନାଚକ୍ର ସବ୍‌ଇନ୍ସପେକ୍ଟର ସନ୍ଦୀପ କୁମାରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି କେମିତି ରହିବ ଓ ସର୍ବସାଧାରଣରେ ବିପର୍ଯ୍ୟୟକୁ କିପରି ପ୍ରତିହତ କରିହେବ, ବିପର୍ଯ୍ୟୟ ପୂର୍ବରୁ ଏବଂ ପରବର୍ତ୍ତୀ ସମୟରେ ବିପର୍ଯ୍ୟୟକୁ ହ୍ରାସ କରିବା ପଦ୍ଧତି, ପ୍ରାକ୍ ସୂଚନା ଯଥା ପ୍ରସାରଣ, ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ, ସମ୍ପୃକ୍ତ ଅଧିକାରୀମାନଙ୍କ ଭୂମିକା, ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ଯନ୍ତ୍ର ଓ ଉପକରଣର ବ୍ୟବହାର, ରିଲିଫ ବଣ୍ଟନ ଏବଂ ସଫଳ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଶ୍ୱାସରୁଦ୍ଧ ବ୍ୟକ୍ତିଙ୍କୁ କିପରି ବଞ୍ଚାଇବା ପ୍ରଣାଳୀ, ବନ୍ୟା ଭଳି ପରିସ୍ଥିତିରେ ନିଜକୁ ପାଣିରୁ ସୁରକ୍ଷିତ ବଞ୍ଚାଇବା ସହିତ ଅନ୍ୟମାନଙ୍କ ଧନ ଜୀବନ ଗୃହପାଳିତ ପଶୁ ପକ୍ଷୀଙ୍କୁ କିପରି ଭାବରେ ସୁରକ୍ଷିତ ଉପାୟରେ ବଞ୍ଚାଇବାର କୌଶଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ଜିଲ୍ଲା ଜରୁରୀ କାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଜିଲ୍ଲା ଜରୁରୀ କାଳୀନ ଉପ ବିଭାଗର ବିଭାଗୀୟ ଅଧିକାରୀ ତ୍ରିପତି ବାଲାଜୀ ସାହୁ,ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ଏବଂ ଜାତୀୟ ବିପର୍ଯ୍ୟୟ ଉଦ୍ଧାର ସୁରକ୍ଷା ବାହିନୀ ଟିମର ଚିତ୍ରସେନ ଗଣ୍ଡ , ଶିବଶଙ୍କର ଦାସ, ଯୁଗଳ କିଶୋର, କ୍ରାନ୍ତି କୁମାର ପ୍ରମୁଖ ଯୋଗ ଦେଇଥିଲେ।

# ଅବହେଳିତ ଅବସ୍ଥାରେ ବଣ୍ଡାଘାଟିର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ଅଞ୍ଚଳରେ ଦିନକୁ ଦିନ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି । ଆମ୍ବାକୁଣ୍ଡ, ମାଲିକଟନ, ବଣ୍ଡାଘାଟି, ଡାଲଖାଇ ଜଳପ୍ରପାତ ଆଦି ସ୍ଥାନରେ ପର୍ଯ୍ୟଟକ ଭିଡ଼ ଜମାଇ ପ୍ରକୃତିର ମନୋରମ ଦୃଶ୍ୟକୁ ବେଶ୍ ଉପଭୋଗ କରୁଛନ୍ତି। ଉପଭୋଗ କରିବାକୁ ପାହାଡ଼ ପର୍ବତଘେରା ସବୁଜ ବନାନୀକୁ ଉପଭୋଗ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟିବାରେ ଲାଗିଛି । ପର୍ଯ୍ୟଟକ ଏଠାରେ ବୁଲାବୁଲି କରି ବେଶ୍ ମଜା ଉଠାଉଛନ୍ତି । ପରିବାର ଲୋକଙ୍କ ସହ ବଣଭୋଜି ମଧ୍ୟ କରୁଛନ୍ତି। ପୁରାଣ ବର୍ଣ୍ଣିତ ଆମ୍ବାକୁଣ୍ଡର ମାଛ ଝରଣାରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ମାଲିକଟନର ସ୍ୱଚ୍ଛ ନିର୍ମଳ ଝରଣା ନିକଟରେ ଦାମଲଦେଇଙ୍କ ଆବାସ ରହିଛି । ଏଠାରେ ଲୋକେ ମା'ଙ୍କ ଉଦ୍ଦେଶ୍ୟରେ ବଳି ପକାଇବା ସହ ଭୋଜିଭାତ କରୁଛନ୍ତି । ଡାଲଖାଇ ଜଳପ୍ରପାତକୁ ରାସ୍ତା ନଥିବାରୁ କିଛି ପର୍ଯ୍ୟଟକ କଷ୍ଟେମଷ୍ଟେ ଚାଲିଚାଲି ଯାଉଛନ୍ତି। ଅନେକ ଝୁଲା ପୋଲ ପାଖରେ ମଧ୍ୟ ସେଲ୍‌ଫି ନେଉଛନ୍ତି । ଅଣ୍ଡରାହାଲର ବଳି ପାହାଡ ଶିଖରରେ ବିସ୍ତୀର୍ଣ୍ଣ ସମତଳ ରହିଛି। ଏଠାରେ ପର୍ଯ୍ୟଟକ ଭିୟୁ ପଏଣ୍ଟ ଓ ପାହାଡ଼ ଶିଖରରେ ସମତଳ ଥିବାରୁ ଚିତ୍ରକୋଣ୍ଡା ଜଳଭଣ୍ଡାର, ସ୍ୱାଭିମାନ ଅଞ୍ଚଳ ଓ ଆନ୍ଧ୍ରର ସୁଉଚ୍ଚ ପର୍ବତ ମାଳା ଦେଖି ଖୁସି ହେଉଛନ୍ତି ପର୍ଯ୍ୟଟକ । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବହୁତ ଗୁଡାଏ ପର୍ଯ୍ୟଟନସ୍ଥଳୀ ଥିବାବେଳେ ଆବଶ୍ୟକ ବ୍ୟବସ୍ଥା କରାଗଲେ ବଳି ପାହାଡ଼ ଓ ଡାଲଖାଇ ଜଳ ପ୍ରପାତକୁ ଅନେକ ପର୍ଯ୍ୟଟକ ସୁବିଧାରେ ପହଞ୍ଚି ପାରିବେ ବୋଲି କହିଛନ୍ତି । ସରକାର ମଧ୍ୟ ରାଜସ୍ୱ ଅଧିକ ପାଆନ୍ତେ ବୋଲି ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ହେଉଥିବା କୁହାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହେଲେ ଦୁରୁଆ ସମ୍ପ୍ରଦାୟର ଯୁବଚାଷୀ



## ଗାଁକୁ ଦାଦନମୁକ୍ତ ସହ ଟାଙ୍ଗରା ଭୂଇଁକୁ ସବୁଜିମା କରିଛନ୍ତି ରଞ୍ଜନ

ମାଲକାନଗିର(ଭାସ୍କର ନ୍ୟୁଜ): ଭୁବନେଶ୍ୱରଠାରେ ଆୟୋଜିତ ଆଦିବାସୀ ଓ କୃଷି ମେଳାରେ ଗତକାଲି ଦୁରୁଆ ସମ୍ପ୍ରଦାୟର ଯୁବ ଚାଷୀ ରଞ୍ଜନ ଦୁରୁଆଙ୍କୁ ଶ୍ରେଷ୍ଠ କୃଷକ ଭାବେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ପୁରସ୍କାର ସହିତ ସମ୍ମାନିତ କରିଛନ୍ତି। ଗାଁର ଟାଙ୍ଗରା ଭୂଇଁକୁ ଜୈବିକ ପଦ୍ଧତିରେ ଚାଷ କରି ସବୁଜିମାରେ ପରିଣତ କରିବା ସହ ଅନ୍ୟମାନଙ୍କ ରୋଜଗାର ପାଇଁ ବାଟ ଫିଟାଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଛି। ଚଣ୍ଡିକି ପଞ୍ଚାୟତ ବୁରୁଦି ଗାଁର ଚିତ୍ର ଦୁରୁଆଙ୍କ ପୁଅ ରଞ୍ଜନ ଗତ ଏକ ଦଶନ୍ଧି ହେଲା ତାଙ୍କ ୧୦ ଏକର ଜମିରେ ଅତ୍ୟାଧୁନିକ ଜୈବିକ ପଦ୍ଧତିରେ ଧାନ, ମାଣ୍ଡିଆ, ପନିପରିବା ଫସଲ କରିଆସୁଛନ୍ତି। ୨୦୨୨ରେ ସେ ଓଟିଇଏଲପି ପ୍ଲସ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୃଷି ବିଶେଷଜ୍ଞଙ୍କ ନେତୃତ୍ୱରେ ତାଲିମ ନେଇଥିଲେ। ବୈଜ୍ଞାନିକ ପଦ୍ଧତିରେ ମାଟିର ସ୍ୱାସ୍ଥ୍ୟ, ଫସଲ ଚକ୍ର, ଜୈବିକ ସାର ବ୍ୟବହାର କରି ବାଇଗଣ, ଟମାଟୋ, ରାଶି, ମକା ଚାଷ କରିଥିଲେ । ମାଟିର ଉର୍ବରତା ଓ କୀଟ ପରିଚାଳନା କରିବା ସହ ନିଜେ ଗୁଣାତ୍ମକ ବିହନ ସଂରକ୍ଷଣ କରିଥିଲେ। ଜଳ ପରିଚାଳନା କରିବା ସହ ବିବିଧ ଫସଲ ଉତ୍ପାଦନ କରି ନିଜ ପରିବାରର ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରିଛନ୍ତି। ନିଜ ଉତ୍ପାଦିତ ଦ୍ରବ୍ୟ ସ୍ଥାନୀୟ ବଜାର ସହ ପଡୋଶୀ ଛତିଶଗଡ଼ରେ ମଧ୍ୟ ବିକ୍ରି କରୁଛନ୍ତି । ବର୍ତ୍ତମାନ ବାର୍ଷିକ ୨ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଥିବା । ବେଳେ ନିଜେ ଏକ ଟ୍ରାକ୍ଟର କିଣି ପାରିଛନ୍ତି । ପିଲାଙ୍କୁ ଭଲ ସ୍କୁଲରେ ପାଠ ପଢାଇ ପାରୁଛନ୍ତି । ଚାଷ କାମରେ ଗାଁର ଅନେକ। ଯୁବକ ଯୁବତୀଙ୍କୁ ନିୟୋଜିତ କରିପାରିଥିବାରୁ ଗାଁର ଦାଦନ ସମସ୍ୟା ବନ୍ଦ ହୋଇପାରିଛି। ରଞ୍ଜନ ଏବେ ଦୁରୁଆ ସାମାଜ ପାଇଁ ପରିବର୍ତ୍ତନର ଏକ ଆଲୋକ ବର୍ତ୍ତିକା ସାଜିଥିବା ଗ୍ରାମବାସୀ କହିଛନ୍ତି।

# ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍‌ର ବୈଠକ



ରାୟଗଡ଼ା /ରାମନାଗୁଡା / (ଭାସ୍କର ନ୍ୟୁଜ୍): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରର୍ସ ଆସୋସିଏସନ୍‌ର ଜିଲ୍ଲା ପ୍ରତିନିଧିମାନଙ୍କ ଏକ ବୈଠକ ରାମନାଗୁଡା ବ୍ଲକ ଅନ୍ତର୍ଗତ ଗୁମୁଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ଜୟନ୍ତୀ ପଦ୍ମାଳୟା ସାହୁ ଏବଂ ସମ୍ପାଦିକା ଶ୍ରୀମତୀ ଉଷା ରାଣୀ ଦାଶଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ମୂଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘ ର ରାଜ୍ୟ ଉପସଭାପତି ଶ୍ରୀ ଯୋଗେଶ୍ୱର ଦାସ , ସମ୍ମାନିୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ସାହୁ ଯୋଗ ଦେଇ ସରକାରଙ୍କ ଯୋଜନାକୁ ସଫଳ କରିବାରେ ମୂଖ୍ୟ ଭୂମିକା ନେଉଥିବା ସହ ଶିଶୁ ମୃତ୍ୟୁ ହାର ମା ମୃତ୍ୟୁ ହାର କରାଇବାରେ ଏବଂ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଯୋଜନାକୁ ସଫଳ କରିବା ରେ ମୂଖ୍ୟ ଭୂମିକା ନେଉଥିବା ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ମାନଙ୍କ ଦୀର୍ଘ ଦିନର ବିଭିନ୍ନ ଦାବିକୁ ନେଇ ଆଲୋଚନା କରାଯାଇ ନୂତନ ସରକାରଙ୍କ ଠାରେ ଦାବି କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ମାନଙ୍କୁ ପାଇଁ ଥିବା ସମସ୍ତ ସୁବିଧା ଯୋଗାଇବା ଉପରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା । ଅଙ୍ଗନୱାଡ଼ି କର୍ମୀ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅବହେଳା ଏବଂ ଅଣଦେଖା କୁ ବିରୋଧ କରିବା ସହ ଆସନ୍ତା ଦିନରେ ସରକାର ଏବଂ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ସମାଧାନ ନକରନ୍ତି ତାହା ହେଲେ ଆସନ୍ତା ଦିନରେ ଭାରତୀୟ ମଜଦୁର ସଂଘ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଶ୍ରମିକ ନେତା ଶ୍ରୀ ଯୋଗେଶ୍ୱର ଦାସ ଚେତାବନୀ ଦେଇଛନ୍ତି । ଉକ୍ତ ବୈଠକରେ ଜିଲ୍ଲାର ୧୧ ଟି ବ୍ଲକର ନେତୃବୃନ୍ଦ ମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକକୁ ସଞ୍ଜୁକ୍ତା ହରପାଲ , ସଞ୍ଜୁକ୍ତା ରଥ, ରୀତା ପଣ୍ଡା , ମଞ୍ଜୁଳା ମଣ୍ଡଳ , ମହିନି ପାଲାକା, ସ୍ନେହାଞ୍ଜଳୀ ମିଶ୍ର , ଗୀତା ଖାଡାଙ୍ଗା , ସୁନିତା ମିଶ୍ର, ପରିଚାଳନା କରିଥିଲେ।

# ଭଉଣୀର ହତ୍ୟା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହେଲେ ଭାଇ

ଉମରକୋଟ(ଭାସ୍କର ନ୍ୟୁଜ୍): ଜ୍ୱାଇଁ ବିରୁଦ୍ଧରେ ଭଉଣୀର ହତ୍ୟା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛି ଭାଇ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ । ମୃତ ମହିଳା ଜଣକ ହେଲେ ଉମରକୋଟ ବ୍ଲକ ବଡ ଭରଣ୍ଡି ପଞ୍ଚାୟତ ଦାଡିଗୁଡା ଇନ୍ଦ୍ରା କଲୋନୀର କିଆବତି ଜାନୀ (୨୨)। ଏନେଇ କିଆବତି ଙ୍କ ଭାଇ ବୁଦ୍ଧୁ ଜାନି (୨୬) ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମିଳିଥିବା ସୂଚନା ଅନୁସାରେ କିଆବତି ଆଜକୁ ପ୍ରାୟ ତିନି ବର୍ଷ ହେବ ଇନ୍ଦ୍ରା କଲୋନୀର ପବିତ୍ରକୁ ପ୍ରେମ ବିବାହ କରିଥିଲେ। କିଆବତିର ପ୍ରକୃତ ଘର ହେଉଛି ଝରିଗାଁ ବ୍ଲକ ତେଲନଦୀ ପଞ୍ଚାୟତ ଗୁଡିପଦର ଗ୍ରାମରେ। ପବିତ୍ର ଓ କିଆବତିଙ୍କ ଏକ ନଅ ମାସର ଝିଅ ଅଛି। ବୁଦ୍ଧୁଙ୍କ ଏତଲା ଅନୁସାରେ କିଆବତିଙ୍କ ବିବାହର ଏକ ବର୍ଷ ପରେ ଜ୍ୱାଇଁ ପବିତ୍ର କିଆବତିଙ୍କୁ ଘରେ ରଖିବି ନାହିଁ କହି ଅନେକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ୍ କରୁଥିଲେ ଓ ଶାରୀରିକ ମାନସିକ ନିର୍ଯାତନା ଦେଉଥିଲେ। ଏପରିକି ଜୀବନରେ ମାରିଦେବି କହି ଧମକ ଦେଉଥିଲେ। ପବିତ୍ର ଚଳିତ ମାସ ୪ ତାରିଖ ଦିନ ସାନ ଭରଣ୍ଡି ଗ୍ରାମର ଅର୍ଜୁନ ଗଣ୍ଡଙ୍କ ଝିଅ ସୁକୁନ ଗଣ୍ଡଙ୍କୁ ଦ୍ୱିତୀୟ ସ୍ତ୍ରୀ ହିସାବରେ ଘରକୁ ନେଇ ଆସିଥିଲେ। ୪ ତାରିଖ ରାତ୍ର ପ୍ରାୟ ୧୦ ଘଟିକା ସମୟରେ ଇନ୍ଦ୍ରା କୋଲନୀ ର ୱାର୍ଡ ମେମ୍ବର ବାଲସାଏ ଗଣ୍ଡ ଫୋନ୍ ଯୋଗେ କିଆବତି ଘର ଭିତରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାଇଥିଲେ।ଏହା ଦେଖି ତରବରିଆରେ ପବିତ୍ର କିଆବତୀ ର ଶବକୁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଏନେଇ ବୁଦ୍ଧୁ ପବିତ୍ର ଓ ସୁକୁନ ନାଁ ରେ କିଆବତିକୁ ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଉମରକୋଟ ପୋଲିସ ପବିତ୍ର କୁ ଥାନାରେ ଅଟକ ରଖି ପଚରା ଉଚରା କରିବା ସହ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ବେଲପାହାଡ଼ ଟିଆରଏଲ କ୍ରୋସାକି କମ୍ପାନୀର ମିଳିତ ଆନୁକୂଲ୍ୟରେ ୩୬ ତମ ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ସଚେତନତା ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହା ଗତ ୧ ତାରିଖ ଦିନ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୩୧ ତାରିଖ ଦିନ ସମାପ୍ତ ହେବ। ଏହି ଅବସରରେ ବେଲପାହାଡ଼ ଫାଟକଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଗୁମାଡେରାସ୍ଥିତ ଟିଆରଏଲ ଜୁବୁଲି ହଲ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ବିଦ୍ୟାଳୟ, ବେଲପାହାଡ଼ ଇଂଲିଶ ମିଡିୟମ୍ ସ୍କୁଲ, ବିବେକାନନ୍ଦ ସ୍କୁଲ, ବେଲପାହାଡ଼ ଡିଗ୍ରୀ ଓ ଜୁନିୟର ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ପୋଲିସ, ଟିଆରଏଲ କ୍ରୋସାକିର ସୁରକ୍ଷା କର୍ମଚାରୀ, ଅଧିକାରୀ, ପରିବହନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ସାମିଲ ଥିଲେ। ଛାତ୍ରଛାତ୍ରୀମାନେ ପ୍ଲା କାର୍ଡ଼ ଧରି ସ୍ଲୋଗାନ ଦେବା ସହ ପାମ୍ଫ୍ଲେଟ ବିତରଣ ପୂର୍ବକ ସଡ଼କ ସୁରକ୍ଷା ତଥା ଟ୍ରାଫିକ ନିୟମ ଉପରେ ଲୋକଙ୍କୁ ସଚେତନତା କରିଥିଲେ। ଟ୍ରାଫିକ ନିୟମକୁ ପାଳନ କରି ସଚେତନତାର ସହିତ ଗାଡ଼ି ଚଳାଇବା ଦ୍ୱାରା ହିଁ ସଡ଼କ ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରାଯାଇପରିବ ବୋଲି ଆହ୍ୱାନ ଦିଆଯାଇଛି। ଶୋଭାଯାତ୍ରା ପରେ ଟିଆରଏଲ୍ କ୍ରୋସାକି ଏମ୍ପ୍ଲୋୟୀ କ୍ଲବଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବେଦାନ୍ତ କମ୍ପାନୀ ପକ୍ଷରୁ ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଅନୁଷ୍ଠାନର କଳାକାରମାନେ ସଡ଼କ ସୁରକ୍ଷାକୁ ନେଇ ଏକ ସଚେତନତା ନାଟକ ପ୍ରଦର୍ଶନ କରିଥିଲେ। ସଡ଼କ ସୁରକ୍ଷା ପରିବାର ରକ୍ଷାର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ସମ୍ମାନିତ ଅତିଥି ଭାବେ ଝାରସୁଗୁଡା ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଷୁଣ୍ଢୀ, ଏମଭିଆଇ ଲୋକନାଥ ମେହେର, ବେଲପାହାଡ଼ ଜୁନିୟର କଲେଜ ଅଧକ୍ଷ ସୁରେନ୍ଦ୍ର ଭୋଇ, ବେଲପାହାଡ଼ ଥାନାଧିକାରୀ କୃଷ୍ଣ ଚନ୍ଦ୍ର ମେହେର, ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ସୁଶିଲ ବିନ୍ଧାଣୀ, ଶଶାଙ୍କ ଦୀକ୍ଷିତ, ରାଜଗୁରୁ ଆଚାର୍ଯ୍ୟ, ସ୍ମୃତିରଞ୍ଜନ ପ୍ରଧାନ, ଅମିତ ମିଶ୍ର, ସରୋଜ ଶତପଥୀ, ବେଦାନ୍ତର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ସ୍ମୃତିରଞ୍ଜନ ପ୍ରଧାନ, ସ୍ମୃତିରଞ୍ଜନ ଦାଶ, ରବୀନ୍ଦ୍ର କେଲକାର ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହମିଦ ମହାପାତ୍ର, ଅଭିଳାଷ ସାହୁ, ମନୋଜ ବିନ୍ଧାଣୀ, ଦିଲୀପ ସାହୁ ପ୍ରମୁଖ ସାମିଲ ରହିଥିଲେ। ଟିଆରଏଲ କ୍ରୋସାକିର ସ୍ମୃତିରଞ୍ଜନ ପ୍ରଧାନ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ।

# ଭାରତୀୟ କିଷାନ ସଂଘ ରାଷ୍ଟ୍ରୀୟ ସମ୍ପାଦକଙ୍କ ୪୨ ମୌଜା ଗସ୍ତ

ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଅନ୍ତର୍ଗତ ୪୨ମୌଜା ଅଂଚଳରେ ଭାରତୀୟ କିଶାନ ସଂଘର ରାଷ୍ଟ୍ରୀୟ ସମ୍ପାଦକ ଶ୍ରୀ ଶ୍ରୀନିବାସ ଜୀଙ୍କ ଗସ୍ତ ପରିପ୍ରେକ୍ଷୀରେ ଶ୍ରୀ ରାମ ଛକ ଠାରେ ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ପତିଙ୍କ ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଏକ ପଟୁଆରେ ୧୯୯୯ ମସିହାରୁ ବନ୍ଦ ହୋଇପଡି ରହିଥିବା ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଶୀତଳ ଭଣ୍ଡାରକୁ ପରିଦର୍ଶନ କରିବା ସହିତ ଓଡ଼ିଶା ସରକାରଙ୍କ ସହିତ କଥା ହୋଇ ପୁନର୍ବାର ଏହା କିପରି କାର୍ଯ୍ୟକ୍ଷମ ହେବା ସମ୍ପର୍କରେ ଆଲୋଚନା କରିଥିଲେ । ନିକଟସ୍ଥ ଗୋବିନ୍ଦପୁର ଗ୍ରାମକୁ ଯାଇ କତା ଶିଳ୍ପରେ ପ୍ରସିଦ୍ଧି ଲାଭ କରିଥିବା ମମତା ରଥଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୦୦ ରୁ ଊର୍ଦ୍ଧ୍ୱ ମହିଳାଙ୍କ ସହ ଆଲୋଚନା କରିଥିଲେ। ପରେ ବରାଳ ଠାରେ ଏକ ଚାଷୀ ସମାବେଶରେ ଉଦବୋଧନ ଦେବା ବେଳେ ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ପତି ଚାଷୀ ମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୃଦ୍ଧବୃଦ୍ଧା ମାନଙ୍କୁ କମଳ ବଣ୍ଟନ କରାଯାଇଥିଲା । ଜିଲ୍ଲା ମିଡ଼ିଆ ପ୍ରଭାରୀ ଅନିଲ କୁମାର ଦାସ,କେନ୍ଦ୍ରୀୟ ସଂଯୋଜକ ଶ୍ରମିକ ନେତା ଅଶୋକ ରାଉତ ରାୟ,ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ମହାନ୍ତି,ଓଡ଼ିଶା ରାଷ୍ଟ୍ର ବାଦି ସଂଗଠନର ସଭାପତି ଇଂ.ଗିରିଜା ଶଙ୍କର ପତି,ପଣ୍ଡିତ ହୃଦାନନ୍ଦ ହୋତା,ଯୁବନେତା ପୀୟୂଷ ରଞ୍ଜନ ପରିଡ଼ା,ହିନ୍ଦୁବାଦୀ ନେତା ସଞ୍ଜୟ ସାହୁ,ମହିଳା ନେତ୍ରୀ ଚିତୋରମା ସ୍ୱାଇଁ,ଯୁବନେତା ବଂଶୀଧର ତ୍ରିପାଠୀ,ସମାଜସେବୀ ରସାନନ୍ଦ ବେହେରା, ଗୋଭକ୍ତ ସନ୍ତୋଷ ସାହାଣୀ, ଯୁବ ପ୍ରମୁଖ ଖିତିସ ପଣ୍ଡା,ଧୂମା ଭାଇ,ବ୍ଲକ ସଂଯୋଜକ ରବୀନ୍ଦ୍ର ପାତ୍ର,ଦୀପକ ଆଚାର୍ଯ୍ୟପିଣ୍ଟୁ ମହାନ୍ତି,ବିଜୟ କାଣ୍ଡି ଓ ଅନ୍ୟମାନେ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

# ସନ୍ତୋଷୀ ମା' ରିଜିଓନାଲ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସନ୍ତୋଷୀ ମା' ରିଜିଓନାଲ ହାଇସ୍କୁଲ ୨୦୦୨ ବ୍ୟାଚ୍ ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସମସ୍ତ ପୂର୍ବତନ ଛାତ୍ରଛାତ୍ରୀ ସହଯୋଗ କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ହୋତା ସଭାପତିତ୍ୱ କରିଥିଲେ।ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ତଥା ଫକିରପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ହୃଷିକେଶ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପୂର୍ବତନ ଶିକ୍ଷକ ଲିଲି କୁମାରୀ ମହାନ୍ତ,ରମେଶ ଚନ୍ଦ୍ର ମହାନ୍ତ,ସୁବାଷ ଚନ୍ଦ୍ର ତ୍ରିପାଠୀ,ନିର୍ମଳ ଚନ୍ଦ୍ର ମହାନ୍ତ,ରଞ୍ଜନ କୁମାର ଦାଶ, ଲମ୍ବୋଦର ମହାନ୍ତ, ବସନ୍ତ କୁମାର ସାହୁ, ଝସକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଛାତ୍ର ଲମ୍ବୋଦର ମହାନ୍ତ,ସୁବାଶିଷ ରଣା, ଜନ୍ମେଜୟ ପାଢୀ, ଉଦୟନାଥ ମହାନ୍ତ, ଦିପ୍ତିମୟୀ ଦାସ,ସସ୍ମିତା ପାତ୍ର ପରିଚାଳନାରେ ସହଯୋଗ କରିଥିଲେ। ଅନୀତା, ସୁନିତା, ବେନୋରୀତା, ଚିତ୍ରସେନ, ଦାମୋଦର, ଦିଲ୍ଲିପ,ମୁନି, ରାହୁଲ, ଚନ୍ଦ୍ରିକା, ରସ,ଇତି, ରୂପେଶ, ସଞ୍ଜିବ, ସାନୁ, ସାରଦା,ସେବତୀ, ସୁଜିତ୍, କମଳା, ପାରେଶ୍ୱର, ସବିତା, ଅଜିତ୍, ଅନିଲ, ବସନ୍ତ, ଚକ୍ର, ଧିରେନ, ଲିପି, କ୍ଷୀରୋଦିନୀ, କୃଷ୍ଣଚୁଡା, ଲାଲମୋହନ, ଲତିକା, ମିତ୍ରଭାନୁ, ବୈଶାଳୀ, ନଳିନୀ, ସଂଯୁକ୍ତା, ପଙ୍କଜ,ରୋହିତ, ସବିତା, ଶକୁନ୍ତଳା, ସନ୍ତୋଷ,ସୁଭଦ୍ରା ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡି କର୍ମୀଙ୍କ ବନ୍ଧୁମିଳନ



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍):ପୁରାଣ ପ୍ରସିଦ୍ଧ ବାରୁଣୀ ବନ୍ତ ପାହାଡ଼ ପାଦଦେଶରେ ଥିବା ବିଜୁଳେଇ ମନ୍ଦିର ନିକଟରେ ସୁଙ୍ଗୁଡା ଗ୍ରାମପଞ୍ଚାୟତ ବିଜେଡି କର୍ମୀମାନଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସଭାପତି ପ୍ରିୟବ୍ରତ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ବନ୍ଧୁମିଳନରେ ମୁଖ୍ୟ ଅତିଥି ଭାବେ ୧୭ ନମ୍ବର୍ ଜୋନ ସଭାପତି ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ ଦୀର୍ଘ ୨୫ ବର୍ଷ ଧରି ବଡ଼ଚଣା ଯେଉଁ ବିକାଶର ଧାରା ଚାଲିଥିଲା ତାହା ଦୀର୍ଘ ୬ ମାସ ହେଲା ବ୍ୟାହତ ହୋଇଛି । ମିଛ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିବା ବିଜେପି ଶାସନରେ ଦରଦାମ ବୃଦ୍ଧି , ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ,ନାରୀ ନିର୍ଯାତନା ବୃଦ୍ଧି, ପାଇବା ସହିତ,ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଆଗମୀ ଦିନରେ ବିଜେଡି କର୍ମୀମାନଙ୍କ ଭିତରେ ଏକତା, ଭାଇଚାରା ସୃଷ୍ଟି କରିବା ସହିତ ବିଜେଡି ସମୟରେ ହୋଇଥିବା ବିକାଶକୁ ଲୋକ ମାନଙ୍କ ନିକଟରେ ପହଞ୍ଚାଇବା ସହିତ ଆଗମୀ ଦିନରେ ସଂଗଠନ କୁ ମଜ୍‌ବୁତ୍ କରିବା ସହିତ ଆଗମୀ ଗ୍ରାମ ପଞ୍ଚାୟତ ନିର୍ବାଚନରେ ଦଳକୁ ଜିତାଇବା ପାଇଁ ଆଜିଠାରୁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ । ୱାର୍ଡ ସଭ୍ୟ ମସିର ଅଓଲମ୍, ବୈକୁଣ୍ଠ ସାହୁ , ତବ୍ରେଜ୍ ଖାଁ ,ବିନୋଦ ଜେନା , ବିଜୟାନନ୍ଦ ବିଶ୍ୱାଳ, ନଟବର ସାହୁ, ରିଆଜୁଦ୍ଦିନ ଖାଁ, ଉପେନ୍ଦ୍ର ବ୍ରହ୍ମ , ସନ୍ତୋଷ ଜେନା , ଯତୀନ୍ଦ୍ର ନାୟକ , ବିଚିତ୍ରା ନନ୍ଦ ସେନାପତି , ସୁନିଲ କୁମାର ଜେନା ,ପ୍ରଭାତ କୁମାର ବିଶ୍ୱାଳ ,ଅରୁଣ ନାୟକ ,ସଂଗ୍ରାମ ଜେନା ,ପ୍ରସନ୍ନ ଚୌଧୁରୀ , ଦିବ୍ୟଲୋଚନ ଜେନା , ବିଶ୍ୱଜିତ୍ ବିଶ୍ୱାଳ , ମହେନ୍ଦ୍ର ଜେନା ପ୍ରକାଶ ରାଉତ,ବିର କିଶୋର ଜେନା, ସଞ୍ଜୟ ଜେନା, ବିଶନ ଜେନା ସମେତ ଶତାଧିକ ବିଜେଡି କର୍ମୀ ଯୋଗ ଦେଇ ବିଜେଡି ସଂଗଠନକୁ ମଜ୍ ବୁତ କରିବାକୁ ଆହ୍ୱାନ ଦେଇଥିଲେ ।


## ASIRVAD MICRO FINANCE LTD

CIN U65923TN2007PLC064550
9th and 10th Floor, No 9, Club House Road, Anna Salai,
Chennai 600 002. Tamil Nadu.
Tel:044-42124493

### ବନ୍ଧକ ସୂଚୀ:

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 21.01.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ଗଚ୍ଛିତର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ

ବନ୍ଧକ ସୂଚୀ :

ଓଡ଼ିଶାଅନୁଗୁଳବୋଇଣ୍ଡା-ଜିଏଲ୍329050700001610,1611,1648,1662,1672,1680,1682,ଢେଙ୍କିପଦା-ଜିଏଲ୍325270700002460,2496,2523,2538,2549,325270730033753,4654,କୋସଳା-ଜିଏଲ୍325600700002867,2931,2944,2958,2998,325600730028853,ସୋନପୁରଡୁଙ୍ଗୁରିପାଲି-ଜିଏଲ୍325580700004359,4371,4382,4383,4384,4385,4473,4480,4483,325580730024559,ବାଲେଶ୍ୱରବସ୍ତା-ଜିଏଲ୍325380700004178,4214,4232,4235,4236,4253,325380730036431,ଗୋପାଳପୁର-ଜିଏଲ୍329040700002355,2381,2385,2415,329040730010067,0238,0246,0377,0379,0479,ମାର୍କୋଣା-ଜିଏଲ୍325620700002032,ଥାନାଛକ-ଜିଏଲ୍328280700002230,2263,328280730029463,ବାଲେଶ୍ୱରବାଲିଆପାଳ-ଜିଏଲ୍325210700003394,3507,325210730019522,9936,ବରଗଡ଼ସୋହେଲା-ଜିଏଲ୍328960700002457,2510,ଭଦ୍ରକ42ମଉଜା-ଜିଏଲ୍325550700002877,2934,2951,325550730006436,6439,ତିହିଡ଼ି-ଜିଏଲ୍325010700005993,325010730032790,କଟକନରସିଂହପୁର-ଜିଏଲ୍328970700001844,1845,1846,1848,1856,1880,1883,1886,1901,1913,328970730016400,ନୂଆପାଟଣା-ଜିଏଲ୍328140700002726,ଦେବଗଡ଼ଦେବଗଡ଼-ଜିଏଲ୍325990700003211,3219,3220,3226,3227,3228,3231,3234,3237,3248,3255,3259,3260,3261,3264,3274,3278,3306,3316,3318,3321,3329,3333,3334,3335,3347,3350,3352,3354,ଢେଙ୍କାନାଳଗଁଦିଆ-ଜିଏଲ୍325910700002930,2989,2993,2999,325910730027915,8653,ରସୋଲ-ଜିଏଲ୍325930700001987,1988,2026,2034,2051,ଗଞ୍ଜାମବେଗୁନିଆପଡ଼ା – ଜିଏଲ୍328290700001769,1772,1777,1785,1808,1832,1954,328290730010087,4171,ଦିଗପହଣ୍ଡି-ଜିଏଲ୍327560700002845,2882,ହୁମା-ଜିଏଲ୍325980700003191,ପୋଲସରା-ଜିଏଲ୍329220700001729,1734,1781,ରମ୍ଭା-ଜିଏଲ୍326580700002917,3106,3125,3134,3139,3142,3144,3171,3199,326580730008467,8747,ଯାଜପୁରଜାରକା-ଜିଏଲ୍325370700002692,2763,325370780000033,ମଙ୍ଗଳପୁର-ଜିଏଲ୍325000700006253,6281,6305,6306,6328,6344,6345,6375,6397,325000730033656,3693,3695,ଯାଜପୁରସିଂହପୁର – ଜିଏଲ୍327730700004755,4880,4889,4890,4894,4899,4911,4921,4932,4959,4988,4990,5005,5009,5019,327730730025547,କେନ୍ଦ୍ରାପଡ଼ାଆଳି-ଜିଏଲ୍325300700003103,325300730035033,6280,ରାଜନଗର-ଜିଏଲ୍325140700007276,7293,7371,7412,7419,325140730060340,କେନ୍ଦୁଝରଚମ୍ପୁଆ-ଜିଏଲ୍326000700002723,2724,2730,2731,2747,2748,2753,2759,2762,2786,326000730013603,326000750000005,0006,ଢେଙ୍କାନାଳ-ଜିଏଲ୍327830700002720,2723,2736,2738,2739,2746,2758,2759,2764,2767,2782,2788,2792,2808,2815,2816,2820,କେନ୍ଦୁଝରଛେନାପଦି – ଜିଏଲ୍325490700004390,4402,4462,4514,4533,325490730052820,3626,ଖୋର୍ଦ୍ଧାନିରାକାରପୁର – ଜିଏଲ୍325680700005498,5502,5505,5507,5540,5584,325680730060164,325680730071287,4363,ମୟୂରଭଞ୍ଜବେଟନୋଟି-ଜିଏଲ୍328020700002755,2757,2759,2769,328020730020236,ଖୁଣ୍ଟା-ଜିଏଲ୍325390700001299,2327,2329,2336,2357,2360,2381,ବାଲେଶ୍ୱରଖଇରା-ଜିଏଲ୍325220700002581,2622,2631,ପୁରୀଅସ୍ତରଙ୍ଗ-ଜିଏଲ୍325090700002961,3003,325090730063438,ଗୋପ-ଜିଏଲ୍325030700006952,6954,6985,6993,6994,7034,7040,7073,7086,7090,7118,325030730058321,8682,8780,8960,9034,9510,325030730060171,କାକଟପୁର-ଜିଏଲ୍325180700005255,5366,ପୁରୀଚନ୍ଦନପୁର-ଜିଏଲ୍325920700003483,325920730038487,ସୋନପୁର-ଜିଏଲ୍325240700003304,3305,3324,3334,3355,3360,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 9542500664 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ଆଶିରୱାଡ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍ ।

୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଉଦ୍‌ଘାଟିତ

## ଚିଲିକା ବିଶ୍ୱର ଦ୍ୱିତୀୟ ବୃହତ୍ତମ ପକ୍ଷୀ ହ୍ରଦ ଭାବରେ ପରିଚିତ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ସୋମବାର ପୂର୍ବାହ୍ନରେ ଲୋକ ସେବା ଭବନର କନ୍‌ଭେନସନ ସେଂଟରରେ ଉଦଘାଟିତ ହୋଇଯାଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଚିଲିକାର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ, ନିଜର ଭୌଗୋଳିକ ଅବସ୍ଥିତି ତଥା ଅନୁକୂଳ ପରିବେଶ ନିମିତ୍ତ କେଉଁ ଅନାଦି କାଳରୁ ଚିଲିକା ଏକ ପକ୍ଷୀ ତୀର୍ଥ ପାଲଟିଯାଇଛି । ଦକ୍ଷିଣ ଆଫ୍ରିକାର ଭିକ୍ଟୋରିଆ ହ୍ରଦ ପରେ ଚିଲିକା ବିଶ୍ୱର ଦ୍ୱିତୀୟ ବୃହତ୍ତମ ପକ୍ଷୀ ହ୍ରଦ ଭାବରେ ସାରା ବିଶ୍ୱରେ ପରିଚିତ । ଶୀତଦିନର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରି ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଉଡିଆସୁଥିବା ଲକ୍ଷାଧିକ ପକ୍ଷୀ ଚିଲିକାର ନୈସର୍ଗିକ ଶୋଭାକୁ ଆହୁରି ଋଦ୍ଧିମନ୍ତ କରିଥାନ୍ତି । ଏମାନଙ୍କ କଳରବ ଶୁଣିବା ଏବଂ ଚିଲିକାର ସୌନ୍ଦର୍ଯ୍ୟର ଆନନ୍ଦ ନେବା ପାଇଁ ମଧ୍ୟ ବହୁ ବିଦେଶୀ ପର୍ଯ୍ୟଟକ ଚିଲିକା ପ୍ରତି ଆକର୍ଷିତ ହୋଇଥାନ୍ତି । ଗତ ଜାନୁୟାରୀ ୨୦୨୪ ପକ୍ଷୀ ଗଣନା ଅନୁଯାୟୀ ଚିଲିକାକୁ ପ୍ରାୟ ୧୮୭ ପକ୍ଷୀ ପ୍ରଜାତିର ୧୧.୩୭ଲକ୍ଷ ପକ୍ଷୀ ଆସିଥିଲେ । ଅଧିକରୁ ଅଧିକ ପକ୍ଷୀପ୍ରେମୀ ଏହି ପକ୍ଷୀ ସ୍ୱର୍ଗ ପରିଦର୍ଶନ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆହ୍ୱାନ ଦେଇଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ପ୍ରାକୃତିକ ଐତିହ୍ୟ, ଜୈବବିବିଧତାର ସଂରକ୍ଷଣ ନିମନ୍ତେ ଓଡ଼ିଶା ପ୍ରତିବଦ୍ଧ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉତ୍ସବରେ ଅତିଥି ଭାବେ ଯୋଗଦେଇ କହିଲେ ଯେ ଚିଲିକାର ଗୁରୁତ୍ୱ, ମହତ୍ତ୍ୱ ଓ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପହଂଚାଇବା ଜାତୀୟ ଚିଲିକା ବିହଙ୍ଗ ଉତ୍ସବର ଲକ୍ଷ୍ୟ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ଚିଲିକା ହ୍ରଦକୁ ଓଡ଼ିଶାର ଅନୁପମ ପ୍ରାକୃତିକ ବିଭବ ତଥା ସୌନ୍ଦର୍ଯ୍ୟର ଗନ୍ତାଘର ବୋଲି ଅଭିହିତ କରି ବିହଙ୍ଗ ଉତ୍ସବ ପକ୍ଷୀ ପର୍ଯ୍ୟଟନକୁ ଅଧିକ ଆକର୍ଷଣୀୟ କରି ଗଢ଼ିତୋଳିବ ବୋଲି କହିଥିଲେ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା ସ୍ୱାଗତ ଭାଷଣ ଦେଇଥିଲେ । ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଉପସ୍ଥିତ ଥିଲେ । ବିଭାଗର ବହୁ ପଦାଧିକାରୀ, ପରିବେଶବିତ୍, ପକ୍ଷୀପ୍ରେମୀ ଓ ଫଟୋଗ୍ରାଫର ମଧ୍ୟ ଉପସ୍ଥିତ ଥିଲେ ।

## ବିଶ୍ୱ ଓଡ଼ିଆ ଭାଷା-ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଭିତ୍ତିକ କାର୍ଯ୍ୟକ୍ରମ




କଟକ(ଭାସ୍କର ନ୍ୟୁଜ୍): କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ଭିତ୍ତିକ କାର୍ଯ୍ୟକ୍ରମର ଉଦ୍‌ଘାଟିତ ହୋଇଯାଇଛି । କଲେଜର ଅଧକ୍ଷା ଡ଼କ୍ଟର ସାଗରିକା ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଏବଂ ଦୈନନ୍ଦିନ ଜୀବନରେ ଏହାର ମହତ୍ୱ ବିଷୟରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର ସଭାପତି ପ୍ରଫେସର ତରୁଣ କୁମାର ସାହୁ ମୁଖ୍ୟ ଅତିଥି, କଲେଜ ପରିଚାଳନା ସମିତିର ସଭାପତି ଡ଼ାକ୍ତର ରବି ରନ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼କ୍ଟର ପ୍ରମୋଦିନୀ ସାହୁ, ଡ଼କ୍ଟର ଦିପ୍ତୀରେଖା ପାଢ଼ୀ, ସୁଶ୍ରୀ ମଧୁସ୍ମିତା ଦାଶ, ମୋନାଲି ମିଶ୍ର, ଲିପିକା ବେହେରା ଓ ସୋନାଲିକା ମହାନ୍ତି, ଅର୍ଥନୀତି ବିଭାଗର ଅଧ୍ୟାପିକା ସୁଶ୍ରୀ କୃଷ୍ଣପ୍ରିୟା ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

### ଭୁବନେଶ୍ୱର ବିମାନବନ୍ଦରରୁ ୯ କୋଟିର ଗଞ୍ଜେଇ ଜବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ରାତିରେ କଷ୍ଟମ ବିଭାଗ ଭୁବନେଶ୍ୱର ବିମାନ ବନ୍ଦରରୁ ୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ଜବତ କରିଛନ୍ତି । ଜଣେ ମହିଳା ବ୍ୟାଙ୍କରେ ବ୍ୟାଗ୍‌ରେ ଛୋଟ ଛୋଟ ପ୍ୟାକେଟ୍ କରି ଏହି ଗଞ୍ଜେଇ ଆଣିଥିଲେ । କଷ୍ଟମ ବିଭାଗ ମହିଳାଙ୍କୁ ଗିରଫ କରିବା ସହ ଘଟଣା ସମ୍ବନ୍ଧରେ ପଚରାଉଚରା ଜାରି ରଖିଛି । ତେବେ ଜଣେ ମହିଳା ଏତେ ଟଙ୍କା ମୂଲ୍ୟର ଗଞ୍ଜେଇ ଆଣିବା ଘଟଣା ପଛରେ ଆଉ କାହାର ହାତ ରହିଛି ସେ ନେଇ ତଦନ୍ତ ଆରମ୍ଭ ହୋଇଛି ।


ସମଗ୍ର ଶିକ୍ଷା
Samagra Shiksha

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ପ୍ରଗତିପଥେ ସମଗ୍ରଶିକ୍ଷା

ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାକୁ ନିଶ୍ଚିତ କରିବାର ଏକ ପ୍ରୟାସ ...

- ପ୍ରାକ୍ ପ୍ରାଥମିକ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ସମଗ୍ର ଶିକ୍ଷା ଯୋଜନାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ।
- ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ "ନିପୁଣ ଭାରତ ମିଶନ" ଅଧୀନରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା "ନିପୁଣ ଓଡ଼ିଶା-ନିପୁଣ ଭାରତ" "ଲୋଗୋ" ଓ "ସଙ୍ଗୀତ"ର ଶୁଭ ଉନ୍ମୋଚନ ।
- 'ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ' କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାମାନଙ୍କ ପାଇଁ ଭାଷା ଓ ଗଣିତ ବିଷୟରେ କାର୍ଯ୍ୟପୁସ୍ତିକା ତଥା ବିଭିନ୍ନ ପ୍ରକାରର ଅତିରିକ୍ତ ଶିକ୍ଷଣ ସାମଗ୍ରୀ ବିଦ୍ୟାଳୟ ସ୍ତରରେ ଉପଲବ୍ଧ ।
- ପ୍ରଥମ ରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ "ମୌଳିକ ସଂଖ୍ୟାଜ୍ଞାନ ଓ ସାକ୍ଷରତା ଆଧାରିତ ଶ୍ରେଣୀ ଗୃହ"ପର୍ଯ୍ୟାୟକ୍ରମେ ସମସ୍ତ ବିଦ୍ୟାଳୟକୁ ସଂପ୍ରସାରିତ କରାଯିବାର ବ୍ୟବସ୍ଥା କରାଯାଉଛି ।
- ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମର ସୁପରିଚାଳନା ଓ ତଦାରଖ ନିମନ୍ତେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ।
- ଚତୁର୍ଥ ରୁ ଅଷ୍ଟମ ଶ୍ରେଣୀରେ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟପୁସ୍ତିକା ଯୋଗାଇ ଦିଆଯାଇଅଛି ।
- ଭିନ୍ନକ୍ଷମ ଶିକ୍ଷାର୍ଥୀ ମାନଙ୍କ ଚିହ୍ନଟ ଓ ଡାକ୍ତରୀ ପରୀକ୍ଷା ଶିବିରର ଆୟୋଜନ, ସହାୟକ ଉପକରଣ, ବ୍ରେଲ୍ ବହି, ବଡ ଛପା ବହି, ସହାୟକ ଓ ଯାତାୟତ ଭତ୍ତା, ବାଳିକା ଛାତ୍ରବୃତ୍ତି, ଶିକ୍ଷକ ପ୍ରଶିକ୍ଷଣ, ଅଭିଭାବକ ତାଲିମ, ଥେରାପି ଇତ୍ୟାଦିର ବ୍ୟବସ୍ଥା ।
- ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ୩୧୬ଟି ସମ୍ବଳ ସାଧନ କେନ୍ଦ୍ର ଖୋଲାଯାଇ ଆବଶ୍ୟକତା ଭିନ୍ନକ୍ଷମତା ଆକଳନ, ତାଲିମ, ଥେରାପି ଓ ପରାମର୍ଶ ଦିଆଯାଉଛି ।
- ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ କାର୍ଯ୍ୟକଳାପର ତଦାରଖ ଓ ପରିଚାଳନା, ଶୈକ୍ଷିକ ଉନ୍ନତି, ନିରାପଦ ଯୋଜନା ପ୍ରଣୟନ, ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତି ଏବଂ ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ଓ ସହବୌଦ୍ଧିକ ଅଗ୍ରଗତିର ସମୀକ୍ଷା ତଥା ଉନ୍ନତ ବିଦ୍ୟାଳୟ ପରିଚାଳନା ପାଇଁ ବିଦ୍ୟାଳୟ ପରିଚାଳନା କମିଟି/ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ଗଠନ ।
- କେନ୍ଦ୍ରସରକାରଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କର APAAR ID ପ୍ରସ୍ତୁତି ତଥା ଅଭିଭାବକମାନଙ୍କର ସମ୍ମତି ପ୍ରଦାନ ନିମନ୍ତେ ପ୍ରଥମ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକଙ୍କର ସ୍ୱତନ୍ତ୍ର ବୈଠକ ତା.୩୦.୦୯.୨୦୨୪ ଏବଂ ତା.୩୦.୧୧.୨୦୨୪ରିଖରେ ଅନୁଷ୍ଠିତ ହୋଇଯାଇଛି ।
- ପିଏମ୍‌ଶ୍ରୀ ଅଧୀନରେ ରାଜ୍ୟରେ ୪୫୦ ଗୋଟି ସରକାରୀ ବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଅନୁମୋଦନ ହୋଇଅଛି ।
- ଗ୍ରୀଷ୍ମଅବକାଶ ପରେ ବିଦ୍ୟାଳୟ ଖୋଲିବା ପୂର୍ବରୁ ପିଲାମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟରେ "ନିରାପତ୍ତା ସପ୍ତାହ" ପାଳନ କରାଯାଇଛି ।
- ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଣ ଓ ପୋଷାକ ବିତରଣ ।
- ବାଳିକା ଶିକ୍ଷାର ଉନ୍ନତି ନିମନ୍ତେ ରାଜ୍ୟର ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଥିବା ବ୍ଲକ୍‌ରେ ୧୮୨ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀନିବାସ ଓ ୧୩୬ଗୋଟି ବାଳିକା ଛାତ୍ରୀନିବାସ ଟାଇପ୍-୪ କାର୍ଯ୍ୟକ୍ଷମ ଅଛି ।
- କୈଶୋର ଛାତ୍ରୀମାନଙ୍କ ପାଇଁ ବିଭିନ୍ନ ବିଦ୍ୟାଳୟରେ ଇନ୍‌ସିନେରେଟର ଓ ଭେଣ୍ଡିଂ ମେସିନ୍ ର ବ୍ୟବସ୍ଥା ।
- ସହରାଞ୍ଚଳରେ ଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୭ଟି ଆବାସିକ ଛାତ୍ରାବାସ । LWE କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପିଲାମାନଙ୍କ ପାଇଁ ୪ଗୋଟି ଆବାସିକ ବିଦ୍ୟାଳୟ ।
- ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ପାଠାଗାର ପାଇଁ ଶ୍ରେଣୀ /ବୟସ ଭିତ୍ତିକ ପାଠାଗାର ପୁସ୍ତକ ଉପଲବ୍ଧ ।
- ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ଅନୁଧ୍ୟାନ ଏବଂ ତତ୍ ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ କରାଯିବା ପାଇଁ 'ବିଦ୍ୟା ସମୀକ୍ଷା' କେନ୍ଦ୍ର ଗଠନ ।
- ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବୃତ୍ତି ଚୟନର ଦିଗ୍‌ଦର୍ଶନ ନିମନ୍ତେ "ଓଡ଼ିଶା କ୍ୟାରିଅର ୱେବ୍ ସାଇଟ୍ - ମୋ ବୃତ୍ତି" ର ଶୁଭ ଉନ୍ମୋଚନ ।
- ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟମାନଙ୍କରେ ପୋଷଣ ଓ ରୋଷ ଉଦ୍ୟାନର ବିକାଶ ।
- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନୁସୂଚିତ ଜନଜାତିର ପିଲାମାନଙ୍କୁ ନିଜ ମାତୃଭାଷାରେ ଶିକ୍ଷାଦାନ ପାଇଁ ପ୍ରାଥମିକ ବିଦ୍ୟାଳୟରେ 'ମାତୃଭାଷାଭିତ୍ତିକ ବହୁଭାଷୀ ଶିକ୍ଷାକାର୍ଯ୍ୟକ୍ରମର' ପ୍ରଚଳନ ।
- ବିଦ୍ୟାଳୟରେ ପିଲାମାନଙ୍କୁ ଉପଯୁକ୍ତ ବୟସ ଅନୁଯାୟୀ ଶ୍ରେଣୀରେ ନାମଲେଖା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରିବା ନିମନ୍ତେ ନାମଲେଖା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।
- ରାଜ୍ୟରେ ୧୦୬୧ଗୋଟି ଉଚ୍ଚ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୨ଗୋଟି ଟ୍ରେଡ୍ ଜରିଆରେ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନ ।
- ବିଦ୍ୟାଳୟ ବାହାରେ ଥିବା ବା ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ମୁଖ୍ୟସ୍ରୋତକୁ ଆଣିବା ବ୍ୟବସ୍ଥା ।
- ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟସ୍ତରରେ ଦୁର୍ଗମ ଅଞ୍ଚଳର ପିଲାମାନଙ୍କ ନିମନ୍ତେ ବିଦ୍ୟାଳୟକୁ ଆସିବା ନିମନ୍ତେ ଜଣେ ଛାତ୍ରଛାତ୍ରୀ ପିଛା ବାର୍ଷିକ ୬୦୦୦ଟଙ୍କାର ରକ୍ଷଣ ଓ ଅନୁଗାମୀ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି ।
- ବିଦ୍ୟାଳୟ ସମ୍ପର୍କିତ ଅଭିଯୋଗ ଗ୍ରହଣ, ଅନୁଧ୍ୟାନ ଓ ସମାଧାନ ତଥା ଶିକ୍ଷଣ ଅଭିବୃଦ୍ଧି ତଦାରଖ ନିମନ୍ତେ ବିଦ୍ୟା ସମୀକ୍ଷା କେନ୍ଦ୍ର ଟୋଲ୍ ଫ୍ରି ନମ୍ବର - ୧୮୦୦-୩୪୫୬୭୨୨/୧୪୪୧୭ ସହିତ ସ୍ଥାପିତ ହୋଇଅଛି ।
- ରାଜ୍ୟରେ ନିଯୁକ୍ତି ସମାରୋହ ମାଧ୍ୟମରେ ୧୬,୦୦୯ କନିଷ୍ଠ ଶିକ୍ଷକ (Schematic)ଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା ନିୟୋଜନପତ୍ର ବଣ୍ଟନ ।
- ନୂତନଭାବରେ ନିଯୁକ୍ତି ହୋଇଥିବା ମାଧ୍ୟମିକ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ଦକ୍ଷତା ବିକାଶ ନିମନ୍ତେ "ସଂକଳ୍ପ" ପେଟିକା ମାଧ୍ୟମରେ ଜିଲ୍ଲା ସାଧନ ଗୋଷ୍ଠୀମାନଙ୍କର ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟ ଅନୁଷ୍ଠିତ ।
- ରାଜ୍ୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮୩୧୦୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ୩ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଚାଲୁ ରହିଅଛି ।
- ଓଡ଼ିଆ ମାଧ୍ୟମ ବିଦ୍ୟାଳୟମାନଙ୍କରେ ପଢୁଥିବା ଓ ଓଡ଼ିଆ ଭାଷାରେ ସଫଳତାର ସହିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୪ ମସିହାରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଆରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ 'ଓଡ଼ିଆ ଭାଷା ବୃତ୍ତି ପୁରସ୍କାର' ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ ।
- ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ନିମନ୍ତେ ରାଜ୍ୟସ୍ତରୀୟ 'ଶିଶୁ ଦିବସ ସମାରୋହ' – 'ସୁରଭି' ଆୟୋଜିତ ହୋଇଯାଇଛି ।
- ମହାକବି ସୁବ୍ରମଣ୍ୟମ ଭାରତୀଙ୍କ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ "ଭାରତୀୟ ଭାଷା ଉତ୍ସବ ସମାରୋହ" ତା.୧୧ ଡିସେମ୍ବର ୨୦୨୪ରିଖ ରେ ଅନୁଷ୍ଠିତ ହୋଇଯାଇଛି ।

--- ୦ ---

DSPL - 302
OIPR 27068/13/0027/2425





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
ଦ୍ୱାରା
ରାଜ୍ୟ ସଂଗ୍ରହାଳୟର

୯ ଗୋଟି ନୂତନ ଗ୍ୟାଲେରୀ ଓ
ତାଳପତ୍ର ଚିତ୍ରରେ ରାମାୟଣ ପ୍ରଦର୍ଶନୀ

ଶୁଭ ଉଦ୍‌ଘାଟନ

୭ ଜାନୁଆରୀ ୨୦୨୫ | ମଧ୍ୟାହ୍ନ ୧୨:୦୫

ସ୍ୱତନ୍ତ୍ରତା : ପ୍ରଥମଥର ଭୂତଳରେ କଳାସାମଗ୍ରୀ ପ୍ରଦର୍ଶନ

- ବିକ୍ରମବେତାଳ ମାଧ୍ୟମରେ ଓଡ଼ିଶାର ଅସ୍ମିତା ଓ ଇତିହାସ ଦର୍ଶକଙ୍କୁ ଜଣାଇବା
- ପ୍ରତ୍ୟେକ ଗ୍ୟାଲେରୀରେ ଡିଜିଟାଲ ପ୍ରଦର୍ଶନର ବ୍ୟବସ୍ଥା
- ତାଳପତ୍ର ଚିତ୍ରରେ ପୂର୍ଣ୍ଣାଙ୍ଗ ରାମାୟଣର ପ୍ରଦର୍ଶନୀ

ଗରିମାମୟ ଉପସ୍ଥିତି

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ
ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

DSPL - 304
OIPR 03030/13/0006/2425



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଟ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# ପୁଣି ଏକ ଭୂତାଣୁର ପଦଧ୍ୱନି ସମଗ୍ର ବିଶ୍ୱ ପାଇଁ ସତର୍କ ଘଣ୍ଟି

ଆଜକୁ ପାଞ୍ଚବର୍ଷ ପୂର୍ବେ ଚୀନ୍‌ର ଉହାନ୍ ନଗରୀରୁ ବ୍ୟାପିଥିବା ଏକ ଭୂତାଣୁ ସମଗ୍ର ବିଶ୍ୱକୁ ଥରହର କରିଥିଲା। 'କୋଭିଡ୍-୧୯' ବା କରୋନା ନାମରେ ପରିଚିତ ଏହି ଭୂତାଣୁଜନିତ ବ୍ୟାଧି ଖୁବ୍ କମ୍ ସମୟ ମଧ୍ୟରେ ଦୁନିଆର ଗୋଟିଏ ପରେ ଗୋଟିଏ ଦେଶକୁ ସଂକ୍ରମିତ ହୋଇ ମୃତ୍ୟୁର ତାଣ୍ଡବ ରଚାଇଥିଲା। ଯୁକ୍ତରାଷ୍ଟ୍ର ଆମେରିକା, ରୁଷ୍, ଫ୍ରାନ୍ସ, ଜର୍ମାନୀ ଭଳି ସମୃଦ୍ଧ ଦେଶରୁ ଆରମ୍ଭ କରି ଆଫ୍ରିକା ମହାଦେଶର ଅନୁନ୍ନତ ଗରିବ ରାଷ୍ଟ୍ର ପର୍ଯ୍ୟନ୍ତ କେହି ମହାମାରୀ କରୋନାର ବିଭୀଷିକାରୁ ବର୍ତ୍ତି ନଥିଲେ। ବିଶ୍ୱର କୋଣ ଅନୁକୋଣରେ କୋଟି କୋଟି ନରନାରୀ ଏହି ଭୂତାଣୁଜନିତ ବ୍ୟାଧିରେ ଆକ୍ରାନ୍ତ ହୋଇଥିବା ବେଳେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ବିଭିନ୍ନ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିବା ସଙ୍ଗେ ସଙ୍ଗେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିଲା। ଦୀର୍ଘଦିନ ଧରି ଲକ୍ ଡାଉନ୍ ଜାରି ରହିବା ଯୋଗୁଁ ଜନଜୀବନ ଭୀଷଣ ଭାବରେ ପ୍ରଭାବିତ ହୋଇଥିଲା। କରୋନାର ଉତ୍ପତ୍ତିସ୍ଥଳ ଚୀନ୍‌ର ଉହାନ୍ ହୋଇଥିବା ବେଳେ କେଉଁ କାରଣରୁ ଏହି ଭୂତାଣୁ ଜନ୍ମ ନେଲା, ତାହା ଏବେ ବି ରହସ୍ୟାବୃତ ହୋଇ ରହିଛି। ତେବେ ନବବର୍ଷ ଆରମ୍ଭରେ ସେହି ଚୀନ୍ ଦେଶରେ କରୋନା ଭଳି ଆଉ ଏକ ଭୂତାଣୁର ସଂକ୍ରମଣ ଭୟ ଓ ଆତଙ୍କର ବାତାବରଣ ଖେଳାଇ ଦେଇଛି। 'ହ୍ୟୁମାନ୍ ମେଟାନ୍ୟୁମୋ ଭାଇରସ୍' ବା ଏଚ୍.ଏମ୍.ପି.ଭି. ନାମକ ଏହି ଭୂତାଣୁ ଚୀନ୍‌ରେ ଗୁରୁତର ସ୍ଥିତି ସୃଷ୍ଟି କରିଛି। ସାଧାରଣତଃ ଶୀତ ଋତୁରେ ଏହା ଅଧିକ ସକ୍ରିୟ ରହିବା ସଙ୍ଗେ ସଙ୍ଗେ ସଂକ୍ରମଣ ବଢ଼ାଇଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ସୂଚନା ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନ ଚୀନ୍‌ର ବିଭିନ୍ନ ପ୍ରଦେଶରେ ଏହି ଭୂତାଣୁ କାୟା ବିସ୍ତାର କରି ମାଡ଼ି ଚାଲିଥିବା ଯୋଗୁଁ କୋଭିଡ୍-୧୯ ଭଳି ଅବସ୍ଥା ଦେଖାଦେଇଛି, ଯେଉଁଥିପାଇଁ ସେଠାକାର ସରକାରଙ୍କ ନିଦ ହଜି ଯାଇଛି। ଦିନକୁ ଦିନ ସଂକ୍ରମଣ ବୃଦ୍ଧି ପାଇବା ସହିତ ଅଧିକରୁ ଅଧିକ ଲୋକ ଏଥିରେ ଆକ୍ରାନ୍ତ ହେଉଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ରୋଗୀଙ୍କ ପାଇଁ ହସ୍ପିଟାଲରେ ଶଯ୍ୟା ମିଳୁନାହିଁ। ପରିସ୍ଥିତିର ମୁକାବିଲା ପାଇଁ ଚୀନ୍ ସରକାର ଦେଶବ୍ୟାପୀ ଜାତୀୟ ଜରୁରି ପରିସ୍ଥିତି ଜାରି କରିଛନ୍ତି ଏବଂ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ଏହା ବ୍ୟତୀତ କରୋନା ସମୟରେ ଯେଉଁସବୁ କଟକଣା ଲାଗୁ ହୋଇଥିଲା, ତାହା ପାଳନ କରିବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦିଆଯାଇଛି। ଚୀନ୍‌ର ସାଂଘାତିକ ସ୍ଥିତିକୁ ଦୃଷ୍ଟିରେ ରଖି ଏସିଆର ବହୁ ଦେଶରେ ଏବେ ସତର୍କତା ଜାରି କରାଯିବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏସବୁ ସତ୍ତ୍ୱେ ଏଚ୍.ଏମ୍.ପି.ଭି ଭୂତାଣୁ ବର୍ତ୍ତମାନ ହଂକଂ ନଗରୀରେ ପହଞ୍ଚି ସାରିଥିବାର ଜଣାପଡିଛି। ଚୀନ୍ ପଡ଼ୋଶୀ ଦେଶ ହୋଇଥିବାରୁ ଏଠାରେ କେତେକ ଲୋକ ଏହି ଭୂତାଣୁରେ ସଂକ୍ରମିତ ହୋଇଛନ୍ତି। କେବଳ ସେତିକି ନୁହେଁ, ୟୁରୋପ ମହାଦେଶରେ ମଧ୍ୟ ନୂତନ ଭୂତାଣୁ ପ୍ରବେଶ କରି ସାରିଥିବାର ଗଣମାଧ୍ୟମ ରିପୋର୍ଟରୁ ସୂଚନା ମିଳିଛି। ଇତିମଧ୍ୟରେ ବ୍ରିଟେନକୁ ଏଚ୍.ଏମ୍.ପି.ଭି ଭୂତାଣୁର ସଂକ୍ରମଣ ବ୍ୟାପିଥିବା ନେଇ ଖବର ହସ୍ତଗତ ହେବା ପରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ୨୦୨୦ ମସିହାରେ ଠିକ୍ ଯେପରି ଭାବରେ କୋଭିଡ୍-୧୯ ଗୋଟିଏ ପରେ ଗୋଟିଏ ଦେଶକୁ ମାଡ଼ି ଚାଲି ଆତଙ୍କ ଖେଳାଇଥିଲା ଏଥର ସେଭଳି ଯେ ନହେବ, ତାହା କହିହେବ ନାହିଁ। ଚୀନ୍‌ରେ ଭୂତାଣୁ ସଂକ୍ରମଣକୁ ନେଇ ଭାରତ ସରକାର କଡ଼ା ସତର୍କତା ଅବଲମ୍ବନ କରୁଛନ୍ତି। ସଂକ୍ରମଣ ଯେପରି ଆମ ଦେଶକୁ ନବ୍ୟାପିବ, ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଭୂତାଣୁ ସଂକ୍ରମଣ ନେଇ ଆବଶ୍ୟକ ସୂଚନା ଯଥା ସମୟରେ ପ୍ରଦାନ କରିବାକୁ କେନ୍ଦ୍ର ସରକାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) କୁ ଅନୁରୋଧ କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଯୁଗ୍ମ ମନିଟରିଂ କମିଟି ସ୍ଥିତି ନେଇ ସଜାଗ ଦୃଷ୍ଟି ରହିଛି। ତେବେ ଚୀନ୍ ବା ଅନ୍ୟ ଦେଶରୁ ଭାରତକୁ ଆସୁଥିବା ବିମାନ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ସରକାର ତୀକ୍ଷ୍ଣ ନଜର ରଖିବା ସହିତ ଜନସାଧାରଣ ସଜାଗ ଓ ସତର୍କ ରହିବା ବିଜ୍ଞତାର କାର୍ଯ୍ୟ ହେବ।

# ପ୍ରବାସୀର ସ୍ୱାଭିମାନ ଓ ଭାରତର ଗର୍ବ




ରାକେଶ ପଣ୍ଡା
ବନ୍ଦାଳୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦


ମୁଁ ଏ ଦୁନିଆର ଯେଉଁ କୋଣ ଅନୁକୋଣରେ ରହେ, ଯେମିତି ରହେ, ସଫଳତାର ଶିଖରକୁ ଛୁଏଁ କିମ୍ବା ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରେ, ହେଲେ ମୋ'ର ଆତ୍ମା କେବଳ ଭାରତର ପ୍ରତିଟି ପାଣି ଓ ପବନ ସହିତ ପ୍ରତ୍ୟହ ଜଡ଼ିତ ରହିବ। ଏ ମାଟିର ଛୁଆଁ ମୋ ଶରୀରର ପ୍ରତିଟି ଲୋମରେ ସ୍ୱତଃ ଏକ ଅଭୁଲା ଶିହରଣ ସୃଷ୍ଟି କରୁଥିବ। ମୁଁ ସିନା ବିଦେଶକୁ କର୍ମଭୂମି କରି, ଦିବସଟାକୁ ବ୍ୟସ୍ତ ଓ ବ୍ୟସ୍ତତା ମଧ୍ୟରେ କାଟିଦେଉଛି, କିନ୍ତୁ ଯେତେବେଳେ ରାତିର ଆଗମନ ହେଉଛି, ଚାରିଆଡ଼ ନିସ୍ତବ୍ଧ ହେଇଯାଉଛି, ମୋର ମା' ଓ ମାଟି କଥା ଭାରି ମନେପଡୁଛି। ମୁଁ ଗୁମୁରି ଗୁମୁରି ହେଇ କାନ୍ଦି ଉଠୁଛି। ଇଚ୍ଛା ହେଉଛି.., ଆତ୍ମା କହି ଉଠୁଛି ଏହି କ୍ଷଣି ଘରକୁ ଚାଲିଯିବି। ମୋ ମା', ମାଟି କୋଳରେ ମଥା ରଖି ମନ ଭରି ଶୋଇବି। ମୁଁ ସର୍ବଦା ଏକ ସୁଯୋଗର ଅନ୍ୱେଷଣରେ ରହୁଛି। କେବେ ସେ ଅମୃତ ମୁହୂର୍ତ୍ତ ଆସିବ। ଯିବା ପ୍ରତୀକ୍ଷାରେ ଏମିତି କେତେ ରାତି ମୁଁ ବିନା ନିଦରେ କାଟି ଦେଉଛି। କାରଣ, ମୁଁ ଯେତେ ବଡ଼ ହେଲେ ମଧ୍ୟ, କେବେ କ'ଣ ମୋର ମା', ମାଟି ଓ ମାତୃଭାଷାକୁ ଭୁଲିପାରିବି! ବିଦେଶରେ ରହୁଥିବା ମୋ'ର ଜଣେ ବନ୍ଧୁଙ୍କ ସହ ଟେଲିଫୋନ ଯୋଗେ ବାର୍ତ୍ତାଳାପ ସମୟରେ ତାଙ୍କ ମନର ପରିଭାଷା ମୋ ହୃଦୟକୁ ଆନ୍ଦୋଳିତ କରିଥିଲା। ତାଙ୍କର ହୃଦୟ ଭେଦି ଅନ୍ତରର ପ୍ରତିଟି କଥା ଓ ଶବ୍ଦ ମୋତେ କିଛି କ୍ଷଣ ପାଇଁ ନୀରବ କରିଦେଇଥିଲା। ମୋ'ର ମନେ ପଡ଼ିଗଲା ପ୍ରବାସୀ ଭାରତୀୟ ଦିବସ କଥା। ଯେଉଁ ଅବସରରେ, ଜଣେ ପ୍ରବାସୀ ଭାରତୀୟ ସୁଯୋଗ ଲାଭ କରିଥାଏ ତା'ର ମା' ଓ ମାଟି ସହ ସିଧାସଳଖ ଯୋଡ଼ିହେବା ନିମନ୍ତେ।

ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୮ ଜାନୁଆରୀ ୨୦୦୨ ରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସାଧାରଣ କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ନିମନ୍ତେ ଗଠିତ କମିଟିର ରିପୋର୍ଟ ଗ୍ରହଣ କରିଥିଲେ ଏବଂ ୯ ଜାନୁଆରୀ ୨୦୦୨ ରେ "ପ୍ରବାସୀ ଭାରତୀୟ ଦିବସ"ର ଘୋଷଣା କରିଥିଲେ। ଜାନୁୟାରୀ ୧୯୧୫ ରେ ଦକ୍ଷିଣ ଆଫ୍ରିକାରୁ ମହାତ୍ମା ଗାନ୍ଧୀଙ୍କ ପ୍ରତ୍ୟାବର୍ତ୍ତନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଉକ୍ତ ଦିବସ ଚୟନ କରାଯାଇଥିଲା। ପ୍ରବାସୀ ଭାରତୀୟ ଦିବସ ହେଉଛି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କର ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ତଥା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅଟେ। ୨୦୦୩ ମସିହାରେ ପ୍ରଥମ ଥର ପାଇଁ ଏହା ପାଳନ କରାଯାଇଥିଲା ଏବଂ ୨୦୧୫ ମସିହାରୁ ଏକ ଦ୍ୱି-ବର୍ଷୀୟ କାର୍ଯ୍ୟକ୍ରମ ଭାବରେ ରୂପାନ୍ତରିତ ହୋଇଥିଲା। ଯାହାକି ପ୍ରତି ଦୁଇ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ ଏବଂ ଦେଶର ବିକାଶ ଦିଗରେ ବିଦେଶୀ ଭାରତୀୟ ସମ୍ପ୍ରଦାୟର ଅବଦାନକୁ ଚିହ୍ନିତ କରିଥାଏ।

ତେବେ ପ୍ରବାସୀ ଭାରତୀୟ ଦିବସର ବିଷୟବସ୍ତୁ ପ୍ରତିବର୍ଷ ଭିନ୍ନ ହୋଇଥାଏ ଏବଂ ଭାରତୀୟ ତଥା ସାମ୍ପ୍ରତିକ ପ୍ରାଥମିକତା ଏବଂ ଚିନ୍ତାଧାରାକୁ ପ୍ରତିଫଳିତ କରିବାକୁ ମନୋନୀତ କରାଯାଇଥାଏ। ପ୍ରବାସୀ ଭାରତୀୟ ଦିବସର ଏକ ମୁଖ୍ୟ ବିଷୟବସ୍ତୁ ହେଉଛି ଭାରତର ଆର୍ଥିକ ବିକାଶରେ ବିଦେଶୀ ଭାରତୀୟ ସମ୍ପ୍ରଦାୟର ଭୂମିକା। ଭାରତ ବାହାରେ ରହୁଥିବା ଭାରତୀୟମାନେ ଭାରତରେ ରହୁଥିବା ନିଜ ପରିବାରକୁ ପଠାଉଥିବା ଟଙ୍କା ମାଧ୍ୟମରେ ତଥା ଭାରତୀୟ ବ୍ୟବସାୟ ତଥା ରିଅଲ ଇଷ୍ଟେଟ୍‌ରେ ବିନିଯୋଗ ମାଧ୍ୟମରେ ଭାରତୀୟ ଅର୍ଥନୀତିରେ ଏକ ପ୍ରମୁଖ ଯୋଗଦାନ ଦେଇଥାନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଦ୍ୱିପାକ୍ଷିକ ଅଂଶଗ୍ରହଣକୁ ଭାରତ ସରକାର ସକ୍ରିୟ ଭାବରେ ଉତ୍ସାହିତ କରିଥାନ୍ତି। ପ୍ରବାସୀ ଭାରତୀୟ ସମ୍ପ୍ରଦାୟର ଅବଦାନକୁ ଚିହ୍ନିବା ଏବଂ ପାଳନ କରିବାର ଏହା ଏକ ସୁଯୋଗ ଅଟେ। ଏହାଛଡା, ପ୍ରବାସୀ ଭାରତୀୟ ଦିବସର ମଧ୍ୟ ବିଦେଶୀ ଭାରତୀୟ ସମ୍ପ୍ରଦାୟକୁ ପରସ୍ପର ସହ ଏବଂ ଭାରତ ସରକାରଙ୍କ ସହ ଯୋଡି ହେବାର ସୁଯୋଗ ପ୍ରଦାନ କରିଥାଏ। ଏହି କାର୍ଯ୍ୟକ୍ରମରେ ସାଧାରଣତଃ ଏକ ସମ୍ମିଳନୀ, ସେମିନାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ବିଦେଶୀ ଭାରତୀୟ ସମ୍ପ୍ରଦାୟ ଏକତ୍ରିତ ହେବା, ସେମାନଙ୍କ ଅଭିଜ୍ଞତା ବାଣ୍ଟିବା ନିମନ୍ତେ ଏହା ଏକ ବଡ଼ ସୁଯୋଗ ଅଟେ। ଏହା ମଧ୍ୟ ଭାରତ ସରକାରଙ୍କ ପାଇଁ ଏକ ସୁଯୋଗ, ଯାହାଦ୍ୱାରା ଦେଶ ସହ ଜଡିତ ହେବା ଏବଂ ଦେଶ ଉପରେ ପ୍ରଭାବ ପକାଉଥିବା ପ୍ରସଙ୍ଗ ଉପରେ ସେମାନଙ୍କର ପ୍ରବେଶ, ନିବେଶ ଏବଂ ମାର୍ଗଦର୍ଶନ ଖୋଜିବା ଅଟେ।

ଅତୀତରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନର ଏକ ଅଭିଲେଖ ରହିଛି ଏବଂ ସେମାନଙ୍କର ଆୟୋଜକ ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ସାମାଜିକ କଲ୍ୟାଣମୂଳକ ପଦକ୍ଷେପକୁ ସମର୍ଥନ କରିବାରେ ସମ୍ପ୍ରଦାୟର ଅନେକ ସଦସ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହାଛଡ଼ା ଏହି ଦିବସର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ହେଉଛି ଭାରତ ଏବଂ ସେମାନେ ରହୁଥିବା ଦେଶ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ମଜବୁତ କରିବାରେ ଦ୍ୱିପାକ୍ଷିକ ଭୂମିକା। ଭାରତୀୟ ମୂଳ ଲୋକ ପୃଥିବୀର ବିଭିନ୍ନ ଦେଶରେ ବାସ କରନ୍ତି। ଏହି ସମ୍ପ୍ରଦାୟଗୁଡିକ ମଧ୍ୟରୁ ଅନେକ ସେମାନଙ୍କର ଭାରତୀୟ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିଛନ୍ତି ଏବଂ ସେମାନଙ୍କ ଆୟୋଜକ ଦେଶର ସଂସ୍କୃତିରେ ମଧ୍ୟ ଅନୁକୂଳ ଅବଦାନ ରଖିଛନ୍ତି। ପ୍ରବାସୀ ଭାରତୀୟ ଦିବସ ଉକ୍ତ ସାଂସ୍କୃତିକ ବିବିଧତାକୁ ପାଳନ କରିବା ଏବଂ ବିଦେଶୀ ଭାରତୀୟ ସମ୍ପ୍ରଦାୟ ଓ ସେମାନଙ୍କ ମାତୃଭୂମି ମଧ୍ୟରେ ଥିବା ବନ୍ଧନକୁ ମଜବୁତ କରିବାର ଏକ ସୁଯୋଗ ଅଟେ।

ଏହି ପରିପ୍ରେକ୍ଷୀରେ ପ୍ରବାସୀ ଭାରତୀୟଙ୍କ ସମ୍ମାନ ଉଦ୍ଦେଶ୍ୟରେ ପୁରସ୍କାର ବିତରଣ ବ୍ୟବସ୍ଥା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ଏକ ଅଣ-ବାସିନ୍ଦା ଭାରତୀୟ (ଏନ୍‌ଆର୍‌ଆଇ) ଏବଂ ଭାରତୀୟ ମୂଳ ବ୍ୟକ୍ତି (ପିଆଇଓ)ମାନଙ୍କୁ ପ୍ରଦାନ କରାଯାଇଥିବା ଏକ ସମ୍ମାନଜନକ ସମ୍ମାନ ଅଟେ। ଏହା ଯେଉଁମାନେ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ଏବଂ ବିଦେଶରେ ଭାରତର ସ୍ୱାର୍ଥକୁ ପ୍ରୋତ୍ସାହିତ କରିଛନ୍ତି, ସେମାନଙ୍କ ପାଇଁ ଉତ୍ସର୍ଗିତ ଅଟେ। ଶିକ୍ଷା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, କଳା ଏବଂ ସଂସ୍କୃତି, ସାମାଜିକ କାର୍ଯ୍ୟ, ଜନସେବା, ବାଣିଜ୍ୟ ଏବଂ ଶିଳ୍ପ ପରି ବିଭିନ୍ନ କ୍ଷେତ୍ରରେ ଅଣ-ବାସିନ୍ଦା ଭାରତୀୟ (ଏନଆର୍‌ଆଇ) ଏବଂ ଭାରତୀୟ ମୂଳ ବ୍ୟକ୍ତି (ପିଆଇଓ)ଙ୍କର ସଫଳତା ତଥା ଅବଦାନକୁ ସ୍ୱୀକୃତି ଦେବା ପାଇଁ ଭାରତ ସରକାର ୨୦୦୩ ରେ ଏହି ପୁରସ୍କାର ଆରମ୍ଭ କରିଥିଲେ।

ପ୍ରଫେସର ସଞ୍ଜୀବ ମେହେଟ୍ଟା, ପ୍ରଫେସର ରାମଜୀ ପ୍ରସାଦ, ଡ. ରାଜଗୋପାଳ, ଡ. ଅର୍ଚ୍ଚନା ଶର୍ମା, ଶ୍ରୀ ଅଶୋକ କୁମାର ତିୱାରୀ ଏବଂ ଶ୍ରୀ ଶିବକୁମାର ନନ୍ଦେଶନ ଆଦି ବ୍ୟକ୍ତିତ୍ୱମାନଙ୍କୁ ୨୦୨୩ ମସିହାରେ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ପ୍ରଦାନ କରଯାଇଥିଲା। ବିଶ୍ୱ ଭାରତୀୟ ସମ୍ପ୍ରଦାୟ ଦ୍ୱାରା ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ବହୁଳ ଭାବରେ ସ୍ୱୀକୃତିପ୍ରାପ୍ତ ଏବଂ ପ୍ରଶଂସିତ ହୋଇଛି। ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କୁ ଭାରତର ରାଷ୍ଟ୍ରପତି ସମ୍ମାନିତ କରିଥାନ୍ତି ଏବଂ ସେମାନଙ୍କୁ ଏକ ସମ୍ମାନଜନକ ପଦକ ପ୍ରଦାନ କରାଯାଇଥାଏ। ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାରକୁ ସାଧାରଣତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ - ପ୍ରବାସୀ ଭାରତୀୟ ସମ୍ମାନ, ପ୍ରବାସୀ ଭାରତୀୟ ସମ୍ମାନ ସୁବର୍ଣ୍ଣ, ଏବଂ ପ୍ରବାସୀ ଭାରତୀୟ ସମ୍ମାନ- ଜୀବନ ବ୍ୟାପି ସଫଳତା।

ତେବେ ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଓଡିଶାର ଭୁବନେଶ୍ୱରରେ ୮ରୁ ୧୦ ଜାନୁୟାରୀ ୨୦୨୫ ମଧ୍ୟରେ ଅନୁଷ୍ଠିତ ହେବା ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଛି। ଏହାର ବିଷୟବସ୍ତୁ ହେଉଛି "ବିକଶିତ ଭାରତ ନିମନ୍ତେ ପ୍ରବାସୀଙ୍କର ଅବଦାନ"। ବିଶ୍ୱସ୍ତରରେ ଓଡ଼ିଶା ଓ ଏହାର ବିକଶିତ ଚିତ୍ରକୁ ପ୍ରତିଷ୍ଠା, ପ୍ରତିପାଦିତ ଓ ଉପସ୍ଥାପିତ କରିବା ନିମନ୍ତେ ରାଜ୍ୟ ପାଇଁ ଏହା ଏକ ବଡ଼ ଓ ସୁବର୍ଣ୍ଣ ସୁଯୋଗ ଅଟେ। ପ୍ରକାଶିତ ସୂଚନା ଅନୁଯାୟୀ, ଭାରତର ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଉପରେ ଅନେକ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବ୍ୟାପୀ ଓଡ଼ିଶାର ଭାବମୂର୍ତ୍ତିକୁ ବଢାଇବା ନିମନ୍ତେ ଏହି କାର୍ଯ୍ୟକ୍ରମକୁ ଆକର୍ଷଣୀୟ ତଥା ନିଖୁଣ ଭାବରେ ସଂଗଠିତ କରାଯିବା ନିମନ୍ତେ ବୈଦେଶିକ ମନ୍ତ୍ରାଳୟ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆପ୍ରାଣ ସମସ୍ତ ପ୍ରଚେଷ୍ଟା ଚାଲିଛି ତଥା କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ରାତିଦିନ ଏକ୍ କରି ଦେଇଛନ୍ତି। ଉକ୍ତ ସମ୍ମିଳନୀକୁ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରିବେ ଏବଂ ଉଦ୍‌ଯାପନୀ ଉତ୍ସବରେ ଭାରତର ରାଷ୍ଟ୍ରପତି ସାମିଲ ହେବେ। ଏହି କାର୍ଯ୍ୟକ୍ରମରେ 'ଭାରତର ବେଷ୍ଟକେପ୍ଟ ସିକ୍ରେଟ୍' ଏବଂ 'ଓଡିଶା - ସୁଯୋଗର ଦେଶ' ଭଳି ପ୍ରସଙ୍ଗରେ ସର୍ବଦଳୀୟ ଅଧିବେଶନ ଅନ୍ତର୍ଭୁକ୍ତ ହେବାର କାର୍ଯ୍ୟକ୍ରମ ରହିଅଛି। ଏଥିସହ ଓଡ଼ିଶାର ଐତିହାସିକ ଗୌରବ, କଳା, ମୂର୍ତ୍ତି, ସଙ୍ଗୀତ, ନୃତ୍ୟ, ଆଦିବାସୀ ସଂସ୍କୃତି, ଭାଷା, ସାହିତ୍ୟ ଏବଂ ପର୍ଯ୍ୟଟନ ସ୍ଥଳୀଗୁଡିକ ଡିଜିଟାଲ୍ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ମାଧ୍ୟମରେ ଉପସ୍ଥାପିତ ହେବ। ୨୦୩୬ ଏବଂ ୨୦୪୭ ବର୍ଷ ନିମନ୍ତେ ଓଡ଼ିଶାର ଦୃଷ୍ଟି, ଲକ୍ଷ୍ୟ ତଥା ଉଦ୍ଦେଶ୍ୟକୁ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହେବାର ବ୍ୟବସ୍ଥା ରହିଛି। ସୂଚନା ମୁତାବକ, ଦେଶ ବିଦେଶର ପ୍ରାୟ ୭୦୦୦ ପ୍ରତିନିଧି ଏଥିରେ ସାମିଲ ହେବେ। ଅତିଥିମାନଙ୍କ ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପ୍ରାୟ ଦଶଟି ଉତ୍ସବର ଆୟୋଜନ କରାଯିବାର ବନ୍ଦୋବସ୍ତ ହୋଇଛି। ଭୁବନେଶ୍ୱର, ପୁରୀ, କୋଣାର୍କ ଏବଂ ଯାଜପୁର ଭଳି ବିଭିନ୍ନ ସ୍ଥାନଗୁଡ଼ିକରେ ୨୮ଟି ପର୍ଯ୍ୟଟନ ସ୍ଥଳକୁ ଅତିଥିମାନଙ୍କୁ ନିଆଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

ତେବେ, ଉକ୍ତ ସମ୍ମିଳନୀ ବିକଶିତ ଭାରତ ଗଠନରେ ଗୋଟିଏ ବଡ଼ ଭୂମିକା ତୁଲାଇବ ବୋଲି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଦର୍ଶାଯାଇଛି। ଏହାଛଡ଼ା ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଯେଉଁ ଲକ୍ଷ୍ୟ କେନ୍ଦ୍ର ସରକାର ରଖିଛନ୍ତି ତାକୁ ସଫଳ କରିବାରେ ଏହା ବଡ଼ ସହାୟକ ହେବ ତଥା ଏକ ବଡ଼ ଇନ୍ଧନ ସଦୃଶ କାର୍ଯ୍ୟ କରିବା ବୋଲି ଆଶା କରାଯାଏ। ଭାବନାତ୍ମକ ସ୍ତରରେ ଏହା ମଧ୍ୟ ଗଭୀର ଭାବରେ ଅନୁଭବ କରାଯାଏ ଯେ, ପୃଥିବୀର ଯେଉଁ କୋଣରେ ଜଣେ ଓଡ଼ିଆ କିମ୍ବା ଭାରତୀୟ ବସବାସ କରନ୍ତୁ ନା' କାହିଁକି ପ୍ରତିଟି ଭାରତୀୟ ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ସହ, ନିଜର ଭାବନା ଓ ଚିନ୍ତାଧାରାରେ ନିଜର ମାତୃଭୂମି ଓ ମାତୃଭାଷା ପ୍ରତି ନିଃସ୍ୱାର୍ଥପର ଭଲପାଇବା, ଶ୍ରଦ୍ଧା ଓ ଅନୁରାଗ ଜାଗ୍ରତ କଲେ, ମୋ' ମା' ମାଟି ତଥା ମାତୃଭୂମି ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ପାଇବା ସହ ସଫଳତାର ଶିଖର ଛୁଇଁବ। ତେବେ, ପ୍ରବାସୀ ଭାରତୀୟ ଦିବସ ହେଉଛି ପ୍ରତିଟି ପ୍ରବାସୀଙ୍କର ସ୍ୱାଭିମାନର ପରିଚୟ ଏବଂ ଭାରତର ଗର୍ବର ପ୍ରତିଚିହ୍ନ।

# ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରା


ରବିନାରାୟଣ ସେନାପତି
ପୂର୍ବତନ ଆବାହକ, ଶ୍ରୀସତ୍ୟସାଇ ସେବା ସମିତି
କଟକ, ମୋ: ୯୪୩୮୨୦୪୮୯୧


ଦୟାଭାବ ଓ ନିଃସ୍ୱାର୍ଥପରତା ସହ କରାଯାଉଥିବା ସେବା ହିଁ ପ୍ରକୃତ ସେବା। ବନ୍ଧୁ ଭାବର ତଥା ଶ୍ରଦ୍ଧାପୂର୍ବକ କରାଯାଉଥିବା ସେବା ହିଁ ପ୍ରଶାନ୍ତି ନିଳୟମ୍‌କୁ ପଡ଼ିଥିବା ରାଜପଥ। ଭଗବାନ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି ଯେ, ଏ ଜୀବନ ସ୍ୱାର୍ଥରହିତ ସେବାରେ ଲାଗିବା ପାଇଁ ଉଦ୍ଦିଷ୍ଟ, ସ୍ୱାର୍ଥପର ଅଭିଳାଷ ପୂରଣ କରିବା ପାଇଁ ନୁହେଁ। ମାନବ ଜାତିର ଏକତ୍ୱ ଉପଲବ୍ଧ ହୋଇପାରିବ କେବଳ ନିଃସ୍ୱାର୍ଥ ସେବା ମାଧ୍ୟମରେ। ନିଃସ୍ୱାର୍ଥ ସେବା ହିଁ କର୍ମଯୋଗର ରହସ୍ୟ। ଏପରି ନିଃସ୍ୱାର୍ଥପର ସେବା ପ୍ରଦାନ କରୁଥିବା ବ୍ୟକ୍ତିମାନେ ସମାଜରେ ସମ୍ମାନ ଲାଭ କରିଥାନ୍ତି ଏବଂ ସମ୍ମାନ ଲାଭ କରିଥିବା ବ୍ୟକ୍ତିମାନେ ଈଶ୍ୱରଙ୍କ କୃପା ଲାଭ କରିବା ପାଇଁ ଯୋଗ୍ୟ ହୋଇଥାନ୍ତି। ଆମ ସମସ୍ତଙ୍କୁ ଏହି ସତ୍ୟକୁ ଜାଣିବାକୁ ପଡ଼ିବ। ନିଃସ୍ୱାର୍ଥପର ସେବା ସଙ୍ଗେ ସଙ୍ଗେ ତ୍ୟାଗ ଭାବ ଥିବା ଦରକାର। ଯେଉଁ ସେବା କର୍ମରେ ନିଃସ୍ୱାର୍ଥପରତା ଓ ଭଗବାନଙ୍କ ପ୍ରତି ଉତ୍ସର୍ଗୀକୃତ ଭାବ ମିଶିଥାଏ, ତାହା ହିଁ ନିଃସ୍ୱାର୍ଥପର ସେବା ପଦବାଚ୍ୟ। ସମଗ୍ର ମାନବ ଜାତି ପାଇଁ ପ୍ରେମ ଭାବ ହିଁ ଜୀବନି ଶକ୍ତି ତଥା ତ୍ୟାଗର ସୌରଭ। ଜଣେ ଯେତେ ବଡ଼ ମଣିଷ ହୋଇଥାଉ ପଛକେ ତାକୁ ବୁଝିବାକୁ ହେବ ଯେ, ଜୀବନ କେବଳ ନିଃସ୍ୱାର୍ଥପର ସେବାରେ ଲାଗିବା ପାଇଁ ଉଦ୍ଦିଷ୍ଟ। ସେବା କଲାବେଳେ ବୃଥା ଆଡ଼ମ୍ବର ନରହି ବିଶାଳ ହୃଦୟ ସହ ପ୍ରେମଭାବକୁ ଅଭିବୃଦ୍ଧି କରିବା ଜରୁରି। ସତ୍ୟସାଇ ସଙ୍ଗଠନର କର୍ମୀମାନେ ସଙ୍ଗଠନର ମେରୁଦଣ୍ଡ। ଆମେ ଯେଉଁ ସେବା କରୁନା କାହିଁକି, ତାହା ନିଃସ୍ୱାଥପର ଭାବରେ ହେବା ଉଚିତ। ତା'ହେଲେ ଯାଇ ଆମେ ଜୀବନର ସର୍ବୋଚ୍ଚ ସୋପାନରେ ପହଞ୍ଚି ପାରିବା। ସେବା କର୍ମଟି ଛୋଟ ହୋଇପାରେ, କିନ୍ତୁ କର୍ମ କରାଯିବା ସମୟରେ ମହାନୁଭବତାର ସହ କରାଗଲେ ମହତ୍ ଫଳ ପ୍ରଦାନ କରେ। ଗାଈ ସାମାନ୍ୟ ଘାସ ଖାଏ କିନ୍ତୁ ଅତି ମୂଲ୍ୟବାନ ଦୁଗ୍ଧ ପ୍ରଦାନ କରିଥାଏ। ଆମ ସଙ୍ଗଠନରେ ଆମେ ଏହି ଏକତ୍ୱ ଭାବର ଅଭିବୃଦ୍ଧି ଘଟାଇବା ଦରକାର। ପ୍ରତ୍ୟେକ ମଣିଷ ସମାନ ଏବଂ ସମସ୍ତେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ କେବଳ ଭିନ୍ନ ଭିନ୍ନ ନାମ ଓ ରୂପକୁ ଦେଖି ଆମେ ସୃଷ୍ଟିର ଅନ୍ତର୍ନିହିତ ତତ୍ତ୍ୱକୁ ଭୁଲିଗଲେ ହେବନାହିଁ। ଏହି ମୌଳିକ ସତ୍ୟକୁ ନବୁଝି ଯେତେ ସେବାକର୍ମ କଲେ ମଧ୍ୟ ତାହା ସାର୍ଥକ ହେବନାହିଁ। ସେ କର୍ମ ସତ୍‌କର୍ମ ହେବ ନାହିଁ।

ମାନବୀୟ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଦିବ୍ୟ ଜୀବନ ପାଇଁ ଭଗବାନ ଶ୍ରୀସତ୍ୟସାଇଙ୍କ ଅପାର କରୁଣାରୁ ଗତ ୨୦୨୨ ଗୁରୁପୂର୍ଣ୍ଣିମା ଦିବସରୁ ରାଜ୍ୟରେ ଆରମ୍ଭ ହୋଇଛି ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରା। ବର୍ତ୍ତମାନ ସୁଦ୍ଧା ୨୮ ଗୋଟି ରାଜସ୍ୱ ଜିଲ୍ଲା ପରିକ୍ରମା କରିସାରିବା ପରେ ଡିସେମ୍ବର ୧୫ ତାରିଖରେ କଟକ ଜିଲ୍ଲାର ନୂଆ ଶାସନ ଠାରେ ପ୍ରବେଶ କରିବା ପରେ ପରବର୍ତ୍ତୀ ସମୟରେ ଏହା ଆଠଗଡ଼, ମାଣିଆବନ୍ଧ, ବାଙ୍କୀର ସତ୍ୟସାଇ ସେବା ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମକୁ ପରିଭ୍ରମଣ କରି ଏହା ଅଗଣିତ ଭକ୍ତଜନଙ୍କୁ ଦର୍ଶନ ଓ ସ୍ପର୍ଶନର ସୁଯୋଗ ପ୍ରଦାନ କରିଛି। ସ୍ମରଣୀୟ ନୂଆ ବର୍ଷରେ ମୁଣ୍ଡଳୀର ଗୋବିନ୍ଦପୁର ଛକରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ କଟକକୁ ହସ୍ତାନ୍ତର କରାଯିବା ପରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶହେତମ ଜନ୍ମୋତ୍ସବ ବର୍ଷ ହୋଇଥିବାରୁ ଆନନ୍ଦ ଉଲ୍ଲାସ ଓ ଆଧ୍ୟାତ୍ମିକ ଉନ୍ମୀଳନ



ଭିତରେ ଆଶ୍ରିତମାନେ ରଥାରୁଢ଼ ପାଦୁକାଙ୍କୁ ସ୍ୱାଗତ କରିବା ସହ ଦିବ୍ୟ ଦର୍ଶନ ଓ ସ୍ପର୍ଶନର ସୁଯୋଗ ପାଉଛନ୍ତି। ଉକ୍ତ ପାଦୁକାଟି କୋଟି କୋଟି ଶ୍ରୀ ସତ୍ୟସାଇ ଆଶ୍ରିତମାନଙ୍କ ନିମନ୍ତେ ଅତିବ ଗୁରୁତ୍ୱପୂର୍ଣ୍ଣ କାରଣ ସ୍ୱୟଂ ଭଗବାନ ଶ୍ରୀ ସତ୍ୟସାଇ ମହାପ୍ରୟାଣ ପୂର୍ବରୁ ଉକ୍ତ ପ୍ରସ୍ତର ଉପରେ ସେ ନିଜର ଦିବ୍ୟ ପାଦୁକା ରଖିଥିଲେ। ମନେପଡୁଛି ପୌରାଣିକ ଶବରୀ, ଭକ୍ତ ଶ୍ରେଷ୍ଠ ହନୁମାନ, ଭକ୍ତ ଅହଲ୍ୟା ଓ ଅଗଣିତ ଭକ୍ତମାନଙ୍କର ଭକ୍ତି ଆବେଗର ଜୀବନ ଚରିତ। ଭଗବାନଙ୍କ ପାଦ ପଦ୍ମର ସ୍ମରଣୀୟ ପାଦୁକା କଟକ ସହର ମଧ୍ୟରେ ପ୍ରବେଶ କରିବା ପରେ ଆନନ୍ଦ ଉଲ୍ଲାସ ସମସ୍ତଙ୍କ ଭିତରେ ଖେଳି ଯାଇଛି। କଟକର ସୁଭଦ୍ରାପୁର ଠାରୁ ଗ୍ରାହାମ୍ସ ସିଠାଳ ଦେଇ ୫ ତାରିଖ ଦିନ ଦକ୍ଷିଣାଞ୍ଚଳ କଟକ, ମଣିବାଡ଼ ଝାରକଟା ଦେଇ ୬ ତାରିଖ ଦିନ ୪.୩୦ ମିନିଟରେ ବଜ୍ରକବାଟି ଠାରେ ପଶ୍ଚିମାଞ୍ଚଳ ଶ୍ରୀ ସତ୍ୟସାଇ ଜୋନ ମଧ୍ୟରେ ପ୍ରବେଶ କରି ବ୍ରଜବିହାରୀପୁର ଗ୍ରାମକୁ ପ୍ରସ୍ଥାନ କରିବାର କାର୍ଯ୍ୟକ୍ରମ ରହିଛି। ବ୍ରଜବିହାରୀପୁର ଠାରୁ ସନ୍ଧ୍ୟାରେ ସିଡିଏ ସେକ୍ଟର-୧୦ସ୍ଥିତ ଦୁର୍ଗାମଣ୍ଡପ କମ୍ୟୁନିଟି ସେଣ୍ଟରରେ ରାତ୍ରି ଯାପନ ପରେ ୭ ତାରିଖ ଦିନ ସକାଳେ ଓଁକାରମ୍ ସୁପ୍ରଭାତମ୍, ନଗର ସଂକୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା ସହ ଦିବ୍ୟ ପାଦୁକା ରଥକୁ ଫୁଲରେ ପୁଷ୍ପାଭିଷେକ କରି ପରବର୍ତ୍ତୀ ସମୟରେ ରଥୋତ୍ସବ ଆରମ୍ଭ ହେବ। ଅଗଣିତ ଆଶ୍ରିତ ମାନଙ୍କ ପ୍ରାର୍ଥନା ଓ ସଂକଳ୍ପକୁ ଦୃଷ୍ଟିରେ ରଖି ବିଭିନ୍ନ ବିଦ୍ୟାଳୟ ପରିସର ଓ ସହରର ମୁଖ୍ୟ ରାସ୍ତା ଦେଇ ବିଡ଼ାନାସୀ, ସତୀଚଉରା, କାଫଲା, ଡଗରପଡ଼ା, ଚାନ୍ଦିନୀଚୌକ, ଜୁଡ଼ିସିଆଲ ଏକାଡ଼େମୀ, ସେକ୍ଟର-୭, ସେକ୍ଟର-୬ରେ ପହଞ୍ଚି ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିକଟରେ ମହାପ୍ରସାଦ ସେବନ ପରେ ପୁନଶ୍ଚ ଏହା ସିଡ଼ିଏର ସେକ୍ଟର-୮, ୯, ୧୦ ଓ ୧୧ ପରିକ୍ରମା କରି ସେକ୍ଟର-୧୦ସ୍ଥିତ କମ୍ୟୁନିଟି ସେଣ୍ଟରରେ ରାତ୍ରୀ ଯାପନ କରିବେ। ୭ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସତ୍ୟସାଇ ଭଜନ ଗ୍ରୁପ ଓଡ଼ିଶା ଦ୍ୱାରା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

ଭଗବାନ ଶ୍ରୀ ସାଇଙ୍କ ଦିବ୍ୟ ପାଦୁକା ଆମ ସମସ୍ତଙ୍କୁ ସାଇ ଚିନ୍ତନର ଓ ସେବାର ମହକକୁ ପ୍ରଚାର ପ୍ରସାର କରିବା ପାଇଁ ମାର୍ଗ ଦେଖାଉ ଓ ଆମ୍ଭେମାନେ ଦାସାନୁଦାସ ହୋଇ ନିଃସ୍ୱାର୍ଥପର ଓ ଉତ୍ସର୍ଗୀକୃତ କାମ କରିବାକୁ ଆଧ୍ୟାତ୍ମିକ ଶକ୍ତିପ୍ରଦାନ କରୁ ଏହା ହିଁ ପ୍ରାର୍ଥନା। ଓଡ଼ିଶାରେ ସାଇ ପ୍ଲାବନ ପ୍ରତିଟି ଜିଲ୍ଲା, ପ୍ରତିଟି ସ୍ଥାନରେ ପହଞ୍ଚି ପାରିଛି। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶକ୍ତି ଓ ଆକର୍ଷଣ ଏତେ ମହାନ ଓ ବ୍ୟାପକ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ବିଶ୍ୱର ପ୍ରାୟ ସବୁ ଦେଶର ଅଧିବାସୀ ମାନଙ୍କ ମଧ୍ୟରୁ ବେଶ୍ ଆଜି ଉଲ୍ଲେଖଯୋଗ୍ୟ ସଂଖ୍ୟାରେ ଆଜି ଶ୍ରୀ ସତ୍ୟସାଇ ବାବାଙ୍କୁ ଭଗବାନଙ୍କ ପୂର୍ଣ୍ଣ ଅବତାର ଭାବରେ ଗ୍ରହଣ କରିସାରିଲେଣି। ସମସ୍ତ ଧର୍ମ ସ୍ୱୀକାର କରେ ଯେ ଭଗବାନ କରୁଣା ବଳରେ ମଣିଷ ଜୀବନର ସାର୍ଥକତା ପ୍ରତିପାଦିତ ହୋଇପାରିବ, ଏକଥା ସତ୍ୟ ହେଲେ ବି କିପରି ଭଗବାନଙ୍କ କରୁଣା ଲାଭ କରିହେବ ସେ ସମ୍ପର୍କରେ ବାବାଙ୍କ ଦିବ୍ୟବାଣୀ ହେଲା, 'ତୁମର ଉଦ୍ୟମ ପ୍ରଥମ, ଭଗବାନଙ୍କ କରୁଣା ଦ୍ୱିତୀୟ।' ଏହାଦ୍ୱାରା ସେ ଭଗବାନ କରୁଣାକୁ ନ୍ୟୁନ କରିନାହାନ୍ତି ବରଂ ଏହାର ସର୍ବବ୍ୟାପକତା ବିଷୟରେ ସଚେତନ କରିଦେଇଛନ୍ତି। ସାଇଙ୍କ କର୍ମ ହିଁ, ସେ ଅତିମାନସ ଦିବ୍ୟଶକ୍ତି ଯେ ଜୀବ ଜଗତ ମଧ୍ୟରେ ପରିବ୍ୟାପ୍ତ ସେହି ଚେତନା ଜାଗ୍ରତ କରାଇବା - ପ୍ରତ୍ୟେକ ବ୍ୟକ୍ତି କାହିଁକି ସଂସାର ସବୁକିଛିକି ରୂପାନ୍ତରିତ କରିବା। ଭଗବାନ ବାବାଙ୍କ ଅମୃତ ସମ୍ଭାଷଣ ଆମ ସମସ୍ତଙ୍କୁ ଦିବ୍ୟ ପଥରେ ଅଗ୍ରଗତି କରାଇବା ପାଇଁ ପଥ ଦେଖାଉ ଏହା ହିଁ କାମନା। ବାବା ତାଙ୍କ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି -

'ନାହଂ ମନୁଷ୍ୟୋ ନ ଚ ଦେବଃ ଯକ୍ଷଃ।
ନ ବ୍ରାହ୍ମଣଃ କ୍ଷତ୍ରିୟଃ ବୈଶ୍ୟଃ ଶୂଦ୍ରଃ।
ନ ବ୍ରହ୍ମଚାରୀ ନ ଗୃହୀ ନ ବନସ୍ଥ।
ଅହଂ ସତ୍ୟବୋଧକଃ ସତ୍ୟଂ ଶିବଂ ସୁନ୍ଦରମ୍'।

# ପ୍ରତି ୪ ମିନିଟରେ ଜଣଙ୍କର ଜୀବନ ନେଉଛି ସଡ଼କ ଦୁର୍ଘଟଣା




ନାଟ୍ୟସାରଥି ଅଭୟ କୁମାର ଦାସ
ଗୋତରା, ମାହାଙ୍ଗା, କଟକ
ମୋ: ୯୪୩୭୧୪୨୭୧୭


ରାଜ୍ୟରେ ୧୦ ବର୍ଷରେ ୪୫ ହଜାର ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏଥିରୁ ୭୦% ଅର୍ଥାତ୍ ପ୍ରାୟ ୩୧,୫୦୦ (୭୦%) ଜଣ ଯୁବ ବର୍ଗର। ଏମାନେ ସେମାନଙ୍କର ପରିବାରର ରୋଜଗାରକ୍ଷମ ସଦସ୍ୟ ଥିଲେ। ରାଜ୍ୟରେ କୋଭିଡ଼ ଆଦି କାରଣରୁ ମୃତ୍ୟୁକୁ ନେଇ ହଇଚଇ ହେଉଥିବାବେଳେ ସଡ଼କ ଦୁର୍ଘଟଣା ଜନିତ ଏହି ପରିସଂଖ୍ୟାନ ହୃଦୟ ଥରାଇ ଦେବାଭଳି। ଆହୁରି ବଡ଼ କଥା ହେଉଛି, କେବଳ ୨୦୨୧ ମସିହାରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ୫୦୦ ଲୋକ ଜୀବନ ହରାଇଛନ୍ତି। ଭାରତରେ ସଡ଼କ ଦୁର୍ଘଟଣାରେ ପ୍ରତି ୪ ମିନିଟରେ ଜଣଙ୍କର ମୃତ୍ୟୁ ହେଉଥିବାବେଳେ ବର୍ଷକୁ ଚାଲିଯାଉଛି ଦେଢ଼ଲକ୍ଷ ବହୁ ମୂଲ୍ୟ ଜୀବନ। ଗତ ୨୦୨୩ରେ ୫୭୩୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୨୨ରେ ଏହି ସଂଖ୍ୟା ଥିଲା ୫୪୬୭। ୨୦୨୧ରେ ତାହା ଥିଲା ୫୦୮୧ଜଣ। ସଡ଼କ ସୁରକ୍ଷା ନିୟମ ପାଳନର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ସଡ଼କ ସୁରକ୍ଷା ମାସ।

ଏସବୁ ପରିସଂଖ୍ୟାନ କୌଣସି ଘରୋଇ ସଂସ୍ଥାର ନୁହେଁ। ବରଂ ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ପରିବହନ ବିଭାଗ ଓ ପୁଲିସ ସରକାରଙ୍କୁ ଏହି ତଥ୍ୟ ପ୍ରଦାନ କରିଛନ୍ତି। ଉଦ୍‌ବେଗର ବିଷୟ ହେଉଛି, ସବୁ ବର୍ଷ ସମସ୍ତେ ଦୁର୍ଘଟଣାକୁ ନେଇ ଏମିତି ଚିନ୍ତାପ୍ରକଟ କରୁଛନ୍ତି ଯେସା କରିଦେବୁ, ତେସା କରିଦିଆଯିବ ଏମିତି ସବୁ ଆଲୋଚନା ହେଉଛି, ଯାହାର ପୁନରାବୃତ୍ତି ଏ ବର୍ଷ ବି ଘଟିଲା। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଦୁର୍ଘଟଣାର ଅନେକ କାରଣ ମଧ୍ୟରୁ ପ୍ରମୁଖ କାରଣଗୁଡ଼ିକୁ ନେଇ ନିକଟ ଅତୀତରେ ସେଭଳି କୌଣସି ବିଶେଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନାହାନ୍ତି। ଦ୍ରୁତଗାଡ଼ି ଚାଳନା ପୁରା ବନ୍ଦ ହୋଇପାରିନାହିଁ, ବା ସେ ଦିଗରେ ସରକାରଙ୍କ କଠୋରତା ଦେଖିବାକୁ ମିଳିନାହିଁ। ରାଜ୍ୟ ସରକାର ନିଶା କାରବାରକୁ ପୁରା ନିଷିଦ୍ଧ କରିନାହାନ୍ତି। ମାସ ମାସ ଧରି ଜାତୀୟ ରାଜପଥରେ ଭଙ୍ଗାଗଢ଼ା ଚାଲିଥିବାବେଳେ ଏହାକୁ କିଭଳି ସମୟସୀମା ମଧ୍ୟରେ ଶେଷ କରାଯିବ, ସେ ସମୟରେ ବିକଳ୍ପ ରାସ୍ତା ପାଇଁ କି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ ସେ ସବୁ ସମ୍ପର୍କରେ ପରିବହନ ବିଭାଗ କିମ୍ବା ପୁଲିସ କେହି କିଛି କହିନାହାନ୍ତି। ରାସ୍ତା କଡ଼ରେ ଅଧିକରୁ ଅଧିକ ଟ୍ରମା କେୟାର ଖୋଲିବା ଲାଗି ଉଦ୍ୟମ ହୋଇନାହିଁ।

ସରକାରଙ୍କ ପରିସଂଖ୍ୟାନ କହୁଛି ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ପୁଲିସ ଓ ପରିବହନ ବିଭାଗ କେବଳ ଜରିମାନା ଆଦାୟରେ ମାତିଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିନ୍ତୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି। ଏପରିକି ଗତ ବର୍ଷ ଜାନୁଆରୀରୁ ଜୁନ ତୁଳନାରେ ଚଳିତବର୍ଷ ଏହି ସମୟରେ ୧୧% ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି। ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଖରାପ ରାସ୍ତା ଡିଜାଇନିଂ, ଖାଲଖମା ଭର୍ତ୍ତି ରାସ୍ତା, ରାସ୍ତାକଡ଼ରେ ଜବରଦଖଲ, ସଡ଼କ ସୁରକ୍ଷା ନେଇ ସଚେତନତା ଅଭାବ, ଜରୁରୀକାଳୀନ ଚିକିତ୍ସା ଅଭାବ, ସର୍ବୋପରି ନିଶା ସେବନ କରି ଗାଡ଼ିଚାଳନା। ମିଳିଥିବା ସୂଚନା ଅନୁସାରେ, ଏହି ବୈଠକରେ ନିଜେ ପୁଲିସ ଡିଜି ସୁନୀଲ ବଂଶଲ ଉଦ୍‌ବେଗର ସହ କହିଥିଲେ ଯେ ୨୦୨୧ରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ପ୍ରାୟ ୫୦୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏହାର ପ୍ରମୁଖ କାରଣ ହେଉଛି ରାସ୍ତା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କି ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ନେଇନାହାନ୍ତି। ତେଣୁ ଏଣିକି ଅଧିକାରୀ ଓ ସଂସ୍ଥାଙ୍କ ଅବହେଳାକୁ ଗ୍ରହଣ କରାଯିବ ନାହିଁ। ଯଦି ରାସ୍ତା ମରାମତି, ନିର୍ମାଣ ହେଉଥିବା ସ୍ଥାନରେ କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ହୁଏ ତେବେ ମୋଟ ଯାନ ଆଇନ ଅନୁସାରେ ଇଞ୍ଜିନିୟର, ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲେ ନିର୍ଦ୍ଦିଷ୍ଟ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କିଏ ପଦକ୍ଷେପ ନେବେ, ସେ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି ହୋଇନାହିଁ। ଏହାସହ ପୁଲିସ ଡିଜି ଏକଥା ବି କହିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ, ପୁଲିସ ପ୍ରଥମେ ଆହତଙ୍କ ପାଖରେ ପହଞ୍ଚିଥାଏ। ତେଣୁ ପୁଲିସକୁ ନିୟମିତ ପ୍ରଶିକ୍ଷଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଉପକରଣ ଯୋଗାଇବା ଦରକାର। ଏହା ମିଳିଲେ ହିଁ ଆମେ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିୟମିତ ଜାରି ହେଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାମ କରିପାରିବୁ। ବୈଠକରୁ ମିଳିଥିବା ତଥ୍ୟ ଆହୁରି କହୁଛି ଯେ, ବହୁ ଅଣପ୍ରାପ୍ତ ବୟସ୍କ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି। ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏକଥା ଏଥର କେବଳ ନୁହେଁ, ସବୁ ବୈଠକରେ ଚର୍ଚ୍ଚା ହେଉଛି। ଅନେକ ଥର ସରକାର ନିର୍ଦ୍ଦେଶ ଦେଇଛନ୍ତି ଧରପଗଡ଼ କର। ହେଲେ ଅନୁପାଳନ ହେଉନାହିଁ। ଆଦୌ ନିର୍ଦ୍ଦେଶନାମା ମାନୁନଥିବା ଅଧିକାରୀଙ୍କ ବିରୋଧରେ ବି କୌଣସି ଦଣ୍ଡବିଧାନ ହୋଇନାହିଁ। ସ୍ପଷ୍ଟ ଭାବେ କହିଲେ ନିୟମ ଉଲ୍ଲଂଘନକାରୀ, ବେପରୁଆ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ନିୟମ ହୋଇଥିଲେ ବି ତାହା କଡ଼ାକଡ଼ି ଲାଗୁ ହେଉନି। ଏଠାରେ ପ୍ରକାଶ ଥାଉକି ଚଳିତବର୍ଷ ଜାନୁଆରିରୁ ଜୁନ ମଧ୍ୟରେ ୫,୨୧,୪୪୯ ଜଣ ଟ୍ରାଫିକ ଉଲ୍ଲଂଘନକାରୀ ପୁଲିସ ଦ୍ୱାରା ଧରାପଡ଼ିଥିବାବେଳେ ଏଥିରୁ ମାତ୍ର ୪.୪୬% ଅର୍ଥାତ୍ ୨୩,୨୯୪ ଜଣଙ୍କ ଲାଇସେନ୍ସ ବାତିଲ ପାଇଁ ଆରଟିଓ ଗୁଡ଼ିକୁ ପଠାଯାଇଛି। ସେହିପରି ଏହି ସମୟରେ ସଡ଼କ ସୁରକ୍ଷା ଉଲ୍ଲଂଘନ ନେଇ ଆରଟିଓଗୁଡ଼ିକ ୧୨୯୭୯୪ଟି ଇ-ଚାଲାଣ କରିଥିବାବେଳେ ଏଥିରୁ ମାତ୍ର ୧୯.୨% ଅର୍ଥାତ୍ ୨୪୬୯୨ଟି ଲାଇସେନ୍ସ ବାତିଲ କରାଯାଇଛି। ବହୁ ଲାଇସେନ୍ସ ତିନି ମାସ ପାଇଁ ବାତିଲ ହେବା ପରେ ବି ଉକ୍ତ ଲାଇସେନ୍ସଧାରୀ ଏହି ସମୟରେ ଗାଡ଼ି ଚଳାଉଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ ହେଉଛି ସେଗୁଡ଼ିକ ପୁଲିସ ଓ ଆରଟିଓର ଇ-ଚାଲାଣ ସହ ସଂଯୋଗ କରିବା ତଥା ପୁଲିସକୁ ଦେବାକୁ ସ୍ଥିର ହୋଇଛି। ସେହିପରି ଶୀତଋତୁରେ ରାତିରେ ଘନ କୁହୁଡ଼ି ଯୋଗୁଁ ଅଧିକ ଦୁର୍ଘଟଣା ହେଉଥିବାରୁ ଏହାର ପ୍ରତିକାର ପାଇଁ ବ୍ୟାକଲାଇଟ ଓ ରିଫ୍ଲେକ୍ଟିଭ ଟେପ ଲଗାଉଥିବା ଗାଡ଼ି ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି। ଏହା ଚଳିତ ମାସରୁ କଡ଼ାକଡ଼ି ଲାଗୁ ହେବ। ରାସ୍ତା ଉପରେ ବସ, ଟ୍ରକ ଭଳି ବଡ଼ ଗାଡ଼ି ପାର୍କିଂ ନକରିବାକୁ ବସ୍ ଓ ଟ୍ରକ ମାଲିକ ସଂଘକୁ କୁହାଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହା ସମଗ୍ର ଭାରତରେ ସବୁ ରାଜ୍ୟଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ରାଜ୍ୟ।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ମାଟିର ନେତା ତଥା ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନକୁ ଆଜି ବିଜେପି କେନ୍ଦୁଝର ଜିଲ୍ଲା ପକ୍ଷରୁ ଧୁମ୍ ଧାମରେ ପାଳନ କରାଯାଇଛି । ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଆଜିର ଦିନକୁ କେନ୍ଦୁଝରରେ ଭାଜପା କର୍ମୀ ମାନେ ସେବା ଦିବସ ଭାବରେ ପାଳନ କରିଛନ୍ତି । ଏହି ଅବସରରେ ଆଜି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଭାସୀ ମାଧ୍ୟମରେ ଯୋଡି ହୋଇ ଉଦ୍ୟକ୍ତା ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସାଂସଦ ଅନନ୍ତ ନାୟକ, ବିଧାୟକ ଫକୀର ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ ଇତ୍ୟାଦି ନେତୃବୃନ୍ଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବିପୁଳ ଜନ ସମର୍ଥନ ଭିତରେ ଜିଲ୍ଲା ରକ୍ତ ଭଣ୍ଡାର ର କର୍ମୀମାନେ ସମୁଦାୟ ୭୩୨ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସତୀଶ ଦାଶ, ରାଜେଶ ସିଂ, ଶୁକଦେବ ମହାନ୍ତ, ଅନୁରୂପ ବେହେରା, ବିବେକାନନ୍ଦ ମହାନ୍ତ, ଶିବ କୁମାର ରାଉତ, ବିଶ୍ୱଜିତ୍ ତ୍ରିପାଠୀ, ଅଶୋକ ବେହେରା, ଦେବପ୍ରସାଦ ମିଶ୍ର, ଦୀପକ ଜେନା, ବିଲ୍ଲୁ ପଣ୍ଡା, ବିଷ୍ଣୁ ତ୍ରିପାଠୀ, ରୂପେଶ ରଣା, ଜଗମୋହନ କର, ସୁରଜ ବାରିକ, ଅସିତ୍ ନନ୍ଦନ ମହାନ୍ତି, ଯଶୋବନ୍ତ ମହାରଣା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



# ନିର୍ବାଚନ ନେଇ ଜିଲ୍ଲାପାଳଙ୍କୁ ଭେଟିଲା ଟ୍ରକ୍ ମାଲିକ ସଂଘ





ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପରେ ଟ୍ରକ ମାଲିକଙ୍କୁ ନେଇ ତିନିଗୋଟି ଆସୋସିଏସନ ଯଥା ପାରାଦୀପ ଟ୍ରକ ମାଲିକ ସଂଘ, ଜଗନ୍ନାଥ ଟ୍ରକ ମାଲିକ ସଂଘ ଓ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘ ଗଠିତ ହୋଇଛି । ପାରାଦୀପ ଟ୍ରକ ମାଲିକ ସଂଘ ଓ ଜଗନ୍ନାଥ ଟ୍ରକ ମାଲିକ ସଂଘରେ ନିୟମ ଅନୁଯାୟୀ କେବଳ ଦୁଇ ଜିଲ୍ଲାର ଟ୍ରକ ମାଲିକ ମାନେ ସଭ୍ୟ ହୋଇଥିଲା ବେଳେ ପ୍ରତି ୨ ଓ ୩ ବର୍ଷ ବ୍ୟବଧାନରେ ନିର୍ବାଚନ ହୋଇଥାଏ ଓ ଆୟବ୍ୟୟର ହିସାବ ମଧ୍ୟ କରାଯାଇଥାଏ । କିନ୍ତୁ ସବୁ ବ୍ୟତିକ୍ରମ ଜଗତସିଂହପୁର ଜିଲ୍ଲା ଟ୍ରକ ଆସୋସିଏସନରେ ଦେଖା ଦେଇଛି । ଏହି ଆସୋସିଏସନରେ ଦୀର୍ଘ ୧୭ ବର୍ଷ ହେବ ସଭାପତି ଭାବେ ସନ୍ତୋଷ କୁମାର ପଟ୍ଟନାୟକ ଜୋର ଜବରଦସ୍ତ ଏହି ପଦବୀରେ ରହି ଆସୁଥିବା ଏବଂ ନିର୍ବାଚନ ନକରାଇ ଆୟ ବ୍ୟୟର ହିସାବ ନଦେବା, ବାର୍ଷିକ ଅଧିବେଶନ ନକରିବା, ବ୍ୟାଙ୍କରେ ଟଙ୍କା ଜମା ନକରିବା, ବିଭିନ୍ନ ଜିଲ୍ଲାରୁ ଲକ୍ଷାଧିକ ଟଙ୍କା ନେଇ ବାହାର ଜିଲ୍ଲାର ଲୋକଙ୍କୁ ଆସୋସିଏସନର ସଭ୍ୟ କରିବା ଏବଂ ଯିଏ ପ୍ରତିବାଦ କରନ୍ତି ତାଙ୍କୁ ସଂଘରୁ ବହିଷ୍କାର କରି ତାଙ୍କ ନାମରେ ସଭାପତି ତାଙ୍କ ଓକିଲ ଭାଇଙ୍କୁ ଧରି ମିଥ୍ୟା ମୋକଦ୍ଦମାରେ ଛନ୍ଦି ଦେବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ଗାଡି ମାଲିକ ମାନେ । ଏବେ କିନ୍ତୁ ସରକାର ପରିବର୍ତ୍ତନ ହେବା ପରେ ଆସୋସିଏସନର ବହୁ ସଭ୍ୟ ସାହସ ଜୁଟାଇ କିଛିଦିନ ତଳେ ପାରାଦୀପର ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ସାହାଯ୍ୟ ଲୋଡ଼ିଥିଲେ । ପ୍ରକାଶ ମଧ୍ୟ ତାଙ୍କ ଶ୍ରମିକ ସଂଘରେ ଟ୍ରକ ମାଲିକମାନଙ୍କୁ ନେଇ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆସୋସିଏସନରେ ନିର୍ବାଚନ କରାଇବାକୁ ପ୍ରଶାସନ ଏବଂ ସମସ୍ତ ଗାଡି ମାଲିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପରିପ୍ରେକ୍ଷୀରେ ସୋମବାର ଦିନ ୧୧ଟା ସମୟରେ ବଡପଡ଼ିଆସ୍ଥିତ ଦୁର୍ଗା ମଣ୍ଡପରେ ଶହେରୁ ଉର୍ଦ୍ଧ୍ୱ ମାଲିକ ଏକାଠି ହୋଇ ଦୁର୍ଗା ମା'ଙ୍କୁ ଦର୍ଶନ କରି ମା' ତାରିଣୀଙ୍କ ଉଦ୍ଦେଶ୍ୟରେ ନଡ଼ିଆ ଅର୍ପଣ କରିବା ପାଇଁ ଦୁର୍ଗା ମଣ୍ଡପରୁ ଶୋଭାଯାତ୍ରା କରି ବସ ଷ୍ଟାଣ୍ଡ ଯାଇ ବସରେ ତାରିଣୀଙ୍କ ପାଖକୁ ନଡ଼ିଆ ପଠାଇଥିଲେ । ଏହାପରେ ସମସ୍ତ ମାଲିକ ନିଜ ନିଜ ଗାଡି ନେଇ ପ୍ରକାଶଙ୍କ ନେତୃତ୍ୱରେ ଜଗତସିଂହପୁର ଯାଇ ଜିଲ୍ଲାପାଳ, ଏସପି ଓ ଏଡିଏମ ତଥା ଜିଲ୍ଲା ପଞ୍ଜିକରଣ ଅଧିକାରୀଙ୍କୁ ଦେଖା କରି ଖୁବ୍‌ଶୀଘ୍ର ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘରେ ନିର୍ବାଚନ କରି ସ୍ୱଚ୍ଛତା ଆଣିବାକୁ ଅନୁରୋଧ କରିଥିଲେ । ତେବେ ସମ୍ପ୍ରତି ସ୍ଥାନୀୟ ଶ୍ରମିକ ନେତା ପ୍ରକାଶଙ୍କ ଦୃଢ଼ ନେତୃତ୍ୱ ପ୍ରତି ସାଧାରଣରେ ଆସ୍ଥାପ୍ରକଟ କରି ସଂଘରେ ବହୁ ସଂଖ୍ୟାରେ ଶ୍ରମିକ ଓ ବିଭିନ୍ନ କର୍ମଜୀବୀ ସାମିଲ ହେଉଥିବା ଦେଖିବାକୁ ମିଳୁଛି ।

# ଧାମନଗରରେ ଆନନ୍ଦପୁର ଓ ବାଲିପାଟଣାରେ ବାଲିମାଫିଆ ସକ୍ରିୟ, ପ୍ରଶାସନ ଚୁପ୍



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ତହସିଲ ଅଧିନସ୍ତ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ଓ ଆନନ୍ଦପୁର ପଞ୍ଚାୟତରେ କେତେକ ବାଲି ମାଫିଆ ସକ୍ରିୟ ହୋଇ ଚୋରାରେ ବୈତରଣୀ ନଦୀରୁ ବାଲି ଚୋରା ଚାଲାଣ କରିବା ଦ୍ୱାରା ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛି । ପ୍ରକାଶଥାଉ କି ଧାମନଗର ତହସିଲ ଅଧିନ ଆନନ୍ଦପୁର ଓ ଭଣ୍ଡାରିପୋଖରୀ ତହସିଲ ଅଧିନ ବିରୋଳି ରାଜସ୍ୱ ମୌଜାର ସୀମା ଝାଡ଼େଶ୍ୱର ମନ୍ଦିର ପାଖରେ ବୈତରଣୀ ନଦୀରୁ ବେଧଡ଼କ ବାଲି ଚୋରି ହେଉଛି । ଆନନ୍ଦପୁର ପଞ୍ଚାୟତର ୨୦ରୁ ଅଧିକ ଗାଡ଼ି ମାଲିକ ମିଳିତ ଭାବେ ବେଆଇନ ଗଡ଼ା କରି ବାଲି ଉଠାଉଛନ୍ତି । ଅପରାହ୍ନରୁ ବିଳମ୍ବିତ ରାତିଯାଏ ଡୋଜରରେ ବାଲି ତାଡ଼ି ଠୁଳ କରାଯାଇଥାଏ । ପୁଣି ପାହାନ୍ତିଆରୁ ଅନ୍ୟ ଗାଡ଼ି ମାଲିକମାନେ ନିଜ ନିଜ ଟ୍ରାକ୍ଟର ଓ ମିନି ଟ୍ରକରେ ବାଲି ବୋହୁଛନ୍ତି । ପ୍ରତ୍ୟେକ ଦିନ ଜଣେ ଗାଡ଼ି ମାଲିକ ନିଜ ଟ୍ରାକ୍ଟରରେ ୫ ଟ୍ରିପ ବାଲି ଚୋରି କରୁଛନ୍ତି । ନଦୀରୁ ବାଲି ଆଣି ନିଜ ନିଜ ବାଡ଼ିରେ ଷ୍ଟକ କରୁଛନ୍ତି । ଆଉ କେହି କେହି ବାଲି ଅନ୍ୟତ୍ରରେ ବିକ୍ରି କରୁଛନ୍ତି । ବୈତରଣୀ ନଦୀରୁ ପାଣି ଶୁଖିଗଲେ ବି ଗାଡ଼ି ମାଲିକ ଡୋଜର ପୂରାଇ ବାଲି ଠୁଳ କରୁଛନ୍ତି । ସେ ବାବଦରେ ଗୋଟିଏ ଟ୍ରିପ୍‌କୁ ସେ ୧୦୦ ଟଙ୍କା ନେଉଛନ୍ତି । ତା ପରେ ସ୍ଥାନୀୟ ଶ୍ରମିକମାନେ ୧୫୦ ଟଙ୍କା ନେଇ ବାଲି ଲୋଡିଂ କରୁଛନ୍ତି । ଖାଲି ସ୍ଥାନୀୟ ଗାଡ଼ି ନୁହଁ, ଏମାନଙ୍କ ମଧ୍ୟରୁ କିଛି ଗାଡ଼ି ମାଲିକ ଘାଟରୁ ବାଲି ଉଠାଇ ପାଖ ଶ୍ମଶାନରେ ଠୁଳ କରୁଛନ୍ତି । ସେଠାରୁ ହାଇୱା ଯୋଗେ ମହାନଗରକୁ ବାଲି ଚାଲାଣ କରୁଛନ୍ତି । ଏବେ ଏଠାରୁ ପ୍ରତିଦିନ ୪ରୁ ୫ଟି ହାଇୱା ବାଲି ଲୋଡିଂ କରି ଚାଲାଣ କରୁଛନ୍ତି । ବାଲି ବୋଝେଇ ହାଇୱାଗୁଡ଼ିକ ଆନନ୍ଦପୁର ଗ୍ରାମ୍ୟ ରାସ୍ତା ଦେଇ ଗାଡି ଚଳାଚଳ କରୁଛି । ଫଳରେ ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ଫାଟି ଯାଉଛି । ଆନନ୍ଦପୁର ଛକରେ କଂକ୍ରିଟ ପଡ଼ିଗଲାଣି । ତା ଛଡ଼ା ଟ୍ରାକ୍ଟରରୁ ବାଲି ଖସି ରାସ୍ତାର ଦୁଇ ଧାରରେ ଜମା ହୋଇ ସାଇକେଲ ଓ ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଏନେଇ ଗାଁ ଲୋକେ ଧାମନଗର ତହସିଲଦାର ଓ ଥାନା ଅଧିକାରୀଙ୍କୁ ଜଣାଇଥିଲେ ବି ସେମାନେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ ହୋଇଛି । ସେହିପରି ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ନିକଟସ୍ଥ ବୈତରଣୀ ନଦୀରୁ ୮ଟି ଘାଟ କରି ବାଲି ମାଫିଆମାନେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି । ଏ ନେଇ ପ୍ରଶାସନ ସବୁ ଜାଣି ଚୁପ୍ ରହୁଛନ୍ତି କାହିଁକି ? ସେପଟେ ଧାମନଗର ତହସିଲଦାର ଦୀପକ ଦାସ କହିଛନ୍ତି ଯେ କାର୍ଯ୍ୟାନୁଷ୍ଠାନ ପାଇଁ ଭଦ୍ରକ ଜିଲ୍ଲା ଖଣି ବିଭାଗକୁ ଜଣାଇ ଦିଆଯାଇଛି । ଖୁବ୍‌ଶୀଘ୍ର ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଯୁବତୀକୁ ଅଶ୍ଳୀଳ ଇଙ୍ଗିତ ଓ ଦୁଷ୍କର୍ମ ଉଦ୍ୟମ: ଥାନାରେ ମାମଲା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳରେ ଜଣେ ଯୁବତୀକୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ସହ ଯୁବତୀଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ସଂଗୀନ ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ମୁସଲିମ୍ ବସ୍ତିର କରିସ୍ମା ବେଗମ (ଛଦ୍ମନାମ) (୨୫) ରାସ୍ତାରେ ଯିବା ଆସିବା ସମୟରେ ପାଟପୁର ଅଞ୍ଚଳରେ ରହୁଥିବା ଅଶୋକ କୁମାର ସାହୁ ନାମକ ଯୁବକ ସଂପୃକ୍ତ ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରିଆସୁଥିଲା । ରାସ୍ତାରେ ଯିବା ସମୟରେ ମଧ୍ୟ ହଇରାଣ କରୁଥିଲା । ଏ ନେଇ ପୂର୍ବରୁ ଏକ ଘଟଣା ସମାଧାନ ହୋଇଥିଲା । ମାତ୍ର ଅଶୋକ ବାରମ୍ବାର ଅଶ୍ଳୀଳ ଇଙ୍ଗିତ କରି ଆସୁଥିବା ବେଳେ ଯୁବତୀ ଘରେ ଶୋଇଥିବା ବେଳେ ଦିନ ଦ୍ୱିପ୍ରହରରେ ଅଶୋକ ଘରେ ପଶି କେହି ନଥିବାର ସୁଯୋଗ ନେଇ ଯୁବତୀଙ୍କୁ ଅସଦାଚରଣ କରିବା ସହିତ ଟଣାଓଟରା କରି ଡ୍ରେସ୍ ଚିରି ଦୁଷ୍କର୍ମ ଉଦ୍ୟମ କରିଥିଲା । ଯୁବତୀ ଚିତ୍କାର କରିବାରୁ ପାଟି ଶୁଣି ଯୁବତୀଙ୍କ ଭାଇ ପ୍ରତିବାଦ କରିବା ସହ ଘର ଗେଟ୍ ଭିତରେ ତାଲା ପକାଇ ଦେଇଥିଲେ । ସଂପୃକ୍ତ ଅଭିଯୁକ୍ତ ଯୁବତୀଙ୍କ ଭାଉଜକୁ ମାଡ଼ ମାରି ସେଠାରୁ ଖସି ପଳାଇଥିଲା । ପୀଡ଼ିତା ଯୁବତୀଙ୍କୁ ମଧ୍ୟ ମାଡ଼ ମାରିଥିଲା । ଯୁବତୀ ଏ ସଂପର୍କରେ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୨୯୬/୧୧୫(୨)/୭୫/୭୬/ ୩୩୭/୩୫୧(୨) ଥାନା କେସ୍ ନଂ-୬/୨୫ରେ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତକୁ ଧରିବା ପାଇଁ ପୋଲିସ ଚଢ଼ଉ ଜାରି ରଖିଛି ।

## ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ୍ ଦାବିରେ ରାସ୍ତାବନ୍ଦ

# ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର




ଗୋପ(ଭାସ୍କର ନ୍ୟୁଜ): ଗୋପ ବ୍ଲକ ଅନ୍ତର୍ଗତ ବଣିଆସାହି ପଞ୍ଚାୟତର ରଞ୍ଜିତପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମାନ୍ଧାତାଙ୍କ ବଦଳିକୁ ନେଇ ସୋମବାର ଗୋପ ବାଲିଘାଇ ରାସ୍ତାକୁ ଦୀର୍ଘ ଦୁଇ ଘଣ୍ଟା କାଳ ଅବରୋଧ କରିଥିଲେ ସମ୍ପୃକ୍ତ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକ । ଖବର ପାଇ ଗୋପ ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ବୁଝାସୁଝା କରିବା ସହ ବଦଳି ଆଦେଶ ବାତିଲ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା । ସୂଚନାଯୋଗ୍ୟ ଯେ ଶିକ୍ଷକ ମାନ୍ଧାତା ସାର ଗତବର୍ଷ ବନ୍ତଲିଗ୍ରାମ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ ତାଙ୍କର ବଦଳି ହୋଇଥିଲା । ମାତ୍ର ଆଜିର ଘଟଣା ପରି ଛାତ୍ରଛାତ୍ରୀ ଆନ୍ଦୋଳନ କରିଥିଲେ ଓ ଆଦେଶ ପ୍ରତ୍ୟାହୃତ ହୋଇଥିଲା । ଏପରି ଘଟଣା ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବେଳେ ପ୍ରଶାସନକୁ ସବୁ ସମୟରେ ହରଡ଼ ଘଣାରେ ପକାଉଥିବା ନେଇ ଅଭିଯୋଗ ଉଠିଥିଲା । ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟକାଳ ଆଉ ମାତ୍ର ହାତ ଗଣତି ମାସ ଥିବାବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆନ୍ଦୋଳନ କରି ସରକାରୀ ଆଦେଶ ପ୍ରତ୍ୟାହୃତ କରିବା ନିଶ୍ଚିତ ଭାବେ ନୂତନ ପିଢ଼ି ନିମନ୍ତେ ଆଶଙ୍କିକର ପରିବେଶ ସୃଷ୍ଟି କରିବ ବୋଲି ଶିକ୍ଷାବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କ କହିବାନୁଯାୟୀ ସାରଙ୍କ ଭଳି ସ୍ନେହ ଅଜାଡି ଦେଉଥିବା ବ୍ୟକ୍ତିଙ୍କୁ ଆମେ ଛାଡ଼ିବୁନି । ଏ ନେଇ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମା କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଦାବିକୁ ମୁଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଛି ଏବଂ ଖୁବ୍‌ଶୀଘ୍ର ମାନ୍ଧାତା ସାରଙ୍କ ବଦଳି ଆଦେଶ ପ୍ରତ୍ୟାହୃତ ହେବ ।

# ଛାତ୍ରୀଙ୍କୁ ଅସଦାଚାରଣ କରି ଛେଚା ଖାଇଲେ ଶିକ୍ଷକ

ନିଆଳି (ଭାସ୍କର ନ୍ୟୁଜ): ଜଣେ ଟ୍ୟୁସନ ଶିକ୍ଷକ ନିଜ ନାବାଳିକା ଛାତ୍ରୀଙ୍କୁ ଅସଦାଚାରଣ କରିଥିବା ଅଭିଯୋଗ ହୋଇଛି । ପରେ ଗାଁ ଲୋକଙ୍କ ଦ୍ୱାରା ନିର୍ଦ୍ଧୁମ ମାଡ଼ ଖାଇଥିବା ଜଣାପଡ଼ିଛି । ପୋଲିସ ସଂପୃକ୍ତ ଶିକ୍ଷକଙ୍କ ନାମରେ ପୂର୍ବରୁ ବହୁବାର ଅଭିଯୋଗ ଆସିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଇନଥିଲା । ଏଭଳି ଅଭିଯୋଗ ଆସିଛି ଶ୍ରୀ ଗୋପାଳ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ ବିଳାସୁଣୀର ଶିକ୍ଷକ ବିନୟ ଭୂଷଣ ଜେନାଙ୍କ ନାମରେ । ସେ ନିଜର ଛାତ୍ରୀଙ୍କୁ ଅସଦାଚାରଣ କରିଥିବା ଜଣାପଡ଼ିବା ପରେ ଗାଁ ଲୋକମାନେ ସଂପୃକ୍ତ ଶିକ୍ଷକଙ୍କୁ ମାଡ଼ ମାରିଥିବା ଜଣାପଡ଼ିଛି ।

# ୨ କେଜି ଓଜନର ରୁପା ଶଙ୍ଖ ଦାନ କଲେ ଭକ୍ତ



ପୁରୀ (ଭାସ୍କର ନ୍ୟୁଜ) : ମହାପ୍ରଭୁଙ୍କୁ ଦାନ କଲେ ରୂପା ଶଙ୍ଖ । ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରୂପା ଶଙ୍ଖ ଦାନ କଲେ ଭକ୍ତ । ପ୍ରାୟ ୨ କେଜି ଓଜନ ତଥା ଅଢ଼େଇ ଲକ୍ଷ ଟଙ୍କାର ରୂପା ଶଙ୍ଖକୁ ସମ୍ବଲପୁରରୁ ଆସିଥିବା ଭକ୍ତ ନଳିନୀପ୍ରଭା ଦାସ ଶ୍ରୀମନ୍ଦିର ପ୍ରଶାସନକୁ ଦାନ କରିଛନ୍ତି । ତେବେ ଦଇତାପତି ସେବାୟତଙ୍କ ଜରିଆରେ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଏହି ଶଙ୍ଖଟି ହସ୍ତାନ୍ତର କରାଯାଇଥିଲା । ମନରେ ମାନସିକ ଥିଲା ଆଉ ସେବେଠାରୁ କଟକରେ କୁଶଳୀ କାରିଗରଙ୍କ ଦ୍ୱାରା ଅତି ନିଖୁଣ କାରୁକାର୍ଯ୍ୟରେ ରୂପାର ଶଙ୍ଖ ତିଆରି କରି ଜଗନ୍ନାଥଙ୍କୁ ଦେବାକୁ ସ୍ଥିର କରିଥିଲେ ନଳିନୀ । ଆଉ ଆଜି ସପରିବାର ଆସି ସେହି ଶଙ୍ଖ ମହାପ୍ରଭୁଙ୍କ ଉଦେଶ୍ୟରେ ଦାନ କରିଥିଲେ । ମହାପ୍ରଭୁ ସୁବର୍ଣ୍ଣ ବେଶରେ ଏହି ଶଙ୍ଖକୁ ଧାରଣ କରିଥିବାରୁ ସେହି ଉଦ୍ଦେଶ୍ୟରେ ଏହି ରୂପା ଶଙ୍ଖଟି ଦାନ କରିଛନ୍ତି । ତେଣୁ ମନରେ ଅନେକ ଖୁସି ରହିଛି ମହାପ୍ରଭୁ କେବଳ ଗୋଟିଏ ଥର ସେହି ଶଙ୍ଖକୁ ଧାରଣ କରିଦେଲେ ଆତ୍ମା ତୃପ୍ତି ହେଇଯିବ ବୋଲି କହିଥିଲେ ମହିଳା ଭକ୍ତ ନଳିନୀ । ଉକ୍ତ ଶଙ୍ଖ ପ୍ରଦାନ କରିବା ସମୟରେ ଭକ୍ତିର ଅଶ୍ରୁ ଝରିଯାଉଥିଲା ନଳିନୀଙ୍କ ଆଖିରୁ ।

# ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ



ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଚୂଡ଼ାନ୍ତ ଭୋଟର ତାଲିକା ୨୦୨୫ ପ୍ରକାଶ ପାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳ ଗୁଡିକର ପ୍ରତିନିଧି ମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଡେପୁଟି କଲେକ୍ଟର ଉମେଶ ଚନ୍ଦ୍ର ଓଝା , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ସୟ ସୂଚନା ଦେଇ ପ୍ରକାଶିତ ତାଲିକା ଅନୁଯାୟୀ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ । ସୂଚୀ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାରେ ମୋଟ ୧୯୪୬୭୭୮ ଜଣ ଭୋଟର ଥିବା ବେଳେ ସର୍ବମୋଟ ୨୩୭୨ ଟି ପୋଲିଂ ଷ୍ଟେସନ ରହିଛି ଓ ୨୬-ଯଶିପୁରରେ୨୯୩, ୨୭-ସାରସକଣାରେ ୨୬୫, ୨୮- ରାଇରଙ୍ଗପୁରରେ ୨୯୫, ୨୯ ବାଙ୍ଗିରିପୋଷିରେ ୨୫୭, ୩୦- କରଞ୍ଜିଆରେ ୨୪୩, ୩୧-ଉଦଳାରେ ୨୪୩, ୩୨-ବଡ଼ସାହିରେ ୨୩୯, ୩୩-ବାରିପଦାରେ ୨୫୫, ୩୪-ମୋରଡାରେ ୨୮୨ ଟି ପୋଲିଂ ଷ୍ଟେସନ ଅଛି । ସେଥିରେ ପୁରୁଷ-୯୬୩୬୪୮ ଜଣ, ମହିଳା ୯୮୩୦୪୬ ଜଣ ଥିବା ବେଳେ ୮୪ଜଣ ତୃତୀୟ ଲିଙ୍ଗ ବ୍ୟକ୍ତି ମାନେ ଅଛନ୍ତି । ସର୍ବୋପରି ନୂତନ ଭୋଟରଙ୍କ ସଂଖ୍ୟା ୭୧୪୫୧ ତାଲିକାଭୁକ୍ତ ହୋଇଛି ।

# ମୁଖ୍ୟରାସ୍ତା ପାର୍ଶ୍ୱରୁ ବେଆଇନ ଜବରଦଖଲ ଉଚ୍ଛେଦ



ବାଲୁଗାଁ (ଭାସ୍କର ନ୍ୟୁଜ): ବାଲୁଗାଁ ସହରର ମୁଖ୍ୟ ରାସ୍ତା ସମ୍ପ୍ରସାରଣ ନେଇ ଉଭୟ ପାର୍ଶ୍ୱରେ ଥିବା ବେଆଇନ ନିର୍ମାଣ ଉଚ୍ଛେଦ ପ୍ରକ୍ରିୟା ରବିବାର ଦିନ ଆରମ୍ଭ ହୋଇଛି । ଖବର ମୁତାବକ ବାଲୁଗାଁ ସହରର ମୁଖ୍ୟ ରାସ୍ତା ଗୋବର୍ଦ୍ଧନପୁର ଠାରୁ ଗଡପଦର ମୌଜା ପର୍ଯ୍ୟନ୍ତ ଦୀର୍ଘ ୪ କିମି ରାସ୍ତା ୪ ଲେନ ବିଶିଷ୍ଟ ସମ୍ପ୍ରସାରଣ ନିମନ୍ତେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପାଇଁ ନିର୍ଦ୍ଦେଶ ରହିଥିଲା । ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସରକାରୀ ଜାଗା ଚିହ୍ନଟ କରି ଅବରୋଧକାରୀଙ୍କୁ ସୂଚିତ କରାଯାଇଥିଲା । ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅକ୍ଟୋବର ୪ ରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମାତ୍ର କିଛି ଅନିବାର୍ଯ୍ୟ କାରଣ ଯୋଗୁଁ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରହିଥିଲା । ଯାହାକି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗତ ସେପ୍ଟେମ୍ବର ମାସ ଠାରୁ ଅନେକ ଥର ବିଭିନ୍ନ ସ୍ଥାନରେ ଜାଗା ଚିହ୍ନଟ କରାଯାଇଥିବା ବେଳେ ବାସ୍ତବରେ କେତେ ଜାଗା ଉଚ୍ଛେଦ ହେବ ତାହା ସ୍ଥାୟୀ ଓ ଅସ୍ଥାୟୀ ଜବରଦଖଲକାରୀ ଅପେକ୍ଷା କରି ରହିଥିଲେ । ତେବେ ନୂତନ ବର୍ଷ ପ୍ରାରମ୍ଭରୁ ଚିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନୋଟିସ ଜାରି କରିଥିଲେ । ଯାହାକି ଆଜି ପୂର୍ବାହ୍ନରେ ଚିଲିକା ତହସିଲଦାର ଶ୍ରୀ ଘଡେଇଙ୍କ ନିର୍ଦ୍ଦେଶ କ୍ରମେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

# ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ



ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ଦୀର୍ଘ ଦିନ ଠିକାଦାରୀ କାର୍ଯ୍ୟ କରିଥିବା ତଥା ପାରାଦୀପ ସ୍ଥିତ ପୁରାତନ କମଳା ସିନେମା ହଲର ମାଲିକ ବିପିନ ବିହାରୀ ସେନାପତିଙ୍କ ଗତ ଶନିବାର ସକାଳେ ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ କମଳା ସେନାପତି, ପୁତ୍ର ପ୍ରଭଞ୍ଜନ ସେନାପତି, ବିଶ୍ୱରଞ୍ଜନ ସେନାପତି, ପୁତ୍ରବଧୂ ରୋଜାଲିନ ସେନାପତି ଓ ଲିପିକା ଜେନା ସମେତ ଅନ୍ୟ ପରିବାର ସଦସ୍ୟ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ପାରାଦୀପ ରେ ଥିବା ସିନେମା ହଲ ଓ ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା । ତାଙ୍କ ବିୟୋଗରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦରର ପୂର୍ବତନ ଟ୍ରଷ୍ଟି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ,ପୋର୍ଟ ବିଲଡର ଆସୋସିଏସନର ସଭାପତି ଲକ୍ଷ୍ମୀଧର ମହାନ୍ତି, ବଣିକ ସଂଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, ମାଗୁ ଚରଣ ନାୟକ, କୈଳାଶ ମହାରଣା, ଅକ୍ଷୟ ଚନ୍ଦ୍ର ସୁତାର, ରବିନ୍ଦ୍ର କୁମାର ମହାପାତ୍ର, ସୁରେଶ ଦାସ, ରବିନ୍ଦ୍ର ଜେନା, ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

# ରାତି ଅଧରେ ମେସିନ୍ ଦ୍ୱାରା ଚାଲିଛି ମନରେଗା କାର୍ଯ୍ୟ !

ମାଲକାନଗିରି (ଭାସ୍କର ନ୍ୟୁଜ): ମନରେଗା ଯୋଜନାରେ ଲୋକଙ୍କ ବଦଳରେ ମେସିନ୍ କରୁଛି କାର୍ଯ୍ୟ । ଏହି ସରକାରୀ ପାଣ୍ଠିକୁ ଦୁରୁପଯୋଗ କରିବା କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ମୁଖ୍ୟ ସାଧନ ପାଲଟିଛି । ଯାହାକି ମନରେଗା ଆଇନର ମୂଳ ଉଦ୍ଦେଶ୍ୟକୁ ଧ୍ୱଂସ କରିବାରେ ଲାଗିଛି । ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଗମ୍ପାକୋଣ୍ଡା ପଞ୍ଚାୟତ ଏମଭି ୬୬ ନମ୍ବର ଗ୍ରାମର ୩୨୬ ନମ୍ବର ଜାତୀୟ ରାଜପଥର ରାସ୍ତା ପାର୍ଶ୍ୱରେ ମାଟି ରାସ୍ତା କାମରେ । ସୂଚନା ମୁତାବକ ୩୨୬ ନମ୍ବର ଜାତୀୟ ରାଜପଥରୁ ଏମ ଭି ୬୬ ଗ୍ରାମ ରାସ୍ତାର ଉନ୍ନତିକରଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୪,୯୫,୦୦୦ ଟଙ୍କା ବ୍ୟୟ ଅଟକଳ ରେ ରାସ୍ତା କାମ ଚାଲିଥିବାବେଳେ ଏହି କାମ ନିମନ୍ତେ ଶ୍ରମିକ ମଜୁରୀ ବାବଦକୁ ୨ ଲକ୍ଷ ୮୭ ହଜାର ୫୨୮ ଟଙ୍କା ପ୍ରଦାନ କରାଯାଇଛି । ଏଠାରେ ପ୍ରଶ୍ନ ଉଠେ ଯେ କାମ ନ ସରୁଣୁ କିପରି ଅଧିକାରେ ଥିବା ସମସ୍ତ ଶ୍ରମିକ ମଜୁରୀ ପ୍ରଦାନ କରାଯାଇଛି । ମନରେଗାରେ ଯୋଜନାରେ ଶ୍ରମିକଙ୍କ ଦ୍ୱାରା କାମ ହେବା କଥା କିନ୍ତୁ ରାତିଅଧିଆ ମେସିନରେ କାମ କରାଯାଉଛି । ଅଳ୍ପ ପରିମାଣର ମାଟି ପକାଇ କାମ ସାରିଥିବା ଅଭିଯୋଗ ହେଉଛି । ଗ୍ରାମରେ କୌଣସି କାମଧନ୍ଦା ନଥିବାରୁ ସମସ୍ତେ ହାତ ବାନ୍ଧି ବସିଥିବା ବେଳେ ତରବରିଆ ଭାବେ ରାତାରାତି ଠିକାଦାରଙ୍କ ଦ୍ୱାରା ମେସିନରେ କାମ ସାରି ଦିଆଯାଇଛି । ତେବେ ଏନେଇ ସମ୍ପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିବା ବେଳେ ଏ ସଂପର୍କରେ ପଞ୍ଚାୟତ ଏସିଓଙ୍କୁ ଯୋଗାଯୋଗ କରିବାରୁ ସେ ଅସୁସ୍ଥ ଥିବାରୁ ଛୁଟିରେ ଥାଇ ଚିକିତ୍ସିତ ହେଉଥିବା କହିଥିଲେ ।

# ଖୁଡ଼ି କାମୁଡ଼ାରେ ଝିଆରୀ ଓ ଯାଆ ଗୁରୁତର, ଥାନାରେ ମାମଲା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଥାନା ଲୋକେଇଗୋରଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ଆକ୍ରମଣ ହୋଇଥିବା ବେଳେ ପୋଲିସ ପୃଥକ୍ ପୃଥକ୍ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ଲୋକେଇଗୋରଡ଼ା ଗ୍ରାମର ସୁକାନ୍ତ ଚନ୍ଦ୍ର ମହାନ୍ତିଙ୍କ ପତ୍ନୀ ରଶ୍ମିରେଖା ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି, ଗତ ୫ ତାରିଖ ଦିନ ୧୧ଟା ସମୟରେ ବାପଘରୁ ଫେରି ନିଜ ଶାଶୂ ଘରକୁ ପ୍ରବେଶ କରିବା ସମୟରେ ଦେଢ଼ଶୁର ରାଘବାନନ୍ଦ ମହାନ୍ତି, ଯାଆ ଟିକିନାରାଣୀ ମହାନ୍ତି, ପୁତୁରା ବିଭୂ ପ୍ରସାଦ ମହାନ୍ତି, ଝିଆରୀ ଶୁଭସ୍ମିତା ମହାନ୍ତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରି ତଳେ ପକାଇ ଲୁହା ରଡ଼୍‌ରେ ଆକ୍ରମଣ କରିଥିଲେ । ମହିଳାଙ୍କୁ ଟଣା ଓଟରା କରି କିରୋସିନି ଢ଼ାଳି ଜାଳିଦେବା ପାଇଁ ଉଦ୍ୟମ କରିଥିଲେ । ସ୍ଥାନୀୟ ବ୍ୟକ୍ତିମାନେ ମହିଳାଙ୍କୁ ଉଦ୍ଧାର କରିଥିବା ବେଳେ ମହିଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇ ଏ ସଂପର୍କରେ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୨୯୬/୧୧୫(୨)/୭୪/ ୩୫୧(୨)/୩(୫) ଦଫାରେ ମାମଲା ରୁଜୁ କରିଛି । ସେହିପରି ଟିକିନାରାଣୀ ମହାନ୍ତି ଅଭିଯୋଗ କରିଛନ୍ତି, ତାଙ୍କର ଘର କାମ କରୁଥିବା ସମୟରେ ରଶ୍ମିରେଖା ମହାନ୍ତି ବାପଘରୁ ଆସି ୧୦ଟାରେ ଗାଳିମନ୍ଦ କରିଥିଲେ । ଘର ବାରଣ୍ଡାରେ ଥିବା ଧାନ ବସ୍ତାକୁ ପିଙ୍ଗା ଫୋପଡ଼ା କରିଥିଲେ । ଟିକିନାରାଣୀ ପ୍ରତିବାଦ କରିବାରୁ ତାଙ୍କ ହାତକୁ କାମୁଡ଼ି ଦେବା ସଂଗେ ସଂଗେ ତଳେ ପକାଇ ବେକରେ ଛିଡ଼ା ହୋଇ ଯାଇଥିଲେ । ଏହି ସମୟରେ ଟିକିନାରାଣୀଙ୍କ ଝିଅ ମାଆକୁ ରକ୍ଷା କରିବା ସମୟରେ ରଶ୍ମିରେଖା ତାଙ୍କ ଦୁଇ ହାତକୁ କାମୁଡ଼ି ଦେଇଛନ୍ତି । ଘଟଣାରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୧୯୬/୧୧୫(୨)/ ୧୧୮(୧)/୩୫୧ରେ ମାମଲା ରୁଜୁ କରିଛି । ଏହି ଘଟଣାକୁ ମଧ୍ୟ ପୋଲିସ ତଦନ୍ତ କରୁଛି ।

# ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ




ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳୟରେ ବାଳିକା ମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଶିବିରର ଶୁଭାରମ୍ଭ କରି ମହାବିଦ୍ୟାଳୟ ଅଧକ୍ଷା ଡ଼ଃ. ସସ୍ମିତା ଶତପଥି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ । ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ କୁମାରୀ ବିଷ୍ଣୁପ୍ରିୟା ଓ ଦିପ୍ତୀରେଖା ଛାତ୍ରୀ ମାନଙ୍କୁ ଆତ୍ମରକ୍ଷାର କଳା ଓ କୌଶଳ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଏହି ଶିବିରକୁ ଅଧ୍ୟାପିକା ଡ଼ଃ. ନଳିନୀପ୍ରଭା ମହାପାତ୍ର ଓ ପାର୍ବତିଦେବୀ ଦାସ ପରିଚାଳନା କରୁଛନ୍ତି ।

# ଚଇତି ମହୋତ୍ସବରେ ବେଦାନ୍ତ ଆଲୁମିନିୟମ୍‌ର ପ୍ରଦର୍ଶନ ପ୍ରମୁଖ ଆକର୍ଷଣ




ରାୟଗଡ଼ା(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ରାୟଗଡ଼ାରେ ଆୟୋଜିତ ଚଇତି ମହୋତ୍ସବରେ ଅଂଶଗ୍ରହଣ କରିଛି । ୨୦୦୫ ମସିହାରୁ ଆରମ୍ଭ ହୋଇଥିବା ଏହି ବାର୍ଷିକ ସାଂସ୍କୃତିକ ମହୋତ୍ସବ ଆଦିବାସୀ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏକ ଜୀବନ୍ତ ମଞ୍ଚ ଭାବେ କାର୍ଯ୍ୟ କରିଆସୁଛି । କାର୍ଯ୍ୟକ୍ରମରେ ଦେଶର ୫୦୦ରୁ ଅଧିକ କଳାକାର ଅଂଶଗ୍ରହଣ କରିଥିବାବେଳେ ବେଦାନ୍ତ ଆଲୁମିନିୟମର ଷ୍ଟଲ ମୁଖ୍ୟ ଆକର୍ଷଣ ଥିଲା । ଏଥିରେ ସଉରା ଚିତ୍ରକଳା, ଡୋକ୍ରା କଳା, ପାରମ୍ପରିକ ଆଦିବାସୀ କଳା ଏବଂ ହସ୍ତଶିଳ୍ପ ସହିତ ପ୍ରୋଜେକ୍ଟ ସଖୀ ଦ୍ୱାରା ପ୍ରସ୍ତୁତ ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ପ୍ରଦର୍ଶନ ସାମିଲ ଥିଲା । ଦର୍ଶକଙ୍କ ସାମ୍ନାରେ ଅଙ୍କା ଯାଉଥିବା ସଉରା ଚିତ୍ରକଳା ଉପସ୍ଥିତ ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିଲା । ମହୋତ୍ସବକୁ ୨୫ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଆସିଥିବା ବେଳେ ରାୟଗଡ଼ା ବିଧାୟକ କାଡ୍ରାକା ଆଲ୍ଲାପାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟୱାରୀ, ରାୟଗଡ଼ା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା ସାଂସ୍କୃତିକ ସଂରକ୍ଷଣ ପାଇଁ କମ୍ପାନୀର ସମର୍ପଣ ଉପରେ ବକ୍ତବ୍ୟ ରଖି କହିଲେ, ଚଇତି ମହୋତ୍ସବରେ ଆମର ଅଂଶଗ୍ରହଣ ସ୍ଥାନୀୟ କାରିଗରଙ୍କୁ ସମର୍ଥନ କରିବା ଏବଂ ସ୍ଥାନୀୟ କଳାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ବିଧାୟକ କଡ୍ରାକା ଆଲ୍ଲାପାସ୍ୱାମୀ କହିଛନ୍ତି ଯେ ଚଇତି ମହୋତ୍ସବରେ ବେଦାନ୍ତ ଆଲୁମିନିୟମର ଯୋଗଦାନ କେବଳ ସାଂସ୍କୃତିକ ଐତିହ୍ୟ ପ୍ରତି ସେମାନଙ୍କ ସମର୍ପଣକୁ ଦର୍ଶାଏ ନାହିଁ ବରଂ ଆମ ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ଢାଞ୍ଚାକୁ ବୃଦ୍ଧି କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସ୍ଥାନୀୟ କାରିଗରଙ୍କୁ ସମର୍ଥନ କରିବା ଏବଂ ପାରମ୍ପରିକ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କ ପ୍ରୟାସ ପ୍ରଶଂସନୀୟ ।

# ନିଆଳି ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେଙ୍କ ଦ୍ୱାରା ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୩୮ ଜଣ ଅଭିଯୋଗ କରିଥିଲେ । ସେଥିମଧ୍ୟରୁ ୧୨୯ ଜଣ ବ୍ୟକ୍ତିଗତ ଅଭିଯୋଗ କରିଥିବା ବେଳେ ୯ ଜଣ ସାମୁହିକ ଅଭିଯୋଗ କରିଥିଲେ । ଅଭିଯୋଗ ସ୍ଥଳେ ୭୬ ଜଣଙ୍କର ତତ୍‌କ୍ଷଣାତ୍ ସମାଧାନ ହୋଇଥିଲା । ଭିନ୍ନକ୍ଷମ ଭତ୍ତା ୪ ଜଣଙ୍କୁ ଓ ଅନ୍ୟାନ୍ୟ ଭତ୍ତା ୬ ଜଣଙ୍କୁ ଦିଆଯାଇଥିଲା । ସାମୁହିକ ଅଭିଯୋଗରେ ମୁଖ୍ୟତଃ ଅଁଳ ପଞ୍ଚାୟତ ଜଙ୍ଗଲ ଜମିରେ ଜେଇଙ୍କ ଅନୁପସ୍ଥିତିରେ ରାତି ଅଧରେ ଢଳେଇ ପକାଯାଇଥିଲା । ନିଆଳି ବଜାରରେ ଥିବା ନୀଳମଣି ହାଇସ୍କୁଲ ଜାଗାକୁ ଜବରଦଖଲକାରୀଙ୍କଠାରୁ ଉଚ୍ଛେଦ କରିବା, ଛତୁଆ ଟେଣ୍ଡରରେ ଅନିୟମିତତା, ସିଡିପିଓ ସରକାରୀ କାର୍ଯ୍ୟ ସଠିକ ଭାବେ ପରିଚାଳନା ନକରିବା, ଅଙ୍ଗନବାଡ଼ି ୱାର୍କର ନିୟମିତ ତ୍ରୁଟି ନକରିବା ଭଳି ଅଭିଯୋଗ ହୋଇଛି । ଜିଲ୍ଲାପାଳ ନିଆଳି ତହସିଲଦାର ଲେଲିନ ପ୍ରସାଦ ସାହୁଙ୍କୁ ୭ଦିନ ମଧ୍ୟରେ ସ୍କୁଲ ଜବରଦଖଲ ଜାଗାକୁ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜଣଶୁଣାଣି ଶିବିରରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଉପଜିଲ୍ଲାପାଳ ଜ୍ୟୋତି ରଂଜନ ରାୟ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶିବ ନାରାୟଣ ତପୋ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ତହସିଲଦାର ଲିଲନ ପ୍ରସାଦ ସାହୁ, ବିଡ଼ିଓ ଜଗଦୀଶ ଷଡ଼ଙ୍ଗୀ, ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏସ. ନବୀନଙ୍କ ସମେତ ଶିକ୍ଷା, ଜଳ ସମ୍ପଦ, ବିଦ୍ୟୁତ, ପ୍ରାଣୀ ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ରାସ୍ତା ଜବରଦଖଲ କରି ଗୃହ ନିର୍ମାଣ ନେଇ ଉତ୍ତେଜନା



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମି ଓ ରାସ୍ତାକୁ ଜବରଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରିବାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଛି । ସୁକରପଡା ଗ୍ରାମର ସେକ ଜାହେଦ ସ୍ଥାନୀୟ ୯ ନମ୍ବର କେନାଲ ବନ୍ଧ ରାସ୍ତା ଓ ସରକାରୀ ଜମିକୁ ଜବରଦଖଲ କରିଥିବାର ଅଭିଯୋଗ ହୋଇଛି । ସମ୍ପୃକ୍ତ ବ୍ୟକ୍ତି ଏହି ଜମି ଉପରେ ବେଆଇନ ଭାବେ ସ୍ଥାୟୀ ପକ୍କା ଗୃହ ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି । ତେବେ ରାସ୍ତା ଜବରଦଖଲ କରି ଗୃହ ନିର୍ମାଣ କରିବା କାରଣରୁ ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିଥିଲେ । ତେବେ ସମ୍ପୃକ୍ତ ବ୍ୟକ୍ତି ଜଣକ ଲୋକଙ୍କ ପ୍ରତିବାଦକୁ କର୍ଣ୍ଣପାତ ନକରି ଓଲଟି ଲୋକଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିବାର ଅଭିଯୋଗ ହୋଇଛି । ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମରେ ୨ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ଏହି କେନାଲ ବନ୍ଧ ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ସ୍ଥାନୀୟ ୭-୮ଟି ଗ୍ରାମପଂଚାୟତର ଶହ ଶହ ଲୋକେ ଓ ସ୍କୁଲ୍ କଲେଜ ଛାତ୍ର ଛାତ୍ରୀ ଗମନା ଗମନ ନିମନ୍ତେ ନିର୍ଭର କରିଥାନ୍ତି । ରାସ୍ତା ଜବରଦଖଲ କାରଣରୁ ଭବିଷ୍ୟତରେ ଏହି ରାସ୍ତା ଦେଇ ଯାନବାହାନ ସର୍ବୋପରି ଦମକଳ ଗାଡି ଆମ୍ବୁଲାନ୍ସ ଯିବା ନେଇ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି । ଏସମ୍ପର୍କରେ ପୁରଂଶ ଜଳ ସମ୍ପଦ ବିଭାଗ କିମ୍ବା ନିଶ୍ଚିନ୍ତକୋଇଲି ତହସିଲ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ଜବରଦଖଲକୁ ତୁରନ୍ତ ବନ୍ଦ କରାନଗଲେ ଆଗାମୀ ଦିନରେ ଏଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ଏକ ବଡ ଧରଣର ଅଘଟଣ ଘଟିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ତେବେ ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ଉସମାନ ଖାଁ, ସୁଲତାନ ଖାଁ ପ୍ରମୁଖ ଗ୍ରାମବାସୀ ଚରମ ଚେତାବନୀ ଦେଇଛନ୍ତି ।



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍ ): ଉଚ୍ଚନ୍ୟାୟାଳୟର ମାନ୍ୟବର ବିଚାରପତି ଶ୍ରୀ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କ ଯାଜପୁର ଜିଲ୍ଲା ଗ୍ରସ୍ତ ସମୟରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଯାଜପୁର ସଦର ମହକୁମା ଠାରେ ପ୍ରଦାନ କରାଯାଇଛି ଓ ପ୍ରକାଶ ଥାଉକି ଯାଜପୁର ଜିଲ୍ଲା ଦୌରାଜଜ୍ କୋର୍ଟର ନିରୀକ୍ଷଣ କାର୍ଯ୍ୟକ୍ରମରେ ଜଷ୍ଟିସ ସିହ୍ନା ଆସିଥିବା ବେଳେ ଚଣ୍ଡିଖୋଲ ବାର ଆସୋସିଏସନର ସଭାପତି ଶ୍ରୀ ଦେବରାଜ ବେହେରା ଓ ସମ୍ପାଦକ ଶ୍ରୀ ପ୍ରକାଶ କୁମାର ଦାଶ ସମେତ ବହୁ ଆଇନଜୀବୀ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ଓ ଏହି ଅବସରରେ ବାର ଆସୋସିଏସନ ପକ୍ଷରୁ ଚଣ୍ଡିଖୋଲରେ ଆସନ୍ତା ଜାନୁଆରୀ ୮ ତାରିଖରେ ଖୋଲିବା ପାଇଁ ଥିବା ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି।

# ଶୀତରେ ଥରୁଛି କେନ୍ଦୁଝର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଗତ ଏକ ସପ୍ତାହ ହେବ ପ୍ରବଳ ଶୀତ ଲହରୀ ଜାରି ରହିଛି । ଚଳିତ ଶୀତ ଋତୁରେ ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ସମଗ୍ର କେନ୍ଦୁଝର ଜିଲ୍ଲାରେ ଥଣ୍ଡାର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ସ୍ୱାଭାବିକ ଠାରୁ ୩ ରୁ ୫ ଡିଗ୍ରୀ କମିଛି ପାରଦ । ଲୋକେ ସକାଳୁ ଓ ସଂଧ୍ୟାରେ ଘରୁ ଗୋଡ କାଢିବା କଷ୍ଟସାଧ ହୋଇପଡୁଛି । ବିଭିନ୍ନ ସ୍ଥାନରେ ପିଲାଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ନିଆଁ ଲଗାଇ ବସିଥିବା ଦେଖିବାକୁ ମିଳୁଛି। ଆସନ୍ତା ଦିନେ ଦୁଇ ଦିନ ମଧରେ ଶୀତର ପ୍ରକୋପ କମିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୁର୍ବାନୁମାନ କରିଛି । ଛାତିଥରା ଶୀତରେ ଜିଲ୍ଲାର ବଣପାହଡ ଅଞ୍ଚଳରେ ବସବାସ କରୁଥିବା ବନବାସୀ ଶୀତଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଲଗାଇ ରାତ୍ରୀଯାପନ କରୁଛନ୍ତି । କେନ୍ଦୁଝରରେ ଡିସେମ୍ବର ମାସ ଶେଷ ସପ୍ତାହରେ ଶୀତ ଅନୁଭୂତ ହୋଇଥିଲା । ଏବେ ପୁଣି ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ପ୍ରବଳ ଶୀତ ଅନୁଭୂତ ହେଉଛି । କେନ୍ଦୁଝରଠାରେ ଥିବା କେନ୍ଦ୍ରୀୟ ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜାନୁୟାରୀ ମାସ ୧ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୫.୨ ଡିଗ୍ରୀ ସେଲସିୟସ,୨ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୬.୬ ଡିଗ୍ରୀ ସେଲସିୟସ,୩ ତାରିଖରେ ୧୪.୬ ଡିଗ୍ରୀ ସେଲସିୟସ,୪ ତାରିଖରେ ତାପମାତ୍ରା ୧୪.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଲୋକମାନେ ଶୀତ କାରଣରୁ ସକାଳ ୯ଟା ପରେ ଘରୁ ବାହାରୁଛନ୍ତି । ଥଣ୍ଡା ସମୟରେ ଘରେ ରହିବା ସହିତ ଅତି ଆବଶ୍ୟକ ନଥିଲେ ଘରୁ ନ ବାହାରିବା ପାଇଁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି। ସାଧାରଣ ଲୋକେ ପ୍ରବଳ ଶୀତ ଯୋଗୁଁ କଷ୍ଟ ପାଉଥିବାବେଳେ ବାସହୀନ ଲୋକଙ୍କର ଅବସ୍ଥା ବହୁଗୁଣିତ ହୋଇଛି । କୋହଲା ପବନ ସାଙ୍ଗକୁ ଶୀତର ପ୍ରକୋପ ଲୋକଙ୍କ ପାଇଁ କଷ୍ଟକର ହୋଇପଡି ଥିବାବେଳେ ଏଥିରୁ କେବେ ମୁକ୍ତି ମିଳିବ ସଠିକ୍ ତଥ୍ୟ ମିଳି ପାରିନାହିଁ । କି ଧନୀ, କି ଦରିଦ୍ର ସମସ୍ତଙ୍କ ପାଇଁ ଏବେ ସାହାରା ହୋଇଛି ନିଆଁ ଓ ଶୀତ ବସ୍ତ୍ର । ସଂଧ୍ୟା ୫ଟା ପରେ ସହର ବଜାର ଖାଁ ଖାଁ ହୋଇପଡୁ ଥିବାବେଳେ ସକାଳ ୯ ଟା ପର୍ଯ୍ୟନ୍ତ ଶୀତ ଛାଡୁନଥିବା ଯୋଗୁଁ ଲୋକେ ଶୀତବସ୍ତ୍ର ଘୋଡାଇ ହୋଇ ନିଜର ଦୈନନ୍ଦିନ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି । କେନ୍ଦୁଝରରେ ପାରଦ ଖସୁଥିବାବେଳେ ଆଭ୍ୟନ୍ତରୀଣ ଅଞ୍ଚଳ ବାଂଶପାଳ, କାଞ୍ଜିପାଣି ଘାଟି, ଖଣ୍ଡାଧାର, ଯୋଡା, ବଡବିଲ, କିରିବୁରୁ ଆଦି ଅଞ୍ଚଳରେ ତାପମାତ୍ରା ଆହୁରି ତଳକୁ ଖସିଛି ।

# ବାବାଙ୍କୁ ମୁଣ୍ଡିଆ ମାରି, ମନ୍ଦିରରୁ ଲୁଟ୍

ଭଂଜନଗର, (ଭାସ୍କର ନ୍ୟୁଜ୍ ) : ଜଣେ ବ୍ୟକ୍ତି ମୁଣ୍ଡିଆ ମାରିଲା, ବାବାଙ୍କ ଦେହରୁ ସବୁ ଗହଣା ଖୋଲି ନେଲା । ଦୁଇ ସହଯୋଗୀଙ୍କ ସହ ମନ୍ଦିରର ମୂଲ୍ୟବାନ ଜିନିଷ ଲୁଟିନେଇ, କଳାକନା ବୁଲାଇଦେଲା । ଏମିତି କିଛି ଦୃଶ୍ୟ, ଭଂଜନଗର ସିରିଡ଼ି ସାଇ ବାବାଙ୍କ ମନ୍ଦିରରେ ଦେଖିବାକୁ ମିଳିଥିଲା । ୩ ଜଣ ଚୋରଙ୍କ ମଧ୍ୟରୁ ଜଣେ ଚୋର, ବାବାଙ୍କ ଆସ୍ଥାନ ଉପରକୁ ଚଢିବା ପୂର୍ବରୁ, ପ୍ରଥମେ ମୁଣ୍ଡିଆ ମାରିଲା, ତା’ପରେ ଗୋଟିଏ ପରେ ଗୋଟିଏ ଅଳଙ୍କାର ଚୋରି କରିବା ଆରମ୍ଭ କରିଥିଲା । ଏମିତି ଭାବରେ ମନ୍ଦିର ଭିତରେ ବିଳମ୍ବିତ ରାତିରେ ପଶି, ପ୍ରାୟ ୫୦ ଲକ୍ଷ ଟଙ୍କା ମୂଲ୍ୟର ସୁନା, ରୂପା ଏବଂ ନଗଦ ଟଙ୍କା, ମିଳିମିଶି ଚୋରିକରି ନେଇଗଲେ, ସଂପୃକ୍ତ ଦୁର୍ବୃତ୍ତ ମାନେ। ଖାଲି ସେତିକି ନୁହେଁ, ମନ୍ଦିର ହତା ଭିତରକୁ ଏକ ବଡ଼ ନିଶୁଣି ଧରି ଆସିଥିଲେ ସଂପୃକ୍ତ ଦୁର୍ବୃତ୍ତ ମାନେ। ନିଶୁଣି ସାହାଯ୍ୟରେ ସାଇବାବାଙ୍କ ମନ୍ଦିର ଭିତରେ ପଶିଥିଲେ । ଏହା ବ୍ୟତୀତ ଆଉ ଏକ ଚିତ୍ର ନଜରକୁ ଆସିଛି । ଜଣେ ମହିଳା ବେଶଧାରୀ ଲୁଟେରା ମଧ୍ୟ ସାଥିରେ ରହିଥିଲା । ଦେଖିବାକୁ ବଡ଼ ଅଜବ ମନେହେଉଛ, ଚୋରି ସମୟର ଏହି ଭିଡ଼ିଓ ଫୁଟେଜ୍ । ପ୍ରକୃତରେ ଦୁଇ ଚୋରଙ୍କ ସହିତ, ଜଣେ ଚୋରଣୀ ମଧ୍ୟ ଆସିଥିଲା, ନା’ ଚୋର ଜଣକ ମହିଳା ବେଶ ଧାରଣ କରିଥିଲା । ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସ ତଦନ୍ତ




ଜାରି ରଖିଛି । କିଛି ସନ୍ଦିଗ୍ଧଙ୍କୁ ନିଜ ସ୍କାନର୍‌ରେ ରଖିଛି ପୋଲିସ୍ । ଘଟଣାକୁ ଦୁଇଦିନ ବିତି ଯାଇଛି । ପୁଲିସ୍ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇନାହିଁ । ଜଣାପଡୁଛି, ଏକ୍ଷେତ୍ରରେ ପୋଲିସ ଅତିଶୀଘ୍ର ପର୍ଦ୍ଦାଫାଶ କରିପାରେ । ତେବେ ଏହି ଘଟଣାକୁ ନେଇ ସହର ସାରା ଚର୍ଚ୍ଚା ହେଉଛି, ସାଇବାବାଙ୍କୁ ମୁଣ୍ଡିଆ ମାରି ତାଙ୍କର ସବୁ ଚୋରିକରି ନେଇଥିବା ଚୋରଙ୍କୁ ଭଗବାନ ସହାୟ ହେଉଛନ୍ତି, ନା’ ଚୋରଙ୍କୁ ଧରା ପକାଉଛନ୍ତି ।

# କେନ୍ଦ୍ରୀୟ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମୁଦ୍ରା ପ୍ରଦର୍ଶନୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିରେ ସିଏମ୍‌ପି ପ୍ରକୋଷ୍ଠରେ ମୁଦ୍ରା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଡ଼ କୈଳାଶ ମୀନାଙ୍କ ଅଧକ୍ଷତାରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଓ.ଏସ.ଏ.ପି, ମାଲକାନଗିରିରେ କାର୍ଯ୍ୟରତ ଶ୍ରୀ ମିତେଶ ରଞ୍ଜନ ସାହୁ ୨୯୫ଟି ବିଭିନ୍ନ ଦେଶର ପ୍ରାଚୀନ ମୁଦ୍ରା, ସ୍ପେସିମେନ କଏନ, ଜୟନ୍ତୀ ସ୍ମାରକୀ ମୁଦ୍ରା, ବ୍ୟାଙ୍କ ଟୋକନ ଆଦି ବ୍ୟକ୍ତିଗତ ସଂଗ୍ରହର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏବଂ ଅଭିଭାବକଙ୍କ ପାଇଁ ଏହି ପ୍ରଦର୍ଶନୀ ଆୟୋଜିତ ହେଇଥିଲା। ଏହି ପ୍ରଦର୍ଶନୀ ଦ୍ୱାରା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଦେଶର ମୁଦ୍ରା ଏବଂ ବିନିଯୋଗ ବ୍ୟବସ୍ଥାର ଜ୍ଞାନ ଅଭିବୃଦ୍ଧି ହୋଇଥିଲା। ଏହି ପ୍ରଦର୍ଶନୀରେ ସ୍ଥାନୀୟ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଡ଼ ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ ଯେ, ମିତେଶ ରଞ୍ଜନ ସାହୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ପ୍ରଦର୍ଶନୀ, ସରକାରୀ ଅନୁଷ୍ଠାନରେ ନିଜର ସଂଗ୍ରହର ପ୍ରଦର୍ଶନୀ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟାପକ ରାମବୀର ସିଂ, ଅମିତ ଦାସ, ଅଶୋକ କୁମାର, ଆଦିତ୍ୟ କୁମାର ରାୟ ଏବଂ ପ୍ରାଥମିକ ଶିକ୍ଷକ ବୃନ୍ଦ ଏହି କାର୍ଯ୍ୟକ୍ରମକୁ ସଫଳ ହେବାରେ ସହଯୋଗ କରିଥିଲେ।

# ଦୃଷ୍ଟିହୀନ ଓ ଭିନ୍ନକ୍ଷମଙ୍କୁ ଶୀତବସ୍ତ୍ର ପ୍ରଦାନ





କଣିହାଁ, (ଭାସ୍କର ନ୍ୟୁଜ୍ ) : କଣିହାଁ ବ୍ଲକ୍ ତାଳଚେର ପ୍ରଜା ମଣ୍ଡଳ ଭବନ ପରିସରରେ ଠାରେ ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ଆନୁକୂଲ୍ୟରେ ୫୧ତମ ବାର୍ଷିକ ଶୀତବସ୍ତ୍ର ବଣ୍ଟନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସୁଧାକର ପ୍ରଧାନଙ୍କ ଅଧକ୍ଷତା କରିଥିଲେ। ଏନ୍‌ଟିପସି ପ୍ରକଳ୍ପ ମୁଖ୍ୟ ଅଶୋକ କୁମାର ଶେହେଗଲ୍, ଏନ୍‌ଟିପିସି ଅତିରିକ୍ତ ମହାପ୍ରବନ୍ଧକ (ମାନବ ସମ୍ବଳ)ମୁଖ୍ୟ ଅଧିକାରୀଣୀ ସୁଜିତା ରଥ, ଏଚ୍.ଆର୍, ବିଭାଗ ବରିଷ୍ଠ ପ୍ରବନ୍ଧକ ଅଧିକାରୀ ଜିତେନ୍ଦ୍ର କୁମାର, ଅବସରପ୍ରାପ୍ତ ଇଂଜିନିୟର୍ ଧନେଶ୍ୱର ସାହୁ, ପ୍ରାକ୍ତନ କଣିହାଁ ବ୍ଲକ୍ ଅଧକ୍ଷା ମଂଜୁଲତା ପ୍ରଧାନ, ସମିତି ସମ୍ପାଦକ କାଳନ୍ଦୀ ଚରଣ ପ୍ରଧାନ ପ୍ରମୁଖ ଅତିଥି ଭାବରେ ମଂଚାସୀନ ହୋଇଥିଲେ। ସମିତି ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରି ସଭାପତି ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ ଯେ, ସନ୍ ୧୯୭୩ ମସିହାରେ ଜନୈକ ଦୃଷ୍ଟିହୀନ ଭିନ୍ନକ୍ଷମ ବ୍ୟକ୍ତି ଭିକ୍ଷାବୃତ୍ତି କରି କଣିହାଁ ସରକାରୀ ଡାକ୍ତରଖାନା ପରିସରରେ ରାତ୍ରି ଯାପନ କରି ଆସୁଥିବା ବେଳେ ଅତ୍ୟନ୍ତ ଶୀତ ପ୍ରକୋପରେ ତାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମର୍ମାହତ ହୋଇ ସ୍ୱର୍ଗତ କପିଳେଶ୍ୱର ପ୍ରଧାନ ଏଭଳି ନିଃସହାୟଙ୍କୁ ସହାୟତା କରିବା ପାଇଁ ପଣ କରିଥିଲେ। ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ସ୍ୱର୍ଗତ ପ୍ରଧାନ ସନ୍ ୧୯୭୪ରେ ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ଗଠନ କରି ଅନ୍ଧ ଓ ଭିନ୍ନକ୍ଷମମାନଙ୍କୁ ପ୍ରତିବର୍ଷ ଶୀତବସ୍ତ୍ର ପ୍ରଦାନ କରିଥିଲେ। ଦୀର୍ଘ ୫୧ବର୍ଷ ହେବ ନିରବଚ୍ଛିନ୍ନ ଭାବରେ ଏହି ମହତ କାର୍ଯ୍ୟ ଏଯାବତ୍ ବଜାୟ ରହିଛି। ଜାନୁଆରୀ ମାସ ପ୍ରଥମ ରବିବାର ଏଭଳି ସାମାଜିକ କାର୍ଯ୍ୟକ୍ରମ ଚାଲିଆସୁଛି ବୋଲି ସଭାପତି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ । ଏହି ବିତରଣ ଉତ୍ସବରେ ପ୍ରାୟ ୮ଶହ ୩୦ଜଣ ଦୃଷ୍ଟିହୀନ ଓ ଭିନ୍ନକ୍ଷମ ପୁରଷ, ମହିଳା ପଞ୍ଜିକୃତ ହୋଇଥିବା ବେଳେ ସେମାନଙ୍କୁ ଶୀତବସ୍ତ୍ର, ଲୁଗା, ଗାମୁଛା ଓ ଶାଡୀ ବଣ୍ଟନ କରାଯାଇଥିଲା । ସମସ୍ତ ଦୃଷ୍ଟିହୀନ ମାନଙ୍କୁ ଆଶାବାଡି ପ୍ରଦାନ କରାଯାଇଥିଲା। ଦୃଷ୍ଟିହୀନ କଲ୍ୟାଣ ସମିତି ସମ୍ପାଦକ ଶ୍ରୀ ପ୍ରଧାନ ସମ୍ପାଦକୀୟ ବିବରଣି ପାଠ କରିଥିବା ବେଳେ ଦେବଦତ୍ତ ପ୍ରସାଦ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ । ପଥରମୁଣ୍ଡାର ଅବସରପ୍ରାପ୍ତ ଶିକ୍ଷକ ବିନୋଦ ସାହୁ ଭିନ୍ନକ୍ଷମ ମାନଙ୍କୁ ରାତ୍ରି ଭୋଜନ ଏବଂ ସକାଳ ଟିଫିନ୍ ବ୍ୟବସ୍ଥା ଟାକୁଆ ଗ୍ରାମର ଶିକ୍ଷୟତ୍ରୀ ସୁଲୋଚନା ପ୍ରଧାନ କରିଥିଲେ । ବଡଗୁଣ୍ଡୁରି ଗ୍ରାମର ଗଗନ ପଟ୍ଟନାୟକ କମ୍ବଳ ପ୍ରଦାନ ନିମନ୍ତେ ସହଯୋଗ ହାତବଢାଇଥିଲେ । ଏନ୍‌ଟିପିସିର ପଣ୍ଡା ଟି ଷ୍ଟଲ୍‌ର ମାଲିକ ସତ୍ୟାନନ୍ଦ ପଣ୍ଡା ଚା ଓ ବିସ୍କୁଟ୍ ପ୍ରତିବର୍ଷ ଭଳି ଚଳିତବର୍ଷ ମାଗଣାରେ ପ୍ରଦାନ କରିଥିଲେ । ରୋଷେଇ ପ୍ରସ୍ତୁତିରେ ଦାୟିତ୍ୱ ଟାକୁଆ, ସାରଥିପାଳ, ଟୋଲେକବେଡା, ତେଲିସିଂହା ସମେତ ସ୍ଥାନୀୟ ଗ୍ରାମବାସୀ ତୁଲାଇଥିଲେ । ସମିତିର ଏଭଳି ଜନକଲ୍ୟାଣ କାର୍ଯ୍ୟରେ ଅଞ୍ଚଳର ଏନ୍‌ଟିପିସି ଶିଳ୍ପ ସଂସ୍ଥା ପକ୍ଷରୁ ସିଏସ୍‌ଆର ସାମାଜିକ ଉତ୍‌ଥାନ କାର୍ଯ୍ୟକ୍ରମ ଓ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅଞ୍ଚଳର ବଦାନ୍ୟ ବ୍ୟକ୍ତିମାନେ ଆର୍ଥିକ ସହଯୋଗ କରିଥିବା ପ୍ରକାଶ। ପ୍ରାରମ୍ଭରେ ଅତିଥି ମାନଙ୍କ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ପରିସରରେ ଥିବା ଗୋପବନ୍ଧୁ ବାବୁ ଏବଂ ପ୍ରଜାମଣ୍ଡଳ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ।

# ପାଲାବାୟକ ପ୍ରସନ୍ନଙ୍କୁ କଳାରତ୍ନ ସମ୍ମାନ




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସ୍ଥାନୀୟ ସଂସ୍କୃତି ଭବନ ଠାରେ ଓଡିଶା ବନୌଷଧି ବିଶେଷଜ୍ଞ ମହାସଂଘର ଦ୍ୱାଦଶ ବର୍ଷ ୨୦୨୫ ମସିହା ବାର୍ଷିକ ବୈଦ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ଗ୍ରାମର ପାଲା ବାୟକ ପ୍ରସନ୍ନ କୁମାର ଦାସଙ୍କୁ ମୁଖ୍ୟ ଅତିଥି ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ କଳାରତ୍ନ ଉପାଧିରେ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସହିତ ତାଙ୍କର ଦକ୍ଷତା ପାଇଁ ପ୍ରଶଂସିତ କରି ଉତ୍ତୋରୀୟ ଓ ପୁଷ୍ପଗୁଚ୍ଛ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ରାଜ୍ୟ ବନୌଷଧୀ ବିଶେଷଜ୍ଞ ମହାସଂଘ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବାରୁ ଶ୍ରୀ ଦାସ ଖୁସି ପ୍ରକଟ କରିବା ସହ ଆଗକୁ ଏପରି କାର୍ଯ୍ୟ ଜାରି ରଖିବାକୁ ମତପ୍ରକାଶ କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



କନ୍ଧମାଳ/ବାଲିଗୁଡ. (ଭାସ୍କର ନ୍ୟୁଜ) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ ତମ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମେ ସମସ୍ତ ନିମନ୍ତ୍ରିତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସଂଗୀତ ସହ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ତୀର୍ଥବାସୀ ଘଡାଇ ବାର୍ଷିକୀ ବିବରଣୀ ପଠନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ବିଜେପି ସଭାପତି ଜଗନ୍ନାଥ ସାହୁ, କନ୍ଧମାଳ ସାଂସଦଙ୍କ ବାଲିଗୁଡା ବ୍ଲକ ପ୍ରତିନିଧି ରଞ୍ଜିତ କୁମାର ସାହୁ, ଆଦିକନ୍ଧ ପଟ୍ଟନାୟକ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିଷଦ ସାଂସଦ ପ୍ରତିନିଧି ଯୋଗଦେଇଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅତି ସୁନ୍ଦର ଉପଦେଶ ଦେଇଥିବା ଦେଖିବାକୁ ମିଳିଛି । ଏହାପରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ୩୬ତମ ବାର୍ଷିକୀ ଉତ୍ସବ ପାଳନକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିଚାଳନା କମିଟି, ଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ବେସ୍ ଆନନ୍ଦ ଉତ୍ସାହ ଦେଖିବାକୁ ମିଳିଛି।

# କୁକୁର ଆକ୍ରମଣରେ ହରିଣ ମୃତ୍ୟୁ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଇନାୟିତପୁରର ରୁ ନାସିକେଶର ମୁଖ୍ୟ ରାସ୍ତାରେ କୁକୁର ଆକ୍ରମଣରେ ଏକ ହରିଣ ମୃତ୍ୟୁ ଘଟିଥିବା ସୂଚନା। ଏକ ହରିଣ ଇନାୟିତପୁରରୁ ନାସିକେଶର ବୁଲାବୁଲି କରୁଥିଲା। ଆହତ ଅବସ୍ଥାରେ ଉକ୍ତ ହରିଣକୁ ବନ ବିଭାଗ କର୍ମଚାରୀ ଅସ୍ତରଙ୍ଗ ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ଅସ୍ତରଙ୍ଗ ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତ ହରିଣର ଶବ ବ୍ୟବଚ୍ଛେଦ କରାଯାଇଥିଲା। ମୃତ ହରିଣ ଅଣ୍ଡିରା ହୋଇଥିବା ବେଳେ ତାର ବୟସ ଆନୁମାନିକ ୪ବର୍ଷ ହୋଇଥିବା ଜଣାପଡୁଛି। ଏ ନେଇ ପୁରୀ ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି ଆମ ପାଖରେ ଯାହା ସୂଚନା ଅଛି କୁକୁର କାମୁଡିଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ଜଣାପଡିବ। କିନ୍ତୁ ଉକ୍ତ ହରିଣ କିପରି ମୃତ୍ୟୁ ହେଲା କୁକୁର କାମୁଡାରେ ନା ଅନ୍ୟ କିପରି ତାହା ପ୍ରଶ୍ନବାଚୀ ଯାହାକି ସ୍ପଷ୍ଟ ତଥ୍ୟ ମିଳିପାରିନାହିଁ ହରିଣ ମୃତ୍ୟୁ କିପରି ହେଲା। ସୂଚନା ପ୍ରକାଶ ଥାଉକି କିଛି ମାସ ହେଲାଣି ଜଙ୍ଗଲ ବିଭିନ୍ନ ସ୍ଥାନରେ ନଷ୍ଟ ହେବାରୁ ବହୁଳ ପରିମାଣ ଜଙ୍ଗଲ କଟା ହେବାରୁ ହରିଣ ତଥା ଅନ୍ୟ ଜୀବ ଜନ୍ତୁ ମାନେ ବିଭିନ୍ନ ଗ୍ରାମ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲ ପାଖରେ ବୁଲାବୁଲି କରୁଛନ୍ତି। ଏହି ସମୟରେ କୁକୁରଙ୍କ ଆକ୍ରମଣରେ ସେମାନଙ୍କ ମୃତ୍ୟୁ ହେଉଛି। ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି।

# ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଶିକ୍ଷା ବିଭାଗ ସର୍କଲ ଅଧିନ ପାଳପାଟଣା ରାମଚଣ୍ଡୀ ନୋଡ଼ାଲ ହାଇସ୍କୁଲ୍ ବିଦ୍ୟାଳୟ ପରିସରରେ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସାଥିରେ ନେଇ, ଏହି ବିଦ୍ୟାଳୟର ୧୯୯୫ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ସାହୁ ବନ୍ଧୁମିଳନ ଉତ୍ସବର ସଭାପତିତ୍ୱ ଦାୟିତ୍ୱ ନିର୍ବାହ କରିଥିବା ବେଳେ, ଉପସ୍ଥିତ ବରଣ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ସଭିଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଆଲୋକପାତ କରିବା ସହିତ ସମାଜର ମଙ୍ଗଳ ଦିଗରେ ନିଜକୁ କେମିତି ସମର୍ପିତ କରି ପାରିବା ସେ ଦିଗରେ ଭାବ ଆଦାନ ପ୍ରଦାନ କରିଥିଲେ। ପୁରାତନ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ରମେଶ ସାହୁ, ଶ୍ରୀକାନ୍ତ ମହାନ୍ତି, ସୁବ୍ରତ ପ୍ରଧାନ, ଅଜିତ ବାଇ, ସଞ୍ଜୟ ମହାନ୍ତି, ଗୌତମ ଦାସ, ନିଶି ରଞ୍ଜନ ଦାସ, ନାରାୟଣ ସେଠୀ, ଶଙ୍କର୍ଷଣ ଦାସ, ନଳୀନ ପ୍ରଭା ରାଉତ, ଗୀତାଞ୍ଜଳି ପଣ୍ଡା, ମିନତୀ ନାୟକ, ଜୟଶ୍ରୀ ବେହେରା ଓ ମମତା ସାହୁ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏକାଠି ହୋଇଥିବା ବେଳେ ସେହିପରି ଶିକ୍ଷକ ଶଶିକାନ୍ତ ଦାସ, ଗଣେଶ ପ୍ରସାଦ ମହାନ୍ତି, ବିଜୟ ସାହୁ, ପତିତପାବନ ପଣ୍ଡା, ସ୍ଥାନୀୟ ମାଇନର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚକ୍ରଧର ଦାଶ, ବଂଶୀଧର ଦାଶ ସହିତ ବରିଷ୍ଠ କିରାଣୀ ପ୍ରସନ୍ନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଭିନ୍ନ ସମାଜ କଲ୍ୟାଣକାରି ବିଷୟ ଉପରେ ନାନା ଆଲୋଚନା କରିଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କର୍ମଶାଳା




ଗୁଣୁପୁର, (ଭାସ୍କର ନ୍ୟୁଜ) : ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ‘ସେକ୍ୟୁର ଆଟୋମେସନ ଇନ୍ ରିବୋଟିକ୍ସ ଥ୍ରୋ ମେସିନ ଲର୍ଣ୍ଣିଂ’ ସଂପର୍କିତ ଏକ ସପ୍ତାହ ୬ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ହାଇଦ୍ରାବାଦ ସ୍ଥିତ ଆଇଆଇଟି ତିହାନ ସହଯୋଗରେ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ ଇଂଜିନିୟରିଂ ଏବଂ କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ଆଇଜି ଡ୍ରନସ୍‌ର ଟିମ ଲିଡ୍ ମେନୁଫେକଚର ଶ୍ରୀ ରୋଷନ୍ ସାହୁ ଯୋଗ ଦେଇ ଡ୍ରନର ଆବଶ୍ୟକତା ବିଷୟରେ କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ଏହି ଭଳି ଦକ୍ଷତା ବିକାଶ ଶିବିର ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବା ସହ ଦୈନନ୍ଦିନ ଜୀବନରେ ଏହାକୁ ଉପଯୋଗ କରି ସମାଜର ଉନ୍ନତି ପାଇଁ ଆଗକୁ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ କୁଳପତି ଡ. ଏଭିଏନଏଲ ଶର୍ମା ଯୋଗ ଦେଇ ମେସିନ୍ ଲର୍ଣ୍ଣିଂ ବିଷୟରେ କହିବା ସହ ଭବିଷ୍ୟତରେ ଏହାର ଆବଶ୍ୟକତା ବିଷୟରେ କହିଥିଲେ। ରେଜିଷ୍ଟ୍ରାର ଡ ଏନଭିଜେ ରାଓ ଯୋଗ ଦେଇ ଏହି କର୍ମଶାଳା ବିଷୟରେ କହିଥିଲେ। କର୍ମଶାଳାର ଆବାହକ ଡ ରାଧାନାଥ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଆବାହକ ଡ ରଘବେନ୍ଦ୍ର କୁମାର ଧନ୍ୟବାଦ୍ ଅର୍ପଣ କରିଥିଲେ। ଛାତ୍ରୀ ପ୍ରିତୀ ମୋଦକ୍ ମଞ୍ଚ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଭୁବନେଶ୍ୱରର ଡ୍ରନ ଡେଭେଲପ ଇଞ୍ଜିନିୟର ସତ୍ୟଜିତ ସାଇ ପରଗ୍ ତାଲିମ ପ୍ରଦାନ କରିବେ। ଏହି କର୍ମଶାଳାରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ ଇଂଜିନିୟରିଂର ବିଭାଗୀୟ ମୁଖ୍ୟ ଡ ବିଭୁ ପ୍ରସାଦ, କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂ ବିଭାଗର ଡେପୁଟି ଡିନ ଡ କେ. ମୁରଲୀ ଗୋପାଳ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ନିମ୍ନମାନର ରାସ୍ତା କାମ ପାଇଁ ଅସନ୍ତୋଷ ଜନସାଧାରଣ



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଲୋକଙ୍କ ଗମନାଗମନ ସୁବ୍ୟବସ୍ଥା ପାଇଁ ଦ୍ରୁତଗତିରେ ଚାଲିଛି ରାସ୍ତାଘାଟର ବିକାଶ। ବିକାଶ ନାମରେ ନିର୍ମାଣ ହେଉଛି ନୂଆ ରାସ୍ତାଘାଟ। ରାସ୍ତା ନିର୍ମାଣ କାମରେ ତଡ଼ା ହେଉଛି ଗଛମୂଳ ମାଟି ଓ ଖୋଳା ହେଉଛି କେନାଲ ବନ୍ଧ । ଫଳରେ ଗଛ ଟଳି ପଡୁଛି । ଯାହାର ସିଧାସଳଖ ପ୍ରଭାବ ପଡ଼ିଛି ଏହି ଅଞ୍ଚଳର ଚାଷ ଜମି ଓ ପରିବେଶ ଉପରେ । ନଦୀ ନାଳ ବଣ ଜଙ୍ଗଲ ଘେରା ଏହି ଅଞ୍ଚଳ ହୋଇଥିଲେ ହେଁ ଉପରୋକ୍ତ କାରଣରୁ କ୍ରମଶଃ ଗଛ ସଂଖ୍ୟା କମି ପ୍ରତିକୂଳ ପ୍ରଭାବରେ ଜଳବାୟୁ ବିଭିନ୍ନ ତାପମାତ୍ରାରେ ପରିବର୍ତ୍ତନ ଘଟୁଛି। ଏ ନେଇ ବନ ବିଭାଗ ପକ୍ଷରୁ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରିବେଶବିତ୍ ବିଭୂତି ମହାପାତ୍ର କହିଛନ୍ତି, ପଟ୍ଟାମୁଣ୍ଡାଇ କେନାଲକୁ ସଂଯୋଗ କରିଥିବା ଗୋବରୀ ସମ୍ପ୍ରସାରିତ କେନାଲର ଦକ୍ଷିଣ ପାର୍ଶ୍ୱ ବନ୍ଧ କଖାରୁଣୀ ପୋଲ ପାଖରୁ ଗଣ୍ଡାକିଆ ପର୍ଯ୍ୟନ୍ତ ରାସ୍ତା ନବୀକରଣ କାମ ଚାଲୁ ରହିଛି । ଏଥି ନିମନ୍ତେ ଜଳସମ୍ପଦ ବିଭାଗ ପକ୍ଷରୁ ପାଖାପାଖି ୯ କୋଟି ଟଙ୍କା ବ୍ୟୟ ବରାଦ ହୋଇ ଟେଣ୍ଡର ମାଧମରେ ଠିକାଦାର ନିଯୁକ୍ତ ହୋଇ କାର୍ଯ୍ୟ ଆରମ୍ଭ କରାଯାଇଛି। ୟୁକାଲିପଟାସ, ବର, ଚାକୁଣ୍ଡା, ଆମ୍ବ, ଓଡ୍ର ଭଳି ବହୁ ବଡ଼ ବଡ଼ ଗଛ ରହିଛି। ହେଲେ ଠିକାଦାର ରାସ୍ତା କାମରେ ଲାଗୁଥିବା ମାଟିକୁ ଗଛ ମୂଳରୁ ତାଡ଼ି ନେଇଥିବାରୁ ବହୁଗଛ ଟଳି ପଡୁଛି। ଫଳରେ ଉକ୍ତ ଗଛକୁ କାମରେ ନିୟୋଜିତ ଲୋକେ କାଟି ନେଇ ବିକ୍ରି କରି ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମାତ୍ର ଗଛଟିଏ ଲଗାଇବା ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ହେଲେ ଗଛ କାଟି ରାସ୍ତା ତିଆରି କରାଯାଉଛି । ଏହାକୁ ନେଇ କେବଳ ବାଟୋଇ ନୁହନ୍ତି ଅଞ୍ଚଳବାସୀ ବି ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରୁ ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଚାଷୀ ସୁଶାନ୍ତ ସାମଲ, କାଳନ୍ଦୀ ସାମଲ କହିଛନ୍ତି, ଜଳ ସମ୍ପଦ ବିଭାଗର ମଧୁଚନ୍ଦ୍ରିକା ନୀତି ପାଇଁ ଠିକାଦାର କେନାଲ ବନ୍ଧକୁ ହାଣି ସେହି ମାଟିକୁ ରାସ୍ତା ନିର୍ମାଣରେ ଲଗାଇ ଚାଲିଛନ୍ତି। ଫଳରେ କେନାଲରେ ପାଣି ଆସିଲେ ବନ୍ଧ ଭାଙ୍ଗି ଯାଇପାରେ ବୋଲି ସନ୍ଦେହ ସୃଷ୍ଟି ହେଉଛି। ଯଦି କେନାଲ ପୋତି ହୁଏ ତେବେ ଆଗାମୀ ଦିନରେ ଉଠିକଣ ରେଡ଼ାକୁ ଜଳସେଚନରେ ବାଧା ସୃଷ୍ଟି ହେବା ସହ ଚାଷ କାମରେ ବାଧା ଉପୁଜିବା ସୁନିଶ୍ଚିତ। ଏ ନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ବୁଦ୍ଧିଜୀବୀ ଓ ଚାଷୀମାନେ କହିଛନ୍ତି। ଯୁବ ସଙ୍ଗଠକ ଗୌତମ ବେହେରା କହିଛନ୍ତି, ପଟ୍ଟାମୁଣ୍ଡାଇ ଭୌତିକ ଅଞ୍ଚଳର ଚାଷୀମାନଙ୍କର ଏକମାତ୍ର ଭରସା ଗୋବରୀ କେନାଲ। ଧାନଚାଷ ସମୟରେ ଏବଂ ବନ୍ୟା ପରିସ୍ଥିତିରେ ଏହି କେନାଲ ସହାୟକ ହୋଇଥାଏ। ଚାଷଜମିକୁ ଜଳଯୋଗାଣ ବ୍ୟବସ୍ଥା ସୁସଙ୍ଗଠିତ ଓ ସୁନିୟନ୍ତ୍ରିତ ଲାଗି ୨୦୧୬ରେ ରାଜକୋଷରୁ କୋଟି କୋଟି ଅର୍ଥ ବ୍ୟୟ କରାଯାଇ ଏହି କେନାଲ ଦୁଇପାର୍ଶ୍ୱକୁ ପୋତା ଯାଇ ଏହାର ଓସାରକୁ କମାଇ ଦିଆଯାଇଥିଲା। ମାତ୍ର କଖାରୁଣୀ ପୋଲ ପାଖରୁ ଗଣ୍ଡାକିଆ ପର୍ଯ୍ୟନ୍ତ କେନାଲ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ତାହା ନିମ୍ନମାନର ହେଉଥିବା ଅଭିଯୋଗ ହେବାପରେ ବାହାରୁ ମାଟି କିଣି ପକାଇବା ସହ ସେ ବିଦ୍ୟୁତ୍ ଖୁଣ୍ଟ ଉଠାଯିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଆକଳନ କରାଯାଇ ବ୍ୟୟ ଅଟକଳ କରାଯାଇଛି। ଏପଟେ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଠିକାଦାର କେନାଲର ସେ ଉଭୟ ପାର୍ଶ୍ୱ ଶଯ୍ୟାକୁ ହାଣି ମାଟି କାମ କରି ଚାଲିଛନ୍ତି। ଫଳରେ ଜଳ ପରିଚାଳନା ଓ ବନ୍ଧର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ସୁନୀଲ ନାୟକଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ କାର୍ଯ୍ୟକ୍ଷେତ୍ର ତଲାସ କରିଛି, ନିର୍ମାଣ କର୍ଯ୍ୟ କରୁଥିବା ଠିକାଦାରଙ୍କୁ କେନାଲ ପାର୍ଶ୍ୱରୁ ମାଟି ନ ଖୋଳିବା ପାଇଁ କୁହାଯାଇଛି ବୋଲି ସେ କହିଛନ୍ତି।



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ପୁରୋହିତପୁର ଉଚ୍ଚ ବିଦ୍ୟାଳୟର ୨୦୦୧ ବ୍ୟାଚ୍ ଛାତ୍ରମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପୁରୋହିତପୁର ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୭୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇ ଛାତ୍ର ଓ ଛାତ୍ରୀମାନଙ୍କ ସହିତ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କରିଥିଲେ ଓ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶିକ୍ଷକମାନେ ପୁରୁଣା ଦିନରେ ବିତାଇଥିବା ସ୍ମୃତିଗୁଡ଼ିକ ମନେପକାଇ ଭାବବିହ୍ୱଳ ହୋଇ ପଡ଼ିଥିଲେ। ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ କହିଥିଲେ କେବଳ ବନ୍ଧୁମିଳନ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ସୀମିତ ନରଖି କିଛି ସମାଜ କଲ୍ୟାଣ କାର୍ଯ୍ୟରେ ସାମିଲ ହେବା ପାଇଁ ପ୍ରସ୍ତାବ ରଖିଥିଲେ। ଶେଷରେ ଚାରାରୋପଣ କରାଯାଇଥିଲା। ସର୍ବ ଶେଷରେ ସ୍ୱର୍ଗତ ଛାତ୍ରଛାତ୍ରୀମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଗଲା। ବନ୍ଧୁ ମିଳନ ଉତ୍ସବକୁ ପୁରାତନ ଛାତ୍ର ସୂର୍ଯ୍ୟକାନ୍ତ ସାହୁ, ରଂଜିତ୍ ଗୋଛାୟତ, ବିଶ୍ୱଜିତ ଦାସ, ଜୀବନ ପ୍ରଧାନ, ପ୍ରଦୀପ ପ୍ରଧାନ, ସୁଜିତ ରାଉତ, ପ୍ରଭାତ ମୁଦୁଲି, ଅଲେଖ ଦାସ, ସନ୍ତୋଷ ପାତ୍ର, ପ୍ରିୟଦର୍ଶନ ବେହେରା, ଜୟନ୍ତ ସାହୁ, ସ୍ମିତାରାଣୀ ଷଡଙ୍ଗୀ, ପ୍ରଜ୍ଞା ପାରମିତା ରାଉତ, ଆର୍ଫିନ୍ ସୁଲତାନ, ଅନିତା ପ୍ରଧାନ ପ୍ରମୁଖ ସଂଯୋଜନା କରିଥିଲେ।



# ଭଙ୍ଗା କୁଡ଼ିଆରେ କଟୁଛି ମା'- ଝିଅଙ୍କ ଜୀବନ



ମହାକାଳପଡା (ଭାସ୍କର ନ୍ୟୁଜ୍) : ଭଙ୍ଗା କୁଡ଼ିଆରେ ବିତୁଛି ଦୁଇ ପ୍ରାଣୀଙ୍କ ଜୀବନ। ଏହି ଭଙ୍ଗା ଦଦରା କୁଡ଼ିଆରେ ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି ଦୁଇ ପ୍ରାଣୀ। ସରକାରଙ୍କ ଆବାସ ଯୋଜନା ଏମାନଙ୍କ ପାଇଁ ଯେମିତି ସାତସପନ ପାଲଟିଛି। ଏ ଅଭାବୀ ପରିବାରକୁ ଚାହିଁବାକୁ ଯେମିତି କାହାରି ଆଖି ପଡୁନି। ଏହି ଖବର ପାଇ ବ୍ୟାସ ଫାଉଣ୍ଡେସନର ଚେୟାର ମ୍ୟାନ ସ୍ନେହମୟୀ ଆଚାର୍ଯ୍ୟ ଓ ଅନ୍ୟ କାର୍ଯ୍ୟକର୍ତ୍ତା ମାନେ କିଛି ଶୁଖିଲା ଖାଦ୍ୟ ଦେବା ସହିତ ତାଙ୍କ ଦୁଃଖରେ ଛିଡା ହୋଇଥିଲେ। ମହାକାଳପଡା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିସୁଆଁ ଗ୍ରାମରୁ ଦେଖିବାକୁ ମିଳିଛି ଏମିତି ଦୁଃଖଦ ଘଟଣା। ବିଧବା ସତ୍ୟଭାମା ରାଉତ (୭୦ବର୍ଷ) ଓ ଝିଅ ଲକ୍ଷ୍ମୀପ୍ରିୟାଙ୍କୁ ନେଇ ବହୁ କଷ୍ଟରେ ବଞ୍ଚୁଛନ୍ତି। ସ୍ୱାମୀ ଅଲେଖ ରାଉତ ଆଜକୁ ୫ ବର୍ଷ ହେବ ମୃତ୍ୟୁବରଣ କରିସାରିଛନ୍ତି। ୪୦ ବର୍ଷୀୟ ଲକ୍ଷ୍ମୀପ୍ରିୟା ରାଉତ ଜଣେ ଶାରୀରିକ ଓ ମାନସିକ ଭିନ୍ନକ୍ଷମ ମହିଳା। ଜୀବନର ଶେଷ ଭାଗରେ ସତ୍ୟଭାମା ପହଞ୍ଚିଥିଲେ ସୁଦ୍ଧା ତାଙ୍କ ଆଖିରୁ ନା କେବେ ଲୁହ ଶୁଖୁଛି ନା ମନରୁ କୋହ କମୁଛି। ଅଭାବ ଅନାଟନ ଭିତରେ ମାନସିକ ଭିନ୍ନକ୍ଷମ ଝିଅଟିକୁ ଧରି ଯନ୍ତ୍ରଣାଦାୟକ ଜୀବନ କାଟୁଛନ୍ତି ସତ୍ୟଭାମା। ଭଙ୍ଗା ଦଦରା କୁଡ଼ିଆରେ ଦୁଇ ପ୍ରାଣୀ କୁଟୁମ୍ବ ଭୟଭୀତ ଅବସ୍ଥାରେ ରହିବାକୁ ବାଧ୍ୟ ହେଉଛନ୍ତି। ସତ୍ୟଭାମାଙ୍କ ପାଇଁ ସରକାରଙ୍କ ଆବାସ ଯୋଜନା ଅପହଞ୍ଚ ହୋଇ ରହିଛି। ସବୁଠାରୁ ବଡ଼ କଥା ହେଉଛି କି ମାନସିକ ଭାରସାମ୍ୟ ହରାଇଥିବା ଝିଅ ଲକ୍ଷ୍ମୀପ୍ରିୟାର ଆଙ୍ଗୁଠି ଛାପ ନଦେଇ ହେବାରୁ ଆଜି ପର୍ଯ୍ୟନ୍ତ ଆଧାର କାର୍ଡ ହୋଇ ପାରିଲା ନାହିଁ। ଯାହା ଫଳରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରାସନ୍ କାର୍ଡରୁ ଆଉ ଚାଉଳ ମିଳୁନି। କେବଳ ସତ୍ୟଭାମାଙ୍କ ନାମରେ ମାସକୁ ମିଳୁଛି ମାତ୍ର ୫ କେଜି ଚାଉଳ। ଏହି ୫ କିଲୋ ଚାଉଳରେ ପରିବାର ପ୍ରତିପୋଷଣ କେମିତି କରିବେ ସେନେଇ ଚିନ୍ତାରେ ଅଛନ୍ତି ସତ୍ୟଭାମା। ଝିଅର ରାସନ୍ ଚାଉଳ ଓ ଘରଟିଏ ପାଇଁ ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ନେତାଙ୍କୁ ଗୁହାରି କରି କରି ଥକି ପଡ଼ିଛନ୍ତି ହେଲେ ତାଙ୍କ ଗୁହାରି ଶୁଣି ସମସ୍ତେ ନିରବ। ଏମିତି କୋହଭରା ସ୍ୱରରେ ସେ ତାଙ୍କର ଦୁଃଖ ବଖାଣିଛନ୍ତି। ଏହି ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ, ମହାକାଳପଡ଼ା ବ୍ଲକ ପ୍ରଶାସନଙ୍କ ତରଫରୁ ଅସହାୟ ପରିବାରକୁ ଆବାସ ଯୋଜନାରେ ସାମିଲ କରି ପକ୍କାଘର ଖଣ୍ଡିଏ ଯୋଗାଇ ଦେବା ସହିତ ଝିଅ ଲକ୍ଷ୍ମୀପ୍ରିୟାଙ୍କ ଆଧାର କାର୍ଡ କରାଇ ଖାଦ୍ୟ ସୁରକ୍ଷା ଯୋଜନାରେ ସୁବିଧା ଯୋଗାଇ ଦେବାକୁ ସତ୍ୟଭାମା ଗୁହାରି କରିଛନ୍ତି।

## ପ୍ରକାଶ ପାଇଲା ଚୂଡାନ୍ତ ଭୋଟର ତାଲିକା-୨୦୨୫

ଚମ୍ପୁଆ (ଭାସ୍କର ନ୍ୟୁଜ୍) : ଚମ୍ପୁଆ ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଆଜି ଚମ୍ପୁଆ ଓ ପାଟଣା ନିର୍ବାଚନ ମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇ ଯାଇଛି। ପ୍ରକାଶିତ ତାଲିକା ଅନୁଯାୟୀ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ମୋଟ ୨୩୯୦୮୦ ଜଣ ଭୋଟର ଥିବା ବେଳେ ୧୧୮୦୮୩ ଜଣ ପୁରୁଷ, ୧୨୦୯୮୯ ଜଣ ମହିଳା ଭୋଟର ଓ ୮ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ସେହିପରି ପାଟଣା ନିର୍ବାଚନ ମଣ୍ଡଳୀରେ ୨୧୭୧୯୩ଜଣ ଭୋଟର ଥିବାବେଳେ ୧୦୭୭୮୪ ଜଣ ପୁରୁଷ, ୧୦୯୪୦୬ ମହିଳା ଓ ୩ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ଏହି ଅବସରରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଡେପୁଟି କଲେକ୍ଟର ଶିବବ୍ରତ ତ୍ରିପାଠୀ, ଆସିଷ୍ଟାଣ୍ଟ କଲେକ୍ଟର ଫୁରଲାଇ ବେଶ୍ରା, ଆସିଷ୍ଟାଣ୍ଟ କଲେକ୍ଟର ସମରେନ୍ଦ୍ର ଦାସ, ଚମ୍ପୁଆ ବିଡ଼ିଓ ରାଜା ରଞ୍ଜିତ ପ୍ରତାପ ବଳ, ଯୋଡ଼ା ବିଡ଼ିଓ ଅରୁଣିମା ସାହୁ, ଝୁମ୍ପୁରା ବିଡ଼ିଓ ହୃଦାନନ୍ଦ ଆଧା, ବଡବିଲ ମ୍ୟୁନିସପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଚମ୍ପୁଆ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ବିଜେଡି ପ୍ରତିନିଧି ଗଣେଶ ଖିଲାର ଓ ମିତ୍ରଭାନୁ ମହାନ୍ତ, ବିଜେପି ପ୍ରତିନିଧି ଶିବରାମ ପ୍ରଧାନ, ଚମ୍ପୁଆ ନିର୍ବାଚନ କାର୍ଯ୍ୟାଳୟ କର୍ମଚାରୀ କ୍ଷେତ୍ରବାସୀ ମହାନ୍ତ ଉପସ୍ଥିତ ରହିଥିଲେ।

# ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ




ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ କହିଲେ ଯେ, ପ୍ରବାସୀ ଭାରତୀୟମାନେ ଓଡ଼ିଶାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡ଼ିଶାର ଅସ୍ମିତା, କଳା, ସଂସ୍କୃତି, ଭାସ୍କର୍ଯ୍ୟର ପୁନରୁଦ୍ଧାର ତଥା ପ୍ରଚାର ପ୍ରସାରରେ ସହାୟକ ହୋଇପାରିଲେ ଓଡ଼ିଶାର ପ୍ରଗତି ଅବଶ୍ୟମ୍ଭାବୀ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପ୍ରବାସୀ ଭାରତୀୟ ଦିବସର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମିହିର କୁମାର ପାଲ ପ୍ରମୁଖ ପ୍ରବାସୀ ଭାରତୀୟ ଏବଂ ସେମାନଙ୍କର ରୁଚି ଓ ପ୍ରତିଭା ଦେଶ ତଥା ରାଜ୍ୟ ର ସାଂସ୍କୃତିକ ପରମ୍ପରାକୁ ଉଜ୍ଜ୍ୱଳିତ କରିବ ବୋଲି ମତ ଦେଇଥିଲେ। ସମଗ୍ର ଶିକ୍ଷାର ପ୍ରୋଗ୍ରାମର ଚନ୍ଦ୍ରଜିତ୍ ପରିଜାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ବିଦ୍ୟାର୍ଥୀମାନଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ କୁଇଜ୍, ସାଇକେଲ ଚାଳନା, ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ ରଚନା ସହ ସମସ୍ତ ବର୍ଗରେ ପୋଷ୍ଟର ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ୮ଟି ବ୍ଲକ୍‌ରୁ ୭୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଶରତ ଚନ୍ଦ୍ର ମହାରଣା, ଶରତ ଚନ୍ଦ୍ର ବାରିକ, ଜଟାଧାରୀ ଭୋଇ, ତ୍ରିଲୋଚନ ସାହୁ, ତୃପ୍ତି ଦାସ, ନଗେନ ପଣ୍ଡା, ରାଇ ଚରଣ ତ୍ରିପାଠୀ ଯୋଗଦେଇଥିଲେ। ଅପରାହ୍ନରେ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଡ ସସ୍ମିତା ବାରିକ, ବିନୋଦ କୁମାର ମିଶ୍ର, ଶିବ ପ୍ରସାଦ ନାୟକ, ଚୈତନ୍ୟ ଚରଣ ସ୍ୱାଇଁ, ଧର୍ମେନ୍ଦ୍ର ଦାସ, ଦିପେନ୍ଦ୍ର ବେହେରା, ଅନିଲ ପୋଥାଳ ପ୍ରମୁଖ ପରିଚାଳନା କରିଥିଲେ।

## ବିପୁଳ ପରିମାଣର ବାରୁଦ ଓ ବାଣ ତିଆରି ସାମଗ୍ରୀ ଜବତ

ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ସଦର ଥାନା ବଡବାଗ ଗାଁରେ ବାଣ ବିସ୍ଫୋରଣ ପରେ ଆଜି ଗାଁର ବିଭିନ୍ନ ଲୋକଙ୍କ ଘର ଉପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସଦର ପୋଲିସ ଚଢାଉ କରି ବିପୁଳ ପରିମାଣର ବାରୁଦ ଓ ବାଣ ତିଆରି ସାମଗ୍ରୀ ଜବତ କରିଛି। ବିସ୍ଫୋରକ ସ୍ଥଳୀ ସହ ଅନ୍ୟ ତିନୋଟି ଲୋକଙ୍କ ଘରୁ ପୋଲିସ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବାରୁଦ ଓ ବାଣ ତିଆରି ସାମଗ୍ରୀ ଜବତ କରିଛି। ଗତ ତିନି ତାରିଖ ରାତିରେ ବଡ଼ବାଗ ଗାଁରେ ବାଣ ବିସ୍ଫୋରଣ ଘଟି ଗୋଟିଏ ପରିବାରର ଦୁଇ ଜଣଙ୍କର ଶୋଚନୀୟ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ବିଭିନ୍ନ ଦିଗରୁ ଚାପିବାକୁ ଚେଷ୍ଟା କରାଯାଉ ଥିବା ସତ୍ତ୍ୱେ ସତ୍ୟର ପରଦା ଫାସ ହୋଇଛି। ତେବେ ଏତେଦିନ ଧରି ବେଆଇନ ଭାବେ କିଭଳି ପ୍ରଶାସନର ଛତ୍ରଛାୟା ତଳେ ଲୁକ୍କାୟିତ ଭାବେ ଏଭଳି ଜଘନ୍ୟ ଅପରାଧିକ କାର୍ଯ୍ୟ ଚାଲୁଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପାଲା ସମ୍ମିଳନୀ ଉଦ୍‌ଯାପିତ




ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତ ଅଧିନସ୍ଥ କମଙ୍ଗ ଗ୍ରାମରେ ଆଞ୍ଚଳିକ ପାଲାକାର ମଣ୍ଡଳର ତିନିଦିନିଆ ଚତୁର୍ବିଂଶ ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳର ସ୍ଥାୟୀ ସଭାପତି ଶରତ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଯୋରନ୍ଦା ମହିମାଗାଦିର ସଭାପତି ଶୁକଦେବ ଦାଶ, ମୁଖ୍ୟଅତିଥି ଭାବେ ଡ୍ରିମସ୍ ବିଶ୍ୱବିଦ୍ୟାଳୟର ଅଧକ୍ଷ ଡ. ପ୍ରମୋଦ କୁମାର ରଥ, ମୁଖ୍ୟବକ୍ତା ଭାବେ ଯାଦବ ମହାସଭାର ରାଷ୍ଟ୍ରୀୟ ଅଧକ୍ଷ ଇଂ. ପ୍ରଦୀପ କୁମାର ବେହେରା, ସମ୍ମାନିତ ଅତିଥି ଭାବେ କଲ୍ୟାଣ ପାଣ୍ଡିର ଅଧକ୍ଷ ଯୁଧିଷ୍ଠିର ପରିଜା, ସଂସ୍କୃତିପ୍ରେମୀ ଦୀପ୍ତିକାନ୍ତ ସ୍ୱାଇଁ, ରାଜ୍ୟ ଗାୟକ ପରିଷଦର ସଭାପତି ମଦନମୋହନ ଜେନା, ଜିଲ୍ଲା ସଂଯୋଜକ ପ୍ରବୀର କୁମାର ଦାଶ, ବ୍ରହ୍ମପୁର ସରପଞ୍ଚଙ୍କ ପ୍ରତିନିଧି ଜଗନ୍ନାଥ ଦାସ, ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ମଲ୍ଲିକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସମାଜସେବୀ ଗଙ୍ଗାଧର ବେହେରା, ଗାୟକ ସିଦ୍ଧେଶ୍ୱର ନାୟକ, ପ୍ରାକ୍ତନ ପ୍ରଶାସକ ଦୟାନିଧି ସାହୁ, ଦେବଗଡ଼ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ବିଜୟ କୁମାର ପାତ୍ର, ଯୁବ ସାମ୍ବାଦିକ ପ୍ରୀତିରଞ୍ଜନ ବେହେରା ଉପସଭାପତି ଲିଙ୍ଗରାଜ ବେହେରା ପ୍ରମୁଖ ଦେଇ ପାଲା ସଂସ୍କୃତି ବଞ୍ଚି ରହିଲେ ଓଡ଼ିଆ ଭାଷା ବଞ୍ଚି ରହିବ ବୋଲି ଆଲୋକପାତ କରିଥିଲେ। ଗାୟକ ପ୍ରଶାନ୍ତ କୁମାର ବେହେରା ଓ ଗାୟିକା ଭାରତୀ ସାହୁଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏଥିରେ ଟାଙ୍ଗୀ-ଚୌଦ୍ୱାର, ସାଲେପୁର, ମାହାଙ୍ଗା ଓ ଆଠଗଡ଼ ବ୍ଲକ୍‌ରୁ ପାଲା କଳାକାରମାନେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପାଲା ଗାୟକ ତଥା ସମ୍ପାଦକ ମଳୟ କୁମାର ଷଡ଼ଙ୍ଗୀ ଓ ଉପସଭାପତି ଲିଙ୍ଗରାଜ ବେହେରା ପରିଚାଳନା କରିଥିବା ବେଳେ ବିଷ୍ଣୁଚରଣ ମାଝୀ, ଉଦ୍ୟାନବିତ୍ ପ୍ରଶାନ୍ତ କୁମାର ବସ୍ତିଆ, ଖଗେଶ୍ୱର ପାତ୍ର, ମାନସ ରଞ୍ଜନ ବେଉରା, ମାନସ ରଞ୍ଜନ ମଲ୍ଲିକ, ଅଜୟ ବେହେରା, ଅନନ୍ତ ମହାରଣାଙ୍କ ସମେତ କମଙ୍ଗ ଓ କଉଡ଼ିଆପଡ଼ା ଗ୍ରାମବାସୀ ସହଯୋଗ କରିଥିଲେ।

# ଚାଷୀଙ୍କ ଆୟ ବୃଦ୍ଧି ପାଇଁ ୩ଟି କମ୍ପାନୀ ସହ ଚୁକ୍ତି

କୋରାପୁଟ (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚାଷୀମାନଙ୍କ ଆୟ ବୃଦ୍ଧି ଓ ବ୍ୟବସାୟିକ ବିକାଶ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୩ କୃଷକ ଉତ୍ପାଦକ କମ୍ପାନୀଙ୍କ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଜିଲ୍ଲାପାଳ ଭି କିର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଚାଷୀମାନଙ୍କ ବିକାଶ ପାଇଁ କୃଷକ ଉତ୍ପାଦକ କମ୍ପାନୀଗୁଡିକର ଯୋଗଦାନକୁ ସ୍ୱାଗତ କରିଥିଲେ। କୋରାପୁଟ ଜିଲ୍ଲାର ବିକାଶ ପାଇଁ ଏହି 'ରିୱାର୍ଡ' କାର୍ଯ୍ୟକ୍ରମ ଅପରିହାର୍ଯ୍ୟ ବୋଲି ଜିଲ୍ଲାପାଳ କହିଥିଲେ। କାର୍ଯ୍ୟକ୍ରମ ଗତିଶୀଳ କରିବା ପାଇଁ ସେ ତାଲିମ ଓ ବୈଷୟିକ ସହାୟତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ବିଶ୍ୱ ବ୍ୟାଙ୍କ ସହାୟତାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିକାଶ ନିର୍ଦ୍ଦେଶାଳୟର ତତ୍ତ୍ୱାବଧାନରେ ୨ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଜିଲ୍ଲାସ୍ତରରେ ପ୍ରକଳ୍ପ ନିର୍ଦ୍ଦେଶକ ଏହାର ତତ୍ତ୍ୱାବଧାନ କରିବେ। ବୈଷୟିକ ସହାୟତା ଦେବା ଗ୍ରାଣ୍ଟ ଥ୍ରନ୍ତନ୍ ଭାରତ। କାର୍ଯ୍ୟକ୍ରମରେ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସିବା ଚରଣ ଜେଠୀ, ୩କୃଷକ ଉତ୍ପାଦକ କମ୍ପାନୀର ମୁଖ୍ୟ (ଜୈବିକ ଶ୍ରୀ, କାପୋପୋକୋ ଓ ନାଗେଶ୍ୱରୀ ଏଫ୍‌ପିଓ) ମଧ୍ୟରେ ଚୁକ୍ତି ସ୍ୱାକ୍ଷର କରାଗଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜକ ସୟଦ ସଲିମ ସଂଯୋଜନା କରିଥିଲେ। ଜିଲ୍ଲାରେ ରିୱାର୍ଡ-ହାଇଡ୍ରୋଲୋଜି ପ୍ରକଳ୍ପ ମାଧ୍ୟମରେ ଜଳବିଭାଜିକା ଗୁଡିକର ନବୀକରଣ କରାଯାଇଛି। ଏଥିସହ ବିଭିନ୍ନ ବୈଜ୍ଞାନିକ ଜ୍ଞାନ କୌଶଳ ଓ ଉପଗ୍ରହ- ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ଜଳ ଓ ମୃର୍ତ୍ତିକା ସଂରକ୍ଷଣ, ନାଳଗୁଡିକରେ ଆଡିବନ୍ଧ ନିର୍ମାଣ, ଉପଯୁକ୍ତ ଫସଲ ପରିଚାଳନା ତଥା ମୃର୍ତ୍ତିକାରେ ଖାଦ୍ୟସାର ପରିଚାଳନା ମାନଚିତ୍ର ପ୍ରସ୍ତୁତ କରାଯାଇ ଜଳ ବିଭାଜିକା ଗୁଡିକରେ ସର୍ବାଙ୍ଗୀନ ଉନ୍ନତି ନେଇ ଏକାଧିକ ପ୍ରକଳ୍ପ ଶୁଭାରମ୍ଭ ହୋଇଛି। ରିୱାର୍ଡ କାର୍ଯ୍ୟକ୍ରମ ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ସରକାରଙ୍କ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିକାଶ ନିର୍ଦ୍ଦେଶାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆସନ୍ତା ୨ବର୍ଷ ପାଇଁ ଜିଲ୍ଲାବ୍ୟାପୀ କାର୍ଯ୍ୟକାରୀ ହେବାକୁ ଧାର୍ଯ୍ୟ ହୋଇଛି। ନୂତନ ଚାଷୀଙ୍କୁ ଆବଶ୍ୟକୀୟ ତାଲିମ ଓ ବୈଷୟିକ ସହାୟତା ପାଇଁ ସମ୍ପୃକ୍ତ ଗ୍ରାଣ୍ଟ ଥରଣ୍ଟନ ଭାରତ ନାମକ ସଂସ୍ଥାକୁ ପରାମର୍ଶ ଦେଇଥିଲେ।

## ରଘୁନାଥ ହାଇସ୍କୁଲରେ ବନ୍ଧୁମିଳନ କାର୍ଯ୍ୟକ୍ରମ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ୨୦୦୦ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ର ଛାତ୍ରୀମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଜିତେନ୍ଦ୍ର କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ବୋଲଗଡ଼ ସ୍ଥିତ ମା' ଭୂଇଁଆଣୀ ଶକ୍ତି ପୀଠ ଠାରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ପୁରାତନ ଛାତ୍ର ଛାତ୍ରୀମାନଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ର ଛାତ୍ରୀମାନଙ୍କ ସମେତ ପରିବାର ବର୍ଗ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପୁରାତନ ଛାତ୍ର ବାସୁଦେବ ସାମନ୍ତରାୟ ସମସ୍ତଙ୍କୁ ୨୦୨୫ ନୂତନ ବର୍ଷର ଅଭିନନ୍ଦନ, ଶୁଭେଚ୍ଛା ଜଣାଇ ସମସ୍ତଙ୍କର ସୁସ୍ଥ ଓ ନିରୋଗ ଜୀବନ କାମନା କରିଥିଲେ। ଅର୍ଜୁନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରି ବନ୍ଧୁ ମିଳନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱର୍ଗତ ପୁରାତନ ଛାତ୍ର ଛାତ୍ରୀମାନଙ୍କର ଆମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ୨ମିନିଟି ନିରବ ପ୍ରାର୍ଥନା କରିଥିଲେ। ସମସ୍ତ ପୁରାତନ ଛାତ୍ର ଛାତ୍ରୀମାନେ ଅତୀତର ଅଭୁଲା ସ୍ମୃତିକୁ ମନେ ପକାଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ମନ ଆନନ୍ଦରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ନିଜକୁ ହଜାଇ ଦେଇଥିଲେ। ଆଗକୁ ପ୍ରତିବର୍ଷ ପୁରାତନ ଛାତ୍ରଛାତ୍ରୀମାନଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଗଲା। ଏହି କାର୍ଯ୍ୟକ୍ରମକୁ ଅକ୍ଷୟ ଛାଟୋଇ, ନିରଞ୍ଜନ ବେହେରା, ସବିତା ମାଝୀ, ରତ୍ନାକର ପ୍ରଧାନ, ହୃଷିକେଶ ମାଝୀ ବିଭୁଦତ୍ତ ପ୍ରଧାନ, କୈଳାସ ସୁବୁଦ୍ଧି, ମନୋଜ ସ୍ୱାଇଁ କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ପୁରାତନ ଛାତ୍ର ରଶ୍ମି ରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ 'ସ୍ଥାପନା ଦିବସ ଏବଂ ଉଲ୍ଲାସ' ପାଳିତ




ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ନୂତନ ବର୍ଷକୁ ସ୍ୱାଗତ କରିବା ସହ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଦକ୍ଷିଣ ଓଡ଼ିଶାରେ ଏହାର ଚତୁର୍ଥ ସ୍ଥାପନ ଦିବସ ସହ ବାର୍ଷିକ କର୍ମଚାରୀ ମିଳନ ଉତ୍ସବ 'ଉଲ୍ଲାସ ୨୦୨୫' ପାଳିତ ହୋଇଛି। ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଟିପିଏସ୍‌ଓଡିଏଲର କର୍ମଚାରୀମାନେ ସେମାନଙ୍କ ପରିବାର ସହ ଏକତ୍ରିତ ହୋଇ ଉତ୍ସାହର ସହ ଏହି ଦିନକୁ ପାଳନ କରିଥିଲେ। ୧୪ଟି ସ୍ଥାନରେ ଉଲ୍ଲାସ ଉତ୍ସବ ଆୟୋଜିତ ହୋଇଥିଲା। ବ୍ରହ୍ମପୁର ସ୍ଥିତ କର୍ପୋରେଟ ଅଫିସ ସମେତ ସମସ୍ତ ୬ଟି ସର୍କଲ ଏବଂ ଫୁଲବାଣୀ, ବୌଦ୍ଧ, ପାରଳାଖେମୁଣ୍ଡି, ଗୁଣପୁର, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଇତ୍ୟାଦି ସ୍ଥାନରେ ଉଲ୍ଲାସ ପାଳିତ ହୋଇଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ବ୍ରହ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦକ୍ଷିଣ ଓଡ଼ିଶାର ଅନ୍ୟ ସ୍ଥାନଗୁଡିକରେ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଶ୍ରୀ ରତନ ନାଭାଲ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ତାଙ୍କ ଆଦର୍ଶ ଏବଂ ଅବଦାନ ଆଗାମୀ ପିଢ଼ିକୁ ପ୍ରେରିତ କରୁଅଛି। ଏହି ଅବସରରେ ରତନ ଟାଟାଙ୍କ ଅବଦାନକୁ ନେଇ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହା ପ୍ରତ୍ୟେକ କର୍ମଚାରୀଙ୍କୁ ଟିପିଏସ୍‌ଓଡିଏଲର ମାର୍ଗ ପ୍ରଦର୍ଶନ କରୁଥିବା ମୂଲ୍ୟବୋଧଗୁଡ଼ିକ ସମ୍ପର୍କରେ ମନେ ପକାଇ ଦେଇଥିଲା। ସାଂସ୍କୃତିକ ପ୍ରଦର୍ଶନ, ଖେଳ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମରେ ପରିବେଶ ଉତ୍ସବମୁଖର ହୋଇଥିଲା। ଏହି କାର୍ଯ୍ୟକ୍ରମ ଯୋଗୁଁ କର୍ମଚାରୀଙ୍କ ପରିବାର ଲୋକେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇପାରିଥିଲେ ଏବଂ ମିଳିମିଶି ଉଲ୍ଲାସ ୨୦୨୫କୁ ଉପଭୋଗ କରିଥିଲେ। ଏହି ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଉଲ୍ଲାସ କେବଳ ଏକ କାର୍ଯ୍ୟକ୍ରମ ନୁହେଁ; ବରଂ, ଏହା ଟିପିଏସ୍‌ଓଡିଏଲ ପରିବାରର ମିଳିତ ଉତ୍ସାହ ଏବଂ ଲକ୍ଷ୍ୟକୁ ପାଳନ କରିବାର ଏକ ବିଶେଷ ମୁହୂର୍ତ୍ତ। ସ୍ୱର୍ଗତ ରତନ ନାଭାଲ ଟାଟାଙ୍କ ଜୀବନ ଏବଂ ଅବଦାନକୁ ମନେ ପକାଇବା ସତରେ ପ୍ରେରଣାଦାୟକ, ଯାହାଙ୍କ ଆଦର୍ଶ ଏବଂ ମୂଲ୍ୟବୋଧ ଆମକୁ ଏକ ଲକ୍ଷ୍ୟ ଓ ସଚ୍ଚୋଟତା ସହ କାମ କରିବାକୁ ଉତ୍ସାହିତ କରୁଅଛି। ଏକାଠି ହୋଇ ନୂଆ ବର୍ଷକୁ ଆରମ୍ଭ କରିବା ଦ୍ୱାରା ଆମର ସମ୍ପର୍କ ଆହୁରି ସୁଦୃଢ଼ ହେବ ଏବଂ ଆଗାମୀ ଯାତ୍ରା ସହଜ ହେବ।'

# ମକର ଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ପ୍ରତି ବର୍ଷ ପରି ଚଳିତ ବର୍ଷ ରାଧାକୃଷ୍ଣ ଉନ୍ନୟନ ପରିଷଦ, ଖଲିଆକାନିର ଉଦ୍ୟମରେ ଚଳିତ ମାସ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୬୫ତମ ମକର ଯାତ୍ରା ମହୋତ୍ସବ ପାଳନ ପାଇଁ ମହା ପ୍ରସ୍ତୁତି ସଭା ଅନୁଷ୍ଠିତ ହେବା ସହିତ ଭଗବାନ ହରି ଓ ହରଙ୍କ ରଥ ନିର୍ମାଣ କାର୍ଯ୍ୟକ୍ରମ ଜାରି ରହିଛି। ଏହି ରଥ ନିର୍ମାଣର ମୁଖ୍ୟ ବଢେଇ ଉମେଶ ଚନ୍ଦ୍ର ପ୍ରଧାନ ଥିବା ବେଳେ ସହଯୋଗୀ ଭାବରେ ମହେନ୍ଦ୍ର ନାଏକ, ଚୈତନ୍ୟ ପ୍ରଧାନ, ନିରାକାର ପ୍ରଧାନ ପ୍ରମୁଖ କାର୍ଯ୍ୟରତ ଅଛନ୍ତି। ଭଗବାନ ହରି ରାଜପୁର କଟାପାଲି ଓ ଭଗବାନ ହର ହଂସାମୁରା କଟାପାଲିରୁ ଯାତ୍ରା କରି ଖଲିଆକାନିରେ ୧୩ ତାରିଖ ସନ୍ଧ୍ୟାରେ ପହଞ୍ଚିବେ ଓ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ପୂଜାର୍ଚ୍ଚନା ହୋଇ ଭଗବାନ ହରି ଓ ହର ରଥାରୋହଣ ହେବେ ଓ ମକର ମିଳନ ପଡିଆକୁ ଯାତ୍ରା କରିବେ। ସନ୍ଧ୍ୟା ପୂର୍ବରୁ ଭଗବାନ ହରି ଓ ହରଙ୍କ ମହା ମିଳନ ପରେ ହରିଲୁଟ ପ୍ରସାଦ ବଣ୍ଟନ ହୋଇ ମହୋତ୍ସବର ସଂକ୍ଷିପ୍ତ ସଭାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିବ। ଏହି ମହୋତ୍ସବର ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ମୁଖ୍ୟ ବକ୍ତା ଭାବରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ପ୍ରାଧ୍ୟାପକ ତପନ କୁମାର ବାରିକ, ଝାରସୁଗୁଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଭୋଇ, ସରକାରୀ ଆଇନଜୀବୀ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେବା ପାଇଁ ସ୍ଥିର କରାଯାଇଛି। ଭଗବାନ ହରି ଓ ହରଙ୍କ କର୍ତ୍ତା ଭାବରେ ଯଥାକ୍ରମେ ଡିଲେଶ୍ୱର ବିଶି ଓ ରାମଚନ୍ଦ୍ର ବାରିକ ଅଛନ୍ତି। ଏହି ମହୋତ୍ସବରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ପ୍ରମୁଖ ବ୍ୟକ୍ତି ବିଶେଷ ସ୍ୱର୍ଗତ ଝାରୁ ପ୍ରଧାନ, ଡ଼ାକ୍ତର ଦୀପ୍ତି ନାଏକ ଓ ସାମ୍ବାଦିକ ରିତେଶ କୁମାର ଶର୍ମା ସମ୍ବର୍ଦ୍ଧିତ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଲଖନପୁର ବ୍ଲକ୍ ପଣ୍ଡରି ଝାରସୁଗୁଡ଼ା ବ୍ଲକର ଖମନ ଗ୍ରାମର ସଂପ୍ରଦା ମଣ୍ଡଳୀ, ବରଗଡର କଳାଜୀବୀ ଅନୁଷ୍ଠାନ ସମ୍ବଲପୁରୀ ନୃତ୍ୟ ଓ ମେଲୋଡି ପ୍ରଦର୍ଶନ କରିବେ ବୋଲି ପରିଷଦର ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାଏକ ସୂଚନା ଦେଇଛନ୍ତି।

# ରାଶିଫଳ

**ମଙ୍ଗଳବାର, ୦୭ ଜାନୁଆରୀ ୨୦୨୫**



**ମେଷ:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ।




**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି। ବିବାହିତ ଜୀବନରେ ସୁସଙ୍ଗତତା ରହିବ।




**ମିଥୁନ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ। ଆପଣଙ୍କ ବୁଦ୍ଧି ସାମାଜିକ ସମ୍ମାନ ଲାଭ କରିବ।



**କର୍କଟ ରାଶି:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଯାନ-ଯନ୍ତ୍ରପାତି କ୍ରୟ ସମ୍ଭାବନା। ବ୍ୟବସାୟରେ ବାଧା ଆସିବ।




**ସିଂହ:** ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।




**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ଉପହାର ଗ୍ରହଣ କରିବେ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।




**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରାର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।




**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବଲାଙ୍ଗୀର (ଭାସ୍କର ନ୍ୟୁଜ): ସହରର ମଧ୍ୟରେ କରଙ୍ଗାକଟା, ନରସିଂ ବନ୍ଧ ଓ ମାରୱାଡ଼ି ବନ୍ଧ ସମେତ ୧୭ଟି ଜଳାଶୟକୁ ପକ୍ଷୀ ଆଗମନ ନେଇ ପରିବେଶପ୍ରେମୀ ସହରର କରଙ୍ଗାକଟା ଠାରେ ବିଶ୍ୱ ପକ୍ଷୀ ଦିବସ ପାଳିତ କରାଯାଇଛି । ଏହି ଅବସରରେ ଲୋକଙ୍କୁ ସଚେତନ କରିବା ପାଇଁ ଭାରତୀୟ ସଂସ୍କୃତିରେ ଜନବସତିରେ ପକ୍ଷୀ ସ୍ଥାନ ସ୍ୱତନ୍ତ୍ର ରହିଥିବାବେଳେ ବେଦ ପୁରାଣ ଠାରୁ ଆରମ୍ଭ କରି ଆଧୁନିକତା ସାହିତ୍ୟରେ ସବୁଠି ପକ୍ଷୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ପରିତାପର ବିଷୟ ସାରା ବିଶ୍ୱରେ ପକ୍ଷୀମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଏହାର କାରଣ ଶସ ହୋଇପାରେ ବିଭିନ୍ନ ପ୍ରକାରରେ ଆଲୋଚନା, ପର୍ଯ୍ୟାଲୋଚନାରୁ ଜଣାଯାଏ ଯେ ଅତ୍ୟଧିକ ରାସାୟନିକ ସାର, ବିଷ, ଜାତୀୟ ପଦାର୍ଥର ବ୍ୟବହାର ବହୁ ମାତ୍ରାରେ ବଢିଯାଇଥିବାରୁ ଏବଂ ପରିବେଶର ଅସନ୍ତୁଳନ ବି ଏକ ମୁଖ୍ୟ କାରଣ ବୋଲି ପରିବେଶବିତ୍ ମତବ୍ୟକ୍ତ କରିଥିଲେ । ଏ ବର୍ଷ ଜାନୁୟାରୀ ୫ରୁ ବିଶ୍ୱ ପକ୍ଷୀ ଦିବସ ପାଳନ କରାଯାଉଥିବା ବେଳେ ଏ ବିଷୟରେ କୌଣସି ସ୍ଥାନରେ ପକ୍ଷୀ ଦେଖିବାକୁ ମିଳୁନି । ତେବେ ସେତେବେଳେ ପକ୍ଷୀମାନଙ୍କ ଆଗମନରେ ଆମେ ପାରିପାର୍ଶ୍ୱ ବିଷୟରେ ସୂଚନା ପାଉଥିଲୁ , କିନ୍ତୁ କମ୍ପ୍ୟୁଟର ଏବଂ ମୋବାଇଲ ବ୍ୟବହାର ମଣିଷକୁ ଅନେକ ପକ୍ଷୀମାନଙ୍କ ଛବି ଭୁଲେଇ ଦେଲାଣି । ଏଥିରେ ପ୍ରକୃତି ବନ୍ଧୁ ପ୍ରଶାନ୍ତ ମହାକୁଡ଼ଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ ପରିବେଶ ସୁରକ୍ଷା କମିଟି ସଭାପତି କୁଳମଣି ସାହୁ, ମନୋରଂଜନ ପୁରୋହିତ, ନରେନ୍ଦ୍ର କବାଟ, ପରିବେଶବିତ୍ ଜୟକୃଷ୍ଣ ମିଶ୍ର, ଶମ୍ଭୁ ପ୍ରସାଦ ଶତପଥି, ଭିକ୍ଷ ସାହୁ, ଅରୁଣ କୁମାର ମିଶ୍ର, ବିଭୁ କଲ୍ୟାଣ ଗଡତ୍ୟା, ମହେନ୍ଦ୍ର ପ୍ରଧାନ ପକ୍ଷୀମାନଙ୍କ ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

## ୧୯୮୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



ଗୁଣପୁର(ଭାସ୍କର ନ୍ୟୁଜ): ଗୁଣପୁର ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ର ୧୯୮୩ମାଟ୍ରିକ ବ୍ୟାଚର ଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଆମ୍ବତୋଟାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୪୦ ବର୍ଷ ପରେ ନିଜ ନିଜର ବ୍ୟସ୍ତବହୁଳ ଓ ଉତ୍ତେଜନାପୂର୍ଣ୍ଣ ଜୀବନ ମଧ୍ୟରେ ଦୂରଦୂରାନ୍ତରରୁ ଆସିଥିବା ବାଲ୍ୟବନ୍ଧୁମାନେ ସେହି ଛାତ୍ରାବସ୍ଥାର ସ୍ମୃତିମଧୁର ପ୍ରତିଟି ମୁହୂର୍ତ୍ତକୁ ସାଉଣ୍ଟିଥିଲେ । ଦୀର୍ଘ ଦିନ ପରେ ଏକାଠି ହୋଇ ଅତୀତର ସେହି ଛାତ୍ରାବସ୍ଥାର ମୁହୂର୍ତ୍ତକୁ ମନେପକାଇ କିଛି ବନ୍ଧୁ ଭାବବିହ୍ୱଳ ହୋଇପଡିଥିଲେ । ମାଟ୍ରିକ ସମୟରେ ଗୁରୁରୂପୀ ଶିକ୍ଷାଦାନ ଦେଇଥିବା ଶିକ୍ଷକ କାଳିକିଙ୍କର ମିଶ୍ର, ତାରିଣି ରଥ, ପ୍ରସନ୍ନ ରଥ, ଭାସ୍କର ମିଶ୍ର ଓ ନରହରି ଦାସଙ୍କୁ ନିମନ୍ତ୍ରଣ କରାଯାଇ ସହ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସେହି ସମୟରେ ପୂଜ୍ୟପୂଜା ଶିକ୍ଷକଙ୍କ ଶୃଙ୍ଖଳା, ଚାରିତ୍ରିକ ଗଠନ ଓ କର୍ତ୍ତବ୍ୟନିଷ୍ଠାର ଦିଗଦର୍ଶନ ଆଜି ବନ୍ଧୁ ଛାତ୍ରଙ୍କୁ ସମାଜରେ ପ୍ରତିଷ୍ଠିତ କରାଇବା ସହ ତାଙ୍କ ପ୍ରେରଣା ଜୀବନର ପ୍ରତିଟି ସୋପାନରେ ଅନୁପ୍ରାଣିତ କରୁଥିବା ଉପସ୍ଥିତ ଛାତ୍ରବନ୍ଧୁ କହିଥିଲେ । ଏହି ଅବସରରେ ଦିବଂଗତ ଛାତ୍ରବନ୍ଧୁ ଗୌରୀ ମିଶ୍ର, ଭାସ୍କର ମିଶ୍ର(ଲାଲୁ),ପି ଭେଣୁଗୋପାଲ, ଗବିନ୍ଦ ବେହେରା, ମାଝି ବାଉରୀ, ଅଚ୍ୟୁତ ବାଉରୀ, ଏମ ପ୍ରଦୀପଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଗାମୀ ଦିନରେ ମଧ୍ୟ ଏଭଳି ବନ୍ଧୁମିଳନ ଜାରି ରଖିବା ସହ ଏହି ମାଟ୍ରିକ ବ୍ୟାଚ ସାମାଜିକ କର୍ତ୍ତବ୍ୟ ଓ ସଚେତନତାର ବାର୍ତ୍ତାଦେବା ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତାର ହାତ ବଢାଇବା ଭଳି କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଆଲୋଚନା ହୋଇଥିଲା ।

## ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଟେନ୍ତୁଲିଖୁଣ୍ଟି,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଟେନ୍ତୁଲିଖୁଣ୍ଟି ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଇଛି । ମଦପିଇ ଗାଡ଼ି ଚଳାଇବାରୁ ନିବୃତ୍ତ ରହିବା ପାଇଁ ବାଇକ ଆରୋହୀମାନଙ୍କୁ ପ୍ଲାକାର୍ଡ ଧରେଇ ବାର୍ତ୍ତା ଦିଆଯାଇଛି । ଏହି ଅବସରରେ ଗାଡ଼ି ଚଳାଇବା ସମୟରେ ମଧ୍ୟ କରାଯାଇଥିଲା । ମୁଖ୍ୟତଃ ଟ୍ରାଫିକ ନିୟମ ମାନିବା, ମଦପିଇ ଗାଡ଼ି ନଚଳାଇବା, ଗାଡ଼ି ଚଳାଇବାବେଳେ



ମୋବାଇଲରେ କଥା ନହେବା, ହେଲମେଟ୍ ବ୍ୟବହାର କରିବା , ଚାରି ଚକିଆରେ ସିଟ ଆସିବା ବେଳେ ସିଟ ବେଲ୍ଟ ପିନ୍ଧିବା ଆଦି ସଚେତନ ବାର୍ତ୍ତା ଦେଇଥିଲେ । ଟେନ୍ତୁଲିଖୁଣ୍ଟି ପୋଲିସ ପକ୍ଷରୁ ସଚେତନ ସମୟରେ ବାଇକ ଆରୋହୀମାନେ ମଦ ପିଇ ଗାଡ଼ି ଚାଳନାରୁ ନିବୃତ୍ତ ନେଇ ବାର୍ତ୍ତାକୁ ଫୋକସ କରି ଚେକିଙ୍ଗ ପରେ ବାଇକ ଆରୋହୀଙ୍କୁ ଉକ୍ତ ପ୍ଲାକାର୍ଡ ଧରାଇ ସଚେତନ କରୁଥିଲେ । ଏହି କାର୍ଯ୍ୟକ୍ରମରେ ଆଇଆଇସି ଗୋପାଳ କୃଷ୍ଣ ଆଗୁପାତ୍ରଙ୍କ ସହ ଥାନାର କର୍ମଚାରୀମାନେ ଉପସ୍ଥିତ ରହି ସଚେତନ କରାଇଥିବା ଦେଖିବାକୁ ମିଳିଥିଲା ।

# ଗୁଣିଗାରେଡ଼ି ସନ୍ଦେହରେ ୬ ଗିରଫ

## ■ ଖଟୁଲି ସମେତ କାର୍ ଜବତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅନ୍ତର୍ଗତ ଚିତାପାରୀ-୪ ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ୬ ଜଣଙ୍କୁ କୋର୍ଟଚାଲାଣ କରିଛି ଓରକେଲ ପୋଲିସ । ମିଳିଥିବା ସୂଚନାନୁଯାୟୀ ଚିତାପାରୀ-୪ ଗ୍ରାମରେ ପୂଜା ହେବ ବୋଲି ପ୍ରଶାସନ ପକ୍ଷରୁ ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ଅନୁମତି ଦିଆଯାଇଥିଲା । ତେବେ ପୂଜାର ୨ୟ ଦିନରେ ପୂଜା ନାମରେ ଗ୍ରାମରେ ଗୁଣିଗାରେଡି ଚାଲିଛି ବୋଲି ଅନ୍ୟ ଅଂଚଳର କିଛି ଲୋକ ଅଭିଯୋଗ କରି ଥାନାକୁ ଖବର ଦେଇଥିଲେ । ଖବର ପାଇ ଓରକେଲ ଥାନା ଏସଆଇ ମନୋହର ସାହୁ, ଏଏସଆଇ ଅଜିତ ଟାକରି ଏବଂ ଏସଆଇ ମିନାକ୍ଷି ଦାସଙ୍କ ସମେତ ଏକ ଟିମ ଘଟଣା ସ୍ଥଳକୁ ଯାଇ ଦେଖିଲା ବେଳକୁ ଏକ ଠାକୁରଙ୍କ ଖଟୁଲିରେ କିଛି ଲୋକ ଗ୍ରାମ ସାରା ସମସ୍ତଙ୍କ ଘର ଘର ବୁଲି ସୁଦୂର ଛତିଶଗଡ ରାଜ୍ୟର ଜଗଦଲପୁର ଅଞ୍ଚଳର କିଛି ପୂଜାରୀଙ୍କୁ ନେଇ ପୂଜାର୍ଚ୍ଚନା ଚାଲିଥିବା ଦେଖିଥିଲେ । ତେବେ ତାଙ୍କ ଗ୍ରାମରେ ଗତବର୍ଷ ଲଗାତାର ଭାବେ ଗାଁର ଲୋକ ଏବଂ



ପଶୁପକ୍ଷୀ ମରୁଥିବା ହେତୁ ଏହି ଖଟୁଲି ଯୋଗେ ପୂଜାର୍ଚ୍ଚନା କରି କିଏ ଏହି ଗ୍ରାମରେ ଗୁଣିକରି ମାରୁଛି ବୋଲି ସନ୍ଦେହ କରି ଗ୍ରାମର ୬୭ ବର୍ଷୀୟ ବୃଦ୍ଧା ବତୀ ଖିଲଙ୍କୁ ଚିହ୍ନଟ କରି ତାଙ୍କୁ ଡାହାଣୀର ଆଖ୍ୟା ଦେଇ ଗ୍ରାମରୁ ବିତାଡ଼ିତ କରୁଥିବା ପୋଲିସ ଦେଖିଥିଲେ । ଏହା ଦେଖି ପୋଲିସ ଘଟଣା ସ୍ଥଳରୁ ସମ୍ପୃକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରିବା ସହ ୬ ଜଣ ପୂଜାରୀଙ୍କୁ ଗିରଫ କରି ଓରକେଲ ଥାନାକୁ ଆଣିଥିଲେ । ତାଙ୍କ ନିକଟରୁ ବ୍ୟବହାର କରୁଥିବା ଖଟୁଲିକୁ ଜବତ କରିବା ସହ ସେମାନେ ଆସିଥିବା ଇନୋଭା କାରକୁ ଜବତ କରି ଓରକେଲ ଥାନାକୁ ଅଣାଯାଇଥିଲା । ଆଜି ସେମାନଙ୍କ ନାମରେ କେସ୍ ନଂ ୧୨/୨୫ ରେ ମାମଲା ରୁଜୁ କରି ଅନ୍ଧବିଶ୍ୱାସ ଓ କଳାଯାଦୁର ବିଭିନ୍ନ ଦଫା ଲଗାଇ ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି । ଗିରଫ ୬ ଅଭିଯୁକ୍ତ ହେଲେ ଟିକେନ୍ଦ୍ର ଦେହାରି(୨୫), ଖିରେନ୍ଦ୍ର କୁମାର ନାଗ(୨୭), ରାମୁ ମାଣ୍ଡାଭି(୪୪), ଜଗନ୍ନାଥ ନାଗ(୨୨), କମ୍ଳୁରାମ ନାଗ(୨୩) ଏବଂ ମଙ୍ଗଟୁରାମ ବାଗେଲ(୪୦) ହୋଇଥିବାବେଳେ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବସ୍ତର ଜିଲ୍ଲାର କଟୱାଲି ଥାନା ଏବଂ ଦରଭା ଥାନାର ବୋଲି ଜଣାପଡିଛି । ଘଟଣାର ତଦନ୍ତ ଏସ ଆଇ ଅଜିତସିଂ ବରିହା କରୁଛନ୍ତି ବୋଲି ଥାନା ଅଧିକାରୀ ଧୀରେନ ପଟନାୟକ କହିଛନ୍ତି ।

## ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ୧୯୭୬ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରୀଙ୍କ ବନ୍ଧୁମିଳନ



ବରଗଡ଼(ଭାସ୍କର ନ୍ୟୁଜ): ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ୧୯ ୭୬ ମ୍ୟାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରୀଙ୍କ ସମାବେଶ ରବିବାର ବରଗଡ଼ ରାଣା ପ୍ରତାପ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ନିରୁପମା ଷଡ଼ଙ୍ଗୀ,ପୂର୍ବତନ ବରଗଡ଼ ବିଧାୟକ ସାଧୁ ଚରଣ ନେପାକଙ୍କ ଧର୍ମପତ୍ନୀ ପ୍ରତିମା ମହାପାତ୍ର, ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ର ଅବସର ପ୍ରାପ୍ତ ଅଧକ୍ଷା ସୁଷମା ମଞ୍ଜରୀ ନାଏକ ପ୍ରମୁଖ ଉପସ୍ଥିତ ରହି ନିଜ ଛାତ୍ରୀ ଜୀବନର ପୁରୁଣା ସ୍ମୃତି ଚାରଣ କରିବା ସହ ଆଗାମୀ ଦିନରେ ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଉନ୍ନତିରେ ନିଜକୁ ସାମିଲ କରିବା ପାଇଁ ସଂକଳ୍ପ ନେଇଥିଲେ । ପୁରାତନ ଛାତ୍ରୀ ରାଣା ପ୍ରତାପ ସ୍କୁଲ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀ ସୁନନ୍ଦା ମିଶ୍ର,ମନୋରମା ଷଡ଼ଙ୍ଗୀ ମଞ୍ଜରୀ ମହାପାତ୍ର ,ସୁନନ୍ଦା ପୂଜାରୀ,ବୀଣାପାଣି ଆଚାର୍ଯ୍ୟ,ପଦ୍ମିନୀ ଷଡ଼ଙ୍ଗୀ ପଦ୍ମିନୀ ସାହୁ,ଆରତୀ ସାହୁ ପ୍ରମୁଖଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀ ଉପସ୍ଥିତ ରହି ଥିଲେ ।

## ୯ରୁ ସୁକତେଲ ମହୋତ୍ସବ

ବଲାଙ୍ଗିର(ଭାସ୍କର ନ୍ୟୁଜ): ବାନ୍ଧନଘୋର ରେ ଅନୁଷ୍ଠିତ ହେବ ଆସନ୍ତା ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ବର୍ଷ ସୁକତେଲ ମହୋତ୍ସବ । ବଲାଙ୍ଗିର ସହରର ପାଟଣେଶ୍ୱରୀ ମନ୍ଦିର ଠାରେ ସର୍ବ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଲୋଗୋକୁ ଉନ୍ମୋଚିତ କରିଥିଲେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ । ଏହି ଅବସରରେ ୪ ଦିନ ଧରି ଲୋକ ନୃତ୍ୟ, ଲୋକ ଗୀତ, ଲୋକ ନାଟକ ଅନୁଷ୍ଠିତ ହେବ ଯଦ୍ୱାରା ଲୋୟର ସୁକତେଲ ଅବବାହିକାରେ ଗଢିଉଠିଥିବା ସାହିତ୍ୟ ସଂସ୍କୃତିର ପୁନରୁଦ୍ଧାର କରିବା ପାଇଁ ପ୍ରୟାସ ହେବ ବୋଲି ସୂଚନା ଦେଇଛନ୍ତି । କଳାକାର ସମାବେଶ ହେବ ଏବଂ ସଂସ୍କୃତି ସାହିତ୍ୟରେ ଗବେଷଣାରତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯିବ । ଆଜିର କାର୍ଯ୍ୟକ୍ରମରେ ସଭାପତି ବିଧୁଭୂଷଣ ସିଂଦେଓ ସଂଯୋଜନା କରିଥିବାବେଳେ ପ୍ରଣୟ ଆନନ୍ଦ ତ୍ରିପାଠି, ମଳୟ ତ୍ରିପାଠି, ଶ୍ରୀମୟ ତ୍ରିପାଠୀ, ଚିଙ୍କୁ ପ୍ରଧାନ, ମଧୁସୁଦନ ନାୟକ, ବ୍ୟାସଦେବ ପୁରୋହିତ, ପ୍ରହଲ୍ଲାଦ ଦର୍ଜି, ନରେନ୍ଦ୍ର କବାଟ, ମନୋରଂଜନ ପୁରୋହିତ, କଳା ସଙ୍ଗଠକ ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ବିଭୁକଲ୍ୟାଣ ଗଡତ୍ୟା, ଅଶୋକ ମେହେର, ଶ୍ରୀବାସ ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଖରୀରେ ବୁଡ଼ି ନାବାଳିକା ମୃତ

ଉମରକୋଟ(ଭାସ୍କର ନ୍ୟୁଜ): ପୋଖରୀରେ ବୁଡି ଜଣେ ନାବାଳିକାର ମୃତ୍ୟୁ ଘଟିଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ । ମୃତ ନାବାଳିକା ଜଣକ ହେଲେ ଉମରକୋଟ ବ୍ଲକ ଖାଣ୍ଡା ପଞ୍ଚାୟତ କରାଣ୍ଡିଆ ଗୁଡା ଗ୍ରାମର ଡମ୍ବୁ ଗଣ୍ଡଙ୍କ ଝିଅ ରସିକା ଗଣ୍ଡ(୧୨) । ମିଳିଥିବା ସୂଚନା ଅନୁସାରେ ରସିକା ସାନ ଭଉଣୀ ସହ ଗାଁରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ଅସାବଧାନତା ଯୋଗୁଁ ଗୋଡ ଖସିଯିବାରୁ ଗଭୀର ପାଣି ଭିତରକୁ ଚାଲିଯାଇ ଥିଲେ ରସିକା । ସାଙ୍ଗରେ ଯାଇଥିବା ସାନ ଭଉଣୀ ଘରକୁ ଆସି ଘଟଣା ସମ୍ପର୍କରେ କହିଥିଲା । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ତଦନ୍ତ ଭାର ଏଏସ୍ଆଇ ରାମାନନ୍ଦ ପ୍ରଧାନ ସମ୍ଭାଳିଛନ୍ତି ।

## ନିମ୍ନମାନର କେନାଲ ଆଡ଼ିବନ୍ଧ ନିର୍ମାଣ
## ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସରପଞ୍ଚ ଅଜ୍ଞ



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଛତିଶଗଡ ସୀମାନ୍ତ ତଥା ଆଦିବାସୀ ଅଧ୍ୟୁଷିତ ମାଓ ପ୍ରବଣ ଅଂଚଳ ରୁପେ ପରିଚିତ ରାଇଘର ବ୍ଲକରେ ବିଭିନ୍ନ ବିଭାଗ ଦ୍ୱାରା ଚାଲୁଥିବା ଉନ୍ନୟନ କାର୍ଯ୍ୟ ନିକଟରେ ବିନା ସୂଚନା ଫଳକରେ କାର୍ଯ୍ୟ ଚାଲୁ ଥିବା ନେଇ ଗଣମାଧ୍ୟମରେ କ୍ରମାଗତ ଭାବେ ଖବର ପ୍ରକାଶିତ ହେଉଥିବା ବେଳେ ବର୍ତ୍ତମାନ ପୁଣି ଏକ ସମାନ ଖବର ସାମ୍ନାକୁ ଆସିଛି । ମହଣ୍ଡ ପଞ୍ଚାୟତ ବୁଡ଼ରାପାରା ଗ୍ରାମର ପୋଖରୀକୁ ଲାଗି ଏକ କେନାଲ ଆଡିବନ୍ଧ କାଯ୍ୟ ଆରମ୍ଭ ବେଳେ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ଦର୍ଶାଯାଇନାହିଁ । ଫଳରେ କେଉଁ ବିଭାଗ ଓ କେତେ ଟଙ୍କା ବ୍ୟୟରେ ନିର୍ମାଣ ହେଉଛି କେହି ଜାଣି ପାରୁ ନାହାଁନ୍ତି । ନିୟମ ପ୍ରକାରେ କାର୍ଯ୍ୟ ଆରମ୍ଭରୁ ଫଳକ ଲଗାଇବା ନିୟମ ରହିଥିବା ବେଳେ ଏଠାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ବିଭାଗୀୟ ଉଚ୍ଚ ପ୍ରଦସ୍ଥ ଅଧିକାରୀ ଗୁରୁତ୍ୱ ନ ଦେବା ଚର୍ଚ୍ଚାର ବିଷୟ ପାଲଟିଛି । ଅନ୍ୟପଟେ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କାର ଉନ୍ନୟନ କାର୍ଯ୍ୟ ଜାରୀ ରହିଥିବା ବେଳେ ଏହାର ତଦାରଖ କରୁଛି କିଏ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି । ସ୍ଥାନୀୟ ଲୋକ ପ୍ରତିନିଧି ସରପଞ୍ଚ ମଧ୍ୟ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଅଜ୍ଞ ରହିଥିବା ବେଳେ ଅଧିକାରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଜାରୀ ରହିଛି । ରାଇଘର ବ୍ଲକ ଓଡିଶା ସୀମାନ୍ତ ବୁଡରାପାରା ଠାରେ ଥିବା ପୋଖରୀ ନିକଟରେ କେନାଲ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଶନିବାର ଦିନ କାର୍ଯ୍ୟସ୍ଥଳରେ କୌଣସି ଅଧିକାରୀ ନ ଥିବା ବେଳେ ଶ୍ରମିକଙ୍କ ଦ୍ୱାରା କାର୍ଯ୍ୟ ଜାରୀ ରହିଥିଲା । ତେବେ ସିମେଣ୍ଟ ବାଲି ମେଟାଲ ସାମଗ୍ରୀ କେଉଁ ପରିମାଣର ବ୍ୟବହାର ହେଉଛି ତଦାରଖ କରିବାକୁ କାହାରି ଦେଖା ମିଳିନଥିଲା । କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକମାନେ ମଧ୍ୟ ଶନିବାର କୌଣସି ଅଧିକାରି ଆସିନଥିବା ପ୍ରକାଶ କରିଥିଲେ । ସ୍ଥାନୀୟ ଲୋକ ପ୍ରତିନିଧି ଭାବେ ମହଣ୍ଡ ସରପଞ୍ଚ ନିକଟରେ ମଧ୍ୟ କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ନ ଥିବାବେଳେ ପୂର୍ବରୁ ବୁଡରାପାରା ଠାରେ କେନାଲ ନିର୍ମାଣ ହୋଇଥିଲା । କିନ୍ତୁ ଫଳପ୍ରଦ ହୋଇନାହିଁ । ବର୍ତ୍ତମାନ ଯେଉଁ କାର୍ଯ୍ୟ ଆରମ୍ଭ ହୋଇଛି ସଠିକ୍ ରୂପେ ତଦାରଖ କରାଯାଉ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ନିମ୍ନମାନର କାର୍ଯ୍ୟ ହେଉଥିବା ଅବଗତ କରିଛନ୍ତି । ଓଡ଼ିଶା ସୀମାରେ ଏଭଳି ନିମ୍ନମାନର କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ସମସ୍ୟା ଦ୍ୱିଗୁଣିତ କରିଛି ।

## ବୁଲାଗୋରୁଙ୍କ ଗୁହାଳ ପାଲଟିଛି ଜାତୀୟ ରାଜପଥ

ଖଇରପୁଟ(ଭାସ୍କର ନ୍ୟୁଜ): ବୁଲା ଗୋରୁଙ୍କ ପାଇଁ ଗୁହାଳ ପାଲଟିଛି ମୁଖ୍ୟ ରାସ୍ତା । ମାଇଲ ମାଇଲ ପର୍ଯ୍ୟନ୍ତ ଗୋରୁ ରାତିରେ ଶୋଇରହିବା ଓ ଦିନରେ ଛିଡ଼ାହୋଇ ରହୁଥିବାରୁ ଲୋକେ ବିଭିନ୍ନ ଅସୁବିଧା ଭୋଗୁଛନ୍ତି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା ଖଇରପୁଟ ଓ ଗୋବିନ୍ଦପାଲି ମୁଖ୍ୟ ରାସ୍ତାରେ । ଦଳ ଦଳ ହୋଇ ଗୋରୁ ରାସ୍ତାରେ ଶୋଇ ରହୁଥିବା ବେଳେ ଗାଡି ଚାଳକ ଓ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖଇରପୁଟଠାରୁ ଆରମ୍ଭକରି କୁମାରପୁଟ ପର୍ଯ୍ୟନ୍ତ ପ୍ରାୟ ୧ କି.ମି. ବାଟ ଗୋରୁଙ୍କ ଏପରି ରାଜୁତି ଚାଲିଛି । ଗୋବିନ୍ଦପାଲିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରୁ ଆରମ୍ଭକରି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ୩୨୬ ନଂ. ଜାତୀୟ ରାଜପଥ ଉପରେ ରାତିରେ ବି ଯେତେ ହର୍ଣ୍ଣ ମାରି ଉଠାଇବାକୁ ଚେଷ୍ଟାକଲେ ବି ରାସ୍ତାରୁ ହଟୁ ନାହାନ୍ତି ଗୋରୁ ଉଚ୍ଚ ହର୍ଣ୍ଣ ଦ୍ୱାରା ଶବ୍ଦ ପ୍ରଦୂଷଣ ଏବଂ ରାତିରେ ଶୋଇଥିବା ଲୋକେ, ପଢୁଥିବା ଛାତ୍ରୀଛାତ୍ରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଦିନରେ ଜୋର୍ ଆବାଜ ହେଉଛି



ବୋଲି ବ୍ୟବସାୟୀମାନେ କହିଛନ୍ତି ଓ ପ୍ରତିଦିନ ଏମାନଙ୍କ ପାଇଁ ଛୋଟ ବଡ ଦୁର୍ଘଟଣା ହେଉଥିବା ନଜିର ରହିଛି । ଗତ ବର୍ଷ ଲ୍ୟାମ୍ପସ୍‌ରେ କାର୍ଯ୍ୟରତ ଯୁବକଙ୍କ ଏପରି ଦୁର୍ଘଟଣାରେ ଘଟି ମୃତ୍ୟୁ ହୋଇଥିବା ନଜିର ଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉ ନ ଥିବାରୁ ସାଧାରଣରେ ଭୟ ସୃଷ୍ଟି ହେଉଛି । ଗୋରୁ ଛାଡୁଥିବା ମାଲିକ ମାନଙ୍କଠାରୁ ଜରିମାନା ଆଦାୟ କରାଯାଉ ନଥିବାରୁ ରାସ୍ତାରେ ଛାଡି ଦେଉଛନ୍ତି ବୋଲି ସାକ୍ଷୀଲତା ରଥ, କୌଶଲ୍ୟା ରୁଢେଇ, ପଦ୍ମଚରଣ ପାଣିଗ୍ରାହୀ, ରାଜେନ୍ଦ୍ର କତ୍ରି, ଗଙ୍ଗାଧର ଆଦି ତୁରନ୍ତ ଏହାର ସ୍ଥାୟୀ ସମାଧାନ କରାଯାଉ ବୋଲି ନିବେଦନ କରିଛନ୍ତି ।

## ୧୦୮ କୁଣ୍ଡୀୟ ରାଷ୍ଟ୍ର ଜାଗରଣ ଗାୟତ୍ରୀ ମହାଯଜ୍ଞ ସମାପନ

ବରଗଡ(ଭାସ୍କର ନ୍ୟୁଜ୍): ଆଧାତ୍ମିକ ବାର୍ତ୍ତା ତଥା ସନ୍ଦେଶକୁ ନେଇ ସାରା ଓଡ଼ିଶାର ଗାୟତ୍ରୀ ପରିବାରକୁ ନେଇ ୧୦୮ କୁଣ୍ଡୀୟ ରାଷ୍ଟ୍ର ଜାଗରଣ ଗାୟତ୍ରୀ ମହାଯଜ୍ଞ ବରଗଡ଼ ଜିଲ୍ଲା ବିଜେପୁର ସହର ସ୍ଥିତ ରେଡିଏନ୍ସ ଶିକ୍ଷାନୁଷ୍ଠାନର ବିରାଟ ପଡ଼ିଆରେ ତା ୦୨.୦୧.୨୦୨୫ ରିଖ ରୁ ଆରମ୍ଭ ହୋଇ ତା ୦୫.୦୧.୨୦୨୫ ରିଖରେ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିବସରେ ବିଭିନ୍ନ ଅଞ୍ଚଳ ତଥା ବିଜେପୁର ଅଞ୍ଚଳର ମା'ଭଉଣୀ ମାନେ ଦାମୋଦର କଁଟାରୁ ୩୩ କୋଟି ଦେବାଦେବୀଙ୍କୁ ଆବାହନ କରି ପୂର୍ଣ୍ଣ ଜଳ କଳସଯାତ୍ରା ଆୟୋଜନ କରି ସାରା ସହର ପରିକ୍ରମା କଲାପରେ ଗାୟତ୍ରୀ ଶକ୍ତିପୀଠରେ କଳସ ସ୍ଥାପନ କରିଥିଲେ । ଘୋଷିକା ଭାବେ ଶ୍ରୀମତୀ କଲ୍ୟାଣୀ ଦାଶ ଦାୟିତ୍ୱ ସମ୍ପର୍ଣ୍ଣ କରିଥିଲେ ।। ଦ୍ୱିତୀୟ ଦିବସରେ ୧୦୮ କୁଣ୍ଡୀୟ ରାଷ୍ଟ୍ର ଜାଗରଣ ଗାୟତ୍ରୀ ମହାଯଜ୍ଞ-୨୦୨୫ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞକୁ ପରିଚାଳନା କରିବା ପାଇଁ ଶାନ୍ତି କୁଞ୍ଜ ହରିଦ୍ୱାରରୁ ଋଷି ପୁତ୍ର ଓଡ଼ିଶା ପ୍ରଭାରୀ ଶେଷଦେବ ବଢ଼େଇ, ମୁଖ୍ୟ ଟୋଳି ନାୟକ କୈଳାସ ନାରାୟଣ ତିୱାରୀ, ବସନ୍ତ ଲାଲ ଶୋଲାଙ୍କି, ଶ୍ରୀଯୁକ୍ତ ସୋମେଶ୍ୱର ତାଣ୍ଡି, ରୁଦ୍ରଗିରୀ ଗୋସ୍ୱାମୀ ଏବଂ ରବିନ୍ଦ୍ର ଗୌଡ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ସେଠ ଭାଇ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବରୁ ଶାନ୍ତି କୁଞ୍ଜ ହରିଦ୍ୱାରରୁ ଆସିଥିବା ଭାଇମାନଙ୍କୁ ବରଗଡ଼ ଜିଲ୍ଲା ସଂଯୋଜକ ଅଶ୍ୱିନୀ କୁମାର ସାହୁ ଏବଂ ତାଙ୍କ ସହଧର୍ମିଣୀ ପଦ୍ମିନୀ ସାହୁ ଭବ୍ୟ ସ୍ୱାଗତ ସହ ମଞ୍ଚକୁ ପାଛୋଟି ଆଣି ମଞ୍ଚରେ ତାଙ୍କୁ ତିଳକ ଏବଂ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ସଭାପତି ପ୍ରଫୁଲ୍ଲ କୁମାର ନାୟକ, କୋଷାଧକ୍ଷ ରେଡିଏନ୍ସ ଶିକ୍ଷାନୁଷ୍ଠାନର ପରିଚାଳକ ଅଜିତ କୁମାର ମେହେର ଏବଂ ସମ୍ବଲପୁର ଉପ ଜୋନ ସଂଯୋଜକ ରଘୁମଣି ଦାଶ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ । ଏହି ଯଜ୍ଞରେ ବରଗଡ଼ ଜିଲ୍ଲା ସମେତ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ଗାୟତ୍ରୀ ପରିବାର ଭାଇ ଭଉଣୀ ମାନେ ବିଭିନ୍ନ ବିଭାଗ ଯଥା ଯଜ୍ଞଶାଳା,ସୁରକ୍ଷା,ଭୋଜନାଳୟ ଏବଂ ଅନ୍ୟାନ୍ୟ ସମସ୍ତ ବିଭାଗରେ ମହା ଆନନ୍ଦ ସହିତ ସହଯୋଗ କରିଥିଲେ । ଏହାପରେ ଯଜ୍ଞ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ଏଇ କାର୍ଯ୍ୟକ୍ରମରେ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ ଶାନ୍ତିକୁଞ୍ଜ ହରିଦ୍ୱାରର ଭାଇସ ଚାନସ୍ଲେର ଡ. ଚିନ୍ମୟ ପାଣ୍ଡିଆ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶିଷ୍ଟ ସଭ୍ୟ ଓ ବିଶ୍ୱସ୍ତରରେ ନୋବେଲ ପୁରସ୍କାର ବିତରଣ କରୁଥିବା ସଂଗଠନର ଜଣେ ସକ୍ରୀୟ ସଭ୍ୟ,ଗାୟତ୍ରୀ ପରିବାରର ଉଦ୍ୟୋକ୍ତା ତଥା ଯୁବ ସମାଜର ନିଶାକୁ ମୂଳ ଉତ୍ପାଟନ କରିବା ଲକ୍ଷ୍ୟରେ ଭାରତ ସରକାରଙ୍କ ପ୍ରମୁଖ ଦାୟିତ୍ୱ ନେଇଛନ୍ତି । ଏହି କାର୍ଯ୍ୟକ୍ରମ ବୈଦିକ ରିତି ଅନୁସାରେ ଆଜିକାର ଦୁନିଆରେ ଅଶ୍ୱମେଧ ଯଜ୍ଞ ସହ ତୁଳନା କରିଥିଲେ । ତତ୍ ସଙ୍ଗେ ସଙ୍ଗେ ଗାୟତ୍ରୀ ପରିବାର



ପକ୍ଷରୁ ପ୍ରକାଶିତ ସ୍ମରଣିକା ଉନ୍ମୋଚନ କରିଥିଲେ ଓ ଗାୟତ୍ରୀ ପରିବାରର ବରିଷ୍ଠ କାର୍ଯ୍ୟକର୍ତ୍ତା,ଯୁବା ପ୍ରତିଭାମାନଙ୍କୁ ମଞ୍ଚରେ ସମ୍ମାନୀତ କରିଥିଲେ । ଶେଷରେ ରେଡିଏନ୍ସ ଶିକ୍ଷାନୁଷ୍ଠାନ ମହାବିଦ୍ୟାଳୟକୁ ଏହା ବିଶ୍ୱବିଦ୍ୟାଳୟରେ ପରିଣତ ହେବ ବୋଲି ଦୂରଦୃଷ୍ଟି ସମ୍ପନ୍ନ ମତ ରଖିଥିଲେ । ଉପସ୍ଥିତ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କୁ ଆନ୍ତରିକତା ସହ ଧନ୍ୟବାଦ ଦେଇ ହିନ୍ଦୁ ଧର୍ମର ଏକ ଐତିହାସିକ ପ୍ରଶସ୍ଥ ରାସ୍ତା ବୋଲି ମତରଖି ହିନ୍ଦୁ ଧର୍ମର ଯତ୍ନ ନିମନ୍ତେ ଅନୁରୋଧ କରିଥିଲେ । ଏହିକ୍ରମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ତା ୦୫.୦୧.୨୦୨୫ ରିଖ ଅନ୍ତିମ ବିଦାୟ ଦିବସରେ ଯଜ୍ଞ, ବିଭିନ୍ନ ସଂସ୍କାର ଯଥା ବିବାହ ସଂସ୍କାର,ଦୀକ୍ଷା ସଂସ୍କାର,ମୁଣ୍ଡନ ସଂସ୍କାର, ବିଦ୍ୟାରମ୍ଭ ସଂସ୍କାର,ଗର୍ଭ ସଂସ୍କାର ଇତ୍ୟାଦି ସଂସ୍କାର ମାନ କରା ଯାଇଥିଲା । ତାହା ସହିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ବିଭିନ୍ନ ଜିଲ୍ଲାରୁ ଆସି ମାସମାସ ଧରି ଶ୍ରମଦାନ କରିଥିବା ଶ୍ରମଦାନୀ ଗାୟତ୍ରୀ ପରିବାରର ଭାଇ ଭଉଣୀ ମାନଙ୍କୁ ଓଡ଼ିଶା ପ୍ରଭାରୀ ଶେଷଦେବ ବଢ଼େଇ ଏବଂ ସହ ସଂଯୋଜକ ସୌମିତ୍ରୀ ଥନାପତି ଓ ଟୋଲି ନାୟକ କୈଳାସ ନାଥ ତିୱାରୀଙ୍କ ଦ୍ୱାରା ପ୍ରଶଂସା ପତ୍ର ସହ ଉପଢୌକନ ଦେଇ ସମ୍ମାନୀତ କରିଥିଲେ । ଉଦଯାପନୀ ଉତ୍ସବରେ ବିଜେପୁର ନିର୍ବାଚନ ମଣ୍ଡଳୀର ବିଧାୟକ ସନତ କୁମାର ଗଡତୀୟା, ବରଗଡ଼ ନିର୍ବାଚନ ମଣ୍ଡଳୀର ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ନିର୍ବାଚନ ମଣ୍ଡଳୀର ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗଦାନ କରି ଆୟୋଜକ ଗାୟତ୍ରୀ ପରିବାର ତଥା ଶ୍ରଦ୍ଧାଳୁ ଗଣଙ୍କୁ ଉତ୍ସାହିତ କରିଥିଲେ ।

## ଖଣ୍ଡାଧାରରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼

ଲହୁଣୀପଡା(ଭାସ୍କର ନ୍ୟୁଜ୍): ଲହୁଣୀପଡା ବ୍ଲକ ଅନ୍ତର୍ଗତ ତାଳବାହାଲି ପଞ୍ଚାୟତ ବୁଢାଭୁଇଁ ଗ୍ରାମ ସ୍ଥିତ ଖଣ୍ଡାଧାର ଜଳ ପ୍ରପାତ ଠାରେ ବୁଧବାର ଦିନ ଇଂରାଜୀ ନବ ବର୍ଷ ୨୦୨୫ କୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିବା ପାଇଁ ବଣଭୋଜି ଓ ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକ ମାନଙ୍କର ବହୁ ସଂଖ୍ୟାରେ ଭିଡ଼ ହୋଇଥିବା ଜଣାପଡିଛି । ବୁଢାଭୁଇଁ ଗ୍ରାମ ଠାରେ ଅବସ୍ଥିତ ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ଭରପୁର ପ୍ରକୃତି ରାଣୀ ଓ ସୁଉଚ୍ଚ ଖଣ୍ଡାଧାର ଜଳ ପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ତଥା ଇଂରାଜୀ ନବ ବର୍ଷକୁ ପାଳନ କରିବା ପାଇଁ ବୁଧବାର ଦିନ ବହୁ ସଂଖ୍ୟାରେ ଲୋକଙ୍କର ଭିଡ଼ ହୋଇଥିବା ଜଣାପଡିଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ଭରପୁର ଖଣ୍ଡାଧାର ଜଳ ପ୍ରପାତକୁ ଅତି ଆକୃଷ୍ଟ କରିବା ପାଇଁ ବନ ବିଭାଗ ତଥା ଇକୋ ଟୁରିଜିମ ପକ୍ଷରୁ ଅନେକ ଆକର୍ଷଣୀୟ ପଦକ୍ଷେପ ଗ୍ରହଣ କରାଯାଇ ଅଛି । ଦୂରଦୂରାନ୍ତର ପର୍ଯ୍ୟଟକ ମାନେ ଖଣ୍ଡାଧାର ଜଳ ପ୍ରପାତ ପରିଦର୍ଶନ କରିବା ଏବଂ ରାତ୍ରି ଯାପନ କରିବା ପାଇଁ ଉନ୍ନତ ମାନର କଟେଜ ନିର୍ମାଣ କରାଯାଇଥିବା ବେଳେ ରାତ୍ରି ଭୋଜନ ପାଇଁ ବ୍ୟବସ୍ଥା ଓ ଭିନ୍ନ ଭିନ୍ନ ଧରଣର ବିଶ୍ରାମ ଗୃହ, ନିର୍ମାଣ କରାଯାଇଅଛି । ଏବଂ ଖଣ୍ଡାଧାର ଜଳ ପ୍ରପାତ ପର୍ଯ୍ୟନ୍ତ ପାହାଚ ଓ ପାନୀୟ ଜଳ, ଶୌଚାଳୟ,ଶିଶୁ ଉଦ୍ୟାନ,ର ବ୍ୟବସ୍ଥା କରାଯାଇ ଥିବାବେଳେ ବଣଭୋଜି କରିବା ପାଇଁ ୫୧ ଟି ପିଣ୍ଡି ନିର୍ମାଣ କରାଯାଇଅଛି । ଏଥିପାଇଁ ପିଣ୍ଡି ପ୍ରତି ପର୍ଯ୍ୟଟକଙ୍କୁ ୧୨୦ ଟଙ୍କା ଦେବାକୁ ପଡିଥାଏ । ଗାଡି ପାର୍କିଂ ର ବ୍ୟବସ୍ଥା କରାଯାଇଥିବା ବେଳେ ଭିନ୍ନ ଭିନ୍ନ ଗାଡିର ଭିନ୍ନ ଭିନ୍ନ ପାର୍କିଂ ଚାର୍ଜ ଓ ଆଞ୍ଚଳିକ ଏବଂ ବାହାର ଅଞ୍ଚଳର ଲୋକ ମାନଙ୍କ ପାଇଁ ଭିନ୍ନ ପ୍ରବେଶ ଶୁଳ୍କ ଦେବାପାଇଁ ପ୍ରଶାସନ ତରଫରୁ ଧାର୍ଯ୍ୟ



କରାଯାଇଅଛି । ବଣଭୋଜି ଋତୁରେ ପ୍ରାୟ ୪୫ ଜଣ ସ୍ଥାନୀୟ ମହିଳା ପୁରୁଷ ରକ୍ଷଣ ବେକ୍ଷଣ ପାଇଁ କାର୍ଯ୍ୟରତ ଥିବା ବେଳେ ପୋଲିସ ଓ ବନ ବିଭାଗ କର୍ମଚାରୀ ମାନେ ତଦାରଖ ଦାୟିତ୍ୱ ତୁଲାଉଥିବା ଜଣାପଡିଛି । ବଣଭୋଜି ଋତୁରେ ଅନେକ ଦୂରଦୂରାନ୍ତରୁ ପର୍ଯ୍ୟଟକ ମାନେ ପରିବାର ନେଇ ବଣଭୋଜି କରିବା ପାଇଁ ଆସୁଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ଇଂରାଜୀ ନବବର୍ଷ ବୁଧବାର ଦିନପଡ଼ିଥିଲା । ଯାନବାହନ ଓ ଆସିଥିବା ଲୋକଙ୍କ ଠାରୁ ପ୍ରାୟ ଏକ ଲକ୍ଷ ୫୦ ହଜାର ୨୨୫ ଟଙ୍କା ଅସୁଲ ହୋଇଥିବା କୁଳିପୋଷ ରେଞ୍ଜ ତରଫରୁ ସୂଚନା ମିଳିଛି । ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ଓ ବଣଭୋଜି କରିବା ପାଇଁ ପର୍ଯ୍ୟଟକ ମାନଙ୍କର ପ୍ରବଳ ଭିଡ଼ ହୋଇଥିବା ଜଣାପଡିଛି ।

## ଯୁବକଙ୍କ ଆତ୍ମହତ୍ୟା

ଲହୁଣୀପଡା(ଭାସ୍କର ନ୍ୟୁଜ୍): ଲହୁଣୀପଡା ଥାନା ଅନ୍ତର୍ଗତ ଦର୍ଜୀଂ ପତଳା ସାହିର ଜୈନିକ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ରୁ ପ୍ରକାଶ ଯେ ଦର୍ଜୀଂ ପତଳା ସାହିରେ ରହୁଥିବା ଗନ୍ଦାଲ ଓରାମ ର ପୁଅ ସୁକୁରା ଓରାମ (୨୭) କୌଣସି କାରଣରୁ ଶନିବାର ଦିନ ବିଳମ୍ବିତ ରାତ୍ରିରେ ଘର ନିକଟସ୍ଥ ଏକ ଗଛରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲା । ରବିବାର ଦିନ ସକାଳେ ପରିବାର ଲୋକ ଦେଖିଲେ ଯେ ଶୁକୁରା ଓରାମ ଗଛରେ ଆତ୍ମହତ୍ୟା କରି ଝୁଲନ୍ତା ଅବସ୍ଥାରେ ଦେଖି ଲହୁଣୀପଡା ଥାନାକୁ ସୂଚନା ଦେଇଥିଲେ । ଲହୁଣୀପଡା ପୁଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ଲହୁ୬ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ ଆତ୍ମହତ୍ୟା କରିବାର ସଠିକ କାରଣ ଜଣାପଡି ନ ଥିବା ଜଣାଯାଏ ।

## ଜଳିଗଲା ବୃଦ୍ଧାଙ୍କ ଘର, ସରକାରୀ ସହାୟତା ଦାବି

ରାୟଗଡ(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ସଦର ଡମ ସାହିରେ ଆଜି ଏକ ଅଭାବନୀୟ ଘଟଣା ଘଟିଥିବାର ନଜରକୁ ଆସିଛି । ମହିଳା ଜଣକ ୭୫ବର୍ଷୀୟା ଜନ ନାଏକ ବିଧବା ବୋଲି ଜଣାପଡିଛି । ସ୍ୱାମୀ ହର ନାଏକ ପାଖାପାଖି ୩୫ ବର୍ଷ ପୂର୍ବେ ଦେହାନ୍ତ ହୋଇଛନ୍ତି । ଜଣେ ପୁଅ ଥିଲେ ଅରୁଣ ନାଏକ ଯୁବ ଅବସ୍ଥାରେ ମୃତ୍ୟୁବରଣ ହୋଇଥିବା ବେଳେ ଦୁଇ ନାତି ନାତୁଣୀଙ୍କ ଦାୟିତ୍ୱ ନେଇ ଜନ ନାଏକ ବହୁତ ଅଭାବନୀୟ ପରିସ୍ଥିତିରେ କୁନି କୁନି ନାତି ନାତୁଣୀଙ୍କ ଲାଳନ ପାଳନ କରିବାର ବୋଝ ମୁଣ୍ଡେଇ ନେଇଥିଲେ । ସ୍ୱାମୀ ଓ ପୁଅ ଚାଲିଯିବା ପରେ ଧାର ଉଦ୍ଧାର କରି ବୃଦ୍ଧା ମହିଳା ଜନ ନାଏକ ରାସ୍ତା କଡରେ କିଛି ପନିପରିବାର ବ୍ୟବସାୟ କରି ନିଜ ପରିବାରର ଭୋକ ମେଣ୍ଟାଉ ଥିଲେ । ଆଜି ସେ ସକାଳୁ ପଖାଳ ଖାଇ ସାରି ପରିବା ବିକ୍ରୟ ପାଇଁ ଯାଇଥିବା ବେଳେ ପୂର୍ବାହ୍ନ ୧୨ ଟା ସମୟ ମଧ୍ୟରେ କୌଣସି କାରଣ ବଶତଃ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା । ଦାଉ ଦାଉ ହୋଇ ନିଆଁ କୁହୁଳୁ ଥିବାର ଦୃଶ୍ୟ ସାହି ପଡିଶା ଲୋକେ ଦେଖି ତୁରନ୍ତ ଜନ ନାଏକକୁ ଖବର ଦେବା ସହ ହାଣ୍ଡି ହାଣ୍ଡି ପାଣି ନେଇଁ ନିଆଁ ଲିଭେଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ବୃଦ୍ଧା ମହିଳା ଜଣକ ଘରକୁ ପହଞ୍ଚିଲା ବେଳକୁ ଘରର ଆସବାବ ପତ୍ର, ଧାନ, ମାଣ୍ଡିଆ ଭଳି ଖାଦ୍ୟ ଶସ୍ୟ ଓ ବସ୍ତ୍ର ସବୁତକ ଜଳିବା ସହ ସର୍ବସ୍ୱ ଜଳି ପାଉଁଶ ହେଇ ଯାଇଥିଲା । ବୃଦ୍ଧା ଜଣକ ଘରକୁ ପହଞ୍ଚି ସବୁ ଜଳି ଯାଇଥିବା ଦେଖି ମର୍ମାହତ ହୋଇ ପଡିଥିଲେ ଏବଂ ଦୁଃଖରେ ବିଭୋର ହୋଇ ଭୋ ଭୋ ହୋଇ କାନ୍ଦିବା ଆରମ୍ଭ କରିଥିଲେ । ବୃଦ୍ଧାଙ୍କ ଦାରୁଣ କାନ୍ଦଣାରେ ସମ୍ପୂର୍ଣ୍ଣ ଡମ ସାହିର ଲୋକେ ଏକ ପ୍ରକାର ଦୁଃଖୀ ହୋଇପଡ଼ିଥିଲେ । ଉକ୍ତ ଘଟଣା ରେ ମର୍ମାହତ ପରିବାର ସହ କାଶୀପୁର ଡମ ସାହି ସମାଜ ସଭାପତି ଦିଲୀପ ନାଏକ କ୍ଷତି ପୂରଣ ବାବଦରେ ସରକାରଙ୍କ ଦ୍ୱାରା କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରାଗଲେ ବୃଦ୍ଧା ମହିଳା ସହ ଦୁଇ ନାତି ନାତୁଣୀ ଉପକୃତ ହୋଇ ପାରିବେ ବୋଲି ଅନୁରୋଧ କରିଛନ୍ତି । ପ୍ରକାଶ ଥାଉକି ଘର ପୋଡ଼ି ଘଟଣାରେ ଏ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତ କିମ୍ବା କୌଣସି କାରଣ ଜଣା ପଡ଼ିନଥିବା ପରିବାର ପକ୍ଷରୁ ପ୍ରକାଶ କରାଯାଇଛି ।





ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଚମ୍ପାଇଲୋ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ବଘେଇ ପୀଠରେ ସୋମବାର ୨୫ତମ ନୀଳାଚଳ ଭକ୍ତ ସମ୍ମିଳନୀ ଉଦଘାଟିତ ହୋଇଛି । ଏହାର ପ୍ରାଣ ପ୍ରତିଷ୍ଠାତା ତଥା ଟିକାତାଳ ରାମକୃଷ୍ଣ ଆଶ୍ରମର ଅଧକ୍ଷ ସ୍ୱାମୀ ଭାଗବତା ନନ୍ଦ ପୁରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ନୀଳାଚଳ ସତସଂଘ ଭୁବନେଶ୍ୱର ପକ୍ଷରୁ ଡ. ଆରତୀ କର ସନାତନ ଧର୍ମରେ ଗୁରୁ ପରମ୍ପରା ଉପରେ ବ୍ୟାଖ୍ୟା କରି ମନୁଷ୍ୟ ପାଇଁ ୫ଟି ଗୁରୁଙ୍କ ଅବଶ୍ୟକ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏନେଇ ଆଜି ସକାଳ ସମୟରେ ଶ୍ରୀଶ୍ରୀ ତାରେଶ୍ୱରଙ୍କ ପୀଠ ହୋମ, ଜଳଲାଗି କାର୍ଯ୍ୟ କରାଯାଇଥିଲା । ଏନେଇ ଦିନ ତମାମ ଲିଙ୍ଗାଷ୍ଟକ, ବେଦମନ୍ତ୍ର ଚାଲୁରହିଥିଲା। ସନ୍ଧ୍ୟାରେ ନୀଳାଚଳ ସତ୍‌ସଂଘ ବେଗୁନିଆ ପକ୍ଷରୁ ଭଜନ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ହେମନ୍ତ ଉତ୍ତରରାୟ ସଂଯୋଜନା କରିଥିବା ବେଳେ ସମରେନ୍ଦ୍ର ଉତ୍ତରକବାଟ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାୟଗଡ଼ା ରେଳ ଡିଭିଜନ ଭବନର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

# ସୁଦୃଢ ହେବ ଓଡ଼ିଶାର ଭିତ୍ତିଭୂମି



ନୂଆଦିଲ୍ଲୀ/ରାୟଗଡ଼ା(ବ୍ୟୁରୋ): ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରପୁର ହୋଇ ରହିଛି। ଦୀର୍ଘ କିମି ବ୍ୟାପୀ ସମୁଦ୍ର ଉପକୂଳ ବି ରହିଛି। ଓଡ଼ିଶାରେ ଅନ୍ତର୍ଜାତୀୟ ବାଣିଜ୍ୟର ପ୍ରବଳ ସମ୍ଭାବନା ଥିବାବେଳେ ଅନେକ ରେଳ ପ୍ରକଳ୍ପ କାମ ମଧ୍ୟ ଚାଲୁ ରହିଛି। ଏଥିରେ ୭୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ କରାଯାଇଛି। ରାଜ୍ୟରେ ୭ଟି ଗତିଶକ୍ତି କାର୍ଗୋ ଟର୍ମିନାଲର ଆରମ୍ଭ କରାଯାଇଛି। ଯାହା ବ୍ୟାପାର ଓ ଉଦ୍ୟୋଗକୁ ଭରପୁର ସହାୟତା କରୁଛି ବୋଲି ସୋମବାର ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାୟଗଡ଼ା ରେଳମଣ୍ଡଳ ଭବନର ଶିଳାନ୍ୟାସ କରିବା ଅବସରରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ଆହୁରି କହିଛନ୍ତି ଯେ ରେଳ ଡିଭିଜନର ଶିଳାନ୍ୟାସ ପରେ ଓଡ଼ିଶାରେ ଭିତ୍ତିଭୂମି ଅଧିକ ସୁଦୃଢ ହେବ। ଓଡ଼ିଶାରେ ପର୍ଯ୍ୟଟନ, ବାଣିଜ୍ୟ ଏବଂ ରୋଜଗାରର ସମ୍ଭାବନା ବୃଦ୍ଧି ପାଇବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ଥିବା ଜନଜାତିକୁ ଏହାର ଫାଇଦା ମିଳିବ ବୋଲି ମୋଦୀ କହିଥିଲେ। ଏଥିସହ ନୂଆ ଜାମ୍ମୁ ରେଲୱେ ଡିଭିଜନ ଓ ତେଲେଙ୍ଗାନାର ଚାର୍ଲପାଲି ଟର୍ମିନାଲ ଷ୍ଟେସନ ଭଳି ଏକାଧିକ ରେଳ ପ୍ରକଳ୍ପର ମଧ୍ୟ ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର କେ.ହରିବାବୁ କମ୍ଭମପତି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭିସି ମାଧ୍ୟମରେ ଉପସ୍ଥିତ ରହିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ସଭାସ୍ଥଳରେ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଯେ ଗତ ୧୦ବର୍ଷ ଭିତରେ ରେଳ କ୍ଷେତ୍ରରେ ବ୍ୟାପକ ବିକାଶ ହୋଇପାରିଛି। ୨୦୧୪ ବେଳକୁ ଦେଶରେ ୩୫ ପ୍ରତିଶତ ରେଳ ଲାଇନ ବିଦ୍ୟୁତିକରଣ ହୋଇଥିବାବେଳେ ବର୍ତ୍ତମାନ ଏହା ୧୦୦ ପ୍ରତିଶତରେ ପହଞ୍ଚିଛି। ସେହିଭଳି ୧୦ବର୍ଷ ଭିତରେ ୩୦ ହଜାର କିମି ରେଲୱେ ଟ୍ରାକ୍ ନିର୍ମାଣ କରାଯାଇଥିବା ମୋଦୀ କହିଥିଲେ।

# ଉଜୁଡ଼ା କ୍ଷେତ ଦେଖି ଟଳି ପଡ଼ିଲେ ଚାଷୀ

ନିଆଳି (ଭାସ୍କର ନ୍ୟୁଜ): ଦାଉ ସାଧିଲା ଅଦିନିଆ ବର୍ଷା। ବର୍ଷଯାକର ପରିଶ୍ରମ ପାଣିରେ ପଡ଼ିଲା। ଉଜୁଡ଼ିଗଲା ଫସଲ। ଏହାଦେଖି ସହ୍ୟ କରିବା କଷ୍ଟ ହେଲା ଓ ଶେଷରେ ଚିନ୍ତା କରି କରି ହୃଦଘାତରେ ଟଳିପଡ଼ିଲେ ଚାଷୀ। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି କଟକ ଜିଲ୍ଲା ନିଆଳିରେ। ଗତ ସପ୍ତାହକ ମଧ୍ୟରେ ନିଆଳିରେ ଏହା ଦ୍ୱିତୀୟ ଘଟଣା ବୋଲି କୁହାଯାଉଛି। ନିଆଳିର ଇନ୍ଦ୍ରଜିତ ଛାଟୋଇ ନାମକ ଜଣେ ଚାଷୀ ରବିବାର ସନ୍ଧ୍ୟାରେ ଜମିକୁ ଯାଇଥିଲେ। ତେବେ ଫସଲ ଉଜୁଡ଼ି ଯାଇଥିବା ଦେଖି ମନଦୁଃଖରେ ଘରକୁ ଫେରିଥିଲେ। ଫସଲ ନଷ୍ଟ ହେବା ପରେ ପରିବାର କିପରି ପୋଷିବେ ଓ ଋଣ କିପରି ସୁଝିବେ ସେହି ଚିନ୍ତାରେ ରାତିରେ ବସିଥିବାବେଳେ ହଠାତ୍ ଟଳି ପଡ଼ିଥିଲେ। ପରିବାର ଲୋକେ ଡାକିବା ସତ୍ତ୍ୱେ ସେ ଆଉ ଉଠିନଥିଲେ। ତାଙ୍କୁ ସୋମବାର ସକାଳେ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏଥିପୂର୍ବରୁ ଗତମାସ ୩୧ ତାରିଖରେ ନିଆଳିର ମହଙ୍ଗପଡ଼ା ଗ୍ରାମର କୈଳାଶ ପ୍ରଧାନ ନାମକ ଜଣେ ଚାଷୀ ମଧ୍ୟ ଉଜୁଡ଼ା କ୍ଷେତକୁ ଦେଖି ବିଲରେ ଟଳି ପଡ଼ିଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟରେ ଏବେ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ରୋହିଆ ପଞ୍ଚାୟତ ଅରଖକୁଦ ଗ୍ରାମର ଧର୍ମାନନ୍ଦ ନାୟକ ନାମକ ଜଣେ ଚାଷୀ ମଧ୍ୟ ମୃତ୍ୟୁବରଣ କରିଥିବା ସୂଚନା ଦିଆଯାଇଛି। ସେହିପରି ସମ୍ବଲପୁରର ଯୁଯୁମରାର ବୈରାଗପାଲି ଗାଁରେ ରତ୍ନାକର ଭୋଇ ବିଷପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଋଣ ଚିନ୍ତା ଓ ଫସଲ ନଷ୍ଟ ଯୋଗୁ ଜଣକ ପରେ ଜଣେ ଚାଷୀ ଆତ୍ମହତ୍ୟା କରିବା ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।




ବିଏମ୍‌ସି ପକ୍ଷରୁ ପ୍ରବାସୀ ଭାରତୀୟ ଦିବସ ଏବଂ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅବସରରେ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭୂମିଶ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ।


## ଡିବିଏସ

## ନିଲାମ ନୋଟିସ୍

ଏତଦ୍ୱାରା ଆମ ବ୍ୟାଙ୍କରୁ ନିମ୍ନଲିଖିତ ଗହଣା ଋଣ ନେଇଥିବା ଗ୍ରାହକ ଋଣ ସୁଝିବାରେ ବିଫଳ ହୋଇଛନ୍ତି। ଋଣ ସୁଝିବା ପାଇଁ ତାଙ୍କ ନିକଟକୁ ବାରମ୍ବାର ରିମାଇଣ୍ଡର ଓ ରେଜିଷ୍ଟର ପୋଷ୍ଟ ଯୋଗେ ଚିଠି ପଠାଯାଇଥିଲେ ମଧ୍ୟ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି। ତେଣୁ ଯଦି ସେମାନେ ୨୦.୦୧.୨୦୨୫ ପୂର୍ବରୁ କିମ୍ବା ନିର୍ଦ୍ଧାରିତ ତାରଖରେ ଋଣ ସୁଝି ନ ପାରନ୍ତି ତେବେ ସେ ବନ୍ଧକ ରଖିଥିବା ଗହଣା ସେହିଦିନ ଅର୍ଥାତ ୨୦.୦୧.୨୦୨୫ ପୂର୍ବାହ୍ନ ୧୧ଟାରେ ନିଲାମ୍ କରାଯିବ କିମ୍ବା ଯେଉଁଦିନ ବ୍ୟାଙ୍କର ବି ସୁବିଧା ହେବ ସେହିଦିନ ନିଲାମ କରାଯିବ। ଏ ନେଇ କୌଣସି ଅଧିକ ସୂଚନା ତାଙ୍କୁ ଦିଆଯିବ ନାହିଁ। ବ୍ୟାଙ୍କ ପକ୍ଷରୁ ସର୍ବସାଧାରଣରେ ବ୍ୟାଙ୍କ ପରିସରରେ ଇ-ଆକ୍ସନ ପ୍ଲାଟଫର୍ମ https://egold.autctiontiger.net. ରେ ନିଲାମ କରାଯିବ।

| ସୂଚନା ନମ୍ବର | ଗ୍ରାହକଙ୍କ ନାମ | ଶାଖାର ନାମ | ଆନୁମାନିକ ଓଜନ | ମୋଟ ଓଜନ |
|---|---|---|---|---|
| ୩୩୦୩୫୨୪୧ | କେତକୀ ଗରଡିଆ | ଝାରସୁଗୁଡ଼ା | ୧୨.୦୪ | ୧୧.୦୦ |
| ୩୩୦୩୫୧୮୦ | ଖୁସ୍‌ବୁ ପାଣ୍ଡେ | ଝାରସୁଗୁଡ଼ା | ୧୪.୫୬ | ୧୩.୦୦ |

ତାରିଖ: ୦୩.୦୧.୨୦୨୫
ସ୍ଥାନ: ଚେନ୍ନାଇ

ଅଧିକୃତ ଅଧିକାରୀ
ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍

ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍, ଯାହାକି ସିଙ୍ଗାପୁରସ୍ଥିତ ଡିବିଏସ୍ ବ୍ୟାଙ୍କ ଲିମିଟେଡରୁ ଲାଇସେନ୍ସପ୍ରାପ୍ତ ସହଯୋଗୀ କମ୍ପାନୀ


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୬ ଆକ୍ରାନ୍ତ...

ଆତଙ୍କ ଖେଳିଛି। ଶ୍ୱାସକ୍ରିୟା ଜନିତ ମାମଲା ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସବୁ ହସ୍ପିଟାଲକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୦୧ ମସିହାରେ ଏହି ଭାଇରସ ପ୍ରଥମେ ଠାବ କରାଯାଇଥିଲା। ଏଚଏମପିଭିରେ ଆକ୍ରାନ୍ତ ରୋଗୀଙ୍କୁ ସାଧାରଣତଃ କାଶ, ଜ୍ୱର ହେବା ସହ ନାକ ବନ୍ଦ ହୋଇଯାଇଥାଏ। ନିଃଶ୍ୱାସପ୍ରଶ୍ୱାସ ନେବାରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ବିଶେଷକରି ୫ ବର୍ଷରୁ କମ୍ ପିଲାମାନେ ଏହି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଥିବାରୁ ସେମାନଙ୍କ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ତେବେ ଏହି ଭାଇରସକୁ ନେଇ ସତର୍କ ଓ ସଚେତନ ହେବାକୁ କେନ୍ଦ୍ର ସରକାରଙ୍କ ସମେତ ରାଜ୍ୟ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଗହଳି ସ୍ଥାନକୁ ଯିବା ପାଇଁ ବାରଣ ମଧ୍ୟ କରାଯାଇଛି। ଏପରିକି ମାସ୍କ ପିନ୍ଧିବା ପାଇଁ ମଧ୍ୟ କୁହାଯାଇଛି।

### ୯ ଯବାନ...

ଆଇଇଡି ଖଞ୍ଜିଥିବା ସନ୍ଦେହ କରାଯାଉଛି। ଏହି ଘଟଣାକୁ ଛତିଶଗଡ଼ ସରକାର ମଧ୍ୟ ଗୁରୁତ୍ୱର ସହ ନେଇଛନ୍ତି। ବସ୍ତର ଆଇଜି କହିଛନ୍ତି ଯେ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ ଯେ ଦେଶରୁ ମାଓବାଦ ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେବାପରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate Champua dated 02.01.2025, I Dukhabandhu Pradhan of village Ichinda, PO-Badanai, PS- Champua, Dist- Keonjhar, Declares that I have changed my daughter's name from Subhashree Pradhan to Kandheirani Pradhan. Henceforth, she shall be known as Kandheirani Pradhan in all purposes.
Sd- Dukhabandhu Pradhan

**AFFIDAVIT**

By virtue of an affidavit sworn before the court of Excutive Magistrate, Baripada on dt 03/01/2025 vide Serial No- 20 that I Gobinda Hembram resident of Chaukankar, P.O.-Kadambeda, P.S-Bisoi, Dist- Mayurbhanj, odisha Pin -757033 declare that my son actual name SATYAJIT HEMBRAM which is correctly mention in his Birth Certificate bearing No- 7370 dtd 10.08.2017 issued by Baripada Municipalty but in his Aadhar card No.558912519535 his name wrongly mentioned as Magma Hembram. Henceforth he will be known as SATYAJIT HEMBRAM.
Sd - Gobinda Hembram

**AFFIDAVIT**

By virtue of an affidavit in the court of Executive magistrate, Jatni, Sl No.09, Dated: 13.09.2024, I Ramesh Behera, S/o- Ghanashyam Behera, resident of Padanpur, Post- Bhimapur Padanpur, Ps- Jatni, Dist- Khordha, declares that my natural born son name is Satyaranjan Behera which is mentioned in his Educational records. But wrongly mentioned as Somanath Behera in Aadhar Card. Satyaranjan Behera & Somanath Behera is same and one person, S/o- Ramesh Behera. This affidavit is to be produced before concerned authority for correction of Aadhar Card.
Sd/- Ramesh Behera

MUNICIPAL OFFICE, JHARSUGUDA.

"E" Procurement Notice

C-1404

Tender Call Notice No. 17 / JM Dt. 04.01.2025

BID Documents consisting of Work, Estimated Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in

| | | | |
|---|---|---|---|
| 1. | Tender Reference | : | EO/JMC/05/2024-25 |
| 2. | Tender ID No. | : | 2025_ORULB_109056 |
| 3. | Name of the Work | : | Civil Construction works as mentioned in website. |
| 4. | No. of works | : | As per DTCN. |
| 5. | Estimated Cost | : | As per DTCN |
| 6. | Date & Time of availability of Bid Documents in the Portal | : | 04.01.2025 at 06.00 PM |
| 7. | Last date & time for receipt of bids in the portal | : | 14.01.2025 at 06.00 PM |
| 8. | Bids received online shall be opened on | : | 15.01.2025 at 03.30 PM |
| 9. | Name and address of the Officer inviting | : | Executive Officer, Jharsuguda Municipality. |
| 10. | Further details can be seen from the procurement portal i.e. www.tenderodisha.gov.in | | |

Sd/- Executive Officer,
Jharsuguda Municipality

OIPR 13165/11/0034/2425

MUNICIPAL OFFICE: PATTAMUNDAI

C-1406

EOI Notice No. 17

Date.04.01.2025

EXPRESSION OF INTEREST FOR SELECTION OF AGENCY for preparation of DPR and Estimate for different Development work of Pattamundai Municipality

Executive Officer, Pattamundai Municipality, on behalf of Municipal Council , Pattamundai, invites expression of interest for the work " preparation of Plan and Estimate for different Development work of Pattamundai Municipality. The Registered Firm/Reputed Consultants/Architect desires to participate in this EOI notice must submit all documents as per Notice and must submit in two bid system and the envelop must superscribed "Submisison of proposal for preparation of DPR for different Development Project"

The filled in EOI must submit along with non refundable paper cost of Rupees 5000.00 should be drawn in the shape of Demand Draft drawn in favour of Executive Officer Pattamundai Municipality, Payable at Pattamundai & EMD amount of Rupees 10000.00 (Refundable) in the shape of TDR/NSC pleadged in favour of Executive Officer, Pattamundai Municipality. The EOI paper can be had downloaded from District Website https://kendrapara.odisha.gov.in from 05-01-2025 11AM to 5PM of 20-01-2025 and same should submitted by Regd. Post/Speed Post/By hand to the undersigned by 5pm of 21-01-2025 and same will be opened at 11am of 22-01-2025 at Office of the Executive Officer Pattamundai Municipality. The Tender Inviting Authority reserves the right to cancel the EOI at any point of time without assigning any reason thereof.

Sd/- Executive Officer,
Pattamundai Municipality

OIPR 13220/11/0008/2425

GOVERNMENT OF ODISHA
OFFICE OF THE EXECUTIVE ENGINEER (AGRIL.),
SOIL CONSERVATION, NORTHERN ZONE, AT/PO-BURLA, SAMBALPUR-768017
e-mail: eenzsc.sambalpur@gmail.com

L-137

Notice No. 01 Dt. 04.01.2025

NATIONAL COMPETITIVE BIDDING THROUGH e-Procurement
Identification No. 04 /DSC&WD / NZ / 2024-25 Dt. 04.01.2025

| | | | |
|---|---|---|---|
| 1 | Nature of Work | : | Construction of New Building (non-residential) |
| 2 | Nos. of work | : | 2 nos. |
| 3 | Tendered amount in Rs. | : | Rs. 24,50,029 to 52,10,192 |
| 4 | Period of completion | : | 180 to 210 days |
| 5 | Date & Time of availability of bid document in the portal | : | From 10.00 Hrs. of 10.01.2025 to 17.30 Hrs. of 18.01.2025 |
| 6 | Last date/ time of receipt of original documents in the tender box at the office of the undersigned | : | Before 17.30 Hrs. of 24.01.2025 |
| 7 | Date & Time of opening of bids | : | 11.00 Hrs. of 28.01.2025 onwards |
| 8 | Name and Address of the officer inviting bid | : | Executive Engineer (Agril.), Soil Conservation, Northern Zone, Sambalpur, At/Po-Burla, Near Planetarium Chowk, Pin-768017 |

Further details can be seen from the web site www.tendersodisha.gov.in

Sd/- Executive Engineer, (Agril.)
Soil Conservation, NZ, Sambalpur

OIPR 01481/11/0004/2425

Email:eerwgunupur@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, GUNUPUR

O-1137

E-Procurement Notice
Bid Identification No: SERWGNP – Online –04/2024-25

No: 43 / Date:03.01.2025

| | | |
|---|---|---|
| 1 | Name of the Work | : Road & Building Works |
| 2 | Total No. of Works | : 11 Nos. (Percentage rate tender) |
| 3 | Estimated Cost | : As mentioned in Col. 3 of Annexure |
| 4 | Class of Contractor | : As mentioned in Col. 5 of Annexure |
| 5 | Period of Completion | : As mentioned in Col. 4 of Annexure |
| 6 | EMD | : As mentioned in Col. 6 of Annexure |
| 7 | Paper Cost | : As mentioned in Col. 7 of Annexure |
| 8 | Other details: | |

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Gunupur | SERWGNP -Online- 04/2024-25 | 08.01.2025 at 10.00 A.M. | 17.01.2025 upto 5.00 P.M | 18.01.2025 at 11.00Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website:www.tendersodisha.gov.in.

Sd/-Superintending Engineer,
Rural Works Division, Gunupur.

OIPR 25170/11/0004/2425

O-1149

E.Mail- rw_boudh@yahoo.co.in

Government of Odisha
e-Procurement Notice
Bid Identification No. Online tender/ 11/S.E.RW BOUDH/2024-25
NATIONAL COMPETITIVE BIDDING THROUGH e-procurement

Name of the work: - Road works - 6 Nos

1. Estimated cost: - Rs. 1.68 lakhs to 4.20 (approximately)
2. Period of completion: - 01 (One) Calendar month
3. Date & Time of availability of Bid documents in the portal: - From 10.01.2025 10.00AM to 17.01.2025, 5.00 PM
4. Last date / Time for receipt of bids in the portal: - 17.01.2025 up to 5.00 PM
5. Last date / Time for seeking of Tender clarification: - 16.01.2025 up to 5.00 PM
6. Date & Time of opening of Tender / Bid: - 18.01.2025 at 11.00 AM
7. Name & Address of the officer inviting Bid: - Superintending Engineer, R.W Division, Boudh

Further details, corrigendum(s) etc can be seen from the e-procurement portal "Https:// www.tendersorissa.gov.in"

Sd/- Superintending Engineer
R.W. Division, Boudh

OIPR 25061/11/0013/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR

O-1154

e-PROCUREMENT NOTICE NO. Tender Online 10 JJPT of 2024-25

| | | |
|---|---|---|
| 1. | Name of work | : Road and Building Works. |
| 2. | Total No of Work | : 29 Nos. Buildings and 1 No. road Work. |
| 3. | Estimated Cost (Approx.) | : Rs. 1.68 to 16.78 Lakhs |
| 4. | Period of Completion | : 30 Days to 60 Days |
| 5. | Class of contractors | : D, & C Class |

Other details as follows:

| | | |
|---|---|---|
| a) | Procurement officer | : Superintending Engineer, Rural Works Division, Jajpur |
| b) | Availability of tender online & submission of bid | : 07.01.2025 at 10.00 AM to 18.01.2025 upto 5.00 PM |
| c) | Last date & time of seeking of tender clarification | : 17.01.2025 up to 5.00 PM |
| d) | Opening of Technical Bid | : 20.01.2025 at 11.30 A.M. |

Further details can be seen from the Govt. website www.tendersodisha.gov.in

Sd/-Superintending Engineer
Rural Works Division
Jajpur

OIPR 25047/11/0020/2425

O-1147

By E_Mail/e-Despatch
E_Mail ID : serw_balasore@yahoo.in
Ph-No-06782/260318
Balia,Balasore

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
"e" Procurement Notice for Road Work

Identification No.- Online Tender- Bridge N.C.B. No.15 for 2024-25.

Letter No 16 Date.03.01.2025

| | | |
|---|---|---|
| 1. | Name of the work | :- Balance road Works under PMGSY-III (2022-23) |
| 2. | Total No. of work | :- 01 No. |
| 3. | Estimated Cost | :- Rs. 278.89 lakhs (Approximately) |
| 4. | Eligible Class of Contractor | :- 'B' & 'A' Class (of Odisha P.W.D.) or relevant Class of other licensing authorities (as per annexure). |
| 5. | Period of Completion | :- From 09 Calendar Months for the work |
| 6. | Other details | :- |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 15 of 2024-25 | Dt. 08.01.2025 at 11.00 A.M. | 21.01.2025 up to 5.00 P.M. | Dt.20.01.2025 up to 5.00 P.M. | Dt..22.01.2025 at 11.00 A.M. | Will be intimated later. |

- Further details can be seen from the website: www.pmgsytenders.gov.in

Sd/-Chief Construction Engineer,
R.W. Circle, Balasore.

OIPR 25105/11/0021/2425

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୩୫୩୩୬/ଭୁ.ଉ.କ., ଭୁବନେଶ୍ୱର ତା ୨୦.୧୨.୨୦୨୪ ରିଖ

GE-6/89

## ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଗୋଡା ଗୋପୀନାଥ ପ୍ରସାଦ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଗୋଡ଼ା ଗୋପୀନାଥ ପ୍ରସାଦ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ E-292କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୯୯୬୪/AL, ତା.୦୯.୦୭.୨୦୧୦ରିକ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଗୀତାଞ୍ଜଳି ସାମଲ, ସ୍ୱାମୀ- ଗଗନ ବିହାରୀ ସାମଲ, ଗ୍ରାମ/ପୋଷ୍ଟ-ଧୁନପୁର, ଥାନା- ତିର୍ତ୍ତୋଲ, ଜିଲ୍ଲା- ଜଗତସିଂହପୁର, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଗୀତାଞ୍ଜଳି ସାମଲ ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ନିର୍ମଳା ପ୍ରଧାନ, ସ୍ୱାମୀ- ସ୍ୱର୍ଗତଃ ରତ୍ନାକର ପ୍ରଧାନ, ଘର ନଂ-,ଲ-୨୮୫, ଜିଜିପି କଲୋନୀ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

CAD-2082

OIPR 13033/11/0206/2425

OFFICE OFFICE THE ROURKELA MUNICIPAL CORPORATION: ROURKELA
INVITATION FOR BID

C-1407

No. 295 Dated 04.01.2025

Bid Identification No. :- MC/RMC/02/2025

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/02/2025 for 09 nos. Civil work with value of Rs. 5.73 lakh to 45.00 Lakh.

1. Bid documents will be available in website www.tendersorissa.gov.in from 04.01.2025.
2. Bids must be submitted on "online" on or before 18.01.2025 by 17.00 hours.
3. Bids shall be opened at 11.00 hours on 20.01.2025 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Sd/-Municipal Commissioner,
Rourkela Municipal Corporation

OIPR 13131/11/0072/2425

MANAPPURAM ASSET FINANCE LTD.

Regd. Office: Door No. III/105, Opp: Nattika Firka Co -Op Rural Bank, Valapad (P O)-680567 Thrissur Dt Kerala CIN : U65921KL1987PLC004810

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନୀନ ନିଲାମ ନିମ୍ନଲିଖିତ ଶାଖାରେ ଏବଂ ଧାର୍ଯ୍ୟ ତାରିଖରେ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି। ଆମେ ସେହି ବକେୟାଦାର ଗ୍ରାହକ ମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚିତ କରାଇବା ପରେ ମଧ ସେମାନେ ସେମାନଙ୍କର ଋଣରାଶି ପୈଠ କରିବାରେ ବିଫଳ ହୋଇଛନ୍ତି। ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ (www.maafin.in) ପ୍ରଦର୍ଶିତ କରାଯିବ। ଧାର୍ଯ୍ୟ ତାରିଖରେ ନିଲାମ ନକରାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ଆଗାମୀ ଦିନ ମାନଙ୍କରେ ନିଲାମ କରାଯିବ, ଯାହାର ବିଶଦବିବରଣୀ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ ପ୍ରଦର୍ଶିତ କରାଯିବ।
ତାଲିକାଭୁକ୍ତ ସ୍ୱର୍ଣ୍ଣ ଋଣ ଗୁଡିକ ଆମର ନିମ୍ନଲିଖିତ ଶାଖାରେ 15.01.2025 ତାରିଖ ଦିନ ସକାଳ ୧୦ ଘଟିକା ଠାରୁ ନିଲାମ କରାଯିବ।

**ବାଲିଚନ୍ଦ୍ରପୁର: : 0433690700016828, 17122, 17147, 17203, 17251, 17290 , ବନମାଳିପୁର | : 0433560700018829, 18848, 18934, 19001, 19044, 19186. ବେଗୁନିଆ | : 0433800700029031, 29380, ବ୍ରାହ୍ମଗିରି|:0433570700024106, 24124, 24198, 24235, 24268, 24288, 24304. ଚାନ୍ଦପୁର::0433350700125474, 25546, 25574, 25594, 25751, 25851, 25954, 25983, ଚନ୍ଦ୍ରଶେଖରପୁର ଭୁବନେଶ୍ୱର: 0431590700065944, 65945, 65947, 66060, 66069, 66089, 66092, 66118, 66140, 66173, 66198, 66200, 66201, 66208, 66217, 66220, 66239, 66252. ଏରସାମା: 0433370700070821, 70829, 70864, 70892, 70928, 70945, 70960, 70974, 70975, 70976, 71002, 71008, 71016, 71017, 71018, 71031, 71035, 71047, 71053, 71055 . ଗ୍ରାଣ୍ଡ |ରାସ୍ତା ପୁରୀ : 0432000700121674, 21696, 21875, 21923, 21949, 21993. କାଳାପାଥର : 043382070001558 1 ଖୋର୍ଦ୍ଧା : :0433050700107326, 7322, 7327, 7547, 7560 କୁଜଙ୍ଗ: 0433030700088694, 88705, 88714, 88720, 88806, 88811, 88813, 88814, 88820, 88833, 88879, 88909, 88915, 88922, 88998, 89031, 89057, 89065, 89066. ମାଧୁ ପାଟନା କଟକ : 0431580700063245, 63331. ମାର୍ଶାଘାଇ: 0433680700009926, 9943, 9944, 9945, 10048, ଜାଜପୁର ... ଜାତୁନି :0433810700040256, 40346, 40373, 40752.40562 ନିଶିଣ୍ଟାକୋଇଲି : :0433360700019801, 19896, 19933, 19935, 19998, 20037, 20047, ଫୁଲନାଖରା କଟକ : 0431800700064591, 64595, 64636, 64637, 64683, 64702, 64708, 64720, 64729, 64752, 64762, 64768, 64783, 64787, 64796, 64797, 64798, 64840, 64844, 64848, 64870, 64872, 64879 ରଘୁନାଥପୁର : 0433130700034569, 34598, 34600, 34601. ରାହାମା : 0433040700072332, 72417, 72484, 72485, 72557, 72584, 72589, 72607, 72612, 72631, 72668, 72681, 72706, 72719, 72722, 72723, 72734, 72735, 72736, 72754, 72757, 72784, 72858, ରଣପୁର : 0433150700094206, 94397, 94445, 94446, 94447, 94558, 94580, 94581, ସାକ୍ଷିଗୋପାଳ ପୁର : 0431900700127445, 27507, 27541, 27585, 27613, 27631, 27649, 27688, 27689, 27712, 27765, 27784, 27813, 27834, ସାମନ୍ତପୁର ଭୁବନେଶ୍ୱର:0431600700070777, 70838, 70840, 70863, 70881, 70922, 70938, 70968, 70984, 71003, 71016, 71026, 71041, 71042, 71070, 71095, 71107, 71157, 71162**

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :– ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/– ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 18005729787 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ମାନାପୁରମ୍ ଆସେଟ୍ ଫାଇନାନ୍ସ ଲିମିଟେଡ୍‌ର
କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ



ନୂଆଦିଲ୍ଲୀ : ଭାରତକୁ ଆମେରିକା ବେସାମରିକ ଆଣବିକ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ ଯୋଗାଇଦେବ। ୨ ଦିନିଆ ଭାରତ ଗସ୍ତରେ ଆସିଥିବା ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜେକ୍ ସୁଲିଭାନ୍ ସୋମବାର ଏହା କହିଛନ୍ତି। ଆଇଆଇଟି ଦିଲ୍ଲୀରେ ଉଦ୍‌ବୋଧନ ଦେଇ ସୁଲିଭାନ୍ କହିଛନ୍ତି, ଦିବଙ୍ଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ବୁଶ୍‌ଙ୍କ ସହ ସିଭିଲ୍ ନ୍ୟୁକ୍ଲିୟର ଡିଲ୍ ସ୍ୱାକ୍ଷର କରିଥିଲେ। ଇତିମଧ୍ୟରେ ୨ ଦଶନ୍ଧି ବିତିଥିଲେ ମଧ୍ୟ ଉଭୟ ଦେଶ ଏହାର ସହଯୋଗକୁ ସମ୍ପୂର୍ଣ୍ଣ ଅନୁଭବ କରିନାହାନ୍ତି। ଭାରତର ପ୍ରମୁଖ ଆଣବିକ ସଂସ୍ଥା ଏବଂ ଆମେରିକୀୟ କମ୍ପାନୀ ମଧ୍ୟରେ ବେସାମରିକ ଆଣବିକ ସହଯୋଗ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ପୁରୁଣା ନିୟାମକଗୁଡ଼ିକୁ ହଟାଇବା ପାଇଁ ୱାଶିଂଟନ ନେଇଥିବା ଆବଶ୍ୟକ ପଦକ୍ଷେପ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆନୁଷ୍ଠାନିକ କାଗଜପତ୍ର କାମ ଶେଷ ହେଲେ ଭାରତ-ଆମରିକା ସମ୍ପର୍କରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ବୋଲି ସୁଲିଭାନ୍ କହିଛନ୍ତି।

## ଜେଲ୍‌ରେ ରହି ଅନଶନ କରିବେ ପ୍ରଶାନ୍ତ କିଶୋର



ନୂଆଦିଲ୍ଲୀ: ଜନ ସୁରଜ ପାର୍ଟିର ମୁଖ୍ୟ ତଥା ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର ବିପିଏସ୍‌ପି ପରୀକ୍ଷା ବାତିଲ କରିବା ଦାବିରେ ଜାନୁଆରୀ ୨ରୁ ଅନଶନରେ ବସିଥିବାବେଳେ ସୋମବାର ଭୋର ୪ଟାରୁ ପୋଲିସ ତାଙ୍କୁ ଉଠାଇନେଇଥିଲା। ପରେ ସକାଳେ ଗିରଫ କରିଥିଲା। ମଧ୍ୟାହ୍ନରେ ତାଙ୍କୁ ଜାମିନ ମିଳିଥିଲା। କିନ୍ତୁ ପ୍ରଶାନ୍ତ କିଶୋର ସର୍ତ୍ତମୂଳକ ଜାମିନ ନେବାକୁ ମନା କରି ଦେଇଛନ୍ତି। ସେ ଜେଲରେ ଅନଶନ ଜାରି ରଖିବା ନେଇ କହିଛନ୍ତି। ସୂଚନାଥାଉକି, ରବିବାର ପ୍ରଶାନ୍ତ କିଶୋରଙ୍କୁ ପାଟନାର ଗାନ୍ଧୀ ମଇଦାନରୁ ଗିରଫ କରିଥିଲା ପୋଲିସ। ଏହାର କିଛି ସମୟ ପରେ ସିଭିଲ କୋର୍ଟ ତାଙ୍କୁ ୨୫ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକା ଏବଂ ଆଗକୁ ଏଭଳି ନକରିବାକୁ ଲିଖିତ ଭାବରେ ଦେବାକୁ ସର୍ତ୍ତରେ ଜାମିନ ଦେଇଥିଲେ। ହେଲେ ପ୍ରଶାନ୍ତ କିଶୋର ସର୍ତ୍ତମୂଳକ ଜାମିନ ମନା କରିଥିଲେ। ଫଳରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ଯିବାକୁ ପଡ଼ିଛି। ପ୍ରଶାନ୍ତ କିଶୋରଙ୍କ ଓକିଲ ଶିବାନନ୍ଦ ଗିରି କହିଛନ୍ତି ଆମେ କୋର୍ଟଙ୍କୁ ସର୍ତ୍ତ ହଟାଇବାକୁ ଅନୁରୋଧ କରିଥିଲୁ। ମାତ୍ର କୋର୍ଟ ମନା କରିଥିଲେ।ପ୍ରଶାନ୍ତ କିଶୋରଙ୍କ ଗିରଫକୁ ନେଇ ପାଟନା ଜିଲ୍ଲାଧିକାରୀ ଡାକ୍ତର ଚନ୍ଦ୍ରଶେଖର ସିଂହ କହିଛନ୍ତି, ପ୍ରଶାନ୍ତ କିଶୋର ଗାନ୍ଧୀ ମଇଦାନର ଅନୁମତି ନଥିବା ଅଞ୍ଚଳରେ ଅବୈଧ ଭାବରେ ଧାରଣା ଦେଉଥିଲେ । ଆଉ ଏଥିପାଇଁ ତାଙ୍କ ବିରୋଧରେ ଗାନ୍ଧୀ ମଇଦାନ ଥାନାରେ ଏଫଆଇଆର ମଧ୍ୟ ହୋଇଥିଲା। ତାଙ୍କୁ ଅନେକ ଥର ଜାଗା ଖାଲି କରିବାକୁ ମଧ୍ୟ କୁହାଯାଇଥିଲା। ହେଲେ ଏହା ସତ୍ତ୍ୱେବି ସେ ଏବଂ ସେମାନଙ୍କ ସମର୍ଥକ ସେଠାରୁ ହଟିନଥିଲେ। ଯାହା ପରେ ତାଙ୍କୁ ଗିରଫ କରାଯାଇଥିଲା। ପ୍ରଶାନ୍ତ କିଶୋରଙ୍କ ସହ ୪୩ ଜଣଙ୍କୁ ହେପାଜତକୁ ନିଆଯାଇଥିଲା। ୧୫ ଗାଡ଼ି ଜବତ କରାଯାଇଛି। ଯାଞ୍ଚରୁ ଜଣାପଡ଼ିଥିଲା ଯେ, ୪୩ରୁ ୩୦ ଜଣ ଛାତ୍ର ନୁହଁନ୍ତି । ଏଦିଗରେ ଅଧିକ ତଦନ୍ତ ଯାଞ୍ଚ ରହିଥିବା କହିଛନ୍ତି ଜିଲ୍ଲାଧିକାରୀ।

## ଇସ୍ତଫା ଦେଲେ କାନାଡ଼ା ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଶେଷରେ ଇସ୍ତଫା ଦେଲେ କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ। ତାଙ୍କ ଇସ୍ତଫା ଦେବା ନେଇ ଆନ୍ତର୍ଜାତୀୟ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ଲାଗିଥିଲା। କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଏକଦା ଲିବେରଲା ପାର୍ଟିର ଭବିଷ୍ୟତ ଉଜ୍ଜଳ କରିବେ ବୋଲି ଆଶା କରାଯାଉଥିଲା ବେଳେ ନିଜ ଦଳ ମଧ୍ୟରେ ବିବାଦୀୟ ହୋଇପଡିଥିଲେ। ଦଳ ସହ ଜଡିତ ସୂତ୍ରରୁ ଜଣାପଡିଛି ଯେ ଟ୍ରୁଡୋଙ୍କୁ ଜାତୀୟ କକସ୍ ବୈଠକରେ ବିଦ୍ରୋହର ସମ୍ମୁଖୀନ ହେବାକୁ ପଡିପାରେ। ଏଭଳି ପରିସ୍ଥିତିରେ ଟ୍ରୁଡୋ ଅନୁଭବ କକସ୍ ବୈଠକ ପୂର୍ବରୁ ଇସ୍ତଫା ଦେଇଛନ୍ତି। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହେବା ପରେ ଟ୍ରୁଡୋଙ୍କ ଉପରେ ଚାପ ବଢ଼ି ଚାଲିଥିଲା। ଟ୍ରମ୍ପ ତାଙ୍କୁ ନିରନ୍ତର ଟାର୍ଗେଟ କରୁଥିଲେ। ଟ୍ରମ୍ପଙ୍କ ବିଜୟ ପରେ ଏଲୋନ୍ ମସ୍କ ମଧ୍ୟ ତୁରନ୍ତ କହିଥିଲେ ଯେ ବର୍ତ୍ତମାନ ଟ୍ରୁଡୋ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି।

## ଶେଖ୍ ହସିନାଙ୍କ ବିରୋଧରେ ଗିରଫ ପରୱାନା ଜାରି



ଢ଼ାକା: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ଢାକାର ଗୋଟିଏ କୋର୍ଟ ଦ୍ୱିତୀୟ ଥର ପାଇଁ ଗିରଫ ପରୱାନା ଜାରି କରିଛନ୍ତି। ବର୍ତ୍ତମାନ ଭାରତରେ ଆଶ୍ରୟ ନେଇଥିବା ହସିନା ବାଂଲାଦେଶର ପ୍ରଧାନମନ୍ତ୍ରୀ ଥିବା ବେଳେ ବଳପୂର୍ବକ ଲୋକଙ୍କୁ ଗାଏବ କରିବା ସହ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ କୋର୍ଟ ତାଙ୍କ ନାଁରେ ଗିରଫ ପରୱାନା ଜାରି କରିଛନ୍ତି। ଗତବର୍ଷ ଅଗଷ୍ଟ ମାସରେ ବାଂଲାଦେଶରେ ଭୀଷଣ ଛାତ୍ର ଆନ୍ଦୋଳନ ଦେଖିବାକୁ ମିଳିଥିଲା। ଏହି ଆନ୍ଦୋଳନ ଭୟଙ୍କର ରୂପ ନେବାରୁ ୭୭ ବର୍ଷୀୟ ହସିନା ବାଂଲାଦେଶ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ପୂର୍ବରୁ ତାଙ୍କ ନାଁରେ ମାନବିକତା ବିରୋଧୀ ଅପରାଧ ମାମଲା ରହିଥିଲା। ଅନ୍ତର୍ଜାତୀୟ ଅପରାଧିକ ଟ୍ରିବ୍ୟୁନାଲ(ଆସିଟି)ର ମୁଖ୍ୟ ଓକିଲ ତଜୁଲ ଇସଲାମ କହିଛନ୍ତି, ଏବେ ବଳପୂର୍ବକ ଲୋକଙ୍କୁ ଗାଏବ କରିବା ମାମଲାରେ ହସିନାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। ହସିନା ୧୫ ବର୍ଷ ଧରି ବାଂଲାଦେଶରେ ଶାସନ କରିଥିଲେ। ଏହି ସମୟରେ ସେ ୫୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷାକର୍ମୀଙ୍କ ଦ୍ୱାରା ଅପହରଣ କରିଥିଲେ। ଏହାପରେ ସେମାନଙ୍କୁ ଗୁପ୍ତ ଠିକଣାରେ ରଖାଯାଇଥିଲା। ଏହି ଘଟଣାରେ କୋର୍ଟ ଶେଖ ହସିନା ଓ ଅନ୍ୟ ୧୧ ଜଣଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ଏହି ୧୧ ଜଣଙ୍କ ମଧ୍ୟରେ ହସିନାଙ୍କ ପ୍ରତିରକ୍ଷା ପରାମର୍ଶଦାତା, ପ୍ରତିରକ୍ଷା ଅଧିକାରୀ ଓ ଅନ୍ୟ ସୁରକ୍ଷା ଏଜେନ୍ସିର ଅଧିକାରୀଙ୍କ ନାଁ ରହିଛି ବୋଲି ଇସଲାମ କହିଛନ୍ତି। ବାଂଲାଦେଶ ସରକାରଙ୍କ ପ୍ରେସ ସଚିବ ଶଫିକୁଲ ଆଲାମ କହିଛନ୍ତି, ଶେଖ ହସିନା ଯେମିତି ହେଲେ ବି ନ୍ୟାୟପାଳିକାର ସାମ୍ନା କରିବେ। ତାଙ୍କୁ ମାନବଜାତି ବିରୋଧୀ ଅପରାଧ ପାଇଁ ଦଣ୍ଡ ଦେବାକୁ ଆମେ ପୂରା ଚେଷ୍ଟା କରିବୁ। ତାଙ୍କୁ ବାଂଲାଦେଶ ଆଣିବାକୁ ଆମର ଚାପ ପକାଇବା କାମ ଜାରି ରହିବ ବୋଲି ସେ କହିଛନ୍ତି। ଶେଖ ହସିନାଙ୍କ ପ୍ରତ୍ୟାର୍ପଣ ପାଇଁ ବାଂଲାଦେଶର ଅନ୍ତରୀଣ ସରକାର ଭାରତକୁ କୂଟନୈତିକ ସ୍ତରରେ ଚିଠି ଲେଖିଛନ୍ତି। କିନ୍ତୁ ଏଯାଏ ଭାରତ ସରକାରଙ୍କ ପକ୍ଷରୁ ଏହାର କୌଣସି ଜବାବ ଦିଆଯାଇ ନାହିଁ।

## ଡବଲ ଇଞ୍ଜିନ ସରକାରରୁ ଛତିଶଗଡକୁ ମିଳୁଛି ଭରପୂର ସମର୍ଥନ: ବିଷ୍ଣୁଦେବ

### ମହାସମୁନ୍ଦ ଜିଲ୍ଲାରେ ୨୧୭କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ, ଭୂମିପୂଜନ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ, ଯେତେବେଳେ କେନ୍ଦ୍ରରେ ଅଟଳବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲେ ସେତେବେଳେ ଛତିଶଗଡକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦିଆଯାଇଥିଲା। ଏବେ ଦେଶରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଥିବା ବେଳେ ଛତିଶଗଡକୁ କେନ୍ଦ୍ର ପକ୍ଷରୁ ଭରପୂର ସମର୍ଥନ ଦିଆଯାଉଛି। ଯୋଗାଯୋଗର ସୁବିଧା ପାଇଁ ସଡ଼କର ବ୍ୟବସ୍ଥା, ରେଳ ପରିଯୋଜନା ସହ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଚାଲୁ ରହିଛି। ମୋଦୀଙ୍କ ଗ୍ୟାରେଣ୍ଟି ଅନୁଯାୟୀ ଛତିଶଗଡରେ ବିକାଶମୂଳକ କାର୍ଯ୍ୟ କରାଯାଉଛି। ସବ୍‌କା ଥା ସବ୍‌କା ପ୍ରୟାସ ଏବଂ ସବ୍‌କା ବିକାଶକୁ ନେଇ ମହାସମୁନ୍ଦ ଜିଲ୍ଲାରେ ବିକାଶର ସୂର୍ଯ୍ୟକୁ ପହଞ୍ଚାଇବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ଏହି ଅବସରରେ ଶ୍ରୀ ସାଏ ସୋମବାର ମହାସମୁନ୍ଦ ଜିଲ୍ଲାରେ ୨୧୭କୋଟି ଟଙ୍କା ବ୍ୟୟରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କରିଛନ୍ତି। ଏହି ଅର୍ଥରେ ୪୧୯ଟି ବିକାଶ ମୂଳକ କାର୍ଯ୍ୟ କରାଯିବ। ୩୩୫ଟି ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ କରାଯାଇଥିବା ବେଳେ ୮୪ଟି ପ୍ରକଳ୍ପର ଭୂମିପୂଜନ କରାଯାଇଛି। ଏହି ଅବସରରେ ଶ୍ରୀ ସାଏ କହିଥିଲେ ଛତିଶଗଡରେ ଗରିବ ଲୋକଙ୍କ ପାଇଁ ମୋଦୀଜୀ ୧୮ଲକ୍ଷ ଆବାସ ମଞ୍ଜୁର କରିଛନ୍ତି। ସେ ଆହୁରି କହିଥିଲେ ଯେ, ମହାସମୁନ୍ଦ ଜିଲ୍ଲାରେ ପର୍ଯ୍ୟଟନ ବିକାଶର ଅପରା ସମ୍ଭାବନ ରହିଛି। ଶିରିପୁର ଏବଂ ଦେବାଦୀଦେବ ଭଗବାନ ଗଧେଶ୍ୱରନାଥ ମହାଦେବଙ୍କ ଖ୍ୟାତି ସାରା ରାଜ୍ୟରେ ରହିଛି। ଲକ୍ଷ୍ମଣ ମନ୍ଦିର ବିଶ୍ୱ ମନ୍ଦିର ତାଲିକାରେ ସ୍ଥାନୀତ ହୋଇଛି। ଇକୋ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ମହାସମୁନ୍ଦ ଜିଲ୍ଲାର ବିକାଶ କରାଯାଉଛି। ଏହି କାର୍ଯ୍ୟକ୍ରମରେ ସାଂସଦ ରୂପ କୁମାର ଚୌଧୁରୀ, ମହାସମୁନ୍ଦ ବିଧାୟକ ଯୋଗେଶ୍ୱର ରାଜୁ ସିହ୍ନା, ବସନା ବିଧାୟକ ସମ୍ପଦ ଅଗ୍ରୱାଲ ମଧ୍ୟ ଉପସ୍ଥିତ ରହିଥିଲେ।

## କାନ୍ଦିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶି ମର୍ଲେନା ବିଜେପି ନେତା ରମେଶ ବିଧୁଡ଼ିଙ୍କ ବିବାଦୀୟ ବୟାନକୁ ନେଇ କାନ୍ଦି ପକାଇଛନ୍ତି। ସୋମବାର ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ଆତିଶିଙ୍କୁ ବିଜେପି ପ୍ରାର୍ଥୀ ରମେଶ ବିଧୁଡିଙ୍କ ବିବାଦୀୟ ବୟାନ ବିଷୟରେ ପଚରାଯାଇଥିଲା। ସେ ଏହି ପ୍ରଶ୍ନର ଉତ୍ତର ଦେବାବେଳେ କାନ୍ଦିକାନ୍ଦି କହିଥିଲେ, 'ମୋ ବାପା ଅସୁସ୍ଥ । ସେ ବିନା ସାହାରାରେ ଚାଲି ପାରନ୍ତି ନାହିଁ। ନିର୍ବାଚନ ପାଇଁ ଲୋକେ ଏତେ ତଳକୁ ଖସି ଯାଇ ବୃଦ୍ଧ ବ୍ୟକ୍ତିଙ୍କୁ ଗାଳି କରିବା ସହିତ ଦୁର୍ବ୍ୟବହାର କରନ୍ତି। ମୁଁ କେବେ ଭାବି ନ ଥିଲି ଯେ ଏହି ଦେଶର ରାଜନୀତି ଏତେ ନିମ୍ନ ସ୍ତରକୁ ଯାଇପାରେ। ରମେଶ ବିଧୁଡ଼ି ୧୦ ବର୍ଷ ଧରି ଦକ୍ଷିଣ ଦିଲ୍ଲୀର ସାଂସଦ ଥିଲେ। ସେ ଏହି ଅଞ୍ଚଳର ଲୋକଙ୍କ ପାଇଁ କ'ଣ କରିଛନ୍ତି ତାହା କାଲକାଜୀ ଲୋକ ହିଁ କହିବେ। ସୋସିଆଲ ମିଡିଆରେ ରମେଶ ବିଧୁଡ଼ିଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶିଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଉଥିବାର ଶୁଣିବାକୁ ମିଳୁଛି। ବିଧୁଡ଼ି କହିଛନ୍ତି,' ଯେ ଆତିଶି ମର୍ଲେନାରୁ ସିଂ ହୋଇଥିଲେ। ଅରବିନ୍ଦ କେଜ୍ରିୱାଲ ପିଲାମାନଙ୍କ ମୁଣ୍ଡରେ ହାତ ରଖି ଶପଥ ନେଇଥିଲେ ଯେ ସେ କଂଗ୍ରେସ ସହ ଯିବେ ନାହିଁ ପିଲାଙ୍କୁ ସୁରକ୍ଷା ଦେବେ। ଏହି କ୍ରମରେ ଦେଖିବାକୁ ଗଲେ ଆତିଶି ତାଙ୍କ ବାପାଙ୍କୁ ହିଁ ବଦଳାଇ ଦେଇଛନ୍ତି। ଏହା ହେଉଛି ତାଙ୍କର ଚରିତ୍ର।'

## ଏଚ୍‌ଏମ୍‌ପିଭି ଭାଇରସକୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ : ସ୍ୱାସ୍ଥ୍ୟ ମନ୍ତ୍ରୀ



ନୂଆଦିଲ୍ଲୀ : ଚାଇନା ଭାଇରସ ଏଚଏମପିଭିକୁ ନେଇ ଭାରତରେ ଚିନ୍ତା ବଢ଼ିଛି। ଭାରତରୁ ୬ ଆକ୍ରାନ୍ତ ଚିହ୍ନଟ ହେବା ପରେ ସାରା ଦେଶରେ ଆତଙ୍କ ଖେଳି ଯାଇଛି। ଲୋକମାନେ ଆଶା ଓ ଆଶଙ୍କାରେ ଥିବା ବେଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଲୋକଙ୍କୁ ଆତଙ୍କିତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି। ତାଙ୍କ କହିବା କଥା ଯେ ଏଚଏମପିଭି କୌଣସି ନୂଆ ପ୍ରକାରର ଭାଇରସ ନୁହେଁ। ତେଣୁ ଦେଶବାସୀ ବ୍ୟସ୍ତ ହୁଅନ୍ତୁ ନାହିଁ। ଭାଇରସକୁ ନେଇ ସୋଶିଆଲ ମିଡିଆରେ ବିଭିନ୍ନ ପ୍ରକାରର ଆଲୋଚନା ଚାଲିଛି। ଏହାକୁ ଦେଖି ଲୋକ ଆତଙ୍କିତ ହେବାରେ ଲାଗିଛନ୍ତି। ଲୋକଙ୍କ ଆଶଙ୍କା ଦୂର କରିବା ପାଇଁ ନଡ୍ଡା ଗୋଟିଏ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ସରକାର ସକ୍ରିୟ ଭାବେ ସ୍ଥିତି ଉପରେ ନଜର ରଖିଛନ୍ତି ଓ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଶ୍ରୀ ନଡ୍ଡା କହିଛନ୍ତି, "ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି ଯେ ଏହା କୌଣସି ନୂଆ ପ୍ରକାରର ଭାଇରସ ନୁହେଁ। ଏହା ପ୍ରଥମେ ୨୦୦୧ରେ ଚିହ୍ନଟ ହୋଇଥିଲା ଓ ବିଶ୍ୱର ଅନେକ ସ୍ଥାନରେ ଏହା ସେବେଠାରୁ ରହି ଆସିଛି। ଏଚଏମପିଭି ବାୟୁ ମଣ୍ଡଳରେ ସଂକ୍ରମଣ କରିଥାଏ। ଏହା ସବୁ ବର୍ଗର ଲୋକଙ୍କୁ ପ୍ରଭାବିତ କରିପାରିବ। ଏହି ଭାଇରସ ଶୀତ ଦିନେ ଅଧିକ ବ୍ୟାପିଥାଏ।" ଚାଇନାରେ ବଢୁଥିବା ଏଚଏମପିଭି ସଂକ୍ରମଣ ସମ୍ପର୍କରେ ନଡ୍ଡା କହିଛନ୍ତି ଯେ "ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଆଇସିଏମଆର ଓ ଏନସିଡିସି ଚାଇନା ଓ ଅନ୍ୟ ପଡ଼ୋଶୀ ରାଷ୍ଟ୍ରରେ ଘଟୁଥିବା ଘଟଣା ଉପରେ ନଜର ରଖିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ସ୍ଥିତିକୁ ପରିଖିଛି ଓ ଏ ସଂକ୍ରାନ୍ତରେ ବିସ୍ତୃତ ରିପୋର୍ଟ ଖୁବଶୀଘ୍ର ମିଳିବ। ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସର୍ଭେଲାନ୍ସ ନେଟୱର୍କ ପୂରା ସଜାଗ ରହିଛି। ସବୁ ପ୍ରକାରର ଚ୍ୟାଲେଞ୍ଜକୁ ମୁକାବିଲା କରିବାକୁ ସମସ୍ତେ ପ୍ରସ୍ତୁତ। ଆତଙ୍କିତ ହେବାର କୌଣସି ଆବଶ୍ୟକ ନାହିଁ। ଆମେ ସ୍ଥିତି ଉପରେ ନଜର ରଖିଛୁ।"

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ ରାଉରକେଲା ଇସ୍ପାତ କାରଖାନାର ସମସ୍ତ ୨୫ ଟି ଗୁଣବତ୍ତା ମଣ୍ଡଳୀ ଦଳ ଗ୍ୱାଲିୟରର ଅଟଳ ବିହାରୀ ବାଜପେୟୀ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ସହଭାଗିତାରେ କ୍ୱାଲିଟି ସର୍କଲ ଫେଡେରେସନ ଅଫ ଇଣ୍ଡିଆ ଦ୍ୱାରା ୨୦୨୪ ଡିସେମ୍ବର ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଗ୍ୱାଲିୟରରେ ଅନୁଷ୍ଠିତ ୩୮ତମ ଜାତୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀରେ ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଛନ୍ତି। ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା 'ଲୋକଙ୍କ ଠାରେ ନିବେଶ, ଏକ ଉନ୍ନତତର ଭବିଷ୍ୟତର ନିର୍ମାଣ'। ୨୫ଟି ଗୁଣବତ୍ତା ମଣ୍ଡଳୀ ଦଳ ମଧ୍ୟରୁ ୧୬ଟି ଦଳ ପ୍ରତିଯୋଗିତାର ସର୍ବୋଚ୍ଚ ପୁରସ୍କାର ପାର୍ ଏକ୍ସଲେନ୍ସ ସମ୍ମାନ ଲାଭ କରିଥିଲେ। ଏହି ଦଳ ଗୁଡିକ ହେଉଛି ନୂତନ ପ୍ଲେଟ୍ ମିଲରୁ ତେଜାସ, ଅକ୍ସିଜେନ ପ୍ଲାଣ୍ଟରୁ ସୃଷ୍ଟି, ପ୍ରୟାସ ଓ ଇଗନାଇଟ, ଷ୍ଟିଲ ମେଲ୍ଟିଂ ସପ-୧ରୁ ସମର୍ପଣ, କଞ୍ଚାମାଲ ପ୍ରବନ୍ଧନ ବିଭାଗରୁ ସମ୍ଭବ ଏବଂ ପିନାକଲ, ଆରସିଏଲରୁ ଲକ୍ଷମ, ପାଇପ୍ ପ୍ଲାଣ୍ଟରୁ ଆବିଷ୍କାର, ଇନଷ୍ଟ୍ରୁମେଣ୍ଟେସନ୍ ରୁ ପ୍ରଗତି, ସି ଆଣ୍ଡ ଆଇଟିରୁ ଏକମ୍, ସିଣ୍ଟରିଂ ପ୍ଲାଣ୍ଟ-୨ରୁ ସୃଜନ, ରୋଲ୍ ସପରୁ ମେଗା ମାଇଣ୍ଡ, ବ୍ଲାଷ୍ଟ ଫର୍ଣ୍ଣେସରୁ ଉତ୍କର୍ଷ, ଏୟାର କଣ୍ଡିସନିଙ୍ଗ ବିଭାଗରୁ ନିଷ୍କର୍ଷ ଏବଂ ଆଇ ଆଣ୍ଡ ଏ ରୁ ପାୟୋନିୟର ଗୁଣବତ୍ତା ମଣ୍ଡଳୀ।

## ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ପକ୍ଷରୁ ସି୪ଭି ସହ ଏମ୍‌ଓୟୁ




ନୂଆଦିଲ୍ଲୀ : ଜୟ ଇ-ବାଇକ୍ ଓ ଜୟ ଇ-ରିକ୍ ବ୍ରାଣ୍ଡ୍ ନାମରେ ଇଲେକ୍ଟ୍ରିକ୍ ଯାନ ନିର୍ମାଣ କରୁଥିବା ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ପକ୍ଷରୁ ନ୍ୟୁୟର୍କର ଲିଥିୟମ୍ ଆୟନ୍ ବ୍ୟାଟେରି ପ୍ରଯୁକ୍ତି କମ୍ପାନି ସି୪ଭି ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ବ୍ୟାଟେରି ପ୍ରଯୁକ୍ତିରେ ଉନ୍ନତି ଆଣିବା ଓ ଇଲେକ୍ଟ୍ରିକ୍ ଯାନର ପ୍ରଦର୍ଶନକୁ ବଢ଼ାଇବାରେ ଏହି ସହଯୋଗିତା ବିଶେଷ ସହାୟକ ହେବ। ଏହି ସହଯୋଗିତା ଅଧୀନରେ ୱାର୍ଡୱିଜାର୍ଡ ଇନୋଭେସନ୍ସର ଇଲେକ୍ଟ୍ରିକ୍ ଯାନଗୁଡ଼ିକ ଆବଶ୍ୟକ କରୁଥିବା ସ୍ୱତନ୍ତ୍ର ପ୍ରଦର୍ଶନ ଅନୁସାରେ ଉନ୍ନତ ବ୍ୟାଟେରି ସେଲ୍ ପ୍ରସ୍ତୁତ କରାଯିବ। ସି୪ଭିର ବିଶେଷତାକୁ ବ୍ୟବହାର କରି ଉଚ୍ଚ ଚାର୍ଜିଂ କ୍ଷମତା ଯୁକ୍ତ ବ୍ୟାଟେରି ପ୍ୟାକ୍‌ର ଢାଂଚା ଓ ସେଲ୍ ବିକାଶ କରାଯିବ। ଏହି ସହଯୋଗିତା ଅଧୀନରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଓ ସି୪ଭି ମିଳିତ ଭାବେ ଉତ୍ପାଦ ମାନଦଣ୍ଡ, ନମୁନା ବିକାଶ ଓ କଠୋର ପରୀକ୍ଷଣ ଆଦିରେ କାମ କରି ଉତ୍କୃଷ୍ଟ ପ୍ରଦର୍ଶନ ଓ ଭରସାଯୋଗ୍ୟତାକୁ ସୁନିଶ୍ଚିତ କରିବେ। ଏହି ସହଯୋଗିତାରେ ଉତ୍ପାଦନକୁ ଭାରତରେ କରାଯିବ ଯାହା ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ସମର୍ଥନ ଦେଉଛି। ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଯତୀନ ଗୁପ୍ତେ କହିଛନ୍ତି ଯେ, 'ସି୪ଭି ହୋଲ୍ଡିଂସ ଏଲଏଲସି ସହିତ ଏହି ଭାଗିଦାରୀ ଇଭି ବ୍ୟବସ୍ଥାରେ ବିପ୍ଳବ ଆଣିବା ପାଇଁ ଆମର ଯାତ୍ରାରେ ଏକ ମାଇଲଖୁଣ୍ଟ। ଅତ୍ୟାଧୁନିକ ବ୍ୟାଟେରି ପ୍ରଯୁକ୍ତିରେ ସହଯୋଗ କରି ଆମେ ଭାରତର ସବୁଜ ଗମନାଗମନ ଦୃଷ୍ଟିକୋଣରେ ଯୋଗଦାନ କରିବା ସହିତ ଆମଗ୍ରାହକମାନଙ୍କ ପାଇଁ ଅଭିନବ ଏବଂ ସ୍ଥାୟୀ ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ବୁଝାମଣାପତ୍ର ଇଭି ଶିଳ୍ପରେ ସ୍ଥାନୀୟକରଣ ଏବଂ ବୈଷୟିକ ଦକ୍ଷତାକୁ ଆଗକୁ ବଢ଼ାଇବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇଛି। ସି୪ଭିର ସିଇଓ ଡ. ଶୈଳେଶ ଉପ୍ରେତୀ କହିଛନ୍ତି ଯେ, 'ଆମର ଅତ୍ୟାଧୁନିକ ବ୍ୟାଟେରି ପ୍ରଯୁକ୍ତିକୁ ଭାରତକୁ ଆଣିବା ପାଇଁ ୱାର୍ଡୱିଜାର୍ଡ ଇନୋଭେସନ୍‌ସ ସହ ସହଯୋଗିତା କରି ଆମେ ଉତ୍ସାହିତ। ଏହି ସହଯୋଗ କେବଳ ଭାରତରେ ନୁହେଁ ବରଂ ଅନ୍ୟ ପ୍ରମୁଖ କ୍ଷେତ୍ରରେ ଯୋଗାଣ ଚୁକ୍ତି ସ୍ଥାପନ କରିବା ପାଇଁ ସି୪ଭିକୁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଛି।

## 'ରସ୍‌କିକ ଗ୍ଲୁକୋ ଏନର୍ଜି'ର ଶୁଭାରମ୍ଭ

ବେଙ୍ଗାଲୁରୁଷ: ରିଲାଏନ୍ସ କ୍ନ୍ମର ପ୍ରଡକ୍ଟ ଲିମିଟେଡ୍ ସୋମବାର ରସକିକ୍ ଗ୍ଲୁକୋ ଏନର୍ଜି, ଭାରତୀୟଙ୍କ ପାଇଁ ଡିଜାଇନ୍ ହୋଇଥିବା ଶକ୍ତି ବୃଦ୍ଧି ଏବଂ ରିହାଇଡ୍ରେଟିଂ ପାନୀୟର ଶୁଭାରମ୍ଭ ଘୋଷଣା କରିଛି। ଶରୀରର ପ୍ରାଥମିକ ଇନ୍ଧନ ଭାବରେ ଗ୍ଲୁକୋଜ ସହିତ, ରସକିକ୍ ଗ୍ଲୁକୋ ଏନର୍ଜି ତତକ୍ଷଣାତ୍ ଶକ୍ତି ବୃଦ୍ଧି ପ୍ରଦାନ କରିଥାଏ, ଯାହାଦ୍ୱାରା ଏହା ପାନ କରୁଥିବା ବ୍ୟକ୍ତି ସକ୍ରିୟ ଏବଂ ସତେଜ ରହିଥାନ୍ତି। ଇଲେକ୍ଟ୍ରୋଲାଇଟ୍, ଗ୍ଲୁକୋଜ୍ ଏବଂ ପ୍ରକୃତ ଲେମ୍ବୁ ରସରେ ଭରପୂର, ଏହି ସତେଜ ପାନୀୟ ଏକକ ପ୍ୟାକେଜରେ ୧୦ ଟଙ୍କା ମୂଲ୍ୟରେ ଉପଲବ୍ଧ। ରସକିକ୍ ଗ୍ଲୁକୋ ଏନର୍ଜିର ଶୁଭାରମ୍ଭ ସହିତ ରିଲାଏନ୍ସ କ୍ନ୍ମର ପ୍ରଡକ୍ଟ ଲିମିଟେଡ୍ ରିହାଇଡ୍ରେସନ୍ ବର୍ଗରେ ପ୍ରବେଶ କରୁଛି, ଯାହା ସତେଜ ରହିବାର ଉପାୟକୁ ପରିବର୍ତ୍ତନ କରୁଛି। ଜୁସ ଏବଂ କାର୍ଯ୍ୟକ୍ଷମ ପାନୀୟ ବର୍ଗରେ ମାଷ୍ଟର ବ୍ରାଣ୍ଡ ଭାବରେ ରସକିକ୍ ଶୁଭାରମ୍ଭ ସହିତ ଆରସିପିଏଲ ନିଜକୁ ଏକ ସାମଗ୍ରିକ ପାନୀୟ ଏବଂ ଉପଭୋକ୍ତା ଉତ୍ପାଦ କମ୍ପାନୀ' ଭାବରେ ଉପସ୍ଥାପିତ କରିଛି। ବିଶ୍ୱ ସ୍ତରର ମାନକ ଏବଂ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଅଭିନବ ଉତ୍ପାଦ ପ୍ରଦାନ କରିବାକୁ ପ୍ରତିବଦ୍ଧ, ରସକିକ୍ ବର୍ତ୍ତମାନ ବିଭିନ୍ନ ପ୍ରକାରର ସୁଲଭ ତଥା ସର୍ବୋତ୍ତମ ଗୁଣବତ୍ତା ସମ୍ପନ୍ନ ଫଳ ଭିତ୍ତିକ ପାନୀୟ, ଜୁସ୍ ଏବଂ କାର୍ଯ୍ୟକ୍ଷମ ପାନୀୟ ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇଛି। ରିଲାଏନ୍ସ କ୍ନ୍ମର ପ୍ରଡକ୍ଟ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେତନ ମୋଦୀ କହିଛନ୍ତି, 'ଏକ କମ୍ପାନୀ ଭାବରେ ଆମେ ଭାରତୀୟ ପରମ୍ପରାକୁ ଗଭୀର ଭାବରେ ବୁଝିପାରୁଛୁ ଏବଂ ଆମର ବ୍ରାଣ୍ଡ ମାଧ୍ୟମରେ ଭାରତୀୟ ଗ୍ରାହକଙ୍କୁ ନୂତନ ପରମ୍ପରା ପ୍ରଦାନ କରୁଛୁ। ରସକିକ୍ ଗ୍ଲୁକୋ ଏନର୍ଜି କେବଳ ଏକ ପାନୀୟ ନୁହେଁ। ଏହା କେବଳ ହାଇଡ୍ରେସନ୍ ଠାରୁ ଅନେକ ଅଧିକ - ଏହା ଭାରତୀୟ ଗ୍ରାହକଙ୍କୁ ଦିନର ଆହ୍ୱାନର ମୁକାବିଲା ପାଇଁ ସତେଜ ଏବଂ ଶକ୍ତିବାନ କରିବା ସହିତ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ସ୍ୱଚ୍ଛତା, ଗୁଣବତ୍ତା ଏବଂ ସୁବିଧାଜନକ ପାନୀୟ ପ୍ରଦାନ କରିଥାଏ।

## ଭୁବନେଶ୍ୱରରୁ ଚାରିଟି ନୂଆ ବିମାନ ସେବା




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ ଭୁବନେଶ୍ୱରରୁ ଚାରିଟି ନୂଆ ରୁଟ୍‌ରେ ବିମାନ ସେବା ଯୋଗାଇ ଦିଆଯାଇଛି। ଏହି ଅବସରରେ ବିମାନବନ୍ଦରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରରୁ ଜୟପୁର ଓ କୋଚିକୁ ଉଡ଼ାଣ ସହ ଏହି ସେବା ଉଦଘାଟିତ ହୋଇଥିବା ବେଳେ ମଙ୍ଗଳବାର ଲକ୍ଷ୍ନୌକୁ ବିମାନ ସେବା ଆରମ୍ଭ ହେବ ଏବଂ ୨୦୨୫ ଜାନୁଆରି ୧୫ରେ ପାଟନାକୁ ବିମାନ ଉଡ଼ିବ। ଏହି କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂହ, ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବ ଉଷା ପାଢ଼ୀ, ଅତିରିକ୍ତ ସଚିବ ଦେବଦତ୍ତ ସୁରିତ ଜନା ଓ ଏୟାର ଇଣ୍ଡିଆର ବରିଷ୍ଠ ଅଧିକାରୀମାନେ ଅତିଥି ଭାବେ ଯୋଗଦେଇଥିଲେ। ଉଦଘାଟନୀ ବିମାନରେ ଜୟପୁର ଓ କୋଚିକୁ ଯାତ୍ରା କରିଥିବା ଯାତ୍ରୀଙ୍କୁ ସ୍ୱତନ୍ତ୍ର ସ୍ମାରକୀ ବୋର୍ଡିଂ ପାସ୍ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରରୁ ପୂର୍ବାହ୍ନ ୭ଟା ୫୫ରେ ଜୟପୁର ଅଭିମୁଖେ ବିମାନର ଉଡ଼ାଣ ଆରମ୍ଭ ହୋଇଥିଲା। ସେହିପରି କୋଚିକୁ ଅପରାହ୍ନ ୩ଟା ୧୦ ମିନିଟ୍‌ରେ ବିମାନ ଉଡ଼ାଣ ଆରମ୍ଭ କରିଥିଲା। ସୋମବାର, ବୁଧବାର, ଶୁକ୍ରବାର ଓ ରବିବାର ଜୟପୁରକୁ ବିମାନ ଉଡ଼ିବ। କୋଚି ଅଭିମୁଖେ ପ୍ରତିଦିନ ବିମାନ ଯାତ୍ରା କରିବ। ଜୟପୁରର ବିମାନ ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ଉଡ଼ିବ ଓ ଭୁବନେଶ୍ୱରରେ ୧୦ଟା ୧୦ ମିନିଟ୍‌ରେ ପହଂଚିବ। ସେହିପରି କୋଚିରୁ ବିମାନ ସନ୍ଧ୍ୟା ୬ଟା ୧୦ ମିନିଟ୍‌ରେ ଉଡ଼ାଣ ଆରମ୍ଭ କରି ଭୁବନେଶ୍ୱରରେ ରାତି ୮ଟା ୫୦ ମିନିଟ୍‌ରେ ପହଂଚିବ। ଭୁବନେଶ୍ୱରରୁ ପୂର୍ବାହ୍ନ ୭ଟା ୫୫ ମିନିଟ୍‌ରେ ବାହାରିବ ଓ ଲକ୍ଷ୍ନୌରେ ପୂର୍ବାହ୍ନ ୯ଟା ୪୦ ମିନିଟ୍‌ରେ ପହଂଚିବ। ଲକ୍ଷ୍ନୌରୁ ତାହା ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ବାହାରିବ ଓ ଅରାପହ୍ନ ୧ଟା ୦୫ ମିନିଟ୍‌ରେ ପହଂଚିବ। ମଙ୍ଗଳବାର, ଗୁରୁବାର ଓ ଶନିବାର ଏହି ବିମାନ ଉଡ଼ିବ। ସେହିପରି ୨୦୨୫ ଜାନୁଆରି ୧୫ରୁ ଭୁବନେଶ୍ୱରରୁ ଅପରାହ୍ନ ୨ ଟା ୫୫ ମିନିଟରେ ବିମାନ ଉଡ଼ିବ।ପାଟନାରୁ ବିମାନ ଅପରାହ୍ନ ୫ଟାରେ ଉଡ଼ିବ ଓ ସନ୍ଧ୍ୟା ୬ଟା ୩୦ ମିନିଟରେ ଭୁବନେଶ୍ୱରରେ ପହଂଚିବ।

## ଆରୋହଣ ଫାଇନାନ୍‌ସିଆଲ ଉପରୁ କଟକଣା ଉଠାଇଲା ଆର୍‌ବିଆଇ

ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଆରୋହଣ ଫାଇନାନ୍‌ସିଆଲ ସର୍ଭିସେସ୍‌ର ଋଣ ପ୍ରଦାନ ଉପରେ ଲାଗୁ କରିଥିବା କଟକଣାକୁ ତୁରନ୍ତ ପ୍ରତ୍ୟାହାର ଉଠାଇ ନେଇଛି। ଏକ ବିବୃତ୍ତିରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଆରୋହଣ ପକ୍ଷରୁ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯାଇ ଆର୍‌ବିଆଇ ନିକଟରେ ବହୁବିଧ ଅନୁପାଳନ ରିପୋର୍ଟ ଦାଖଲ କରାଯାଇଥିଲା। 'ସମ୍ପ୍ରତି କମ୍ପାନୀର ଦାଖଲ କାଗଜପତ୍ର ଆଧାରରେ ନିଜେ ସନ୍ତୁଷ୍ଟ ହେବାପରେ ଏବଂ ଆରୋହଣ ଦ୍ୱାରା ସଂଶୋଧିତ ପ୍ରକ୍ରିୟାସମୂହ, ବ୍ୟବସ୍ଥାକୁ ଲାଗୁ କରାଯିବା ଏବଂ ଦୈନନ୍ଦିନ ଭିତ୍ତିରେ ନିୟାମକ ନିର୍ଦ୍ଦେଶାବଳୀଗୁଡିକ ଅନୁପାଳନ ସୁନିଶ୍ଚିତ କରିବାକୁ କମ୍ପାନୀର ପ୍ରତିବଦ୍ଧତା, ବିଶେଷକରି ଋଣ ଉପରେ ମୂଲ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ସାଧୁତା ସୁନିଶ୍ଚିତ ନିମନ୍ତେ ପ୍ରତିଶୃତି ଦିଆଯିବା ପରିପ୍ରେକ୍ଷୀରେ ରିଜର୍ଭ ବ୍ୟାଙ୍କ ଆରୋହଣ ଫାଇନାନ୍‌ସିଆଲ ସର୍ଭିସେସ୍ ଉପରେ ଲଗାଇଥିବା ଉପରୋକ୍ତ କଟକଣାକୁ ତୁରନ୍ତ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ନେଇଛି ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଅଗ୍ରଣୀ ଏନବିଏଫସି ଏମଏଫଆଇ ଆରୋହଣ ଫାଇନାନସିଆଲ ସର୍ଭିସେସ ରକ୍ତଚାପ, ରକ୍ତ ଶର୍କରା, ବିଏମଆଇ ଆଦି ମୌଳିକ ସ୍ୱାସ୍ଥ୍ୟ ପରୀକ୍ଷା ସେବା ଜଗତସିଂହପୁର, ଝାରସୁଗୁଡା, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, ମୟୂରଭ, ନୟାଗଡ, ଢେଙ୍କାନାଳ, ଭଦ୍ରକ, ବରଗଡ, ବଲାଙ୍ଗୀର, ଭବାନିପାଟଣା ଏବଂ ଗଜପତି ସମେତ ବିଭିନ୍ନ ଜିଲ୍ଲାରେ ଆୟୋଜନ କରୁଛି। ସାଧାରଣ ଅସୁସ୍ଥତା ନିରୂପଣ ହେଉଥିବା ବ୍ୟକ୍ତିମାନଙ୍କୁ ସେହିଠାରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ଔଷଧ ଯୋଗାଇ ଦିଆଯିବ। ଆଗକୁ ଆରୋହଣ ସମଗ୍ର ବିହାର, ଝାଡଖଣ୍ଡ, ଓଡ଼ିଶା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଆସାମ, ତ୍ରିପୁରା, ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ, କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ଶୀଘ୍ର ଚିହ୍ନଟ ଓ ତାହାର ଚିକିତ୍ସା ନିମନ୍ତେ ୧୫୧ଟି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରିବ।

## ସୋନାଲିକାର ସର୍ବୋଚ୍ଚ ମାସିକ ବଜାର ଅଂଶ ହାସଲ



ନୂଆଦିଲ୍ଲୀ: ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ସହିତ ନିଜର ୨୦୨୪ ଯାତ୍ରା ଶେଷ କରିଛି। କମ୍ପାନୀ ଡିସେମ୍ବର ୨୦୨୪ରେ ୧୮%ର ଏହାର ସର୍ବୋଚ୍ଚ ମାସିକ ବଜାର ଅଂଶ ରେକର୍ଡ କରି ଏକ ନୂଆ ବେଂଚ୍‌ମାର୍କ ସୃଷ୍ଟି କରିଛି। ୧୦୬୩୯ଟି ମୋଟ ଟ୍ରାକ୍ଟର ବିକ୍ରି କରି କମ୍ପାନୀ ଏହି ଚମତ୍କାର ସଫଳତା ହାସଲ କରିଛି ଯାହା ଡିସେମ୍ବର ୨୦୨୩ର ୭୯୯୯ଟି ଟ୍ରାକ୍ଟର ବିକ୍ରି ତୁଳନାରେ ୩୩% ଅଧିକ ଅଟେ। ଏଥିସହିତ କମ୍ପାନୀ ୨.୪ ଗୁଣ ଅଧିକ ଅଭିବୃଦ୍ଧି ସହ ଶିଳ୍ପ ଅଭିବୃଦ୍ଧିକୁ ଅତିକ୍ରମ କରିଛି। ସୋନାଲିକା ଏପ୍ରିଲରୁ ଡିସେମ୍ବର ୨୦୨୪ ମଧ୍ୟରେ ମୋଟ ୧୧୯,୩୬୯ଟି ଟ୍ରାକ୍ଟର ବିକ୍ରିର ପ୍ରଭାବୀ ୱାଇଟିଡି ସେଲ୍ ସହ ୨୦୨୪-୨୫ ଆର୍ଥିକ ବର୍ଷରେ ଏକ ମଜବୁତ ସଫଳତା ବଜାୟ ରଖିଛି। କୃଷକଙ୍କ ଫସଲ ଓ ମୃତିକା ଆବଶ୍ୟକତା ଅନୁଯାୟୀ ଏହାର ହେଭି ଡ୍ୟୁଟି ଟ୍ରାକ୍ଟର ପୋର୍ଟଫୋଲିଓକୁ ବିସ୍ତାର କରିବାଠାରୁ ଆରମ୍ଭ କରି, ସର୍ଭିସ୍ ନେଟ୍‌ୱର୍କକୁ ବୃଦ୍ଧି କରିବା ପର୍ଯ୍ୟନ୍ତ, ଗ୍ରାହକଙ୍କର ଯଥାସମ୍ଭବ ନିକଟତର ରହି ସୋନାଲିକା କୃଷି ସମୃଦ୍ଧତା ଦିଗରେ ଏକ ବିଶ୍ୱସନୀୟ ସହଯୋଗୀ ଭାବେ ନିଜକୁ ନିରନ୍ତର ଅବସ୍ଥାପିତ କରିଆସୁଛି। ଏହି ଅପ୍ରତ୍ୟାଶିତ ସଫଳତା ଉପରେ ନିଜର ମତବ୍ୟକ୍ତ କରି ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ' ପ୍ରତ୍ୟେକ ଟ୍ରାକ୍ଟର ସହିତ ଆମେ ଆମର କୃଷକ ସମୁଦାୟ ପାଇଁ ଅଭିବୃଦ୍ଧି, ସ୍ଥିରତା ଓ ଆଶାର ବିହନ ବୁଣିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ କରିଛୁ। ଡିସେମ୍ବର ୨୦୨୪ରେ ୧୮%ର ସର୍ବୋଚ୍ଚ ମାସିକ ବଜାର ଅଂଶ ହାସଲର ନୂଆ ସଫଳତା ବେଂଚ୍‌ମାର୍କ ପ୍ରଦର୍ଶନ ଓ ନୂତନ ଉପଲବ୍ଧିରେ ଉଜ୍ଜ୍ୱଳିତ ଏକ ବର୍ଷର ଉପଯୁକ୍ତ ସମାପ୍ତି ଅଟେ। ଏହି ମାସରେ ୩୩% ବୃଦ୍ଧି ସହିତ ଆମେ ଶିଳ୍ପ ଅଭିବୃଦ୍ଧିକୁ ୨.୪ ଗୁଣରେ ପରାଜିତ କରିଛୁ। ହେଭି-ଡ୍ୟୁଟି ଟ୍ରାକ୍ଟରଗୁଡିକର ଆମର ମଜବୁତ ପୋର୍ଟଫୋଲିଓ ସହିତ ଆମେ ନୂତନ ବର୍ଷ ୨୦୨୫ରେ ପ୍ରତ୍ୟେକ ନୂଆ ସୁଯୋଗକୁ ହାସଲ କରିବା ପାଇଁ ପ୍ରସ୍ତୁତ ରହିଛୁ ଏବଂ କୃଷକଙ୍କ ଆକାଂକ୍ଷାକୁ ପୂରଣ କରିବା ଓ କୃଷି ସମୃଦ୍ଧତାକୁ ପରିଚାଳନା କରିବା ପାଇଁ ପ୍ରତିବଦ୍ଧ ରହିଛୁ।




ଓଡ଼ିଶା ଭାସ୍କର

# ଖେଳ ଖବର



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଆସନ୍ତା ଜାନୁଆରୀ ୧୨ରେ ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଚୌଦ୍ୱାର ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ଗଣଦୌଡ଼ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଭାସ୍କର ଚନ୍ଦ୍ର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କୋଷାଧ୍ୟକ୍ଷ ମାନସ କୁମାର ପରିଡ଼ା, ଭାମାସେନ୍ ବିଶ୍ୱାଳ, ସୁଜିତ୍ ଦାସ, କାଳୁଚରଣ ଜେନା, ରାଜକିଶୋର ସାମନ୍ତ, ଟୁକୁ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ହରିହର ବେହୁରା, ରଜନୀ ମହାନ୍ତି, ରଞ୍ଜିତ କର, ତପନ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ୧୨ ତାରିଖ ସକାଳ ୭ଟାରୁ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ପଡ଼ିଆରୁ ବାହାରି ଓଟିଏମ୍ ଛକ, ଗାନ୍ଧିଛକ, କଳିଙ୍ଗଛକ, ବୁଢ଼ାଖିଆ ବଜାର, ମାଧବ ମନ୍ଦିର, ଆଗ୍ରାହାଟ, ଉତ୍ତରେଶ୍ୱର ମନ୍ଦିର, ନୂଆଗାଁ, ବାଟବୁଢ଼ା ମନ୍ଦିର, ଜାକୋବିନ୍ କ୍ଲବ୍ ଦେଇ ପ୍ରାୟ ୧୦କିଲୋମିଟର ଅତିକ୍ରମ କରି ଗୋପବନ୍ଧୁ ଖେଳପଡ଼ିଆରେ ପହଂଚିବେ ବୋଲି ଅନୁଷ୍ଠାନର ସମ୍ପାଦକ ଶ୍ରୀ ଜେନା ପ୍ରକାଶ କରିଛନ୍ତି । ଏହି ପ୍ରତିଯୋଗିତାରେ ଯେଉଁମାନେ ଭାଗ ନେବାକୁ ଚାହିଁବେ ସେମାନେ ୯୯୩୮୦୦୦୯୯୯ ଓ ୯୯୩୮୫୫୮୨୫୦ରେ ଯୋଗାଯୋଗ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି ।



## ଇଂଲଣ୍ଡ ବିପକ୍ଷ ସିରିଜ୍‌ରୁ ବୁମ୍ରା ବାଦ୍



ଚିନ୍ତାରେ ବିସିସିଆଇ

ନୂଆଦିଲ୍ଲୀ: ନିକଟରେ ବର୍ଡର-ଗାଭାସ୍କର ସିରିଜ୍ ଶେଷ ହୋଇଛି । ଏବେ ଭାରତ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ଟି-୨୦ ଓ ଦିନିକିଆ ସିରିଜ୍ ଖେଳିବ। ତେବେ ଏହି ଦୁଇ ସିରିଜରୁ ବାଦ୍ ପଡ଼ିଛନ୍ତି ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା। ସିଡନୀରେ ଖେଳା ଯାଇଥିବା ଶେଷ ଟେଷ୍ଟରେ ବୁମ୍ରାଙ୍କ ପିଠିରେ ଆଘାତ ଲାଗିଥିଲା। ତେଣୁ ସେ ଶେଷ ଇନିଂସରେ ବୋଲିଂ କରି ପାରି ନ ଥିଲେ। ଏବେ ଭାରତୀୟ ଦଳର ନଜର ଚାମ୍ପିଅନ୍ସ ଟ୍ରଫି ଉପରେ ରହିଛି। ତେଣୁ ବୁମ୍ରାଙ୍କୁ ବିଶ୍ରାମ ଦିଆଯାଇଛି। ସୂଚନାଯୋଗ୍ୟ, ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ଟି ଟି-୨୦ ଓ ୩ଟି ଦିନିକିଆ ଖେଳାଯିବ। ଜାନୁଆରୀ ୨୨ରୁ ଟି-୨୦ ସିରିଜ୍ ଆରମ୍ଭ ହେଉଥିବା ବେଳେ ଫେବୃଆରୀ ୬ରୁ ଦିନିକିଆ ସିରିଜ୍ ଆରମ୍ଭ ହେବ। ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ନାଗପୁର, ଦ୍ୱିତୀୟ କଟକ ଓ ତୃତୀୟ ମୁକାବିଲା ଅହମ୍ମଦାବାଦରେ ଖେଳାଯିବ।

## ଆର୍ୟଲାଣ୍ଡ ବିପକ୍ଷ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା



ନୂଆଦିଲ୍ଲୀ: ଜାନୁଆରୀ ୧୦ରୁ ଭାରତୀୟ ମହିଳା ଦଳ ଆର୍ୟଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ ଖେଳାଯିବ। ଏଥିପାଇଁ ଭାରତୀୟ କ୍ରିକେଟ ବୋର୍ଡ ଦଳ ଘୋଷଣା କରିଛି। ହରମାନପ୍ରୀତ କୌର ଏବଂ ରେଣୁକା ସିଂ ଟିମ ଇଣ୍ଡିଆରୁ ବାଦ୍ ପଡିଛନ୍ତି। ସ୍ମୃତି ମନ୍ଧାନାଙ୍କୁ ଏକ ବଡ ଦାୟିତ୍ୱ ଦିଆଯାଇଛି। ଆୟର୍ଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ମନ୍ଧାନା ଟିମ ଇଣ୍ଡିଆର ଅଧିନାୟକ ହେବେ। ଭାରତ ଏବଂ ଆୟର୍ଲାଣ୍ଡ ମଧ୍ୟରେ ତିନୋଟି ଦିନିକିଆ ମ୍ୟାଚ ଖେଳାଯିବ। ଏହି ସମସ୍ତ ମ୍ୟାଚ ରାଜକୋଟରେ ଅନୁଷ୍ଠିତ ହେବ। ମନ୍ଧାନା ଭାରତର ଅଧିନାୟକ ହେବେ। ସେ ଜଣେ ଅଭିଜ୍ଞ ଖେଳାଳି ଏବଂ ଅନେକ ଥର ଦୃଢ ପ୍ରଦର୍ଶନ କରିଛନ୍ତି। ଦୀପ୍ତି ଶର୍ମା ଟିମ ଇଣ୍ଡିଆର ଉପ-ଅଧିନାୟକ ହେବେ। ଏମାନଙ୍କ ସହିତ ପ୍ରତୀକ ରାୱଲ ଏବଂ ହରଲିନ ଦେଓଲ ମଧ ଟିମ ଇଣ୍ଡିଆରେ ସ୍ଥାନ ପାଇଛନ୍ତି। ଶକ୍ତିଶାଳୀ ବ୍ୟାଟିଂରେ ହରଲିନ ଜଣେ ପାରଦର୍ଶୀ। ନିକଟରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଶତକ ହାସଲ କରିଥିଲେ। ଅଭିଜ୍ଞ ଖେଳାଳିଙ୍କ ସହ ଯୁବ ଖେଳାଳିମାନେ ମଧ ଭାରତୀୟ ଦଳରେ ସୁଯୋଗ ପାଇଛନ୍ତି। ଉଇକେଟ କିପର ବ୍ୟାଟ୍ସମ୍ୟାନ ଉମା ଛେତ୍ରୀ, ମିନୁ ମଣି, ପ୍ରିୟା ମିଶ୍ର ଏବଂ ତନୁଜା କନୱାର ଦଳର ଏକ ଅଂଶ। ଏଥି ସହିତ ଅଭିଜ୍ଞ ୱିକେଟ କିପର ବ୍ୟାଟ୍ସମ୍ୟାନ ରିଚା ଘୋଷ, ଜେମିମା ରୋଡ୍ରିଗେଜ ଏବଂ ରାଘବୀ ବିଷ୍ଟ ମଧ ଏକ ସୁଯୋଗ ପାଇଛନ୍ତି। ଭାରତୀୟ ଦଳ ଯଥେଷ୍ଟ ସନ୍ତୁଳିତ ଦେଖାଯାଉଛି। ନିକଟରେ ଦିନିକିଆ ସିରିଜରେ ୱେଷ୍ଟଇଣ୍ଡିଜକୁ ୩-୦ରେ ପରାସ୍ତ କରିଥିଲା।

## ହକି ଇଣ୍ଡିଆ ଲିଗ୍: ପଞ୍ଜୀକରଣ ନିୟମ ପ୍ରତ୍ୟାହାର

ରାଉରକେଲା (ଭାସ୍କର ନ୍ୟୁଜ୍) : ହିରୋ ହକି ଇଣ୍ଡିଆ ଲିଗ୍ ମ୍ୟାଚକୁ ଦେଖିବାକୁ ପାସ୍ ଓ ଟିକେଟର ଆବଶ୍ୟକତା ପଡିବ ନାହିଁ । ଏନେଇ ସୂଚନା ଦେଇଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ । ଏଥର ଦର୍ଶକ ସିଧାସଳଖ ଷ୍ଟାଡିୟମ ଭିତରକୁ ପ୍ରବେଶ କରି ପାରିବେ। ଦୀର୍ଘ ୭ ବର୍ଷ ଅପେକ୍ଷାର ଅନ୍ତ ଘଟି ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହୋଇଥିବା ହକି ଇଣ୍ଡିଆ ଲିଗ୍। ତେବେ ଦର୍ଶକ ଅନଲାଇନ ମାଧ୍ୟମରେ ଫ୍ରି ଟିକେଟର ପଞ୍ଜୀକରଣ କରିବା ପରେ ଷ୍ଟାଡିୟମ ଭିତରକୁ ଯିବାକୁ ଅନୁମତି ମିଳୁଥିଲା । କିନ୍ତୁ ଏହି ନିୟମକୁ ପ୍ରତ୍ୟାହାର କରାଯାଇଛି । ଏଥର ଦର୍ଶକ ସିଧାସଳଖ ଷ୍ଟାଡିୟମ ଭିତରକୁ ଯାଇ ହକି ଦେଖିପାରିବେ। ସେମାନେ ପୂର୍ବ, ଉତ୍ତର, ଦକ୍ଷିଣ ଷ୍ଟାଣ୍ଡରେ ବସିକି ମ୍ୟାଚର ଉପଭୋଗ କରି ପାରିବେ । ୱେଷ୍ଟ ଷ୍ଟାଣ୍ଡକୁ ମିଡିଆ ଅତିଥିଙ୍କ ପାଇଁ ସଂରକ୍ଷଣ ରଖାଯିବ । ସେମିଫାଇନାଲ ଯାଏଁ ଏହି ନିୟମ ଲାଗୁ ରହିବ । ତେବେ ଫାଇନାଲ ମ୍ୟାଚ ପାଇଁ ନିଷ୍ପତି ନିଆଯିବ ବୋଲି ଦିଲୀପ ତିର୍କୀ କହିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି ଯେ, ହକିର ଗଡ ସୁନ୍ଦରଗଡ ଜିଲ୍ଲା ତଥା ରାଉରକେଲାରେ ହକି ପ୍ରତି ସମର୍ଥକଙ୍କ ଉନ୍ମାଦନା ଭରପୂର ରହିଛି । ପୂର୍ବରୁ ବିଶ୍ୱକପ, ପ୍ରୋଲିଗ୍ ଏବେ ହକି ଇଣ୍ଡିଆ ଲିଗ୍ ରେ ବି ଦର୍ଶକଙ୍କ ଭିଡ ଏହାକୁ ପ୍ରମାଣିତ କରୁଛି । ଏପରି ବାଧ୍ୟତାମୂଳକ ପଞ୍ଜୀକରଣ ନିୟମକୁ ପ୍ରତ୍ୟାହାରକୁ ନେଇ ସେ କହିଛନ୍ତି ଯେ, କିଛି ଦର୍ଶକ ପଞ୍ଜୀକରଣ କରି ମ୍ୟାଚ ଦେଖିବାକୁ ଆସୁ ନାହାଁନ୍ତି । ଫଳରେ ପଞ୍ଜୀକରଣ କରିନଥିବା ଇଚ୍ଛୁକ ହକି ପ୍ରେମୀ ମ୍ୟାଚ ଦେଖି ପାରୁ ନାହାଁନ୍ତି । ଏଣୁ ଷ୍ଟାଡିୟମକୁ ଅବାଧ ପ୍ରବେଶକୁ ଅନୁମତି ଦିଆଯାଇଛି ।

## ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଲେ ଋଷି ଧାୱନ



ନୂଆଦିଲ୍ଲୀ : ଭାରତୀୟ ଦଳ ବର୍ଡର-ଗାଭାସ୍କର ଟ୍ରଫି ହାତଛଡା କରିଛି। ବର୍ତ୍ତମାନ ଏହି ସିରିଜରେ ପରାଜୟ ପରେ ଟିମ ଇଣ୍ଡିଆର ଅଲରାଉଣ୍ଡର ଋଷି ଧାୱନ ଅବସର ଘୋଷଣା କରିଛନ୍ତି। ସେ ସୋସିଆଲ ମିଡିଆ ମାଧ୍ୟମରେ ଅବସର ଘୋଷଣା କରିଛନ୍ତି। ହିମାଚଳ ପ୍ରଦେଶ ପାଇଁ ଘରୋଇ କ୍ରିକେଟ ଖେଳୁଥିବା ଋଷି ତାଙ୍କ ପୋଷ୍ଟରେ ସ୍ପଷ୍ଟ କରିଛନ୍ତି, ସେ କେବଳ ସୀମିତ ଓଭର କ୍ରିକେଟରୁ ଅବସର ନେଉଛନ୍ତି। ଏହାର ଅର୍ଥ ତାଙ୍କୁ ରଣଜୀ ଟ୍ରଫି ଖେଳୁଥିବା ଦେଖିବାକୁ ମିଳିବ। ଋଷି ଭାରତ ପାଇଁ ଧଳା ବଲ କ୍ରିକେଟ ଖେଳିଥିଲେ। ସେ ୨୦୧୬ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ଏବଂ ସେହି ବର୍ଷ ସେ ଦଳରୁ ବାଦ୍ ପଡ଼ିଥିଲେ ଏବଂ ପରେ ଦଳରେ ସେ ଆଉ ସ୍ଥାନ ସୃଷ୍ଟି କରି ପାରି ନ ଥିଲେ। ସେ ପାଇଥିବା ସୁଯୋଗ ପାଇଁ କୃତଜ୍ଞତା ଜଣାଇ ଲେଖିଛନ୍ତି ଯେ, କ୍ରିକେଟ ବୋର୍ଡ ଅଫ ଇଣ୍ଡିଆ (ବିସିସିଆଇ), ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ (ଏଚପିସିଏ), ପଞ୍ଜାବ କିଙ୍ଗସ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ କୋଲକାତା ନାଇଟ ରାଇଡର୍ସ ମୋତେ ଦେଇଥିବା ସୁଯୋଗ ପାଇଁ ମୁଁ କୃତଜ୍ଞ। ଋଷି ଟିମ ଇଣ୍ଡିଆ ପାଇଁ ୩ଟି ଦିନିକିଆ ଏବଂ ୧ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଦିନିକିଆରେ ସେ ୧୨ ରନ ସଂଗ୍ରହ କରି ଗୋଟିଏ ଉଇକେଟ ନେଇଥିଲେ। ଏହା ବ୍ୟତୀତ ଟି-୨୦ ଅନ୍ତର୍ଜାତୀୟରେ ସେ ଗୋଟିଏ ରନ ସଂଗ୍ରହ କରି ଗୋଟିଏ ଉଇକେଟ ନେଇଥିଲେ। ଜାନୁଆରୀ ୨୦୧୬ରେ ଋଷି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ ଏବଂ ଜୁନ ୨୦୧୬ରେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ମ୍ୟାଚ ଖେଳିଥିଲେ।

## ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ବିରାଟ, ରୋହିତ ସାମିଲ



ନୂଆଦିଲ୍ଲୀ: ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମାଙ୍କ ଟେଷ୍ଟ କ୍ୟାରିୟରକୁ ନେଇ କଳ୍ପନାଜଳ୍ପନା ଚାଲିଛି। କିନ୍ତୁ ଉଭୟ ଦିନିକିଆରେ ଏବେ ବି ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। କିଛି ଦିନ ତଳେ ଖବର ପ୍ରକାଶ ପାଇଥିଲା ଯେ ଚୟନକର୍ତ୍ତା ବିରାଟ ଓ ରୋହିତଙ୍କୁ ଇଂଲଣ୍ଡ ବିପକ୍ଷ ୩ ଟିକିଆ ଦିନିକିଆ ସିରିଜରେ ସାମିଲ କରିବେ ନାହିଁ। କିନ୍ତୁ ଏବେ ସ୍ପଷ୍ଟ ହୋଇଛି ଯେ ବିରାଟ ଓ ରୋହିତଙ୍କୁ ବିସିସିଆଇ ଦିନିକିଆ ସିରିଜ ଖେଳିବାକୁ ପରାମର୍ଶ ଦେଇଛି। ଉଭୟଙ୍କୁ ମଧ୍ୟ ଇଂଲଣ୍ଡ ବିପକ୍ଷ ସିରିଜରେ ଚୟନ କମିଟି ସାମିଲ କରିବ ବୋଲି ଜଣାପଡ଼ିଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଉଭୟ ରୋହିତ ଓ କୋହଲିଙ୍କୁ ଫେବୃଆରୀ ୬ରୁ ଆରମ୍ଭ ହେଉଥିବା ଇଂଲଣ୍ଡ ବିପକ୍ଷ ୩ ଟିକିଆ ଦିନିକିଆ ସିରିଜରେ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ସାମିଲ କରିବାକୁ ନିଷ୍ପତ୍ତି ନେଇଛି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗୀତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗୀତାକୁ ଥାନା ସବ୍‌ଇନିସପେକ୍ଟର ଇଭାରାଣୀ ପରିଡା କ୍ରୀଡା ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ବିଦ୍ୟାଳୟ ପରିସର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ କ୍ରୀଡା ମଶାଲ ଉଦଘାଟନ ସ୍ତମ୍ଭ ନିକଟକୁ ଆସିଥିଲା। କ୍ରୀଡା ଶିକ୍ଷକ ଦିଲ୍ଲିପ କୁମାର ନାୟକ ଓ ସ୍ମୃତିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ମୋଟ ୧୮୪ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପର୍ଯ୍ୟାୟର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଡିସକସ ଥ୍ରୋ, ସଟ ପୁଟ, ବାଳିକାମାନଙ୍କ ପାଇଁ କବାଡି, ଟଗ ଅଫ ୱାର ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ହରିହର ସାହୁ, ଆନନ୍ଦ ଚନ୍ଦ୍ର ନାୟକ, ମଦନ ମୋହନ ପଣ୍ଡା, ଅଧ୍ୟାପିକା ମମିତାରାଣୀ ନାୟକ, ଶ୍ରାବଣୀ ଦାସ, ଗିତାଞ୍ଜଳୀ ଦାସ, ତୃପ୍ତିରାଣୀ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚିତ୍ତରଞ୍ଜନ ମେମୋରିଆଲ ଟ୍ରଫି ଉଦ୍‌ଘାଟିତ



ଆସିକା (ଭାସ୍କର ନ୍ୟୁଜ୍) : ତୃତୀୟ ଚିତ୍ତରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଧରାକୋଟ ସ୍ଥିତ ମିନି ଷ୍ଟାଡିୟମ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି , ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ସୁନିଲ କୁମାର ଗୌଡ଼, ସୁନିଲ ଚନ୍ଦ୍ର ସ୍ୱାଇଁ, ମିନ କେତନ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ବିଷ୍ଣୁ କେଶରୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ପ୍ରାରମ୍ଭିକ ଦିବସରେ ଇଗଲ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ଏବଂ ଋଷିକୁଲ୍ୟା କ୍ରିକେଟ କ୍ଲବ ସୋରଡ଼ା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଟସ୍ ଜିଣି ହିଞ୍ଜିଳିକାଟୁ ଦଳ ୨୦ ଓଭର୍ ବିନିମୟରେ ୯ ଗୋଟି ୱିକେଟ ହରାଇ ୧୬୪ ରନ ସଂଗ୍ରହ କରି ଥିବା ବେଳେ ସୋରଡ଼ା ଦଳ ୨୦ ଓଭର ଖେଳି ୯ ଗୋଟି ୱିକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା । ହିଞ୍ଜିଳି କାଟୁ ଦଳ ୨୪ ବ୍ୟବଧାନରେ ବିଜୟୀ ହୋଇଥିଲା। ବିଜୟୀ ଦଳର ଶଶି ୫୧ ବଲ ଖେଳି ୯୯ ରନ ସଂଗ୍ରହ କରିଥିବା ବେଳେ ମୂଲ୍ୟବାନ ଗୋଟି ୩ ଗୋଟି ୱିକେଟ ହାସଲ କରିଥିଲେ। ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚରେ ଅନିଲ କୁମାର ନାୟକ ଓ ଅଶ୍ୱିନୀ ବିଷୋୟୀ ଅମ୍ପାୟାରିଂ କରିଥିବା ବେଳେ ଖେଳର ଧାରା ବିବରଣୀ ଅବସର ପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ଡାକୁଆ ପ୍ରଦାନ କରିଥିଲେ। ୟଙ୍ଗ କ୍ରିକେଟ କ୍ଲବର ବରିଷ୍ଠ କର୍ମକର୍ତ୍ତା ବାପୁନି ସ୍ୱାଇଁ ଓ ଦିଲୀପ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କ୍ଲବ ର ସମସ୍ତ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ ।

## ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ୍ ଉଦ୍‌ଘାଟିତ: ରାଉରକେଲା ବିଜୟୀ



ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ପୁରାତନ ଛାତ୍ର ସଂସଦ ଆନୁକୁଲ୍ୟରେ ଟାଙ୍ଗୀ ଚିଲିକା ଷ୍ଟାଡିୟମ ଠାରେ ସୋମବାର ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କ୍ରୀଡା ପତାକା ଉତ୍ତୋଳନ କରି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ପ୍ରଶଂସା କରିବା ସହ ପ୍ରତିବର୍ଷ କରିବାକୁ ପରାମର୍ଶ ଦେଇଥିଲେ। ଉଦଘାଟନୀ ମ୍ୟାଚ୍ ସ୍ପୋର୍ଟସ ହଷ୍ଟେଲ କଟକ ସହିତ ୱେଲଫେୟାର ୟୁଥ୍ କ୍ଲବ୍ ରାଉରକେଲା ମଧ୍ୟରେ ହୋଇଥିଲା। ମ୍ୟାଚ ଟି ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ ଅମିମାଂସିତ ରହିଥିଲା। ଟାଇବେକ୍ରର ମାଧ୍ୟମରେ ରାଉରକେଲା ଦଳ ୬-୫ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ପରିଚାଳନା କରିଥିଲେ ଜାତୀୟ ରେଫରୀ ବିଜୟ କୁମାର ମଙ୍ଗରାଜ। ତାଙ୍କୁ ସହାୟତା କରିଥିଲେ ପ୍ରିୟବ୍ରତ ବାହିନୀପତି, ଜିତେନ୍ଦ୍ର ସ୍ୱାଇଁ ଓ ନନ୍ଦ କିଶୋର ସ୍ୱାଇଁ। ରାଉରକେଲା ଦଳର ୭ ନମ୍ବର ଖେଳାଳି ଦୀପକ ଲାକ୍ରାଙ୍କୁ ଡାକ୍ତର କରୁଣାକର ଶ୍ରୀଚନ୍ଦନ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚିଲିକା ଷ୍ଟାଡିୟମକୁ ଉନ୍ନତି ଓ ଖେଳାଳୀ ମାନଙ୍କ ଚେଞ୍ଜିଙ୍ଗ ଘର ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି ବୋଲି ସାଂସଦ ଘୋଷଣା କରିଥିଲେ। କମିଟି ସଭାପତି କିଶୋର କୁମାର ବେହେରା, ଉପଦେଷ୍ଟା ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର କୁମାର ମହାପାତ୍ର, କୋଷାଧ୍ୟକ୍ଷ ସୁନିଲ ମହାନ୍ତି, ନରେନ୍ଦ୍ର ମହାପାତ୍ର, ବିଶ୍ୱ ରଂଜନ ଦାସ, ବାବୁ ବେହେରା,ବାପୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉପଦେଷ୍ଟା ବିଜୟ କୁମାର ରାଉତ ମଞ୍ଚ ପରିଚାଳନା କରିଥିଲେ।

### ମା’ ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ମୁକ୍ତାପଶି ଟିମ୍ ଚାମ୍ପିଅନ୍

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜୟପୁରାକାଟେଣି ପଞ୍ଚାୟତ ଶୁଣ୍ଡିକାଟେଣି ଗାଁ ଖେଳ ପଡିଆରେ ମା’ ମଙ୍ଗଳା କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ପକ୍ଷରୁ ଫାଇନାଲ ମ୍ୟାଚ ୩ ଟି ପର୍ଯ୍ୟାୟ କ୍ରମେ ଖେଳ ପରିଚାଳନା ହୋଇଥିଲା । ୩ ପର୍ଯ୍ୟାୟ କ୍ରମେ ଫାଇନାଲ ମ୍ୟାଚ ମୁକ୍ତାପଶି କ୍ରିକେଟ କ୍ଲବ୍ ଓ କାମାକ୍ଷାନଗର ଶିବୁଳାପଶି କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୧୦ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ମୁକ୍ତାପଶି ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ଶେଷ ସୁଦ୍ଧା ୬



ୱିକେଟ ହରାଇ ୮୮ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଶିବୁଳାପଶି ଟିମ୍ ଆବଶ୍ୟକ ରନ ସଂଗ୍ରହ କରି ନପାରି ପରାଜୟ ବରଣ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ୮ ଓଭର ବିଶିଷ୍ଟ ମ୍ୟାଚରେ ଶିବୁଳାପଶି ଟିମ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୮ ଓଭରରେ ୫ ୱିକେଟ ହରାଇ ୫୮ ରନ ସଂଗ୍ରହ କରିଥିବା ବେଳେ ଜବାବରେ ମୁକ୍ତାପଶି ଟିମ ୫ ଓଭର ୩ ଟି ବଲରେ ୪ ଟି ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ପରଜଙ୍ଗ ୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ତଥା ସମାଜସେବୀ ନିରାକାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳକୁ ଅର୍ଥ ରାଶି ଶହ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ପକ୍ଷରୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ ଶିବୁଳାପଶି ସପକ୍ଷରେ ଯାଇଥିଲା । ସୁଧାଂଶୁ ବେହେରା ଓ ରାକେଶ ସାହୁ ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ । କ୍ଲବର ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ପ୍ରତ୍ୟେକ ମ୍ୟାଚ୍ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା ।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ବେଲପାହାଡ (ଭାସ୍କର ନ୍ୟୁଜ୍ ): ଝାରସୁଗୁଡା ଜିଲା ବେଲପାହାଡ ସ୍ଥିତ ଟିଆରଏଲ ଷ୍ଟାଡିୟମରେ ବେଲପାହାଡ ଟିଆରଏଲ କ୍ରୋସାକି ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହେଇଯାଇଛି। ଟିଆରଏଲ୍ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକ ଖେଳାଳୀ ମାନଙ୍କୁ ଅଭିବାଦନ ଜଣେଇ ଫୁଟ୍‌ବଲ୍ କିକ୍ ମାରି ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ନାମିଦାମୀ ୮ ଗୋଟି ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି। ସୋମବାର ଠାରୁ ଆରମ୍ଭ ହୋଇ ଆସନ୍ତା ରବିବାର ଫାଇନାଲ ଖେଳ ସହ ଏହା ସମାପ୍ତ ହେବ। କମ୍ପାନୀ କର୍ତ୍ତୃପକ୍ଷ ପ୍ରତିବର୍ଷ ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ କରି ଅଞ୍ଚଳବାସୀ ଫୁଟବଲ୍ ପ୍ରେମୀଙ୍କ ଭରପୁର ମନୋରଞ୍ଜନ କରିଆସୁଥିଲେ। କିଛି ବର୍ଷ ତଳେ ଏହି ଟୁର୍ଣ୍ଣାମେଣ୍ଟ ବନ୍ଦ ହୋଇଯାଇଥିଲା। ତେବେ ଅଞ୍ଚଳବାସୀଙ୍କ ଆବେଗକୁ ଉପଲବ୍ଧି କରି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ନାୟକ ଏହି ଟୁର୍ଣ୍ଣାମେଣ୍ଟକୁ ପୁନଃ କରେଇବାକୁ ନିଷ୍ପତ୍ତି ନେଇଥିବା ବେଳେ ଅଞ୍ଚଳବାସୀ ଫୁଟବଲ୍ ପ୍ରେମୀ ବିଶେଷ ଉତ୍ସାହିତ ଅଛନ୍ତି। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ୟୁନାଇଟେଡ କ୍ଲବ ବରଗଡ଼ ବନାମ ପଶ୍ଚିମ ବଙ୍ଗ ପୋଲିସ କଲିକତା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପଶ୍ଚିମ ବଙ୍ଗ ପୋଲିସ କଲିକତା ୧-୦ ରେ ବିଜୟଲାଭ କରିଛି। ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ ତାପସ ରାୟ ଚୌଧୁରୀ, ଅସୀମ ମେହେର, ପ୍ରଭୁ ପ୍ରକାସ ମହାନ୍ତି, ପି କେ ରଥ, ବ୍ରଜରାଜ ପାଲ, ଭଗବାନ ପରିଡ଼ା, ଅମିୟ ପୁଝାରୀ, ମାନସ ପାଢ଼ୀ, ସ୍ମୃତି ରଞ୍ଜନ ପ୍ରଧାନ, ଡ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାଷ୍ୟକାର ଭାଗିରଥି ପାତ୍ର (ଜନ୍) ଖେଳ ଧାରା ବିବରଣି ପ୍ରଦାନ କରିଥିଲେ। ମଙ୍ଗଳବାର ମ୍ୟାଚ୍ ଜେବିଏମ୍ ୟୁନାଇଟେଡ ଏଫସି ନେପାଲଗଞ୍ଜ ବନାମ ଶାନ୍ତିନଗର ଏଫସି ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହେବ।

## ନିମାପଡ଼ା କପ୍ କ୍ରିକେଟ୍: ସେମି ଫାଇନାଲ୍‌ରେ ରାମେଶ୍ୱର ସ୍ପୋର୍ଟିଂ

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟି ମିନି ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ହେଉଥିବା ପ୍ରଥମ ତାପସ ଦାସ ମେମୋରିଆଲ୍ ଓ ୨୯ତମ ନିମାପଡ଼ା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨ୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ଆଲ୍‌ଫା ସ୍ପୋର୍ଟିଂ (ବ୍ରହ୍ମପୁର) ଏବଂ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର। ଆଲଫା ସ୍ପୋର୍ଟିଂ (ବରହମ୍ପୁର) ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୩୦ ଓଭରରେ ୨୯ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୯୪ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଦଳ ପକ୍ଷରୁ ସନ୍ତୋଷ କେ. ପାତ୍ର ୭୯ ରନ୍ ଓ ଚିନ୍ମୟ ନାୟକ ୩୪ ରନ୍ ସଂଗ୍ରହ କରିଥିଲେ । ପ୍ରତିପକ୍ଷର ବୋଲର ଏମ୍.ଜି. ଗୋପାଳ ୨ଟି ୱିକେଟ୍ ଓ ଲାଲୁ ମହାନ୍ତି ୨ଟି ୱିକେଟ୍ ଅଭିଷେକ ନାଥ ୨ଟି ୱିକେଟ୍ ଲେଖାଏଁ ନେଇଥିଲେ । ପରେ ବ୍ୟାଟିଂ କରି ରାମେଶ୍ୱର ସ୍ପୋର୍ଟିଂ ୨୩.୨ ଓଭରରେ ୪ଟି ୱିକେଟ୍ ହରାଇ ୧୯୫ ରନ୍ କରିବା ସହିତ ମ୍ୟାଚ୍‌କୁ ୬ ୱିକେଟ୍‌ରେ ଜିତି ନେଇଥିଲେ । ଦଳ ପକ୍ଷରୁ ବ୍ୟାଟର ସାରାଂଶ କୁମାର ଚମତ୍କାର ଶତକ ହାସଲ କରିବା ସହିତ ମ୍ୟାଚ୍ ବିଜୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ୮ଟି ଚୌକା ଓ ୮ଟି ଛକା ମାଧ୍ୟମରେ ମୋଟ ୬୩ ବଲରେ ୧୦୯ ରନ୍ ସଂଗ୍ରହ କରି ‘ମ୍ୟାନ୍ ଅଫ୍ ଦି ମ୍ୟାଚ୍’ ବିବେଚିତ ହୋଇଥିଲେ । ଦଳ ପକ୍ଷରୁ ନରେନ୍ଦ୍ର ଦାଶ ୩୩ ରନ୍ ଓ ଏମ୍.ଜି. ଗୋପାଳ ୨୩ ରନ୍ ସଂଗ୍ରହ କରିଥିଲେ । ଆଲଫା ସ୍ପୋର୍ଟିଂରବୋଲର ଅବଦୁଲ ଏମ୍. ଖାନ ୨ଟି ୱିକେଟ୍ ଓ ପ୍ରବୀଣ କୁମାର ୧ଟି ୱିକେଟ୍ ନେଇଥିଲେ । ଆଜିର ମ୍ୟାଚ୍‌ରେ ମୁଖ୍ୟ ଅତିଥି ରୂପେ ବ୍ଲକ୍ ଚେୟାରମ୍ୟାନ୍ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ଓ କାଉନସିଲର ରାଜ କିଶୋର ସାହୁ, ଆଥଲେଟିକ୍ ଆସୋସିଏସନ୍‌ର ସଂପାଦକ ଜୀବନାନନ୍ଦ ମହାପାତ୍ର ଓ ବିଶିଷ୍ଟ ବ୍ୟବସାୟୀ ଶୁଭାଶିଷ ରାଉତରାୟ ଉପସ୍ଥିତ ରହି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ସରାଂଶ କୁମାରଙ୍କୁ ପ୍ରଦାନ କରିଥିଲେ । ମ୍ୟାଚ୍ ପରିଚାଳନା କରିଥିଲେ ନିର୍ମଳ ମିଶ୍ର ଓ ତ୍ରିଭୁବନ ନାଥ ଦାଶ ଏବଂ ସ୍କୋରର ଥିଲେ ପ୍ରିୟାଂଶୁ ପଲେଇ ଓ ଅନୀଶ ପ୍ରଧାନ । ଆସ’। କାଲିର ମ୍ୟାଚ୍ ପ୍ରଥମ ସେମି ଫାଇନାଲ୍‌ରେ ପରସ୍ପରକୁ ଭେଟିବେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଓ ମାଷ୍ଟରର୍ସ କ୍ଲବ୍ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆଥଲେଟିକ୍ ଆସୋସିଏସନ୍ କ୍ରିକେଟ୍ ସଂପାଦକ ଅକ୍ଷୟ କୁମାର ବେହେରା ପ୍ରକାଶ କରିଛନ୍ତି ।




## ହକି ଇଣ୍ଡିଆ ଲିଗ୍: ଘରୋଇ ଦଳ କଳିଙ୍ଗ ଲାନ୍ସର୍ସର ହ୍ୟାଟ୍ରିକ୍ ପରାଜୟ

ରାଉରକେଲା (ଭାସ୍କର ନ୍ୟୁଜ୍): ହକି ଇଣ୍ଡିଆ ଲିଗ୍‌ରେ ଘରୋଇ ଦଳ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ହ୍ୟାଟ୍ରିକ୍ ପରାଜୟ ବରଣ କରିଛି। ଏଥସହ ଲାନ୍‌ସର୍ସ ୮ ଦଳୀୟ ପ୍ରତିଯୋଗିତାର ପଏଣ୍ଟ ତାଲିକାର ସବା ତଳେ ରହିଛି। ରବିବାର ଶକ୍ତିଶାଳୀ ସରମା ହକି କ୍ଲବ ବିପକ୍ଷରେ ଦଳ ୩-୪ ଗୋଲ୍‌ରେ ହାରି ଯାଇଛି। ରବିବାର ଦ୍ୱିତୀୟ ମ୍ୟାଚ୍‌ରେ ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ତାମିଲନାଡୁ ଡ୍ରାଗନ୍ସ ୨-୦ ଗୋଲ୍‌ରେ ୟୁପି ରୁଦ୍ରାସ୍‌କୁ ପରାସ୍ତ କରି ପ୍ରଥମ ବିଜୟ ପାଇଛି। ରବିବାର କଳିଙ୍ଗ ଲାନସର୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। କଳିଙ୍ଗ ଲାନ୍‌ସର୍ସର ଥିଏରି ବ୍ରିଙ୍କ୍‌ମ୍ୟାନ୍ ପଞ୍ଚମ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇ ଦଳକୁ ୧-୦ ଗୋଲରେ ଆଗୁଆ କରିଥିଲେ। ତେବେ ସୁରମାର ଜେରେମି ହେୱାର୍ଡ ୧୧ତମ ମିନିଟ୍‌ରେ ଗୋଲ୍‌ଟି ଶୁଝି ସ୍ଥିତି ସାମନ କରିଥିଲେ। ୧୫ତମ ମିନିଟ୍‌ରେ ସଞ୍ଜୟଙ୍କ ଗୋଲ୍‌ରେ ପୁଣି କଳିଙ୍ଗ ଆଗୁଆ ହୋଇଥିଲା। ତେବେ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ସୁରମା ପ୍ରତ୍ୟାବର୍ତ୍ତନ କରିଥିଲା। ଦଳର ଟୋରି ନିକୋଲାସ ଡେଲା (୩୫ ମିନିଟ୍) ଓ ଅଧିନାୟକ ହର୍ମନପ୍ରୀତ ସିଂହ(୫୦ ମିନିଟ୍)ଙ୍କ ଗୋଲ୍‌ରେ ସୁରମା ସ୍ଥିତି ୩-୨ କରିଥିଲା। କଳିଙ୍ଗର ଗୁରସାହିବଜିତ ସିଂହ (୫୧ ମିନିଟ୍) ଗୋଟିଏ ଗୋଲ୍ ଶୁଝି ଦେଇଥିଲେ। ଏହାର ଗୋଟିଏ ମିନିଟ୍ ପରେ ହରିଶ୍ ସୋମପ୍ପା ମୁଟ୍‌ଗାର ମ୍ୟାଚ୍ ବିଜୟୀ ଗୋଲ୍ ଦେଇଥିଲେ।

## ମଣ୍ଡଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ




ବୋଲଗଡ (ଭାସ୍କର ନ୍ୟୁଜ୍) : ଭାରତ ସରକାରଙ୍କ କ୍ରୀଡା ଓ ଯୁବ ସେବା ମନ୍ତ୍ରାଳୟ ଅଧିନ ମାଇଁ ଭାରତ ସହାୟତାରେ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ଲବ ରେଡ ରୋଜ କ୍ଲବ ଆନୁକୂଲ୍ୟରେ ମଣ୍ଡଳ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ବୋଲଗଡ ବ୍ଲକ କଡବ ପଞ୍ଚାୟତର ଦେବୀପ୍ରସାଦ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ପ୍ରତିଯୋଗିତାରେ କବାଡି, ଦୌଡ଼, ସ୍ଲୋ ସାଇକେଲ, ଫୁଟବଲ ଆଦି ପ୍ରତିଯୋଗିତା ହୋଇଥିଲା। ଫୁଟବଲ ଖେଳରେ ଡାଳତୋଳା, ଦେବୀପ୍ରସାଦ, ବଡ଼ପଦର ଓ ଭିଁପୁରର ୪ ଟି ଟିମର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ସେହିପରି କବାଡି ଖେଳରେ ଦେବୀପ୍ରସାଦ, ଭିଁପୁର, ବଡ଼ବେରେଣା ଓ ସିମୋରର ୪ଟି ଟିମ ଅଂଶଗ୍ରହଣ କରିଥିଲେ। ୨୫ ଜଣ ଯୁବକ ସ୍ଲୋ ସାଇକେଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ମାଇଁ ଭାରତର ଯୁବ ସଂଯୋଜକ ବିପିନ କୁମାର ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ବେହେରା, ସମାଜସେବୀ ପ୍ରତାପ କୁମାର ସିଂ ଓ ଶିକ୍ଷକ ଗୋପାଳ ପାହାଡ଼ସିଂହ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ବଣ୍ଟନ କରିଥିଲେ। କ୍ଲବରେଡ ରୋଜ ଅନୁଷ୍ଠାନର ସଭାପତି ପ୍ରକାଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



ଖବରକାଗଜରେ ଏଭଳି ଅନେକ ହାନିକାରକ ରସାୟନ ଏବଂ ସ୍ୟାହି ରହିଥାଏ ଯାହା ଆପଣଙ୍କ ଶରୀରକୁ ବିପଦ ଆଡ଼କୁ ଠେଲିଦିଏ । ଯଦି ଆପଣ ପେପର୍ ଉପରେ ଖାଦ୍ୟ ରଖି ଖାଉଛନ୍ତି ତେବେ ଜାଣିରଖନ୍ତୁ ଏହାଦ୍ୱାରା କେଉଁ କେଉଁ ରୋଗକୁ ଆପଣ ନିମନ୍ତ୍ରଣ କରୁଛନ୍ତି । ସେଥିପାଇଁ ଗରମ ଖାଦ୍ୟ ଖବରକାଗଜରେ ରଖି ଖାଇବାରୁ ଯଥେଷ୍ଟ ଦୂରେଇ ରୁହନ୍ତୁ । ନଚେତ୍ କ୍ୟାନ୍ସର ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ । ସେଥିପାଇଁ ଗରମ ଖାଦ୍ୟ ଖବରକାଗଜରେ ରଖି ଖାଇବାରୁ ଯଥେଷ୍ଟ ଦୂରେଇ ରୁହନ୍ତୁ । ନଚେତ୍ କ୍ୟାନ୍ସର ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ । ଯେତେବେଳେ ଖାଦ୍ୟ ପେପରରେ ଆମେ ଆଣିଥାଉ ପେପର୍ ରେ ଥିବା କେମିକାଲ ଖାଦ୍ୟରେ ଲାଗିଥାଏ। ଯାହା ଆମ ପେଟ ଭିତରେ ଏକ ଅମ୍ଳ ସୃଷ୍ଟି କରିଥାଏ। ଯେତେବେଳେ ଖାଦ୍ୟ ପେପରରେ ଆମେ ଆଣିଥାଉ ପେପର୍ ରେ ଥିବା କେମିକାଲ ଖାଦ୍ୟରେ ଲାଗିଥାଏ। ଯାହା ଆମ ପେଟ ଭିତରେ ଏକ ଅମ୍ଳ ସୃଷ୍ଟି କରିଥାଏ। ଆଖି ଧପ୍ ଧପ୍ କରିବା, ଧଳା ଦେଖା ଦେବା ଭଳି ସମସ୍ୟା ଦେଖାଦେଇପାରେ ତା ସହ ଶରୀରର ବିଭିନ୍ନ ହର୍ମୋନ୍ ଥାଇରଏଡ୍ , ଇନ୍ସୁଲିନ୍ , ଏଷ୍ଟ୍ରୋଜନ୍ ଆଦି ବିଗିଡ଼ିବାର ସମ୍ଭାବନା ଥାଏ । ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇଥାଏ । ଆଖି ଧପ୍ ଧପ୍ କରିବା, ଧଳା ଦେଖା ଦେବା ଭଳି ସମସ୍ୟା ଦେଖାଦେଇପାରେ। ତା ସହ ଶରୀରର ବିଭିନ୍ନ ହର୍ମୋନ୍ ଥାଇରଏଡ୍ , ଇନ୍ସୁଲିନ୍ , ଏଷ୍ଟ୍ରୋଜନ୍ ଆଦି ବିଗିଡ଼ିବାର ସମ୍ଭାବନା ଥାଏ ।





# ବାସ୍ତୁ ଦୋଷ ଦୂର କରେ ସ୍ୱସ୍ତିକ

*ସନାତନ ଧର୍ମରେ ସ୍ୱସ୍ତିକ ଚିହ୍ନର ବିଶେଷ ମହତ୍ୱ ଅଛି। କୌଣସି ଶୁଭକାର୍ଯ୍ୟର ଆରମ୍ଭ ସ୍ୱସ୍ତିକ୍ ଚିହ୍ନରୁ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ ସ୍ୱସ୍ତିକ ଚିହ୍ନକୁ ଘରେ ଅଙ୍କନ କରିବା ଦ୍ୱାରା ସକରାତ୍ମକ ଶକ୍ତି ସଞ୍ଚାର ହୁଏ। ଏହା ବାସ୍ତୁଦୋଷ ଦୂର କରିବାରେ ମଧ୍ୟ ସାହାଯ୍ୟ କରେ।*

- ପୂଜା ଏବଂ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଭଲ। ଏହା ଘରର ବାସ୍ତୁଦୋଷ ଦୂର କରିଥାଏ।
- ବ୍ୟବସାୟ ସ୍ଥଳରେ କୌଣସି ପ୍ରକାର ବାସ୍ତୁ ଦୋଷ ଥିଲେ ପୂର୍ବ, ଉତ୍ତର-ପୂର୍ବ ଏବଂ ଉତ୍ତର ଦିଗରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଉଚିତ୍।
- ପଢ଼ାରେ ବିଦ୍ୟାର୍ଥୀଙ୍କ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ପଢ଼ା ଘରର ଦକ୍ଷିଣ-ପଶ୍ଚିମ ଦିଗରେ ସ୍ୱସ୍ତିକ ଚିହ୍ନ କରିବା ଭଲ।
- ବାସ୍ତୁ ଅନୁସାରେ, ସ୍ୱସ୍ତିକ ଚିହ୍ନ ପାଖରେ ଜୋତା ଚପଲ ରଖନ୍ତୁ ନାହିଁ।

# ଫିଟ୍ ରହିବା ପାଇଁ କଠିନ ପରିଶ୍ରମ କରନ୍ତି ଦୀପିକା

ବଲିଉଡ୍ ଇଣ୍ଡଷ୍ଟ୍ରିରେ ଲୋକପ୍ରିୟ ଅଭିନେତ୍ରୀ ଭାବେ ଜଣାଶୁଣା ନାୟିକା ଦୀପିକା ପାଦୁକୋନ । ତାଙ୍କୁ ତାଙ୍କ ପ୍ରଶଂସକମାନେ ଅନୁସରଣ କରିବାକୁ ବେଶ୍ ପସନ୍ଦ କରନ୍ତି । କେବଳ ଅଭିନୟରେ ନୁହେଁ ବରଂ ତାଙ୍କ ସୌନ୍ଦର୍ଯ୍ୟ ଦେଖିବା ପାଇଁ ପ୍ରଶଂସକ ପାଗଳ । ଦୀପିକା ପାଦୁକୋନଙ୍କ ଫିଟନେସ ପ୍ରତି ଟିକିଏ ଭିନ୍ନ ଆଭିମୁଖ୍ୟ ରହିଛି, ସେ ଫିଟ୍ ରହିବା ପାଇଁ କଠିନ ପରିଶ୍ରମ କରିଥାନ୍ତି । ନିଜକୁ ଫିଟ୍ ଏବଂ ସକ୍ରିୟ ରଖିବା ପାଇଁ ଦୀପିକା ଯୋଗକୁ ଅଧିକ ଗୁରୁତ୍ୱ ଦିଅନ୍ତି । ଦୀପିକା ଯୋଗ ଏବଂ ଫିଟ୍ ଡାଏଟ୍ ମାଧ୍ୟମରେ ସୁସ୍ଥ, ସୁନ୍ଦର ରହିଛନ୍ତି । ଦୀପିକା ପାଦୁକୋନ ହାଲୁକା ବ୍ୟାୟାମ କରିବା ସହ ଅଧଘଣ୍ଟା ଚାଲନ୍ତି ।

ଏଥିସହ ସେ ସରଳ ଖାଦ୍ୟ ଯାହାକି ଘରେ ତିଆରି ଖାଦ୍ୟକୁ ଭଲ ପାଆନ୍ତି । ଦୀପିକାଙ୍କ ସକାଳ ଜଳଖିଆରେ କମ ଚର୍ବିଯୁକ୍ତ କ୍ଷୀର, ଉପମା, ଇଡ଼ିଲି, ଅଣ୍ଡା ଏବଂ ରାଭା ଆଦି ଦୈନନ୍ଦିନ ଖାଦ୍ୟର ଏକ ଅଂଶ ରହିଥାଏ । ଏହାପରେ ଦୀପିକା ମଧ୍ୟାହ୍ନ ଭୋଜନରେ ରୁଟି, ସବୁଜ ପନିପରିବା, ଗ୍ରିଲ ମାଛ ଏବଂ ସାଲାଡ ଉପଭୋଗ କରିଥାନ୍ତି । ଦୀପିକା ପାଦୁକୋନ ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ବଲିଉଡକୁ ଦେଇ ଚାଲିଛନ୍ତି। 'ଓମ୍ ଶାନ୍ତି ଓମ୍' ପରେ ସେ ବଲିଉଡରେ ବେଶ୍ ପରିଚିତ ହୋଇଥିଲେ ।




# ସମୟ ଆସିଲେ ବ୍ରେକ୍‌ଅପ୍ ବିଷୟରେ କହିବି: ମଲାଇକା

ଅର୍ଜୁନଙ୍କ ସହ ବ୍ରେକଅପ୍‌କୁ ନେଇ ମୁହଁ ଖୋଲିଲେ ମଲାଇକା, କହିଲେ-'ସମୟ ଆସିଲେ..। ଗତ ବର୍ଷ ବେଶ୍ ମାନସିକ ବେଦନା ଭୋଗିଥିଲେ ମଲାଇକା ଅରୋରା । ତାଙ୍କ ଜୀବନରେ ଗୋଟିଏ ପରେ ଗୋଟିଏ ଉଠାଣି ଗଡ଼ାଣି ଲାଗି ରହିଥିଲା । ବଡ଼କଥା ହେଲା ପାଞ୍ଚ ବର୍ଷର ସଂପର୍କରେ ପୂର୍ଣ୍ଣଛେଦ ପଡ଼ିଛି ସେହି ୨୦୨୪ରେ । ପୁଣି ସାବତ ପିତାଙ୍କୁ ହରାଇଛନ୍ତି । ଏସବୁ ସତ୍ତ୍ୱେ ତାଙ୍କୁ ଆଗକୁ ବଢ଼ିବାକୁ ହେବ ବୋଲି ଅନୁଗାମୀମାନଙ୍କୁ ଜଣାଇଛନ୍ତି । ବର୍ଷଶେଷରେ ସେ ନିଜର ନାନା ଉପଲବ୍ଧି ବିଷୟରେ କହିଥିଲେ । ଯଦିଓ ଅର୍ଜୁନ କପୁରଙ୍କ ସହ ବିଚ୍ଛେଦ ପ୍ରସଙ୍ଗରେ ପାଟି ଫିଟାଇ ନାହାନ୍ତି ମଲାଇକା। ଅର୍ଜୁନ ଯଦିଓ ଜଣାଇ ସାରିଛନ୍ତି ବର୍ତ୍ତମାନ ସମୟରେ ସେ 'ସିଙ୍ଗଲ୍' । ତେବେ ମଲାଇକାଙ୍କୁ ଏ ପ୍ରସଙ୍ଗରେ ପ୍ରଶ୍ନ ହେବାରୁ ତାଙ୍କର ସ୍ପଷ୍ଟ ଉତ୍ତର, ସେ ନିଜ ବ୍ୟକ୍ତିଗତ ଜୀବନ କଥା ବାହାର ଦୁନିଆ ଆଗରେ ଏବେ ଜଣାଇବେ ନାହିଁ । କିନ୍ତୁ ତାଙ୍କ ଇନଷ୍ଟାଗ୍ରାମ ପୃଷ୍ଠା ଭିନ୍ନ କଥା କହୁଛି । ଗୋଟିଏ ପରେ ଗୋଟିଏ ଇଙ୍ଗିତପୂର୍ଣ୍ଣ ପୋଷ୍ଟ ସେଥିରେ ଦେଖିବାକୁ ମିଳୁଛି । ବର୍ଷ ପୂର୍ତ୍ତିର ଦିନକ ପୂର୍ବରୁ ତାଙ୍କ ଇନଷ୍ଟା ଷ୍ଟୋରୀରେ ଏମିତି କିଛି ଲେଖାଥିଲା ଯାହା ଅର୍ଜୁନଙ୍କ ସହିତ ତାଙ୍କ ସଂପର୍କ ଭାଙ୍ଗିବାର କଥା ପରୋକ୍ଷରେ ସୂଚାଉଥିଲା । ମଲାଇକା ଲେଖିଥିଲେ '୨୦୨୪, ମୁଁ ତୁମକୁ ଘୃଣା କରେ ନାହିଁ । କିନ୍ତୁ ତୁମେ ମୋ ପାଇଁ ଖୁବ୍ କଠିନ ସମୟ ହୋଇଯାଇଥିଲ । ବହୁ ଉଠାଣି ଗଡ଼ାଣି ଆସିଛି ତୁମ ସମୟରେ । କେତେ ପରିବର୍ତ୍ତନ ଆସିଛି ଜୀବନରେ । ଅନେକ କିଛି ଶିଖାଇଛ ମତେ। ତୁମେ ଦେଖାଇ ଦେଇଛ, ଆଖି ପଲକରେ ଜୀବନ ବଦଳି ଯାଇପାରେ । ୨୦୨୪, ତୁମେ ହିଁ ଶିଖାଇଛ, ନିଜ ଉପରେ ବିଶ୍ୱାସ ରଖିବା କେତେ ଜରୁରି।' ସବୁଠୁ ବଡ଼ ଶିକ୍ଷା ମଲାଇକା ୨୦୨୪ରେ ହିଁ ପାଇଥିଲେ। ତାଙ୍କ କଥାରେ ସେହି ବର୍ଷ ହିଁ ତାଙ୍କୁ ଶିଖାଇଥିଲା ସବୁଠୁ ଉର୍ଦ୍ଧ୍ୱରେ ସ୍ୱାସ୍ଥ୍ୟ । ତେଣିକି ତାହା ମାନସିକ ହେଉ ଅବା ଶାରୀରିକ। ଦୁଇଟି ଯାକ ଅତି ଗୁରୁତ୍ୱପୂର୍ଣ୍ଣ । ମଲାଇକା ଏକଥା ବି ପୋଷ୍ଟ କରିଛନ୍ତି ଯେ ତାଙ୍କ ସହିତ କାହିଁକି ସେସବୁ ଘଟଣା ଘଟିଗଲା ଯାହା ବିଷୟରେ ସେ କଳ୍ପନା ବି କରିନଥିଲେ। ସମୟ ଆସିଲେ ହୁଏତ ଏସବୁର କାରଣ ଖୋଜିପାଇବେ। ତେବେ ଏକଥା ବି ସେ କହିଛନ୍ତି ସମୟ ଆସିଲେ ସେ ସବୁ ସତ କଥା ଜଣାଇଦେବେ । ସେତେବେଳେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ।



# ବାୟୁସେନା ଅଧିକାରୀଙ୍କ ଭୂମିକାରେ ଅକ୍ଷୟ

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଖୁବ୍‌ଶୀଘ୍ର ୨୦୨୫ରେ ତାଙ୍କ ପ୍ରଥମ ଚଳଚ୍ଚିତ୍ର ସହ ପରଦାକୁ ଆସୁଛନ୍ତି। ଆସନ୍ତା ଜାନୁୟାରୀ ୨୪ରେ ଅକ୍ଷୟଙ୍କର ଆକ୍ସନ-ପ୍ୟାକ୍ ଫିଲ୍ମ 'ସ୍କାଏ ଫୋର୍ସ' ରିଲିଜ୍ ହେବାକୁ ଯାଉଛି। ରବିବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହାର ଟ୍ରେଲରକୁ ଜାରି କରାଯାଇଛି। ଏହି ଟ୍ରେଲରରେ ଅକ୍ଷୟଙ୍କ ସହ ଅଭିନେତା ବୀର ପହାଡ଼ିଆଙ୍କୁ ଦମ୍‌ଦାର ଭୂମିକାରେ ଦେଖିବାକୁ ମିଳିଛି। ଫୋର୍ସ'ରେ ଉଭୟ ଅକ୍ଷୟ ଏବଂ ବୀରଙ୍କୁ ଭାରତୀୟ ବାୟୁସେନା ଅଧିକାରୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମର ଟ୍ରେଲରରେ ଅକ୍ଷୟଙ୍କର ଜବରଦସ୍ତ ଆକ୍ସନ ଦୃଶ୍ୟ ରହିଛି। ସେହିପରି ବୀର ମଧ୍ୟ ଖୁବ୍ ଏୟାର ଷ୍ଟଣ୍ଟ କରୁଛନ୍ତି। ଭାରତ ଓ ପାକିସ୍ତାନ ଯୁଦ୍ଧରୁ ଏହି ଟ୍ରେଲର ଆରମ୍ଭ ହୋଇଛି। ପରେ ଅକ୍ଷୟ ଏହି ଯୁଦ୍ଧରେ ହଜିଯାଇଥିବା ତାଙ୍କ ସାଥୀ ବାୟୁସେନା ଅଧିକାରୀଙ୍କୁ ଖୋଜିବା ପାଇଁ ଏକ ମିଶନ ଆରମ୍ଭ କରିଛନ୍ତି, ଯାହାକୁ ନେଇ ଫିଲ୍ମର ପୂରା କାହାଣୀ ଗତି କରୁଛି। 'ସ୍କାଏ ଫୋର୍ସ' ଫିଲ୍ମର ଟ୍ରେଲରରେ ଅଭିନେତ୍ରୀ ସାରା ଅଲି ଖାନ୍ ଏବଂ ନିମ୍ରତ କୌରଙ୍କ ଝଲକକୁ ମଧ୍ୟ ଦେଖିବାକୁ ମିଳିଛି।



# ଖାଲି ପେଟରେ ଉଷୁମ ପାଣି ପିଇଲେ ମିଳେ ଫାଇଦା

*ଆପଣ ନିଶ୍ଚୟ ଦେଖିଥିବେ ଅନେକ ଲୋକ ସକାଳେ ଖାଲି ପେଟରେ ଉଷୁମ ପାଣି ପିଅନ୍ତି । ଆପଣ କେବେ ଚିନ୍ତା କରିଛନ୍ତି କି ସେମାନେ କାହିଁକି ଏଭଳି କରନ୍ତି ? ସକାଳେ ଖାଲି ପେଟରେ ଉଷୁମ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟକୁ ଅନେକ ଲାଭ ମିଳିଥାଏ । ଏହା କେବଳ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ ନାହିଁ ବରଂ ସମଗ୍ର ହଜମ ପ୍ରକ୍ରିୟାକୁ ଲାଭ ଦିଏ । ଯଦିଓ ଖାଲି ପେଟରେ ଉଷୁମ ପାଣି ପିଇବା ଭଲ ଲାଗେ ନାହିଁ କିନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ତେବେ ଆସନ୍ତୁ ଏହାର ଲାଭ ବିଷୟରେ ଜାଣିବା ।*

**ହଜମ ପ୍ରକ୍ରିୟା ପାଇଁ ଲାଭଦାୟକ:** ଏକ ଗ୍ଲାସ ଉଷୁମ ପାଣିରୁ ଦିନ ଆରମ୍ଭ କରିବା ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ । ଶରୀରରୁ ସମସ୍ତ ବର୍ଜ୍ୟବସ୍ତୁ ବାହାର କରି ଏହା ଏକ ଭଲ ଫ୍ଲାଶ୍ ପରି କାମ କରେ ।

**ଓଜନ ହ୍ରାସ ପାଇଁ ଅତ୍ୟନ୍ତ ଲାଭଦାୟୀ:** ଖାଲି ପେଟରେ ଉଷୁମ ପାଣି ପିଇବା ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କ ପାଇଁ ଉପଯୁକ୍ତ କାରଣ ଉଷୁମ ପାଣି ଶରୀରର ତାପମାତ୍ରା ଏବଂ ମେଟାବୋଲିଜିମ୍ ବଢାଇଥାଏ । ଯଦି ଆପଣ ଲେମ୍ବୁ ରସକୁ ଉଷୁମ ପାଣିରେ ମିଶାଇ ପିଅନ୍ତି, ତେବେ ଆପଣଙ୍କର ଓଜନ ଶୀଘ୍ର ହ୍ରାସ ହେବ ।

**ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ:** ଶୀତଦିନେ ଖାଲି ପେଟରେ ଅଳ୍ପ ଲେମ୍ବୁ ସହିତ ଏକ ଗ୍ଲାସ୍ ଉଷୁମ ପାଣି ପିଇଲେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ । ଏହା ଶରୀରକୁ ଭିଟାମିନ୍ ସି ଏବଂ ପୋଟାସିୟମର ଆବଶ୍ୟକୀୟ ମାତ୍ରା ଯୋଗାଇଥାଏ, ଯାହା ଆପଣଙ୍କ ଧୀର ପ୍ରତିରକ୍ଷା ପ୍ରଣାଳୀକୁ ବଢାଇଥାଏ ।

**ଚର୍ମ ଏବଂ କେଶ ପାଇଁ ଲାଭଦାୟକ:** ଆପଣଙ୍କ ଶରୀର ଯେତେ ହାଇଡ୍ରେଟେଡ୍, ଆପଣଙ୍କ ତ୍ୱଚା ଅଧିକ ଗ୍ଲୋ କରିଥାଏ । ବିଶେଷକରି ଯଦି ଆପଣ ସକାଳେ ଖାଲି ପେଟରେ ଉଷୁମ ପାଣି ପିଅନ୍ତି, ତେବେ ଏହା ଆପଣଙ୍କ ଚର୍ମ ଏବଂ କେଶ ପାଇଁ ବହୁତ ଲାଭଦାୟକ ହୋଇଥାଏ। ସକାଳେ ଏକ ଗ୍ଲାସ୍ ଉଷୁମ ପାଣି ଏକ ଡିଟକ୍ସାଇଫାୟର୍ ଭାବରେ କାର୍ଯ୍ୟ କରିଥାଏ ଏବଂ ଶରୀରରେ ଜମା ହୋଇଥିବା ବିଷାକ୍ତ ପଦାର୍ଥକୁ ବାହାର କରି ଶରୀରକୁ ସୁସ୍ଥ ରଖିଥାଏ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ପୁରୀ (ଭାସ୍କର ନ୍ୟୁଜ): ଓଡିଶା ଆୟୋଜନ କରୁଛି ୧୮ତମ ପ୍ରବାସୀ ଭାରତୀୟ ଦିବସ। ଭୁବନେଶ୍ୱର ଠାରେ ଏହା ଚଳିତ ମାସ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଦର୍ଶନ ସହ ଓ ପୁରୀ ଜିଲ୍ଲାର ଅପରୂପ ପର୍ଯ୍ୟଟନ ସ୍ଥଳର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ପ୍ରବାସୀ ଭାରତୀୟ ମାନଙ୍କ ଉତ୍ସାହ ରହିଛି। ସେଥିପାଇଁ ପୁରୀ ସଜେଇ ହୋଇଛି। ତା ସହ ବିଚ ଫେଷ୍ଟିଭାଲ ମଧ୍ୟ ଆୟୋଜିତ ହେଉଛି। ଆଜି ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ପ୍ରଥମ ପ୍ରବାସୀ ଭାରତୀୟ ଭାବେ ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିଛନ୍ତି ନିଉଜିଲାଣ୍ଡରେ ରହୁଥିବା ବନୀଷା ଧୀରୁ, ମିସ ଧୀରୁ ୟୁନେସ୍କୋର ନିଉଜିଲାଣ୍ଡର ଜାତୀୟ କମିଶନର, ଲାଇବ୍ରେରୀ ଓ ଇନଫରମେସନ ଆଡ଼ଭାଇଜରୀ କମିଶନର, ଆଡ଼ଭୋକେଟ ଫର ଏଥନିକ ଆଣ୍ଡ ଜେଣ୍ଡର ରାଇଟ୍ସ ଇସ୍ୟୁ,ବୋର୍ଡ ମେମ୍ବର ଅଫ ଗ୍ଲୋବାଲ ଓମାନ ନିଉଜିଲାଣ୍ଡ, ଜଷ୍ଟିସ ଅଫ ଦି ପିସ ଅଫ ନିଉଜିଲାଣ୍ଡ ର ସଦସ୍ୟ ରହିଛନ୍ତି। ପ୍ରବାସୀ ଭାରତୀୟ ଭାବେ ସେ ପ୍ରବାସୀ ଭାରତୀୟ ଦିବସରେ ଯୋଗ ଦେବାକୁ ଓଡିଶାରେ ପହଞ୍ଚିଛନ୍ତି।



### ଉଚ୍ଛେଦକୁ ପୂରିଲା ବର୍ଷେ

# କେବେ ହେବ ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ ?



ଡେରାବିଶ (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀର ଦାନପୁର ଠାରେ ଥିବା ସେତୁର ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଜବର ଦଖଲ ଉଚ୍ଛେଦ କାର୍ଯ୍ୟକୁ ଏକ ବର୍ଷ ପୁରି ଗଲାଣି । ଏହି କାର୍ଯ୍ୟକୁ ଏକ ବର୍ଷ ପୁରିଥିଲେ ମଧ୍ୟ ଅଦ୍ୟାବଧି ସଂଯୋଗୀ କରଣ ରାସ୍ତା ନିର୍ମାଣ ହେବାର ନାଁ ଧରୁନାହିଁ। ଯାହା ଫଳରେ ସଂଯୋଗୀକରଣ ରାସ୍ତା ନିର୍ମାଣ ନେଇ ଲୋକମାନଙ୍କ ମନରେ ଆଶା ଧିରେ ଧିରେ ମଉଳିବାରେ ଲାଗିଛି। ସୂଚନା ଯୋଗ୍ୟ ଦାନପୁର ଠାରେ ଲୁଣାନଦୀ ସେତୁ ନିର୍ମାଣ ହେବାର ୧୯ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି ସେତୁକୁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରି ନାହିଁ। ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ଠାରେ ଲୁଣାନଦୀର ଏକ ସେତୁ ହେଲେ ଡେରାବିଶ ବ୍ଲକର ତିନିଗୋଟି ପଞ୍ଚାୟତ ସମେତ ଗରଦପୁର ବ୍ଲକର ୩ରୁ ଅଧିକ ପଞ୍ଚାୟତବାସୀ କଟକ-ଚାନ୍ଦବାଲି ରାଜରାସ୍ତାଦେଇ କଟକ ଓ କେନ୍ଦ୍ରାପଡ଼ାକୁ ଯାତାୟତ କରିପାରିବା ସହ କେନ୍ଦ୍ରାପଡ଼ାରୁ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ ହୋଇପାରିବ। ଏହି ଉଦ୍ଦେଶ୍ୟରେ ଦାନପୁର ଠାରେ ଲୁଣାସେତୁର ଶୁଭ ଦିଆଯାଇଥିଲା। କିନ୍ତୁ ଏହି କାର୍ଯ୍ୟ ଆରମ୍ଭ ହୋଇ ବହୁ ବର୍ଷ ବନ୍ଦ ରହିବା ପରେ ୨୦୦୫ ମସିହାରେ ପୁନଃ ଆରମ୍ଭ ହୋଇଥିଲା । ସେତେବେଳେ ଲୁଣାସେତୁ ସହ କେନ୍ଦ୍ରାପଡ଼ା କେନାଲ୍ ଉପରେ ଏକ ପୋଲ ନିର୍ମାଣ କରାଯାଇ ଚାନ୍ଦୋଳ, ଦାନପୁର ରାସ୍ତାକୁ ସଂଯୋଗ କରିବା ପାଇଁ ଦାନପୁର ଅଞ୍ଚଳର କିଛି ବ୍ୟକ୍ତିଙ୍କ ଜମି ଅଧିଗ୍ରହଣ କରାଯାଇଥିଲା । ସେତେବେଳେ ସେମାନଙ୍କ ମଧ୍ୟରୁ ଜଣେ ଜମି ମାଲିକ କୌଣସି କାରଣରୁ ସଂଯୋଗୀକରଣ ରାସ୍ତା କାର୍ଯ୍ୟ ବନ୍ଦ କରିବା ପାଇଁ ଉଚ୍ଚନ୍ୟାୟାଳୟରୁ ୨୦୦୫ ମସିହାରେ ସ୍ଥିଗିତାଦେଶ ଆଣିଥିଲେ । କିନ୍ତୁ ସଂଯୋଗୀକରଣ ରାସ୍ତା ହୋଇନପାରିଥିବାରୁ ଲୁଣାନଦୀ ସେତୁ ନିର୍ମାଣସରିବାର କିଛି ବର୍ଷ ଯାଏ ଉଦଘାଟିତ ହୋଇପାରିନଥିଲା । ଉଚ୍ଚନ୍ୟାୟାଳୟରେ ମାମଲା ରହିଥିବାରୁ ସରକାର ବାଧ୍ୟ ହୋଇ କେନ୍ଦ୍ରାପଡ଼ା କେନାଲ୍ ବନ୍ଧ ଓ ବିପଦସଙ୍କୁଳ ଲକ ପୋଲ ବାଟ ଦେଇ ସେତୁକୁ ଉଦଘାଟନ କରିଥିଲେ। ସେବେଠାରୁ ଅଞ୍ଚଳବାସୀ ସେତୁକୁ ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ । ୨୦୨୩ ମସିହା ଡିସେମ୍ବର ୧ ତାରିଖରେ ଉଚ୍ଚନ୍ୟାୟାଳୟରେ ହୋଇଥିବା ମାମଲାଟି ଖାରଜ ହେବା ପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତତ୍ପରତା ପ୍ରକାଶ କରି ଅଧିକୃତ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଡେରାବିଶ ତହସିଲଦାରଙ୍କୁ ଅନୁରୋଧ କରିଥିଲେ । ତହସିଲ ପକ୍ଷରୁ ଜମି ଚହ୍ନଟ କରାଯାଇ ଜବରଦଖଲକାରୀଙ୍କୁ ନୋଟିସ୍ କରି ୨୦୨୪ ମସିହା ଜାନୁୟାରୀ ୫ ତାରିଖ ଦିନ ଜବର ଦଖଲ ଉଚ୍ଛେଦ କରାଯାଇଥିଲା। ସେତେବେଳେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଜନୈକ ଠିକାଦାରଙ୍କୁ ଏହି ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଠିକାଦାର ଜଣକ ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବା ବଦଳରେ ସେତୁ ନିର୍ମାଣ ସ୍ଥଳରୁ ୫୦୦ରୁ ଉର୍ଦ୍ଧ୍ୱ ଟ୍ରିପ ମାଟି ତାଡ଼ି ବିକ୍ରିକରି ଛୁ ମାରିଥିଲେ। ସେବେଠାରୁ ଅଞ୍ଚଳବାସୀ ଚାତକଭଳି ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଚାହିଁ ବସିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ତାଙ୍କ ଉତ୍ତର ହେଉଛି ସଂଯୋଗୀକରଣ ରାସ୍ତା ନିର୍ମାଣ ନିମନ୍ତେ ଆଉଥରେ ଡିଜାଇନ ହେଉଛି। ଏହି ଡିଜାଇନ୍‌ର ଦାୟିତ୍ୱ ଆଇଆଇଟି କାନପୁର ନେଇଛି । ଏହି ସଂସ୍ଥା ତାର ପ୍ରାଥମିକ ସର୍ଭେ କାର୍ଯ୍ୟ ସରିଛି। ଏହାର ଡିଜାଇନ୍ ଆସି ଅନୁମୋଦିତ ହେଲେ ପୁନର୍ବାର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବ।

## ଅଜଣା ଜନ୍ତୁ ଉଦ୍ଧାର



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବନ୍ଧକାଟିଆ ପଞ୍ଚାୟତ ବିରେହିମପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ପୋଖରୀ ନିକଟରୁ ଏକ ଅଚିହ୍ନା ହିଂସ୍ର ଜନ୍ତୁକୁ ଗ୍ରାମବାସୀମାନେ କାବୁ କରିବାରେ ସକ୍ଷମ ହୋଇଛନ୍ତି। ବନ ବିଭାଗ ଜନ୍ତୁଟିକୁ କାବୁ କରିନେଇଥିବା ଜଣାଯାଇଛି। ସୂଚନା ଥାଉ ବାଘ ଆକୃତିର ଏକ ହିଂସ୍ର ଜନ୍ତୁ ଜନବସତି ଅଞ୍ଚଳରେ ବୁଲୁଥିବାର କ୍ୟାମେରାରେ କଏଦ ହୋଇଥିଲା। ଏହାକୁ ନେଇ ସମଗ୍ର ବ୍ଲକ ଅଞ୍ଚଳରେ ଏକ ପ୍ରକାର ଆଲୋଡନ ସୃଷ୍ଟି ହୋଇଥିଲା। ବିଭିନ୍ନ ସ୍ଥାନରୁ ଏହି ହିଂସ୍ର ଜନ୍ତୁଟି ଜୀବଜନ୍ତୁଙ୍କୁ ଆକ୍ରମଣ କରୁଥିଲେ ହେଁ କେହି ତାକୁ କାବୁ କରିପାରୁନଥିଲେ। ତେବେ ଏହି ହିଂସ୍ର ଯନ୍ତୁକୁ ନେଇ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ଏକ ପ୍ରକାର ଆତଙ୍କ ଖେଳିଯାଇଥିଲା। ସୋମବାର ଅପରାହ୍ଣରେ ଏହି ହିଂସ ଜନ୍ତୁଟି ବିରେହିମପୁର ଗ୍ରାମର ମହେନ୍ଦ୍ର ସାମନ୍ତରାୟଙ୍କ ପୋଖରୀ ନିକଟରେ ଦେଖିବାକୁ ମିଳିଥିଲା। ତୁରନ୍ତ ଗ୍ରାମବାସୀମାନେ କଟକ ବନ ବିଭାଗକୁ ଖବର ଦେଇଥିଲେ। ଗ୍ରାମବାସୀ ଓ ବନ ବିଭାଗ କର୍ମଚାରୀ କୌଶଳ କ୍ରମେ ଯନ୍ତୁଟିକୁ ଏକ ପିଞ୍ଜରାରେ ରଖିଥିଲେ। ଖବର ଶେଷ ସୁଦ୍ଧା ଜଣାପଡିଛି ଯେ ଏହି ହିଂସ୍ର ଜନ୍ତୁଟିକୁ ନନ୍ଦନକାନନ କିମ୍ବା ଏକ ଜଙ୍ଗଲରେ ଛଡାଯିବ ବୋଲି କଟକ ବନଖଣ୍ଡ ଅଧିକାରୀ ରାକେଶ ସ୍ୱାଇଁ ସୂଚନା ଦେଇଛନ୍ତି। ତେବେ ଆତଙ୍କ ଖେଳାଇଥିବା ବାଘ ଭଳି ଦେଖାଯାଉଥିବା ଏହି ଅଚିହ୍ନା ହିଂସ୍ର ଜନ୍ତୁ ଏଅଂଚଳରେ ଗୋଟିଏ ଅଛି ନା ଏକାଧିକ ଅଛନ୍ତି ତାହା ସମୟ କହିବ।

## ଆନନ୍ଦମୟୀ ମହିଳା ପାଠଚକ୍ରର ବାର୍ଷିକ ଉତ୍ସବ

ଭଞ୍ଜନଗର (ଭାସ୍କର ନ୍ୟୁଜ): ସହରତଳି ଶ୍ରୀରାମନଗର ସ୍ଥିତ ଶ୍ରୀ ଅରବିନ୍ଦ ଶକ୍ତି ପୀଠ ଠାରେ ଆନନ୍ଦମୟୀ ମହିଳା ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ପିପିଲି ସତ୍ୟଚେତନା ଆଶ୍ରମର ସାଧକ ସୁକାନ୍ତ କୁମାର ଜେନା ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରତ୍ନପ୍ରଭା ଦାସ, ଗୀତା ସେନାପତି, ଶିକ୍ଷକେନ୍ଦ୍ର ସଭାପତି ପ୍ରଫେସର କୃତିବାସ ବିଶ୍ୱାଳ ପ୍ରମୁଖ ମଂଚାସୀନ ଥିଲେ। ମହିଳାମାନେ ସଶକ୍ତ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। କରୁଣାମୟୀ ମା ଓ ପରମ ପ୍ରଭୁ ଶ୍ରୀ ଅରବିନ୍ଦଙ୍କ ଯୋଗ ଦର୍ଶନ, ତଥା ଶିକ୍ଷାଦର୍ଶନ ରେ ଅନୁପ୍ରାଣିତ ହୋଇ ଏକ ସୁସ୍ଥ ସମାଜ ଗଠନରେ ମହିଳାମାନେ ଆଗେଇ ଆସିବାପାଇଁ ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ବରିଷ୍ଠ ମାତୃପ୍ରେମୀ ଜ୍ୟୋତିର୍ମୟୀ ପ୍ରଧାନ ମାତୃ ସଂଗୀତ ଗାନ କରିଥିଲାବେଳେ ରତ୍ନ ମଞ୍ଜରୀ ପାଢୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗଞ୍ଜାମ ଜଲ୍ଲା ସମେତ ନିକଟବର୍ତ୍ତୀ ଫୁଲବାଣୀ ଜିଲ୍ଲାର ପାଠଚକ୍ର ଶିକ୍ଷା କେନ୍ଦ୍ର ମାନଙ୍କରୁ ଶତାଧିକ ମାତୃପ୍ରେମୀ, ସାଧକ ସାଧିକା ଏହି ଉତ୍ସବରେ ଯୋଗଦାନ କରିଥିଲେ। ଶେଷରେ ମାତୃ ପତାକା ଅବତରଣ କଲା ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ପୋଚ ସହ ଦେଶୀ ମଦ ନଷ୍ଟ କଲା ଅବକାରୀ ବିଭାଗ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକରେ ଦେସୀ ମଦ ଚୋରା ଚାଲାଣ ଥମିବାରେ ନା ଧରୁନି। ଆଜି ଆଲମଣ୍ଡା ସଦର ପଞ୍ଚାୟତ ସମେତ କାପଲୋଡା,କାର୍ଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ମଦ ରନ୍ଧା ଚାଲିଥିବା ବନ୍ଧୁଗାଁ ଅବକାରୀ ବିଭାଗକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଖବର ପାଇ ବନ୍ଧୁଗାଁ ଅବକାରି ବିଭାଗର ଏକ ଟିମ ଓ ଆନ୍ଧ୍ରପ୍ରଦେଶ ଅବକାରୀ ବିଭାଗର ଏକ ଟିମ ବନ୍ଧୁଗାଁ ପୋଲିସ ସହାୟତାରେ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲା। ହେଲେ ମଦ ମାଫିଆ ସେଠାରୁ ଲକ୍ଷାଧିକ ଟଙ୍କାର ମଦ ନେଇ ଚମ୍ପଟ ମାରିବାରେ ସଫଳ ହୋଇଥିବା ବେଳେ ଅବକାରୀ ବିଭାଗ କେବଳ ୮୦ ଲିଟର ରନ୍ଧା ମଦ ସହ ସାତ ହଜାର ଲିଟର ପୋଚ ନଷ୍ଟ କରି ସନ୍ତୁଷ୍ଟ ହୋଇଥିଲା। ଜିଲ୍ଲା ଅବକାରୀ ଅଧିକାରୀ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଏଇ ଚଢ଼ାଉ କରାଯାଇଥିବା ବେଳେ ଏଥିରେ ଏଥିରେ କୋରାପୁଟ ରେଞ୍ଜ ନିରୀକ୍ଷକ ସୁଧିର କୁମାର ସାହୁ, ଜିଲ୍ଲା ଫ୍ଲାଇଙ୍ଗ ସ୍କ୍ୱାର୍ଡର ନିରୀକ୍ଷକ ଚନ୍ଦ୍ର ଶେଖର ପଢ଼ିହାରୀ, ଜିଲ୍ଲା ଫ୍ଲାଇଙ୍ଗ ସ୍କ୍ୱାର୍ଡର ଉପ ନିରୀକ୍ଷକ ରାଜୁ କ୍ଷେତି, ନାରାୟଣ ପାଟଣା ଉପ ନିରୀକ୍ଷକ ମାଝି ଗୌରି ପଟ୍ଟନାୟକ, ସହ ଉପ ନିରୀକ୍ଷକ ଉମେଶ କୁମାର ଦୋରା, ସୁଶାନ୍ତ ନାୟକଙ୍କ ସମେତ ଆନ୍ଧ୍ରପ୍ରଦେଶର ୫୫ ଜଣ ଅବକାରୀ ଅଧିକାରୀ ଓ ବନ୍ଧୁଗାଁ ପୋଲିସ ସାମିଲ ଥିଲେ।

## ଅଧ୍ୟାପିକାଙ୍କୁ ହତ୍ୟା ଉଦ୍ୟମ, ଥାନାରେ ଏତଲା

କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକରେ ଏକ ଅମାନୁଷିକ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ଜଣେ ଅଧ୍ୟାପିକାଙ୍କୁ ବେକକାଟି ହତ୍ୟା କରିବାର ଉଦ୍ୟମ କରାଯାଇଥିବା ସୂଚନା ମିଳିଛି । ଏନେଇ ଅଧ୍ୟାପିକାଙ୍କ ଭାଇ କୋଷାଗୁମୁଡା ଥାନାରେ ଏକ ଏତଲା ପ୍ରଦାନ କରିଥିବା କୋଷାଗୁମୁଡା ଥାନା ପକ୍ଷରୁ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସାନ ଅମଡ଼ା ପଞ୍ଚାୟତର ନେଇଗାଁ ଗ୍ରାମର ସାହିସିଲ ଗାଣ୍ଡାଙ୍କ ଭଉଣୀ ଶ୍ରଦ୍ଧା ସିମରନ ଗାଣ୍ଡା(୨୩) କୋଷାଗୁମୁଡା ବ୍ଲକର ବାଙ୍କୁଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅର୍ଥନୀତି ଅଧ୍ୟାପିକା ଭାବେ କାର୍ଯ୍ୟରତ ଅଛନ୍ତି । ହେଲେ ଗତ ଶନିବାର ଦିନ ନିଜ ଡିଉଟି ସାରି ଛୁଟିରେ ନିଜ ଗାଁକୁ ଆସିଥିଲେ । ଆଜି ପୁଣି ନିଜ କର୍ମ କ୍ଷେତ୍ରକୁ ଯିବାପାଇଁ ମାଙ୍କିଡି ଛକରେ ତାଙ୍କର ଆଉ ଜଣେ ଭଉଣୀ ରଶ୍ମି ଗାଣ୍ଡା (୨୫)ଙ୍କ ସହ ଛିଡା ହୋଇ ରହିଥିଲେ । ହେଲେ ୩/୪ଜଣ ଦୁର୍ବୃତ୍ତ ହଠାତ ଆସି ଶ୍ରଦ୍ଧା ସିମରନଙ୍କ ବେକ କାଟିଦେବା ସହ ସାଙ୍ଗରେ ଥିବା ଭଉଣୀଙ୍କୁ ମଧ୍ୟ ଆକ୍ରମଣ କରିବାରୁ ତାଙ୍କୁ ମଧ୍ୟ ମୁଣ୍ଡରେ ଆଘାତ ଲାଗିଥିବା ସୂଚନା ମିଳିଛି । ଏନେଇ ସିମରନଙ୍କ ଭାଇ କୋଷାଗୁମୁଡା ଥାନାରେ ଏକ ଏତଲା ଦେବା ପରେ ଥାନାର ଆଇଆଇସି ଉମେଶ ଚନ୍ଦ୍ର ନାୟକ କେସ ନଂ ୦୨/୦୨୫ରେ ଏକ ମାମଲା ରୁଜୁ କରି କେସର ତଦନ୍ତ ଜାରି ରଖିଛନ୍ତି । ଅନ୍ୟପଟେ ସିମରନ ଓ ରଶ୍ମିଙ୍କୁ ପ୍ରଥମେ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କଲାପରେ ଶେଷରେ କୋରାପୁଟ ଜିଲ୍ଲାର ଜୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

## ଅସ୍ତରଙ୍ଗ ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ୟୁକୋ ବ୍ୟାଙ୍କ ଶାଖାରେ ୮୩ତମ ଜୟନ୍ତୀ ପାଳିତ ହୋଇଛି। ଜାତିର ପିତା ମୋହନ ଦାସ କରମଚାନ୍ଦ ଗାନ୍ଧୀ ଭାରତର ଜଣେ ବିଶିଷ୍ଟ ଶିଳ୍ପପତି ଘନଶ୍ୟାମ ଦାସ ବିର୍ଲାଙ୍କୁ ଏକ ପଇସା ଠୁଳ କରି ଗ୍ରାହକ ମାନଙ୍କୁ ସୁବିଧା ସୁଲଭ ପ୍ରଦାନ କରିବା ପାଇଁ ଏକ ପରାମର୍ଶ ଦେଇଥିଲେ । ତାଙ୍କରି ପରାମର୍ଶରେ ୧୯୪୩ମସିହା ଜାନୁଆରି ୬ତାରିଖ ରେ କୋଲକାତାରେ ଏକ ୟୁକୋ ବ୍ୟାଙ୍କର ପ୍ରତିଷ୍ଠା କରାଯାଇଥିଲା, ଯାହା ଆଜି ୮୩ବର୍ଷରେ ପଦାର୍ପଣ କରିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଏହି କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଶାଖା ପରିସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ପୂର୍ବତନ ଡିଜିଏମ୍ ପ୍ରମୋଦ ଚରଣ ନାୟକ, ପୂର୍ବତନ ବିଧାୟକ ରବି ମଲ୍ଲିକ, ଶାଖା ପ୍ରବନ୍ଧକ ନିହାର ଚନ୍ଦ୍ର ମିଶ୍ର, ସହ ପ୍ରବନ୍ଧକ ଉଦୟରାଜ ସିହ୍ନା, କ୍ୟାସିୟର ଦୀପକ ପ୍ରଧାନ, ସହ କର୍ମଚାରୀ ତରୁଣ ଗୋଛାୟତ, ସୋନାଲି ମଲ୍ଲିକଙ୍କ ସହ ବିଶିଷ୍ଟ ବ୍ୟବସାୟୀ ଯୋଗେନ୍ଦ୍ର ଲେଙ୍କା ଉପସ୍ଥିତ ଥିଲେ। ଅତିଥି ମାନେ ଉଦବୋଧନ ଦେବା ସହ ଗ୍ରାହକ ମାନେ ଶାଖାର ଭଗବାନ, ତାଙ୍କୁ ବ୍ୟାଙ୍କ କର୍ମଚାରୀ ହସିହସି କଥା ହୋଇ ଉତ୍ତମ ବ୍ୟବହାର କରିବାକୁ ଦିଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ମହିଳା ମହାସଂଘ ସଭ୍ୟା ମାନେ ଉପସ୍ଥିତ ଥିଲେ।ପରିଶେଷରେ ଉପସ୍ଥିତ ଶାଖା କର୍ମଚାରୀ ଓ ଗ୍ରାହକ ମାନଙ୍କୁ ଶାଖା ତରଫରୁ ମିଷ୍ଟାନ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା।

## ବିପର୍ଯ୍ୟୟ ଉଦ୍ଧାର ସଚେତନତା କାର୍ଯ୍ୟକ୍ରମ



ନବରଙ୍ଗପୁର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ସଦର ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ସଭାଗୃହରେ କଟକ ଜିଲ୍ଲା ମୁଣ୍ଡୁଳି ସ୍ଥିତ ଜାତୀୟ ବିପର୍ଯ୍ୟୟ ଉଦ୍ଧାର ସୁରକ୍ଷା ବାହିନୀ ଏବଂ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଏକ ସାମୁହିକ ଗୋଷ୍ଠୀ ସଚେତନତା ଅଭ୍ୟାସ (ମକ ଡ୍ରିଲ) ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି କେମିତି ରହିବ ଓ ସର୍ବସାଧାରଣରେ ବିପର୍ଯ୍ୟୟ କୁ କିପରି ପ୍ରତିହତ କରିହେବ, ବିପର୍ଯ୍ୟୟ ପୂର୍ବରୁ ଏବଂ ପରବର୍ତ୍ତୀ ସମୟରେ ବିପର୍ଯ୍ୟୟକୁ ହ୍ରାସ କରିବା ପଦ୍ଧତି, ପ୍ରାକ୍ ସୂଚନା ଯଥା ପ୍ରସାରଣ, ଆଶ୍ରୟସ୍ଥଳୀ କୁ ସ୍ଥାନାନ୍ତରିତ, ସମ୍ପୃକ୍ତ ଅଧିକାରୀ ମାନଙ୍କ ଭୂମିକା, ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ଯନ୍ତ୍ର ଓ ଉପକରଣ ର ବ୍ୟବହାର, ରିଲିଫ ବଣ୍ଟନ ଏବଂ ସଫଳ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସେହିପରି ଶ୍ୱାସରୁଦ୍ଧ ବ୍ୟକ୍ତିଙ୍କୁ କିପରି ବଞ୍ଚାଇବା ପ୍ରଣାଳୀ, ବନ୍ୟା ଭଳି ପରିସ୍ଥିତିରେ ନିଜକୁ ପାଣିରୁ ସୁରକ୍ଷିତ ବଞ୍ଚାଇବା ସହିତ ଅନ୍ୟମାନଙ୍କ ଧନ ଜୀବନ ଗୃହପାଳିତ ପଶୁ ପକ୍ଷୀ ଙ୍କୁ କିପରି ଭାବରେ ସୁରକ୍ଷିତ ଉପାୟରେ ବଞ୍ଚାଇବା ର କୌଶଳ ପ୍ରଦର୍ଶନ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ଜିଲ୍ଲା ଜରୁରୀ କାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ, ଜିଲ୍ଲା ଜରୁରୀ କାଳୀନ ଉପ ବିଭାଗର ବିଭାଗୀୟ ଅଧିକାରୀ ତ୍ରିପତି ବାଲାଜୀ ସାହୁ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ଏବଂ ଜାତୀୟ ବିପର୍ଯ୍ୟୟ ଉଦ୍ଧାର ସୁରକ୍ଷା ବାହିନୀ ଟିମର ଚିତ୍ରସେନ ଗଣ୍ଡ , ଶିବଶଙ୍କର ଦାସ, ଯୁଗଳ କିଶୋର, କ୍ରାନ୍ତି କୁମାର ପ୍ରମୁଖ ଯୋଗ ଦେଇଥିଲେ।

## ମନମୋହନ ସିଂହଙ୍କ ଶ୍ରଦ୍ଧାଞ୍ଜଳି ସଭା

ଡେରାବିଶ (ଭାସ୍କର ନ୍ୟୁଜ): ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାନ୍ଦୋଳ ଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପାଟକୁରା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଡେରାବିଶ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଏହି ସଭାରେ ଉପସ୍ଥିତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ କଂଗ୍ରେସକର୍ମୀମାନେ ସ୍ୱର୍ଗତ ସିଂହଙ୍କ ଫଟୋଚିତ୍ର ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ପାଟକୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଡଃ ରତିକାନ୍ତ କାନୁନ୍‌ଗୋ ଯୋଗଦେଇ ସ୍ୱର୍ଗତ ମନମୋହନ ସିଂହଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ତାଙ୍କର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସିପ୍ରା ମଲିକ ପ୍ରମୁଖ ଯୋଗଦେଇ ଦେଶ କେବଳ ମନମୋହନଙ୍କୁ ହରାଇଲା ନୁହେଁ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଏବଂ ଦୂରଦ୍ରଷ୍ଟା ରାଜନିତୀଜ୍ଞଙ୍କୁ ହରାଇଲା ବୋଲି କହିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଲଙ୍ଗଲ ବେଡ଼ା ଗାଁରେ ଏକ ଅଭାବନିୟ ଘଟଣା ସାମନାକୁ ଆସିଛି। ଜଣେ ମହିଳା ଅନ୍ଧ ବିଶ୍ୱାସର ଶିକାର ହୋଇଛନ୍ତି। ସାପ କାମୁଡାରେ ଆହତ ହୋଇ ଦୁଇଦିନ ଧରି ଘରେ ରହି ଝଡ଼ା ଫୁଙ୍କା ପରେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଏନେଇ ନାରାୟଣ ପାଟଣା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ପ୍ରମୋଦ କୁମାର ନାୟକ ପ୍ରକାଶ କରିଛନ୍ତି। ଖବର ନେବାରେ ଜଣା ପଡିଛିକି ଲଙ୍ଗଲବେଡ଼ା ଗାଁର ମୋହନ କାଡ୍ରାକାଙ୍କ ସ୍ତ୍ରୀ ନୁକାଲୁ କାଡ୍ରାକା ଗତ ଶନିବାର ଦିନ ଗାଁ ପାଖ ଜଙ୍ଗଲକୁ ନିଜ ମାଆ ସହିତ କାଠ ଆଣିବା ପାଇଁ ଯାଇ ଫେରିବା ବେଳେ ତାଙ୍କ ଗୋଡକୁ ଏକ ସାପ ଚୋଟ ମାରି ଚାଲି ଯାଇଥିଲା। ଫଳରେ ସିଏ କଷ୍ଟେ ମଷ୍ଟେ ନିଜ ଘରେ ପହଞ୍ଚି ଥିଲେ। ଖବର ପାଇ ସେଠାକାର ଆଶା କର୍ମୀ ତାଙ୍କ ଘରେ ପହଞ୍ଚି ତୁରନ୍ତ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ । ହେଲେ ତାଙ୍କ କଥାକୁ କେହି ନଶୁଣି ଗୁଣିଆକୁ ଡାକି ଝଡ଼ାଫୁଙ୍କା ଆରମ୍ଭ କରିଥିଲେ। ହେଲେ ଡାକ୍ତରଖାନା ନନେଇ ଦୁଇ ଦିନ ଧରି ଝଡ଼ା ଫୁଙ୍କା କରି ଆଜି ତାଙ୍କର ମୃତ୍ୟୁ ଘଟିଛି।

## କର୍କଟ ରୋଗୀଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇଲେ ମନୋଜ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ସଦର ମହକୁମାର ପରାଜାଗୁଡା ଗ୍ରାମର ଜଣେ ମହିଳା ବହୁ ଦିନ ହେବ କର୍କଟ ରୋଗରେ ପୀଡିତ ଥିଲେ। ତାଙ୍କୁ ଆଜି ଡାକ୍ତର ରକ୍ତର ଆବଶ୍ୟକ ଥିବା କହିଥିଲେ। ତେବେ ତାଙ୍କୁ ଏବି ପଜିଟିଭ ରକ୍ତର ଆବଶ୍ୟକତା ଥିଲା । ଏହି ଖବର ମାଲକାନଗିରି ରିଲ୍ଲାମେସନ୍ ରାଇଜିଂ କ୍ଲବର ସମ୍ପାଦକ କେ. ରାହୁଲ ଜାଣିବା ପରେ ତୁରନ୍ତ ରିଲ୍ଲାମେସନ୍ ରାଇଜିଂ କ୍ଲବର ମେମ୍ବର ମନୋଜ କୁମାର ଚୌଧୁରୀଙ୍କୁ ଯୋଗାଯୋଗ କରିଥିଲେ। ମାନବିକତା ଦେଖାଇ ଶ୍ରୀ ଚୌଧୁରୀ ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରିଥିଲେ । ତାଙ୍କର ଏଭଳି ମହତ କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

### ////////////////// ଶ୍ରୀକ୍ଷେତ୍ର ପୁସ୍ତକ ମେଳା //////////////////


# ଶିଶୁ ଅଧିକାର ସୁରକ୍ଷା ପ୍ରତିଯୋଗିତା ଓ ସମ୍ମିଳନୀ




ପୁରୀ (ଭାସ୍କର ନ୍ୟୁଜ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ଶରଧା ବାଲି, ପୁରୀ ଠାରେ ଶିଶୁ ଅଧିକାର ସୁରକ୍ଷା ପ୍ରତିଯୋଗିତା ଓ ସମ୍ମିଳନୀ ଗତ ଜାନୁଆରୀ ୫ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ଓ ବିଦ୍ୟାଳୟରୁ ମୋଟ ୫୦ ଜଣ ଛାତ୍ରଛାତ୍ରୀ ପୋଷ୍ଟର ପ୍ରସ୍ତୁତି ଓ କୁଇଜ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ। ଅସୁରକ୍ଷିତ ଶିଶୁ ଓ ସୁରକ୍ଷିତ ସମ୍ଭାବନା ବିଷୟରେ ପୋଷ୍ଟର ପ୍ରସ୍ତୁତ କରି କନିଷ୍ଠ ବିଭାଗ ରେ ଔରଶିଖା ରଥ, ଓମପ୍ରିୟା ମହାପାତ୍ର ଓ ସ୍ମୃତି ବେବର୍ତ୍ତା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରେୟା ମହାନ୍ତି, ପ୍ରୟାଗ ଚନ୍ଦ୍ର ମିଶ୍ର ଓ ଜଗନ୍ନାଥ ବେହେରା ବରିଷ୍ଠ ବିଭାଗରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହା ସହିତ ଶିଶୁ ଯତ୍ନ ଓ ସୁରକ୍ଷା, ଚାଇଲଡ ହେଲ୍ପ ଲାଇନ ଆଦି ବିଷୟକୁ ନେଇ ବିଷୟ ବିଶେଷଜ୍ଞମାନେ ସେମାନଙ୍କର ମତ ଓ ପରାମର୍ଶ ରଖିଥିଲେ। ବିଷୟ ବିଶେଷଜ୍ଞ ଭାବରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର କାର୍ଯ୍ୟକ୍ରମ ପରିଚାଳକ ପ୍ରୀତିକାନ୍ତ ପଣ୍ଡା, କାର୍ଯ୍ୟକ୍ରମ ଅଧିକାରୀ ସଂଗ୍ରାମ କିଶୋର ସାମଲ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡଃ ଅଜିତ କୁମାର ମହାପାତ୍ର, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ମହାବୀର ରୁଦ୍ର ନାରାୟଣ ସାହୁ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ରୁଚିକା ସାମାଜିକ ସଂଗଠନର ନିର୍ଦ୍ଦେଶକ ବେଣୁଧର ସେନାପତି, ପୁସ୍ତକ ମେଳା ସମ୍ପାଦକ ଚକ୍ରଧର ମହାପାତ୍ର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ଶିଶୁମାନଙ୍କ ସୁରକ୍ଷାରେ ଅଭିଭାବକ, ଛାତ୍ରଛାତ୍ରୀ, କର୍ମକର୍ତ୍ତା, ଗଣମାଧ୍ୟମଙ୍କ ଦାୟିତ୍ୱ କାର୍ଯ୍ୟକାରୀ ବିଧିବ୍ୟବସ୍ଥା, ପୋଷ୍ୟ ସନ୍ତାନ ଗ୍ରହଣ ଆଦି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଶିଶୁ ସମାଚାରର ଜାନୁଆରୀ ୨୦୨୫ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପୋଷ୍ଟର ତିଆରି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରି ପ୍ରୀତିକାନ୍ତ ପଣ୍ଡା, କାର୍ଯ୍ୟକ୍ରମ ପରିଚାଳକ, ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି କହିଥିଲେ ଯେ, ଶିଶୁମାନଙ୍କର ସୁରକ୍ଷା ହେଲେ ସାମାଜିକ ପ୍ରଗତି ହେବ। ଶିଶୁ ମାନଙ୍କ ସୁରକ୍ଷା ସମ୍ବନ୍ଧରେ ଯେତେ ଜାଣିବା ଶିଶୁ ମାନଙ୍କୁ ସେତିକି ସୁରକ୍ଷିତ ରଖିପାରିବା। ମିଶନାରୀ ଅଫ ଚାରିଟି ଖ୍ରୀଷ୍ଟଜ୍ୟୋତି ଆଶ୍ରମର ବ୍ରଦର ଟିଣ୍ଟୁସ ମିଞ୍ଜଙ୍କୁ ଉତ୍ସର୍ଗୀକୃତ ଶିଶୁ ଯତ୍ନ ଓ ସୁରକ୍ଷା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପରିଚାଳନା କରିଥିବା ବେଳେ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲଡ ହେଲ୍ପଲାଇନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନୂତନ ଭୋଟର ତାଲିକା ପ୍ରକାଶିତ, ୩୫୯୭୪ ନୂଆ ଭୋଟର

ପୁରୀ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୂର୍ବାପେକ୍ଷା ବଢ଼ିଛନ୍ତି ୩୫୯୭୪ ଭୋଟର । ଏଥିରେ ୧୮ ରୁ ୧୯ ବର୍ଷ ବୟସର ଭୋଟରଙ୍କ ସଂଖ୍ୟା ୨୦୬୪୨ ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ । ସର୍କିଟ ହାଉସ ଠାରେ ୨୦୨୫ର ନୂତନ ଭୋଟର ତାଲିକା ପ୍ରକାଶିତ ହୋଇଛି । ଏହାକୁ ପ୍ରକଶନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଏକ ସୁଦୃଢ଼ ଗଣତନ୍ତ୍ର ପାଇଁ ମତଦାନ ଯେତିକି ଜରୁରୀ ସୁସ୍ଥ ଓ ସଠିକ ଭୋଟର ତାଲିକା ମଧ୍ୟ ସେତିକି ଜରୁରୀ ବୋଲି କହିଥିଲେ । ସମସ୍ତ ନୂତନ ଭୋଟର ମାନଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ନିଶ୍ଚିତ ମତଦାନ କରିବାକୁ ଅନୁରୋଧ କରିଥିଲେ । ପୂର୍ବରୁ ଜିଲ୍ଲାର ଭୋଟର ସଂଖ୍ୟା ୧୩୯୦୨୮୨ ଥିବା ବେଳେ ନୂତନ ଭୋଟର ତାଲିକାରେ ୧୪୨୬୨୫୬ ଭୋଟର ରହିଛନ୍ତି । ଏଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୭୩୦୨୮୫ ମହିଳା ଭୋଟରଙ୍କ ସଂଖ୍ୟା ୬୯୫୮୮୩ ଓ ଅନ୍ୟାନ୍ୟ ୮୮ ଜଣ ରହିଛନ୍ତି । କାକଟପୁର ବିଧାନସଭା ନିର୍ବାଚନ



ମଣ୍ଡଳୀର ୨୮୦ ଟି ବୁଥରେ ୨୪୬୪୯୬, ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ୨୮୦ ବୁଥରେ ୨୪୮୯୬୬, ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୫୦ ବୁଥରେ ୨୪୪୭୯୧, ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭୧ ବୁଥରେ ୨୩୦୨୭୫, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ର ୨୫୪ ବୁଥରେ ୨୧୬୩୯୮ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭୪ ଟି ବୁଥରେ ୨୩୯୩୩୦ ଜଣ ଭୋଟର ରହିଛନ୍ତି ବୋଲି ସେ ସୂଚନା ଦେଇଥିଲେ । ୯୮୬୦ ମୃତ, ସ୍ଥାନାନ୍ତର ଇତ୍ୟାଦି ଭୋଟରଙ୍କୁ ବାଦ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଉପ-ଜିଲ୍ଲାପାଳ ନୀଳମାଧବ ମାଝୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ଓ ନିର୍ବାଚନ ବିଭାଗ କର୍ମଚାରୀମାନେ ଯୋଗ ଦେଇଥିଲେ।



ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟ ସୋମବାର ଦିନ ସ୍ଥାନୀୟ ସମ୍ମିଳନୀ କକ୍ଷରେ ହୋଇଥିବା ଜନଶୁଣାଣୀ ବୈଠକରେ ଯୋଗଦାନ କରି ବାରିପଦା ଉପଖଣ୍ଡର ୧୦ଟି ବ୍ଲକ ଏବଂ ସଦରମହକୁମାର ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି । ଏହି ଜନଶୁଣାଣୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଭିନ୍ନକ୍ଷମ ଦମ୍ପତି ସରୋଜ କୁଅଁର ବେହେରା ଓ ସବିତା ବେହେରା, କୃଷ୍ଣରାଣୀ କାଳିଆ ଓ ବିକାଶ କୁମାର ବାସୁରୀ, ରାମଚନ୍ଦ୍ର ମାର୍ଣ୍ଡି ଓ ସଲମା ଟୁଡୁଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨,୫୦,୦୦୦/- ଟଙ୍କା ଲେଖାଏଁ ଆର୍ଥିକ ସହାୟତା, ଭିନ୍ନକ୍ଷମ ସନ୍ତାନ ଗଜପତି ପଣ୍ଡାଙ୍କୁ ୫୦,୦୦୦/- ଟଙ୍କା ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା ।

## କାଉପଡ଼ା ଏମ୍‌ବିକେ ପଦବୀ

# ଲିଖିତ ଭାବେ ନିଯୁକ୍ତି ପତ୍ର, ମୁହେଁ ମୁହେଁ ଛଟେଇ



ଡେରାବିଶ (ଭାସ୍କର ନ୍ୟୁଜ): ବହୁ ବାଦବିବାଦ ଓ ଜାଲ ସାର୍ଟିଫିକେଟ୍ କେଳେଙ୍କାରୀରେ ଛନ୍ଦି ହୋଇପଡ଼ିଥିବା ଡେରାବିଶ ବ୍ଲକ ମିଶନ ଶକ୍ତି ବିଭାଗରେ ଏବେ ନୂଆ କଥା ଦେଖିବାକୁ ମିଳିଛି । ଏହି ବିଭାଗରେ ଲିଖିତ ଭାବେ ନିଯୁକ୍ତି ପତ୍ର ଦିଆଯାଇ ନିଯୁକ୍ତି କରାଯାଇଥିବା ବେଳେ ଏବେ ମୁହେଁ ମୁହେଁ ଛଟେଇ ନିର୍ଦ୍ଦେଶକୁ ନେଇ ସମଗ୍ର ଡେରାବିଶ ବ୍ଲକ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି ବ୍ଲକ ଅନ୍ତର୍ଗତ କାଉପଡ଼ା ପଞ୍ଚାୟତରେ । ଏହି ପଞ୍ଚାୟତରେ ଏମ୍‌ବିକେ ଭାବେ ଭାଗ୍ୟଶ୍ରୀ ଓଝାଙ୍କୁ ଗତ ୨୦୨୪ ମସିହା ସେପ୍ଟେମ୍ବର ମାସରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା । ମିଶନଶକ୍ତି ବିଭାଗର ଓଡ଼ିଶା ଲାଇଭିଲିହୁଡ୍ ମିଶନ ପକ୍ଷରୁ କେନ୍ଦ୍ରାପଡ଼ା ସିଡ଼ିଓ-କମ୍-ଇଓ ଜିଲ୍ଲାପରିଷଦ ଦ୍ୱାରା ଡେରାବିଶ ବ୍ଲକ ବିଡ଼ିଓଙ୍କୁ ତା ୧୭. ୨୦.୨୦୨୪ରେ ଚିଠି ନଂ-୨୩୨/ ଓ.ଏଲ.ଏମ./କେଡ଼ିପି ପଠାଇଥିବା ନିର୍ଦ୍ଦେଶ ଅନୁସାରେ କାଉପଡ଼ା ପଞ୍ଚାୟତରେ ଖାଲିଥିବା ଗୋଟିଏ ଏମ୍‌ବିକେ, ଗୋଟିଏ ସିଆରପି ଓ ଗୋଟିଏ ବ୍ୟାଙ୍କମିତ୍ର ପଦବୀ ମୋଟି ତିନୋଟି ପଦବୀ ଓ ଚାଟରାଚକଡ଼ା ପଞ୍ଚାୟତରେ ଗୋଟିଏ ପଦବୀ ପୁରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯେଉଁଥିରେ ଡେରାବିଶ ବ୍ଲକ ପକ୍ଷରୁ କାଉପଡ଼ା ପଂଚାୟତର ଉପରୋକ୍ତ ପଦବୀ ନିମନ୍ତେ ପୂର୍ବରୁ ଆବେଦନ କରିଥିବା ତିନିଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିଲା । ଏଥିରେ ଏମ୍‌ବିକେ ଭାବେ ଭାଗ୍ୟଶ୍ରୀ ଓଝା ନିଯୁକ୍ତି ପାଇଥିଲେ । ତେବେ ଦୀର୍ଘ ୪ ମାସ ହେବ ଭାଗ୍ୟଶ୍ରୀ ଓ ଅନ୍ୟମାନେ ନିଯୁକ୍ତି ପାଇ ପଂଚାୟତର ବିଭିନ୍ନ କାର୍ଯ୍ୟ କରି ଆସୁଥିଲେ । ହେଲେ ଗତକାଲି ଡେରାବିଶ ବ୍ଲକ ପରିସରରେ ଅନୁଷ୍ଠିତ ଏକ ବୈଠକରେ ଡେରାବିଶ ବ୍ଲକ ବିଡ଼ିଓ ନମିତା ବାରିକ ଭାଗ୍ୟଶ୍ରୀଙ୍କ ଚାକିରି ଆଉ ନାହିଁ ମୌଖିକ ଭାବେ ସୂଚନା ଦେଇଥିଲେ । ଏହାକୁ ଶୁଣି ଭାଗ୍ୟଶ୍ରୀ ସହଜରେ ଗ୍ରହଣ କରିନପାରି ଚେତାଶୂନ୍ୟ ହୋଇପଡ଼ିଥିଲେ । ତାଙ୍କୁ ତୁରନ୍ତ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିଲା । ତେବେ ଆଜି ସୁସ୍ଥ ହୋଇ ଭାଗ୍ୟଶ୍ରୀ ତାଙ୍କ ମୁହଁ ଖୋଲିଛନ୍ତି । ସେ କହିଛନ୍ତି ସେ ଲଖିତ ଭାବେ ତାଙ୍କର ନିଯୁକ୍ତି ପତ୍ର ପାଇଥିବା ବେଳେ ଗତକାଲି ବିଡ଼ିଓଙ୍କ କଥା ତାଙ୍କୁ ଗଭୀରଭାବେ ମାନସିକ ଆଘାତ ଦେଇଛି । ସେ ବିଡ଼ିଓ ଶ୍ରୀମତୀ ବାରିକଙ୍କୁ ତାଙ୍କ ଚାକିରୀ ନଥିବା ବିଷୟରେ ମୌଖିକ ଭାବେ ନକହି ଲିଖିତ ଭାବେ ଦେବାପାଇଁ କହିଥିଲେ । ହେଲେ ବିଡ଼ିଓ ଶ୍ରୀମତୀ ବାରିକ ଏହାକୁ ଏଡ଼ାଇ ଯାଇଥିଲେ । ଏଥିସହିତ ଭାଗ୍ୟଶ୍ରୀଙ୍କ କହିବାକଥା ମୋର ଯଦି ଚାକିରି ନାହିଁ ତେବେ ଗତ ୪ ମାସ ହେବ ବ୍ଲକ ମିଶନ ଶକ୍ତି ପକ୍ଷରୁ ମୋ ଦ୍ୱାରା ପଞ୍ଚାୟତର ମହିଳା ଗୋଷ୍ଠୀ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ କିପରି କରାଯାଉଥିଲା । ଏଥିସହିତ ସେ ପଂଚାୟତ ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟ ପାଇଁ ସେ ବାରମ୍ବାର ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ିଛନ୍ତି । ଗତ ଚାରିମାସ ହେବ ମୋତେ ଏବଂ ମୋ ସହିତ ନିଯୁକ୍ତି ପାଇଥିବା ଆମ ପଂଚାୟତର ଆଉ ଦୁଇଜଣଙ୍କୁ ଏବେ ପାରିଶ୍ରମିକ ଦେବା କଥା କହିବାରୁ ଚାକିରୀ ନାହିଁ ବୋଲି କହୁଛନ୍ତି । ତେବେ ବିଡ଼ିଓଙ୍କ କହିବାକଥା ସରକାରଙ୍କ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଛି ଯେ, ଗତ ତା ୨୦୨୪ ମାର୍ଚ୍ଚ ମାସରୁ କୌଣସି ନୂତନ ନିଯୁକ୍ତି ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଅଛି । ଯଦି ୨୦୨୪ ମସିହା ମାର୍ଚ୍ଚ ମାସରୁ ଏପରି ସରକାରୀ ନିର୍ଦ୍ଦେଶ ଆସିଥିଲା ତେବେ ସେହିବର୍ଷ ସେପ୍ଟେମ୍ବର ମାସରେ କିପରି ସେମାନଙ୍କୁ ନିଯୁକ୍ତି ପତ୍ର ଦିଆଗଲା । ତେବେ କେଉଁ ଅଧିକାରୀଙ୍କ ନିର୍ଦ୍ଦେଶ ଠିକ୍ ? ଚାକିରୀ ଦେଇଥିବା ଅଧିକାରୀଙ୍କର ନାଁ ମୁହେଁ ମୁହେଁ ଚାକିରୀ ଛଟେଇ କରୁଥିବା ଅଧିକାରୀଙ୍କର । ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପୀଡ଼ିତାଙ୍କୁ ସେମାନଙ୍କର ବକେୟା ପ୍ରାପ୍ୟା ପ୍ରଦାନ କରିବା ସହିତ ନ୍ୟାୟ ପ୍ରଦାନ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ସୋମବାର ଅପରାହ୍ନରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତିର ୨ୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁୟାରୀ ୧୦ତାରିଖରୁ ଜିଲ୍ଲାର ୧୧୮ ଗୋଟି ପ୍ୟାକ୍ସର ୧୨୩ ଗୋଟି ମଣ୍ଡି ମାଧମରେ ଧାନକ୍ରୟ କରାଯିବାକୁ ନିଷ୍ପତିଗ୍ରହଣ କରାଯାଇଛି । ମଣ୍ଡିଗୁଡିକର ଭିତ୍ତିଭୂମି ଓ ଧାନର ମାନ ନିର୍ଦ୍ଧାରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଯୋଗୀ ଯନ୍ତ୍ରପାତି ଗୁଡିକର ବ୍ୟବସ୍ଥା କରାଯାଇଛି । ମଣ୍ଡିଗୁଡିକ ସପ୍ତାହରେ ୩ଦିନ ଧାନ ସଂଗ୍ରହ କରିବେ । ସକାଳ ୮ ଘଟିକା ରୁ ଦିନ ୨ ଘଟିକା ମଧ୍ୟରେ ଧାନ ସଂଗ୍ରହ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ୨୪ ଘଣ୍ଟାରୁ ୭୨ ଘଣ୍ଟା ମଧ୍ୟରେ ଟୋକନ ଧାରୀ ଚାଷୀଙ୍କ ଅକାଉଣ୍ଟକୁ ସିଧାସଳଖ ଅର୍ଥ ରାଶି ପ୍ରେରଣ କରାଯିବ । ଚଳିତ ବର୍ଷ ୪୪,୦୧୬ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ବୈଧ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ରହିଛି୪୪,୦୦୪ଜଣ ଓ ଧାନ ସଂଗ୍ରହ ପାଇଁ ଆରଏମସି ମାଧମରେ ୫ ଗୋଟି ସଚେତନତା ରଥ ଦ୍ୱାରା ପ୍ରଚାର ପ୍ରସାର କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ପ୍ରଥମ କିସ୍ତିରେ କେନ୍ଦ୍ରାପଡ଼ା ଜିଲ୍ଲାରେ ୫୮,୦୦୯ ମେଟ୍ରିକ ଟନ ଧାନ ଚାଷୀଙ୍କ ଠାରୁ ସଂଗ୍ରହକରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ମଣ୍ଡିରେ ଧାନ ସଂଗ୍ରହ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ଜଣ କ୍ୱାଲିଟି ଆନାଲାଇଜରଙ୍କୁ ନିଯୁକ୍ତି ଦିଆଯାଇଥିବା ଜିଲ୍ଲାପାଳ ଅବଗତ କରାଇଥିଲେ । ଟୋକାନ ଅନୁସାରେ ଧାନ କିଣିବା, ଟୋକାନର ଧାର୍ଯ୍ୟ ସମୟ ସୀମାର ଅତିରିକ୍ତ ୧୫ ଦିନ ବଳବତ୍ତର (ଜିଲ୍ଲାପାଳଙ୍କ ପରିସରଭୁକ୍ତ କ୍ଷମତା ) ସମ୍ପର୍କରେ ଅବଗତ କରାଇବା, ସୋସାଇଟି ଫଳକରେ ଟୋକନ ଧାରୀ ପଞ୍ଜୀକୃତ ଚାଷୀଙ୍କ ନାମ ପ୍ରକାଶ କରିବା, ମଣ୍ଡି ଅନୁଯାଇ ଚାଷୀମାନଙ୍କ ନାମ ଫଳକରେ ପ୍ରକାଶ କରିବା, ମିଲର ମାନଙ୍କ ଦ୍ୱାରା ଅଖା ଯୋଗାଇ ଦେବା, ପ୍ରତ୍ୟେକ ମଣ୍ଡିରେ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା, ୩୭ ଗୋଟି ମଣ୍ଡିର ନବ ନିର୍ମାଣ କାର୍ଯ୍ୟ, ମଣ୍ଡିରେ ସିସି କ୍ୟାମେରାର ବ୍ୟବସ୍ଥା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଲୋକସଭା ସାଂସଦଙ୍କ ପ୍ରତିନିଧି ସଞ୍ଜୟ ରଥ, କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ରାଜନଗର ବିଧାୟକଙ୍କ ପ୍ରତିନିଧି ପ୍ରଦ୍ୟୁମ୍ନ ସାମନ୍ତରାୟ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ବରିଷ୍ଠ ଏଆରସିଏସ ସନ୍ତୋଷ କୁମାର ଦାସ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଫୁଲ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଯୋଗାଣ ନିରୀକ୍ଷକ, ମାପ ଓଜନ ନିରିକ୍ଷକ, ଆରଏମସିର ପଦାଧିକାରୀ, ସୋସାଇଟିର ସମ୍ପାଦକ, ମିଲର, ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ ।

## କାକଟପୁର ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ




କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ଅଞ୍ଚଳର ସର୍ବ ପୁରାତନ ୟୁକୋ ବ୍ୟାଙ୍କର (୮୩) ତମ ପ୍ରତିଷ୍ଠା ଦିବସ ବ୍ୟାଙ୍କ ପରିସରରେ ପାଳିତ ହୋଇଯାଇଛି । ବ୍ୟାଙ୍କର ପରିଚାଳକ ସୁଭାଶିଷ ପଣ୍ଡାଙ୍କ ଅଧକ୍ଷତାରେ ଅତିଥି ଭାବେ ପଣ୍ଡିତ ତ୍ରିଲୋଚନ ମିଶ୍ର, ଭ୍ରମର ପଢ଼ିଆରୀ, ରତିକାନ୍ତ ବେହେରା, ସୁନାକର ସାହୁ, ଗଗନ ନନ୍ଦୀ, ଆଲୋକ ଦୀକ୍ଷିତ, ସଂଜୟ ସାହୁ ପ୍ରମୁଖ ଯୋଗଦେଇ ବ୍ୟାଙ୍କ କିପରି ଆଗକୁ ଉନ୍ନତ ଧରଣର ସେବା ହିତାଧିକାରୀଙ୍କୁ ଯୋଗାଇ ଦେବ, ବରିଷ୍ଠ ନାଗରିକ, ବୃଦ୍ଧ, ବୃଦ୍ଧା,ଶାରୀରିକ ଅକ୍ଷମ ମାନଙ୍କୁ ତୁରନ୍ତ ସେବା ଯୋଗାଇ ଦେବ ସେ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ସହ ପରିଚାଳକ ସୌଭାଗ୍ୟ ସୁରଭି, ରୋହିତ ଖିଲାର, କ୍ଷେତ୍ର ପରିଚାଳକ ବିସ୍ମୟ ମହାନ୍ତି, ମୁରସିଦ ଅଲ୍ଲୀ ସା, ପବିତ୍ର କୁମାର ଦୀକ୍ଷିତ ଯୋଗ ଦେଇ ଥିଲେ ।

## ମହିଳା ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଗ୍ରାମପଞ୍ଚାୟତ ବାଣୀନଗରସ୍ଥିତ ବଲ୍ଲଭୀ ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରକୁ +୨ ଉଚ୍ଚ ବିଦ୍ୟାଳୟର ଅଧକ୍ଷା ନିବେଦିତା ଦାଶ ଆନୁଷ୍ଠାନିକ ଭାବେ ପ୍ରଦ୍ୱୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପୋଗ୍ରାମ ଅଫିସର ସୁବ୍ରତ କିଶୋର ସ୍ୱାଇଁ ପରିଚାଳନା କରିଥିଲେ । ସମ୍ମାନିତ ଅତିଥିଭାବେ ଅଧ୍ୟାପିକା ଡ. ରୀତା ଷଡଙ୍ଗୀ, +୩ ମହାବିଦ୍ୟାଳୟର ଅଧ୍ୟାପକ ସୂର୍ଯ୍ୟମଣୀ ସ୍ୱାଇଁ ଯୋଗଦାନ କରି ବାଳିକା ମାନଙ୍କର ଆତ୍ମ ସୁରକ୍ଷା ତାଲିମର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ତାରିଖ ଦିନ ଉଦଯାପିତ ହେବ ବୋଲି ଜଣାଯାଇଛି । ଏଥିରେ +୨ ଉଚ୍ଚ ବିଦ୍ୟାଳୟର ୨୦୦ ଜଣ ଛାତ୍ରୀ ତାଲିମ ନେବେ ବୋଲି ଜଣାଯାଇଛି । ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷିକା ପୁଷ୍ପାରାଣୀ ସେଠୀ ଓ ଭାଗ୍ୟଲକ୍ଷ୍ମୀ ପରିଡା ପରିଚାଳନା କରୁଛନ୍ତି ।

## 'ଶିକ୍ଷାକୁ ବ୍ରତରୂପେ ଗ୍ରହଣ କଲେ ସଂସ୍କାରବାଦୀ ହୋଇପାରିବେ ଛାତ୍ରଛାତ୍ରୀ'




ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ସମାଜରେ ଛାତ୍ର ଛାତ୍ରୀମାନେ ଶିକ୍ଷାକୁ ବ୍ରତରୂପେ ଗ୍ରହଣ କଲେ ସେମାନଙ୍କର ଆର୍ଥୀକ ପ୍ରଗତି ହେବା ସହ ସେମାନେ ସଂସ୍କାରବାଦୀ ହୋଇପାରିବେ ବୋଲି ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଗ୍ରାମପଞ୍ଚାୟତ ବାଣୀନଗରସ୍ଥିତ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ କିଟ୍ ୟୁନିଭର୍ସିଟ ଓ କିମ୍ସ ଆନୁକୂଲ୍ୟରେ ସମସ୍ତଙ୍କ ପାଇଁ ଶିକ୍ଷା ଶୀର୍ଷକ ଏକ ଆଲୋଚନା ସମ୍ମିଳନୀରେ ବକ୍ତାମାନେ ମତ ପ୍ରକା କରିଛନ୍ତି । ଏହି ଅବସରରେ ଆୟୋଜିତ ସମ୍ମିଳନୀରେ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ଚନ୍ଦ୍ରଭାନୁ ଭୂୟାଁ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥିରୂପେ ବାଣୀନଗରସ୍ଥିତ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ନିବେଦିତା ଦାଶ, ମୁଖ୍ୟବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଶିଶୁ କବି ଶ୍ୟାମସୁନ୍ଦର ଲେଙ୍କା, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ପରିବେଶବିତ ପ୍ରମୋଦ କୁମାର ଦାଶ, ରାମକୃଷ୍ଣପୁର ଗ୍ରାମପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ନଟକାଇ ସରପଞ୍ଚ ଜୟଦେବ ରାଉତ, ସମିତି ସଭ୍ୟା ସରସ୍ୱତି ରାଉତ, କିଟ ୟୁନିଭରର୍ସିଟିର ଆସିଷ୍ଟାଣ୍ଡ ପ୍ରଫେସର ବିଜୟା ବିଜେତା ନାୟକ, ଡ. ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଅତିଥିରୂପେ ଯୋଗଦାନ କରି ଆଜିର ଶିଶୁ ଆସନ୍ତା କାଲି ଦେଶ ଓ ଜାତିର ଭବିଷ୍ୟତ । ଶିଶୁ ମାନଙ୍କୁ ଉତମ ଶିକ୍ଷାଦାନ ମାଧ୍ୟମରେ ଗଢିତୋଳିବା ଶିକ୍ଷକ ଓ ଅଭିଭାବକଙ୍କ ଗୁରୁ ଦାୟୀତ୍ୱ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଛାତ୍ର ଛାତ୍ରୀମାନେ ଶିକ୍ଷାକୁ ବ୍ରତରୂପେ ଗ୍ରହଣ କଲେ ଦେଶ ଓ ଜାତିର ସାମଗ୍ରୀମ ବିକାଶ ହେବା ସହ ସେମାନଙ୍କର ଆର୍ଥିକ ,ସାମାଜିକ ପ୍ରଗତି ହୋଇପାରିବ । ଅନ୍ୟମାନଙ୍କ ମଧ୍ୟରେ ଡ.ସମ୍ପିତ କୁମାର ମହାପାତ୍ର, ଡ. ରାହୁଲ,ଡ. ସୁରେନ୍ଦ୍ର କୁମାର ଘଡାଇ, ଡ. ଅସିତ କୁମାର ବେହେରା, ଡ. ଅଭିଳାଷ ସ୍ୱାଇଁ, ଡ. ସତ୍ୟପ୍ରକାଶ କର,ଡ. ରାଧାକାନ୍ତ ଷଡଙ୍ଗୀ, ଡ. ପିସି ଶେଖର,ଡ. ଲଳିତ କୁମାର ପୋଥାଳ, ଡ. ଶିବ ପଦାରବିନ୍ଦ ବେହେରା ପ୍ରମୁଖ ଯୋଗଦାନ କରିଥିଲେ ।

## ବଣିକ ସଂଘର ନୂତନ କର୍ମକର୍ତ୍ତା ମନୋନୟନ



ତାଳଚେର (ଭାସ୍କର ନ୍ୟୁଜ): ତାଳଚେର ଆଇଟିଆଇ ଛକ ସ୍ଥିତ ମା' ଜଜାଙ୍ଗିକାଳୀ ବଣିକ ସଂଘର ନୂତନ କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଯାଇଛି । ତାଳଚେର ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ସଭାଘର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ କର୍ମକର୍ତା ଚୟନ ହେବା ସହିତ ସଭା ଅନୁଷ୍ଠିତ ହୋଇଥିଲା । ନୂତନ ସଭାପତି ଭାବେ ଅଜିତ୍ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଗୋଲେଖ ସେଠୀ, ଉପସଭାପତି ଅଜିତ୍ ଦାସ, ସଂପାଦକ ସୁଲେଖ ସେଠୀ (ନାରାୟଣ), ସହ ସଂପାଦକ ମଳୟ ପେଣ୍ଡୋଇ, କୋଷାଧକ୍ଷ ବଳରାମ ମହାନ୍ତି, ସଂଯୋଜକ ମାମୁଲି ବାରିକ୍, ମୁଖ୍ୟ ପରାମର୍ଶଦାତା ନିରଞ୍ଜନ ଦାସ, ସମୀକ୍ଷକ ବସନ୍ତ ଗାଆଣ, ପ୍ରବୀର ମହାନ୍ତି, ଅଲେଖ ସେଠୀ, ସୁବ୍ରତ ପଣ୍ଡା, ଅଜିତ୍ କୁମାର ସାହୁ, ପହଲି ବାରିକ, ଗୌର ଚନ୍ଦ୍ର ସିଂ, ଉପଦେଷ୍ଟା ଶ୍ରୀକାନ୍ତ ସାହୁ, ମୁନସାଫ୍ ଖାନ୍, ଚିନ୍ମୟ ପୃଷ୍ଟି, ସଞ୍ଜୟ ବେହେରା, ବସନ୍ତ ଚୌଧୁରୀ, ସୁଶାନ୍ତ ଗାଆଣ, ଅମର ଦେହୁରୀ, ଏନ୍.ଟୁକୁଲା, ରଶ୍ମୀ ରଂଜନ ସ୍ୱାଇଁ, ନିମାଇଁ ସ୍ୱାଇଁ, କାଳି ଚରଣ ସାହୁ, ସତ୍ୟ ରଂଜନ ଜୟସିଂ, ନିର୍ମଳ ସାହୁ, ପ୍ରକାଶ ଦେହୁରୀ, ସୁଜିତ୍ ଦାସ, ନେହେରୁ ନାୟକ, କାଳୀ ଚରଣ ସାହୁ, ପ୍ରମୋଦ କୁମାର ସାହୁଙ୍କୁ ଚୟନ କରାଯାଇଛି । ଏହି ଅବସରରେ ନୂତନ କର୍ମକର୍ତ୍ତାମାନଙ୍କୁ ବଣିକ ସଂଘ ପକ୍ଷରୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯିବା ସହିତ ନୂତନ ବର୍ଷର ଅଭିନନ୍ଦନ ଦିଆଯାଇଛି ।

# ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ

ଧାମନଗର (ଭାସ୍କର ନ୍ୟୁଜ): ୟୁକୋ ବ୍ୟାଙ୍କର ୮୩ ତମ ପ୍ରତିଷ୍ଠା ଦିବସ ଧାମନଗର ଶାଖା ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ସବୁ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ପ୍ରତିଜ୍ଞା କରାଯାଇଛି । ନିର୍ଦ୍ଧାରିତ ସମୟ ଭିତରେ ଗ୍ରାହକମାନେ ଯେପରି ସେବା ପାଇପାରିବେ, ସେନେଇ ଶାଖା ପରିଚାଳକ ଗୁରୁତ୍ୱ ରୋପ କରିଛନ୍ତି । ଏହାସହ ଧାମନଗର ଶାଖା ଏହାର ୫୨ ତମ ପ୍ରତିଷ୍ଠା ଦିବସ ପାଳନ କରିଛି । ପ୍ରତିଷ୍ଠା ଦିନଠାରୁ ଆଜିଯାଏ ପ୍ରାୟ ୬୦ ହଜାର ଗ୍ରାହକଙ୍କୁ ନିଜ ସହ ଯୋଡ଼ି ପାରିଛି । ଏଣୁ ଆଗାମୀ ଦିନରେ ଆହୁରି ଅଧିକ ଗ୍ରାହକଙ୍କୁ ଯେପରି ଯୋଡ଼ି ହେବ, ସେନେଇ ପଦକ୍ଷେପ ନିଆଯାଉଛି । ତେବେ ଉପସ୍ଥିତ ଗ୍ରାହକମାନେ ମଧ୍ୟ କେତେକ ପରାମର୍ଶ ଦେଇଥିଲେ । ବ୍ୟାଙ୍କ ଭିତରେ ପାନୀୟ ଜଳର ସୁବିଧା, ଶୌଚାଳୟ ସହ ଅଧିକ ଚେୟାର ପକାଇବାକୁ ଗ୍ରାହକମାନେ କହିଥିଲେ । ଆରମ୍ଭରେ ଧାମନଗର ଜରା ନିବାସରେ ବ୍ୟାଙ୍କ ପକ୍ଷରୁ ଅନ୍ତେବାସୀଙ୍କୁ ଜଳଖିଆ ପୁଡ଼ିଆ ବଣ୍ଟା ଯାଇଥିଲା । ପରେ ସେଠାରେ ଚାରାରୋପଣ କରାଯାଇ ଥିଲା । ସଂଧ୍ୟାରେ ବ୍ୟାଙ୍କ ପରିସରରେ କେକ କାଟି ଜନ୍ମଦିନ ପାଳନ କରାଯାଇଥିଲା । ଧାମନଗର ଶାଖା ବରିଷ୍ଠ ପ୍ରବନ୍ଧକ ପ୍ରଭାତ କୁମାର ମହାନ୍ତି କେକ କାଟି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ପ୍ରବନ୍ଧକ ମାନସ କୁମାର ସେଠୀ ଉପସ୍ଥିତ ଥିଲେ । ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

## ବ୍ୟବସାୟୀଙ୍କ ପରଲୋକରେ ଶୋକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବଜାରର ବିଶିଷ୍ଟ ବ୍ୟବସାୟୀ ରମେଶ ଚନ୍ଦ୍ର ସାହୁଙ୍କର ତାଙ୍କ ଗୋପପୁର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର ,ପୁତ୍ରବଧୂ,କନ୍ୟା ଅଧ୍ୟାପିକା ଜୟନ୍ତୀ ସାହୁ,ଜାମାତା ଅଶୋକ କୁମାର ପୃଷ୍ଟିଙ୍କ ସମେତ ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ୍ନ ଉପସ୍ଥିତ ଥିଲେ । ତାଙ୍କର ପୁତ୍ର ମନୋଜ କୁମାର ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା, ପଞ୍ଚାୟତ ସମିତି ଉପାଧକ୍ଷ ଅଶୋକ କୁମାର ଓଝା, ବଜାର ବ୍ୟବସାୟୀ ସଙ୍ଘ ସଭାପତି ପ୍ରମୋଦ କୁମାର ପଣ୍ଡା, ସମ୍ପାଦକ ଜୀବନାନନ୍ଦ ଦାଶ, ଅନିରୁଦ୍ଧ ସାହୁ, ରାମଚନ୍ଦ୍ର ସାହୁ, ହିମାଂଶୁ ନାରାୟଣ ମଲ୍ଲ, ପ୍ରଦୋଷ ସାହୁ, ବିପ୍ଳବ କେଶରୀ କାପ ପ୍ରମୁଖ ବହୁ ବିଶିଷ୍ଟ ଶୋକବ୍ୟକ୍ତ କରିଛନ୍ତି ।

## ଖାଦ୍ୟ ସନ୍ତୁଳନ ଓ ପରିବେଶ ସୁରକ୍ଷା ସଚେତନତା କର୍ମଶାଳା

# 'ସବୁଜ ଖାଦ୍ୟ ଖାଅ ଓ ସ୍ୱାସ୍ଥ୍ୟବାନ ହୁଅ'




ବୋଲଗଡ଼ (ଭାସ୍କର ନ୍ୟୁଜ): ଚେନ୍ନାଇ ସ୍ଥିତ ସିପିଆର ପରିବେଶ ଶିକ୍ଷଣ କେନ୍ଦ୍ର ଆନୁକୂଲ୍ୟରେ ଓ କରୁଣା ଫାଉଣ୍ଡେସନର ଆବାହକତ୍ୱରେ ଏକ ଦିବସୀୟ ଖାଦ୍ୟ ସନ୍ତୁଳନ ଓ ପରିବେଶ ସୁରକ୍ଷା ସଚେତନତା କର୍ମଶଳା ବୋଲଗଡ ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ସ୍ଥିତ ଶିଖର ବାସିନୀ ମନ୍ଦିର ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଅଛି । ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଚେନ୍ନାଇ ସ୍ଥିତ ସିପିଆର ପରିବେଶ ଶିକ୍ଷଣ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ପ୍ରଦୀପ କୁମାର ନାୟକ, ମୁଖ୍ୟ ବକ୍ତାଭାବେ କଟକ ଜିଲ୍ଲା ଟାଙ୍ଗୀ ସ୍ଥିତ ବିଶ୍ୱ ନୁଆ କାଉଁରୀ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସଚ୍ଚିଦାନନ୍ଦ ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ସ୍ଥିତ ପରିବେଶ ଶିକ୍ଷଣ କେନ୍ଦ୍ରର ସହକାରୀ ଯୋଜନା ଅଧିକାରୀ ଭାରତ ଚନ୍ଦ୍ର ଜେନା, ବରିଷ୍ଠ ସାମ୍ବାଦିକ ପାଣ୍ଡବ ସାହୁ ପ୍ରମୁଖ ଯୋଗଦେଇ ମା' ଶିଖର ବାସିନୀ ଗ୍ରାମ୍ୟ ଦେବୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ । ଏହି କର୍ମଶାଳାରେ ଟାଙ୍ଗିସାହି ଗ୍ରାମର ଶାତାଧିକ ମହିଳା, ଯୁବତୀ, ଯୁବକ ଓ ବୟସ୍କ ମହିଳା, ଛାତ୍ରୀ ମାନେ ଯୋଗଦେଇଥିଲେ । କର୍ମ ଶାଳାର ପ୍ରାରମ୍ଭରେ ପରିବେଶ ସୁରକ୍ଷା ଯୋଜନା ଅଧିକାରୀ ଭରତ ଚନ୍ଦ୍ର ଜେନା ସମସ୍ତଙ୍କୁ ୨୦୨୫ ନୂତନ ବର୍ଷର ଅଭିନନ୍ଦନ, ଶୁଭେଚ୍ଛା ଜଣାଇ ନିରୋଗ ଜୀବନ କାମନା କରି ସ୍ୱାଗତ ଭାଷଣ ଦେଇଥିଲେ । ସାମ୍ବାଦିକ ପାଣ୍ଡବ ସାହୁ ଅତିଥି ପରିଚୟ ପ୍ରଦାନ କରି ଖାଦ୍ୟ ସନ୍ତୁଳନ ଓ ପରିବେଶ ସୁରକ୍ଷା ସଚେତନତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆଜିର ଆଧୁନିକ ସମାଜରେ ବିଭିନ୍ନ ପ୍ରକାରର ରୋଗ ଯୁକ୍ତ ଖାଦ୍ୟ ଖାଇ ସମସ୍ତେ ଜନସାଧାରଣ ଓ ଶିଶୁମାନେ କିଭଳି ବିଭିନ୍ନ ପ୍ରକାରର ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି ଏବଂ ସବୁଜ ବଳୟ ବୃକ୍ଷ ବିନା ଜୀବନ କିଭଳି ମୃତ୍ୟୁମୁଖରେ ପଡୁଛି ସେ ସମ୍ପର୍କରେ ମୁଖ୍ୟ ଅତିଥି ବୈଜ୍ଞାନିକ ଡକ୍ଟର ପ୍ରଦୀପ କୁମାର ନାୟକ ବିଭିନ୍ନ ଉଦାହରଣ ମାଧ୍ୟମରେ ମହିଳା, ଯୁବତୀ ଓ ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ବୃକ୍ଷ ହିଁ ମାନବର ବନ୍ଧୁ ହୋଇଥିବାରୁ ସମସ୍ତେ ଗଛଟିଏ ଲଗାଇ ପରିବେଶ ସୁରକ୍ଷା କରିବା ସଙ୍ଗେ ସଙ୍ଗେ ପୃଷ୍ଟି କର ସବୁଜ ଖାଦ୍ୟ ଖାଇ ସ୍ୱାସ୍ଥ୍ୟବାନ ହେବାପାଇଁ ମୁଖ୍ୟ ବକ୍ତା ଡକ୍ଟର ସଚ୍ଚିଦାନନ୍ଦ ପ୍ରଧାନ ମହିଳା ମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ଲାଷ୍ଟିକ ବ୍ୟାଗ, ପଲଥିନି ଓ ଗ୍ଲାସ ମାନବ ତଥା ଜୀବଜନ୍ତୁ ମାନଙ୍କ ଶରୀର ପାଇଁ କ୍ଷତି କାରକ ହୋଇଥିବାରୁ ସମସ୍ତେ ଏହାକୁ ବର୍ଜନ କରିବାକୁ ସମ୍ମାନିତ ଅତିଥି ପରିବେଶ ସୁରକ୍ଷା ସହକାରୀ ଯୋଜନା ଅଧିକାରୀ ଭାରତ ଚନ୍ଦ୍ର ଜେନା ମହିଳା ମାନଙ୍କୁ ବୁଝାଇଥିଲେ । ପରିବେଶ ସୁରକ୍ଷା କରାଯାଇ ସବୁଜ ବଳୟ ସୃଷ୍ଟି ହୋଇ ପାରିଲେ ଧରିତ୍ରୀ ଓ ମାନବ ସମାଜ ସୁରକ୍ଷା ହୋଇପାରିବ ବୋଲି ଏବଂ ସମସ୍ତେ ମା', ମାଟି, ପ୍ରକୃତିକୁ ଭଲ ପାଇବାକୁ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ପାଣ୍ଡବ ସାହୁ ସମସ୍ତଙ୍କୁ ଅନୁରୋଧ କରି ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡାରେ ଜନ ଅଭିଯୋଗ ଶୁଣାଣି ଶିବିର



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ସଦର ମହକୁମାରେ ସୋମବାର ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ଣ ୧୦ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନ୍ ହଲ୍ ପରିସରରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ତହସିଲଦାର ତାପସ କୁମାର ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, କେନ୍ଦ୍ରାପଡା ପୌରପରିଷଦର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୧୪୮ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୨ ଗୋଟି ସାମୂହିକ ଏବଂ ୧୩୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୯୪ ହଜାର ଟଙ୍କା ୧୨ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ଚିକିତ୍ସା ସହାୟତା ଓ ସାଇକେଲ କ୍ରୟ ବାବଦରେ ଜଣଙ୍କୁ ୫ହଜାର ଟଙ୍କା ଲେଖାଏଁ ମୋଟ ୧୫,୦୦୦/- ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ସ୍ଥିତ ସେମଲାଗୁଡ଼ା ଛକଠାରେ ନିର୍ମାଣ ହେବାକୁ ଥିବା ଜେଏମଏଫସି କୋର୍ଟର ନୂତନ କୋଠା ନିର୍ମାଣ ନିମନ୍ତେ ସୋମବାର ଶିଳାନ୍ୟାସ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ମାନ୍ୟବର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରିପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ, ଜଷ୍ଟିସ ଏସ କେ ସାହୁ, ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଆଭାସି ମାଧ୍ୟମରେ ନୂତନ କୋଠା ନିର୍ମାଣ କାର୍ଯ୍ୟର ଶିଳାନ୍ୟାସରେ ଯୋଗ ଦେଇଥିବା ବେଳେ ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ୍ ଖାନ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥିଭାବେ ଚନ୍ଦାହାଣ୍ଡି ବିଡ଼ିଓ ରାମକୃଷ୍ଣ ନାୟକ, ତହସିଲଦାର ସହଦେବ କୁଟୁକା ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ୨୦୧୯ ମସିହା ଜାନୁୟାରୀ ୫ ତାରିଖରେ ଚନ୍ଦାହାଣ୍ଡି ଠାରେ ଜେଏମଏଫସି କୋର୍ଟର ଶୁଭାରମ୍ଭ ଚନ୍ଦାହାଣ୍ଡି ବ୍ଲକ୍ ମହକୁମା ସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଅସ୍ଥାୟୀ ଭାବେ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ କୋର୍ଟ କାର୍ଯ୍ୟ ଚାଲୁରହିଛି। ନୂତନ କୋର୍ଟ କୋଠା ନିର୍ମାଣ ହେଲେ ଓକିଲ ଓ ମହକିଲ ସମସ୍ତଙ୍କ ନିମନ୍ତେ ସୁବିଧା ହେବ ବୋଲି ଅତିଥିମାନେ କହିଥିଲେ। ଏହି କୋଠା ନିର୍ମାଣ କାର୍ଯ୍ୟ ୩ କୋଟି ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ହେଉଛି। ଏହି କାର୍ଯ୍ୟକ୍ରମରେ ଓକିଲ ମହମ୍ମଦ ହୁସେନ, ଜୟଦେବ ଖମାରୀ, ହୃମେଶ୍ୱର ହଂସ, କ୍ଷେମରାଜ ବାଘ, ଭୀଷ୍ମ ସୁନାନୀ, ହିରାଧର ମାଳି, ଶ୍ୟାମ ସୁନ୍ଦର ହରିଜନ, କୋର୍ଟ କର୍ମଚାରୀ କେଦାରଗୌରୀ ପାଣ୍ଡିଆ, କେଶରୀ ପ୍ରସାଦ ମନହିରା ପ୍ରମୁଖ ଉପସ୍ଥିତ ଥିଲେ ।

# ଜଗନ୍ନାଥ ପଢ଼ିଆରୀଙ୍କ ଜୟନ୍ତୀ ଓ ପ୍ରତିମୂର୍ତ୍ତି ଅନାବରଣ



ଚାନ୍ଦବାଲି, (ଭାସ୍କର ନ୍ୟୁଜ୍): ଚାନ୍ଦବାଲି ଅଞ୍ଚଳର ବିଶିଷ୍ଟ ସାରସ୍ୱତ ସାଧକ ତଥା ଗାନ୍ଧୀବାଦୀ ଜନନେତା ଜଗନ୍ନାଥ ପଢ଼ିଆରୀଙ୍କ ୧୧୮ତମ ଜୟନ୍ତୀ ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଜଗନ୍ନାଥ ପଢ଼ିଆରୀ ସ୍ମୃତି ସଂସଦ ପକ୍ଷରୁ ଚାନ୍ଦବାଲି ଗୋଲାଡ଼ିଆ ଠାରେ ପାଳିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଓ ସମାଲୋଚକ ଡ. ଅରବିନ୍ଦ ଗିରିଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ଡ. ବିଜୟ ଶତପଥି, ମୁଖ୍ୟ ବକ୍ତା କିସ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ.ବିଜୟାନନ୍ଦ ସିଂହ, ସମ୍ମାନିତ ଅତିଥି ପ୍ରଫେସର ଡ.ରମାକାନ୍ତ ସିଂହ, ପ୍ରଫେସର ଶାନ୍ତନୁ କୁମାର ମହାନ୍ତି, ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ସମାଜସେବୀ ବିଶ୍ୱକେଶରୀ ମହାନ୍ତି, କବି ପୁତ୍ର ଡ.ଦେବବ୍ରତ ପଢ଼ିଆରୀ ପ୍ରମୁଖ ଯୋଗଦେଇ ଆଜିର ସମାଜରେ ଆଦର୍ଶ ମଣିଷ ପଣିଆ ଆଉ ନାହିଁ କିନ୍ତୁ ଜଗନ୍ନାଥ ପଢ଼ିଆରୀ ଜଣେ ଆଦର୍ଶ ଗୁରୁ, ସମାଜସେବୀ, ସାହିତ୍ୟିକ ଓ ଜନନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜଗନ୍ନାଥ ପଢ଼ିଆରୀଙ୍କ 'ଜୀବନାଲୋକ' ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଯୁବ ସାହିତ୍ୟିକ ଅମୂଲ୍ୟ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଚାନ୍ଦବାଲି କଳା ବିକାଶ ପରିଷଦ ପକ୍ଷରୁ ସତ୍ୟବ୍ରତ ଦାସ ଏବଂ ସାଥୀ କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ ପଞ୍ଚାନନ ପଳାଇ, ଧର୍ମପ୍ରାଣ ଚିନ୍ତାମଣି ମହାରଣା, ଶିକ୍ଷାବିତ ଭଗବାନ ବେହେରାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରିପଲ୍ଲି ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଜଗନ୍ନାଥ ପଢ଼ିଆରୀଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା ଯାହାକି କବି ପୁତ୍ର ଡ. ଦେବବ୍ରତ ପଢ଼ିଆରୀ ଗ୍ରହଣ କରିଥିଲେ। ଶେଷରେ କବି ପୁତ୍ରୀ ବିଷ୍ଣୁ ପ୍ରିୟା ପଢ଼ିଆରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତର ଦିପେଶ ପଢ଼ିଆରୀ, ଜୟୀରାମ ପଢ଼ିଆରୀ, ଶ୍ରୀମନ୍ତ ଖୁଣ୍ଟିଆ, ଉତ୍ତମ ପଢ଼ିଆରୀ, ବ୍ରଜ କିଶୋର ରାଉତ, ଚିତ୍ତରଞ୍ଜନ ରାଉତ ଓ ଦେବବ୍ରତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାଣୀସମ୍ପଦ ବିକାଶ ପାଇଁ ଟିକାକରଣ ସଚେତନତା



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓସ୍କା' ଦ୍ୱାରା ପରିଚାଳିତ ହେଇଫେର ପ୍ରକଳ୍ପ ଆନୁକୂଲ୍ୟରେ ଦେଶୀ କୁକୁଡ଼ା ଓ ଛେଳିଙ୍କର ଟୀକାକାରଣ ଓ କୃମି ନାଶକ ସମ୍ପର୍କିତ ସଚେତନତା ରଥ କେନ୍ଦୁଝରର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ତାଙ୍କ ସହ ଅତିରିକ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାମଚନ୍ଦ୍ର ମହାନ୍ତି, ଏଡବ୍ଲୁ ପ୍ରସନ୍ନ କୁମାର ମୁଣ୍ଡା ଏବଂ ଅନ୍ୟ ଅତିଥିମାନେ ଯୋଗଦେଇ ଛେଳି ଓ ଦେଶୀ କୁକୁଡ଼ା ଚାଷୀମାନଙ୍କୁ ସଠିକ ସମୟରେ ଟିକାକରଣ ମାଧ୍ୟମରେ ପ୍ରାଣୀ ସମ୍ପଦର କିପରି ବିକାଶ କରାଯାଇ ପାରିବ ସେ ବିଷୟରେ ଛେଳି ଓ ଦେଶୀ କୁକୁଡ଼ା ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରଥ 'ଓସ୍କା' ହେଇଫେର ପ୍ରକଳ୍ପ ଦ୍ୱାରା ଘଟଗାଁ ବ୍ଲକର ୧୦ ଗୋଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୩୪ଟି ଗାଁରେ ୫ ଦିନ ଧରି ବୁଲି ସମସ୍ତ ଛେଳି ଓ ଦେଶୀ କୁକୁଡ଼ା ଚାଷୀମାନଙ୍କୁ କୁକୁଡ଼ା ଓ ଛେଳିର ଟୀକାକରଣ ଓ କୃମି ନାଶନ ସମ୍ପର୍କରେ ସଚେତନ କରାଇବ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରକଳ୍ପ ପରିଚାଳକ - ସୁଦାମ ଚରଣ ଭୂୟାଁଙ୍କ ସହ ରାଜୀବ କୁମାର ଶର୍ମା ପ୍ରକଳ୍ପ କୋଷାଧକ୍ଷ ଏବଂ ପ୍ରକଳ୍ପର ଅନ୍ୟ ସମସ୍ତ କର୍ମକର୍ତ୍ତା ଯଥା ବିଶ୍ୱଜିତ ପ୍ରସାଦ ନାୟକ, ସୌମ୍ୟରଞ୍ଜନ ପାଢ଼ୀ, ସ୍ୱର୍ଣ୍ଣପ୍ରଭା ସିଂହ, ରଞ୍ଜିତା ପଣ୍ଡା, ସ୍ୱାତୀ ମହାନ୍ତ, ଶତାବ୍ଦୀ ସାମଲ, ସୁନିତା ନାଏକ, ସଞ୍ଜୁକ୍ତା ନାଏକ, ମଞ୍ଜୁଲତା ନାଏକ, ଦମୟନ୍ତୀ ନାଏକ, ବବିତା ରାଣୀ ମହାନ୍ତ, ସୁମତି ପିଲା, ଅନିତା ସାହୁ, ପ୍ରତିମା ପ୍ରଧାନ, ସଂଘମିତ୍ରା ଦାଶ, ଅନସୂୟା ବେହେରା, ଦିବ୍ୟ ରଞ୍ଜନ ବେହେରା, ରତୀରଞ୍ଜନ ରାଉତ ଆଦି ସହଯୋଗ କରିଥିଲେ।

## ଶ୍ରେଷ୍ଠ ଶିକ୍ଷୟିତ୍ରୀ ସମ୍ମାନରେ ସମ୍ମାନୀତ ହେଲେ ବିଷ୍ଣୁପ୍ରିୟା

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ଶିକ୍ଷା ମଣ୍ଡଳର ଶିକ୍ଷୟତ୍ରୀ ତଥା ବିଶିଷ୍ଟ କବୟତ୍ରୀ ବିଷ୍ଣୁପ୍ରିୟା ମହାପାତ୍ର ଶ୍ରେଷ୍ଠ ଶିକ୍ଷୟତ୍ରୀ ଓ ଶ୍ରେଷ୍ଠ କବୟତ୍ରୀ ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ପୁରୀ ଟାଉନ୍ ହଲ୍ ଠାରେ ୱାର୍ଲ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ଭବ୍ୟ ସମାରୋହର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ବିଶିଷ୍ଟ ସମାଜସେବୀ, ସାମ୍ବାଦିକ, କଳାକାର, କବି ଏବଂ କୃତିଶିକ୍ଷକ ମାନଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଇତ୍ୟବସରରେ କାକଟପୁର ଶିକ୍ଷା ମଣ୍ଡଳର ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମହାପାତ୍ରଙ୍କୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଓ ଶ୍ରେଷ୍ଠ କବୟିତ୍ରୀର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଟ୍ରଷ୍ଟର ସମ୍ପାଦକ ଶଶଧର ପଣ୍ଡା, ଆଇନଜୀବୀ ଦୁର୍ଗାପ୍ରସାଦ ପାଢ଼ୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମାରୋହରେ ଦେଶରୁ ତଥା ଦେଶ ବାହାରୁ ଅନେକ କବି ସମାଜସେବୀ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ।

## ଜିଲ୍ଲାପାଳ, ବିଧାୟକଙ୍କ ମାଧବ ଓ ଦୋପଟି ଯାତ୍ରା ପରିଦର୍ଶନ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ପ୍ରସିଦ୍ଧ ମାଧବାନନ୍ଦ ମନ୍ଦିର ଓ ଦୋପଟି ମେଳଣ ପଡ଼ିଆ ଉନ୍ନତିକରଣ ନିମନ୍ତେ ନିଆଳି ବିଧାୟକ ଛବିମଲିକ ଓ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ମାଧବ ଓ ଦୋପଟି ଯାତ୍ରା ପଡ଼ିଆ ପରିଦର୍ଶନ କରିଛନ୍ତି। ଏହି ଅବସରରେ ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁଙ୍କ ସମେତ ବିଡ଼ିଓ ଜଗଦୀଶ ଷଡ଼ଙ୍ଗୀ, ସରକାରୀ ଯନ୍ତ୍ରୀ ରାମ ରତନ ଭୂୟାଁ, ମାଧବାନନ୍ଦ ମନ୍ଦିର ଓ ଦୋପଟି ମେଳଣର ସୌନ୍ଦର୍ଯ୍ୟ କରଣ କରିବା ନିମନ୍ତେ ଆଲୋଚନା କରିଥିଲେ। ଗତ ଡିସେମ୍ବର ୨୯ ତାରିଖରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମାଧବାନନ୍ଦ ପରିଦର୍ଶନରେ ଯାଇଥିବା ବେଳେ ମନ୍ଦିରର ସମ୍ପୂର୍ଣ୍ଣ ବିକାଶ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଟ୍ରାଞ୍ଜିଟ୍ ହାଉସ୍ ଓ ବାର ଆସୋସିଏସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦରରେ ଥିବା ହନୁମାନ ମନ୍ଦିର ପାଖରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ହେବାକୁ ଯାଉଥିବା ଟ୍ରାଞ୍ଜିଟ ହାଉସ ଓ ବାର ଆସୋସିଏସନର ଆଜି ସନ୍ଧ୍ୟାରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରି ସାରଙ୍ଗ ସିଙ୍ଗ ଭର୍ଚୁଆଲ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଥିବାବେଳେ ସିଭିଲ କୋର୍ଟ ଜୟପୁର ରେଜିଷ୍ଟର ବିଷ୍ଣୁ ପ୍ରସାଦ ଦେବତା ଓ ଲକ୍ଷ୍ମୀପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସୁରକ୍ଷିତ ମିଶ୍ରଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି କ୍ଷେତ୍ରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ ଦାସ, ଯନ୍ତ୍ରୀ ରଞ୍ଜିତ ବେହେରା, ଲକ୍ଷ୍ମୀପୁର ବିଚାର ବିଭାଗୀୟ ଅଦାଲତର ସମସ୍ତ କର୍ମଚାରୀ ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# କାକଟପୁର ନିର୍ବାଚନ ମଣ୍ଡଳୀରେ ବିଜେପିର ନବକଳେବର





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ନୂଆବର୍ଷରେ ବିଜେପି ସଙ୍ଗଠନରେ ନବକଳେବର ହୋଇଛି। ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକର ୨ଗୋଟି ମଣ୍ଡଳରେ ଦଳ ସଭାପତି ଭାବରେ ୨ଜଣ ଯୁବନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ଦଳ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ଅସ୍ତରଙ୍ଗ ଅଞ୍ଚଳର ବରିଷ୍ଠ ଏବଂ ଅନୁଭବୀ ନେତୃତ୍ୱଙ୍କ ସହିତ ବିଚାର ବିମର୍ଶ କରିବା ପରେ ୨ଟି ମଣ୍ଡଳର ମଙ୍ଗୁଆଳ ଚୂଡ଼ାନ୍ତ ପ୍ରକାଶ ପାଇଛି। ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ମଣ୍ଡଳର ଇନ୍ଦ୍ରମଣି ଜେନା ଓ ନୂଆଗଡ଼ ମଣ୍ଡଳର ନରେଶ ପତିଙ୍କୁ ସଭାପତି ଭାବରେ ମନୋନୀତ କରାଯାଇଛି। ଦଳ ଯୁବ ନେତୃତ୍ୱଙ୍କ କାନ୍ଧରେ ସଙ୍ଗଠନର ଭାର ଦେବା ଉପରେ ଗୁରୁତ୍ୱ ଦେଇଥିବା ବେଳେ ଉପରୋକ୍ତ ୨ଜଣ ସାରଥୀଙ୍କୁ ନେଇ କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗରେ ବିଜେପି ଆଗାମୀ ଦିନରେ ରଣନୀତି ପ୍ରସ୍ତୁତ କରିବା ପାଇଁ ସଂକେତ ଦେଇଛନ୍ତି। ସଙ୍ଗଠନର ବିଭିନ୍ନ ପଦପଦବୀରେ ପୂର୍ବରୁ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଥିବା ନୂଆ ସଭାପତିମାନେ ଏବେ ତାଙ୍କର ଟିମ୍ ପ୍ରସ୍ତୁତ କରି ମଇଦାନକୁ ଓହ୍ଲାଇବେ ବୋଲି ଜଣାଯାଇଛି। ନୂତନ ସଭାପତିଙ୍କୁ ଦଳପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମଙ୍ଗଳବାର ଦିନ ଅସ୍ତରଙ୍ଗ ବଜାରରେ ବିରାଟ ଶୋଭାଯାତ୍ରା ମାଧ୍ୟମରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହେବ ବୋଲି ଯୁବନେତା ଦିବାକର ଛାଟୋଇ ସୂଚନା ଦେଇଛନ୍ତି।

# ୩୩ ବର୍ଷ ପରେ ଏକାଠି ହେଲେ ପୁରାତନ ଛାତ୍ରଛାତ୍ରୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଦୀର୍ଘ ୩୩ବର୍ଷ ପରେ ଏକାଠି ହେଲେ ପୁରାତନ ଛାତ୍ରଛାତ୍ରୀ। ଅତୀତର ସ୍ମୃତିକୁ କଲେ ରୋମନ୍ଥନ। ଖାଲି ସେତିକି ନୁହେଁ ସେହି ସମୟରେ ପାଠ ପଢ଼ାଉଥିବା ସ୍କୁଲର ଶିକ୍ଷକମାନଙ୍କୁ ନିମନ୍ତ୍ରଣ କରି ପୂଜ୍ୟପୂଜାର ସମ୍ମାନକୁ ରକ୍ଷା କରିଛନ୍ତି। ଦୀର୍ଘବର୍ଷ ପରେ ଗୁରୁମାନଙ୍କୁ ପାଖରେ ପାଇ ପୁରାତନ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ହେବା ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ଦେଇଛନ୍ତି ସମ୍ବର୍ଦ୍ଧନା। କେନ୍ଦୁଝର ଜିଲ୍ଲା ମୋଚିବନ୍ଧ ହାଇସ୍କୁଲ ୧୯୯୧ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବରେ ଏଭଳି କିଛି ଦୃଶ୍ୟ ଆଜି ଦେଖିବାକୁ ମିଳିଥିଲା। ପୁରାତନ ଛାତ୍ର ଜୋତିରଞ୍ଜନ ଦାସ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ବ୍ୟାଚର ବହୁ ଛାତ୍ରଛାତ୍ରୀ ଯୋଗଦେଇ ସ୍କୁଲର ସ୍ମୃତିକୁ ମନେ ପକାଇବା ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହି ବ୍ୟାଚର ଛାତ୍ରଛାତ୍ରୀମାନେ ସେବାମୂଳକ କାର୍ଯ୍ୟ ହାତକୁ ନେବାକୁ ନିଷ୍ପତ୍ତି ନେଇଥିଲେ। ପୁରାତନ ଛାତ୍ର ସୁଜିତ ଦାସ, ବିନୟ କୁମାର ବେହେରା, ରଞ୍ଜିତ ସେଠି, ରାକେଶ ସାହୁ, ଲିନା ସ୍ୱାଇଁ, କନକଲତା ସେଠି, ସୁନୀଲ ନାଏକ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଜରଡ଼ା ଗ୍ରାମବାସୀଙ୍କ ଖଣିବନ୍ଦ ଆନ୍ଦୋଳନ

କଣିହାଁ, (ଭାସ୍କର ନ୍ୟୁଜ୍): ଥଇଥାନ ସମେତ ୮ଦଫା ଦାବିରେ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ ଖଣି ବନ୍ଦ ଆନ୍ଦୋଳନ କରିଛନ୍ତି। ସୋମବାର ସକାଳେ ଗ୍ରାମବାସୀ କଣିହାଁ କୋଇଲାଖଣି ମେନ୍ ଗେଟ୍ ସମ୍ମୁଖରେ ବସି ରହି ଗାନ୍ଧୀଙ୍କ ଫୋଟୋ ରଖି ଖଣିବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ କୋଇଲା ପରିବହନରେ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନ ସ୍ଥଳରେ କଣିହାଁ କୋଇଲା କ୍ଷେତ୍ର ମହାପ୍ରବନ୍ଧକ, ପ୍ରକଳ୍ପ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ, କଣିହାଁ ଥାନା ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ନହେବାରୁ ଅପରାହ୍ଣରେ ତାଳଚେର ଠାରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ମାତ୍ର କୌଣସି ସମାଧାନ ହୋଇ ନପାରିବାରୁ ଆନ୍ଦୋଳନ ଚାଲୁ ରହିଥିବା ଜଣାଯାଇଛି।

# ତିହିଡ଼ି ବ୍ଲକ୍‌ର ୭ଟି ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅଧୀନ ପାଳିଆବିନ୍ଧା, ନିଶ୍ଚନ୍ତପୁର, ମଙ୍ଗଳପୁର, ଗାନ୍ଧୀନଗର, ବିଲଣା, ଶ୍ୟାମସୁନ୍ଦରପୁର, ଅଣ୍ଡରାଇ ସମବାୟ ସମିତିରେ ସରକାରୀ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପାଳିଆବିନ୍ଧା ସମିତିରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ତିହିଡ଼ି ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ ଯୋଗ ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ସଭାନେତ୍ରୀ ମିନତୀଲତା ଦାସ, ସମ୍ପାଦକ ସଞ୍ଜୟ କୁମାର ନାୟକ, ସିଇଓ ଅଭିଲାଷ ରଣା, ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, କ୍ରୟ କମିଟି ସଦସ୍ୟ କିଶୋର ଜେନା, ଦିବାକର କୁଅଁର, ନିଶିକାନ୍ତ ଭଞ୍ଜରାୟ, ଅକ୍ଷୟ ଦାସ, ଅମୂଲ୍ୟ ସାହୁ, ବୋର୍ଡ଼ ସଦସ୍ୟ ମହେଶ ପ୍ରସାଦ ଦାସ, ଭରତ ସାହୁ, ସୁବୋଧ ମିଶ୍ର, ରାଜେନ୍ଦ୍ର ଦାସ, ଚାଷୀ ଦିଲୀପ ବିଶ୍ୱାଳ, ଦୁଃଶାସନ ପାଣିଗ୍ରାହୀ, ସନ୍ତୋଷ ପାଣି, ରତ୍ନାକର ବିଶ୍ୱାଳ, କର୍ମଚାରୀ ସୁଜିତ ନାୟକ, ମାନସୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ନିଶ୍ଚନ୍ତପୁର ସମବାୟ ସମିତିରେ ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ର ଶତପଥି ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ପାଦିକା ଗୀତାଞ୍ଜଳି ଦାସ, ସିଇଓ ଅଭିଲାଷ ରଣା, ଆରଏମଏସ କର୍ମଚାରୀ ଦେବାଶୀଷ ଶତପଥି, ପିଇଓ ସୌମ୍ୟରଞ୍ଜନ ନାଥ, ସହ ଶାଖା ପରିଚାଳକ ଶେଷଦେବ ମଲ୍ଲିକ, କ୍ରୟ କମିଟି ସଦସ୍ୟ ବିଜୟ ନାୟକ, ସୁବାସ ମଲ୍ଲିକ, ପ୍ରେମାନନ୍ଦ ମଲ୍ଲିକ, ଜୀବନ ନାୟକ, ସୌମ୍ୟଗୋପାଳ ନାୟକ, ଶରତ ଲେଙ୍କା, ଚାଷୀ ସୁରେନ୍ଦ୍ର ପ୍ରସାଦ ନାୟକ, ରାଜକିଶୋର ନାୟକ, ଅଭୟ କୁମାର ବିଶ୍ୱାଳ, ଜଗବନ୍ଧୁ ମଲିକ, ବଳରାମ କବି, ବଳରାମ ଦାସ, କର୍ମଚାରୀ ଧୀରେନ୍ଦ୍ର ରାଉତ, ଦୟାନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳପୁର ସେବା ସମବାୟ ସମିତିରେ ସଭାପତି ନିତ୍ୟାନନ୍ଦ ବେହେରା, ସମ୍ପାଦକ ଶଙ୍କର୍ଷଣ ଜେନା, ସରପଞ୍ଚ କୈଳାସ ପରିଡ଼ା ଓ ପ୍ରଦୀପ ବଳ, ଏମଆଇ ପ୍ରୀତିଶ ସାମଲ, ସିଇଓ ଅଭିଲାଷ ରଣା, ଆରଆଇ ଆଶୁତୋଷ ଦାସ, ପିଇଓ ମଧୁସ୍ମିତା ବେଦାନ୍ତ, ଭିଏଲଡବ୍ଲୁ ସ୍ନେହଲତା ବରିକ, ସୁରେନ୍ଦ୍ର ନାୟକ, ପ୍ରବୀର ନାୟକ, ଶ୍ରୀଧର ବାରିକ, ଉମାକାନ୍ତ ସେଠୀ, ବିଷ୍ଣୁ ଚରଣ ମହାନ୍ତି, ସୌମ୍ୟରଞ୍ଜନ ପରିଡ଼ା, ପ୍ରଦୀପ ସାହୁ, ସୁଧାରଞ୍ଜନ କର, କର୍ମଚାରୀ ରମାକାନ୍ତ ମହାପାତ୍ର, ଅର୍ଦ୍ଧେନ୍ଦୁଶେଖର ବାରିକ, ହେମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଗାନ୍ଧିନଗର ସମବାୟ ସମିତିରେ ସଭାପତି ଭାସ୍କର ଚନ୍ଦ୍ର ନାୟକ, ସମ୍ପାଦକ ଅଚ୍ୟୁତାନନ୍ଦ ମହାନ୍ତି, ସରପଞ୍ଚ ଉଦ୍ଧବଚରଣ ନାୟକ ଓ କୁନ୍ତଳା ମଳିକ, ଅକ୍ଷୟ ଚଢ଼େଇ, ନିତ୍ୟାନନ୍ଦ ପତି, କମଳାକାନ୍ତ ଦାସ, ରଘୁନାଥ ମଳିକ, ରମେଶ ଦାସ, ପୀତବାସ ମଳିକ, ରଘୁ ମଳିକ, ସରୋଜ ମିଶ୍ର, ପାର୍ଥସାରଥି ଦାସ, ଅନାଦି ମଳିକ କର୍ମଚାରୀ ଚନ୍ଦନ କୁମାର ସାମନ୍ତ, ପ୍ରମୋଦ କୁମାର ମିଶ୍ର, ଭରତ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦରପୁର ସମବାୟ ସମିତିରେ ସଭାପତି ଭୀମସେନ ପ୍ରଧାନ, ସମ୍ପାଦକ କାଳନ୍ଦୀଚରଣ ଦାସ, ଦୁର୍ଯ୍ୟୋଧନ ଦାସ, ଆନନ୍ଦ ଦାସ, ନିତ୍ୟାନନ୍ଦ ରାଉତ, ପ୍ରଦୀପ ନାୟକ, ସୁରେନ୍ଦ୍ର ଦାସ, ବିଦ୍ୟାଧର ମିଶ୍ର, ପ୍ରଭାତ ଦାସ, ମୂରଲୀଧର ମଳିକ, ସୁଭାଶିଷ ଦାସ, କବିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଲଣା ସମବାୟ ସମିତିରେ ଜିଲ୍ଲାପରିଷଦ ସଦସ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସଭାପତି ଭାଗିରଥି ମଳିକ, ସମ୍ପାଦକ ଅମରେନ୍ଦ୍ର ନାୟକ, ଦେବେନ୍ଦ୍ର ପୁହାଣ, ବନବୀର ପରିଡ଼ା, ଗୋପୀନାଥ ପଣ୍ଡା, ଲକ୍ଷ୍ମୀକାନ୍ତ ନାୟକ, ଶରତ ମଳିକ, ଶିଶିର ପଣ୍ଡା, ରବିନ୍ଦ୍ର ମଳିକ, ରବୀନ୍ଦ୍ର ମହାକୁଡ଼, ଗଦାଧର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ଅଣ୍ଡରାଇ ସମିତିରେ ସଭାପତି ରତିକାନ୍ତ ମଳିକ, ସମ୍ପାଦକ ବିଶ୍ୱନାଥ ଖୁଣ୍ଟିଆ, ସରପଞ୍ଚ ସୁବାସିନୀ ଜେନା, ସମିତିସଭ୍ୟ ଜୟପ୍ରକାଶ ମଳିକ, ଭିଏଡବ୍ଲୁ ଆଲୋକ କୁମାର ନାୟକ, ପିଇଓ ଦୀନବନ୍ଧୁ ମହାନ୍ତି, ପୂର୍ବତନ ସମ୍ପାଦକ ଶେଷଦେବ ପରିଡ଼ା, କମଳକାନ୍ତ ମିଶ୍ର, କେଶବ ବାରିକ, ନିତ୍ୟାନନ୍ଦ ସାମଲ, ଜଳଧର ନାୟକ, ଦାମୋଦର ପଣ୍ଡା, ପ୍ରମୋଦ ଖଟୁଆ, ମାଳତୀ ସାମଲ, ପ୍ରଶାନ୍ତ ଖଟୁଆ, ଭାଗିରଥି ତ୍ରିପାଠୀ, ରମାକାନ୍ତ ମଳିକ, କର୍ମଚାରୀ ଅମିତ କୁମାର ତ୍ରିପାଠୀ, ଅଶ୍ୱନୀ ପାଢ଼ୀ, ଅନୀଲ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜ୍ଞାନଜ୍ୟୋତି ପ୍ଲେ ଓ ପବ୍ଲିକ୍ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ



ଛତ୍ରପୁର/ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ନରେନ୍ଦ୍ରପୁରୁ ଠାରେ ଅବସ୍ଥିତ ଜ୍ଞାନ ଜ୍ୟୋତି ପ୍ଲେ ଓ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଆୟୋଜିତ କରାଯାଇ ଥିଲା। ଜ୍ଞାନଜ୍ୟୋତି ସ୍କୁଲର ଅଧ୍ୟକ୍ଷ ଆଲୋକ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଇଟିଭି ଭାରତର ବରିଷ୍ଠ ସାମ୍ବାଦିକ ସମୀର କୁମାର ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, ପ୍ରତ୍ୟେକ ଶିଶୁ ମାନଙ୍କ ମଧ୍ୟରେ ଲୁକ୍କାୟିତ ଭାବରେ ଭରି ରହିଥାଏ ଅନେକ ଅନେକ ଅନ୍ତର୍ନିହିତ ଗୁଣାବଳୀ, ଯାହାର ବିକାଶ ପାଇଁ ଶିଶୁଟିକୁ ପ୍ରାୟ ତିନିବର୍ଷ ବୟସରୁ ଖେଳିବା, ନାଚିବା, ଗୀତ ଗାଇବା ଭଳି ବିଭିନ୍ନ ପ୍ରକାରର କୌଶଳ ମାଧ୍ୟମରେ ପ୍ଲେ ସ୍କୁଲ ଭଳି ଶିକ୍ଷାନୁଷ୍ଠାନର ଶିକ୍ଷକ ମାନଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଥାଏ ଯାହା ଅତ୍ୟନ୍ତ ନମସ୍ୟ ଓ ପ୍ରଶଂସନୀୟ। ଯେଉଁଥିରେ ଶିଶୁମାନଙ୍କର ଉଭୟ ମାନସିକ ଓ ଶାରିରୀକ ବିକାଶ ହେବା ସହି ବିଚକ୍ଷଣ ପ୍ରତିଭାର ପରିପ୍ରକାଶ ହେଉଥିବା ଦେଖିବାକୁ ମିଳିଥାଏ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବରାଜ ମହାନ୍ତି, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସମିତିସଭ୍ୟ ଜ୍ୟୋତି ରଞ୍ଜନ ସାହୁ ଏବଂ ସ୍ଥାନୀୟ ସମାଜସେବୀ ତଥା ବର୍ତ୍ତମାନର ସମିତିସଭ୍ୟ ପ୍ରତିନିଧି ଅଲିଅଳ ସେନାପତି ପ୍ରମୁଖ ମଞ୍ଚାସୀନ ରହିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ମୋନାଲିସା ଦାଶଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଶିକ୍ଷାନୁଷ୍ଠାନରେ ଶିଶୁମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଏହି ଉପସ୍ଥିତ ସ୍ଥାନୀୟ ଅଭିଭାବକ ସମେତ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମର ମଜ୍ଜା ନେଇଥିଲେ। ଏପରିକି କାର୍ଯ୍ୟକ୍ରମରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାଗବତ ପ୍ରେମୀ ଗନ୍ଧର୍ବଙ୍କ ପରଲୋକ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ୍ ଅନ୍ତର୍ଗତ ତରତ ଗ୍ରାମର ଗନ୍ଧର୍ବ ସାହୁ (୯୪)ଙ୍କର ରବିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଆଖପାଖ ଗ୍ରାମରେ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡ଼ିତ ଥିଲେ ଓ ଭାଗବତ ପାଠ କରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ନିକଟରେ ତିନିପୁତ୍ର ବାବୁ, ଦୁର୍ଯ୍ୟୋଧନ, କାଲୁ, ତିନିବଧୂ ସୁମିତ୍ରା, ଅପରାଜିତା, ସୁଚିତ୍ରା, ଝିଅ ପ୍ରଭାତୀ, ରେଣୁ, ଉର୍ବଶୀ, ରୀନା, ଶ୍ରୀଚୁ, ଜ୍ୱାଇଁ, ଶତ୍ରୁଘ୍ନ, ତ୍ରିଲୋଚନ, ଜୟକୃଷ୍ଣ, ଚରଣ, ଚିନା, ପୁତୁରା ପ୍ରକାଶ, ରମେଶ, ନାତି, ନାତୁଣୀ, ରୁଦ୍ର, ସିନୁ, ଚିନୁ, ଲିନୁ, ଜୀନୁ, ସୋନୁ, ମୁନୁ ପୁତୁରା ଓ ଗ୍ରାମବାସୀ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା। ତାଙ୍କ ମର ଶରୀରରେ ଜ୍ୟେଷ୍ଠ ପୁତ୍ର ବାବୁ ମୁଖାଗ୍ନି ଦେଇଥିଲେ।

## ପ୍ରତି ସୋମବାର ବିଡିଓ କରିବେ ଅଭିଯୋଗର ଶୁଣାଣି

ତିହିଡ଼ି, (ଭାସ୍କର ନ୍ୟୁଜ୍): ଜନସାଧାରଣଙ୍କ ହିତ ପାଇଁ ଏବଂ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ସରକାର ନୂଆ ନିୟମ ପ୍ରଣୟନ କରିଛନ୍ତି। ଏହି ନିୟମ ଅନୁସାରେ ଏଣିକି ବିଡିଓ ଲୋକମାନଙ୍କର ପ୍ରତି ସୋମବାର ଅଭିଯୋଗ ଶୁଣିବେ। ଏହି ପରିପ୍ରେକ୍ଷୀରେ ନୂଆବର୍ଷର ପ୍ରଥମ ସୋମବାର ଠାରୁ ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ବିଡିଓ ଜ୍ୟୋତିର୍ମୟ କର ଶୁଣାଣି ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ୨୨ଟି ଅଭିଯୋଗ ଶୁଣିଥିଲେ। ଏହି ଅଭିଯୋଗଗୁଡ଼ିକ ମଧ୍ୟରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସନକାର୍ଡ଼, ରାସ୍ତା ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ। ଏହି ଅବସରରେ ଦୋଳସାହି ଦୋଳସାହି ପଞ୍ଚାୟତର ଦିବ୍ୟାଙ୍ଗ ରୀତାରାଣୀ ମିଶ୍ରଙ୍କୁ ବିଡିଓ କର ଏକ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ଏହି ଶୁଣାଣି ବେଳେ ଏବିଡିଓ ମାନସ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ମିଶ୍ର, କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପାଲ, ଏପିଓ କାମିନୀ ଓଝା ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସିପିଏମ ଆଞ୍ଚଳିକ କମିଟି ପକ୍ଷରୁ ସୋମବାର ଅତିରିକ୍ତ ତହସିଲଦାର ନମିତା ଧଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବାତ୍ୟା 'ଦାନା'ରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷୟକ୍ଷତିର ଆକଳନ କରି ଚାଷୀ ଓ ଭାଗଚାଷୀମାନଙ୍କୁ ସରକାରୀ ସହାୟତା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଋଣମୁକ୍ତ କରି ଋଣ ପ୍ରଦାନ, ତୁରନ୍ତ ମଣ୍ଡି ଖୋଲି ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରିବା, ଧାନର ମାନ କୋହଳ କରାଯାଇ କଟନି ଛଟନି ବନ୍ଦ କରାଯିବା, ଯେଉଁ କ୍ଷତିଗ୍ରସ୍ତ ଚାଷୀମାନେ ସହାୟତା ପାଇଁ ଆବେଦନ କରି ନାହାନ୍ତି ସେମାନଙ୍କୁ ଚିହ୍ନଟ କରି କ୍ଷତିପୂରଣ ଦିଆଯିବା, ଦରଦାମ୍ ବୃଦ୍ଧି ବନ୍ଦ କରାଯିବା, ଡିଜେଲ ପେଟ୍ରୋଲ ଓ ରନ୍ଧନ ଗ୍ୟାସର ଦର ନିୟନ୍ତ୍ରଣ କରାଯିବା ଇତ୍ୟାଦି ଦାବି କରାଯାଇଛି। ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ଦାଶ, ଜିଲା କମିଟି ଚାଷୀ ନେତା ନାରାୟଣ ଦାଶ, ନିର୍ମଳ ଦଳେଇ, ସତ୍ୟବ୍ରତ କୁଣ୍ଡ, ଜିଲା କମିଟି ସଭ୍ୟ ମଳୟ ଭୋଇ, ପୁରୁଷୋତ୍ତମ ସାହୁ, ଶ୍ରୀକାନ୍ତ ପଣ୍ଡା, ମାୟାଧର ଦାସ, ବନମାଳି ମହାନ୍ତି, ମୁକ୍ତିକାନ୍ତ ଭଳ, ସତ୍ୟଜିତ୍ କୁଣ୍ଡ, ସୟଦ ଲିଟୁ, ଶିବ ପ୍ରସାଦ ସାହୁ, ବିଜୟ ଭୋଇ, ପୀତାମ୍ବର ମଳିକ, ଭାଗବତ ସେନାପତି, ଗୟାଧର ସେଠୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ କମିଟିର ଅନ୍ୟ ସଦସ୍ୟବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ



ବାରିପଦା, (ଭାସ୍କର ନ୍ୟୁଜ୍): ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଛଉପଡ଼ିଆ ଠାରେ ଜାନୁଆରୀ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଉଦଳା ଭାସ୍କରଚନ୍ଦ୍ର ମଢ଼େଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ, କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ପୃଷ୍ଟି, ଜିଲ୍ଲା ବିକାଶ ପରିଚାଳକ, ନାବାର୍ଡ ସ୍ମାରକ ମହାନ୍ତି, ଓଡ଼ିଶା ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ଅଧ୍ୟକ୍ଷ ପ୍ରଫୁଲ୍ଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତଥା ବିଧାୟକ ମଢ଼େଇ ଆଧୁନିକ ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ ଉନ୍ନତି କରିପାରିବେ ବୋଲି କହିଥିଲେ। ବର୍ତ୍ତମାନ ସମୟରେ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ପ୍ରଶିକ୍ଷିତ କରି କୃଷି କ୍ଷେତ୍ରରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ମିଲେଟ ମିଶନ, ବାୟୋଟେକ୍ନୋଲୋଜି ଦ୍ୱାରା କୃଷିର ଉନ୍ନତିକରଣ ନିମନ୍ତେ ଉପଦେଶ ଦେଇଥିଲେ। କୃଷକଙ୍କୁ ସମାଜର ଅନ୍ନଦାତା ବୋଲି ମଢ଼େଇ କହିଥିଲେ ଓ କୃଷି ଯାନ୍ତ୍ରିକୀକରଣ ଦ୍ୱାରା ଚାଷର ଉନ୍ନତି ହେବା ସଙ୍ଗେସଙ୍ଗେ ସେମାନଙ୍କର ଅଭିବୃଦ୍ଧି ଘଟିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ ସୟ ମୟୂରଭଞ୍ଜକୁ କୃଷି ସମ୍ଭାବନା ଜିଲ୍ଲା ଭାବେ ଅଭିହିତ କରି ନୂତନ ବୈଷୟିକ ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ପୂର୍ବକ ଜିଲ୍ଲାକୁ କୃଷିରେ ଅଗ୍ରଣୀ କରିବାକୁ ଚେଷ୍ଟା କରିବାକୁ କହିଥିଲେ। କୃଷକ ବନ୍ଧୁମାନଙ୍କୁ କୃଷିଭିତ୍ତିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାପାଳ ଯାନ୍ତ୍ରିକିକରଣ ଓ ବୈଷୟିକ ଜ୍ଞାନ କୌଶଳର ପ୍ରୋତ୍ସାହନ କୃଷି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିପାରିବ ବୋଲି କହିଥିଲେ। ଏହାଛଡ଼ା ମଣ୍ଡିମାନଙ୍କରେ ଆରମ୍ଭ ହୋଇଥିବା ଧାନ ସଂଗ୍ରହ ନିମନ୍ତେ ପ୍ରଶାସନର ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ଏହି କୃଷି ଯନ୍ତ୍ରପାତି ମେଳାରେ ୧ କୋଟି ୩୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବୈଷୟିକ ଯନ୍ତ୍ରପାତି ମାନ ବିକ୍ରି ହୋଇଛି ବୋଲି ଜିଲ୍ଲାପାଳ କହିଥିଲେ ଏବଂ ନିଜର ସନ୍ତୁଷ୍ଟି ବ୍ୟକ୍ତ କରିଥିଲେ। ଜିଲ୍ଲାରେ ଆରମ୍ଭ ହୋଇଥିବା ଷ୍ଟ୍ରବେରି ଚାଷର ସଫଳତା ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲାବାସୀ ଏବଂ ବିଶେଷ କରି ସଫଳ ଚାଷୀଙ୍କୁ ସାଧୁବାଦ ଦେଇଥିଲେ। ନିମନ୍ତ୍ରିତ ଅତିଥି ମାନେ ଅଗ୍ରଣୀ ଚାଷୀ ଭାବେ ଗୋପବନ୍ଧୁ ନଗରର ଟିଟନ କୁମାର ପରିଡ଼ା, ଶୁଳିଆପଦାର ସୁବ୍ରତ କୁମାର ପତି, ମୋରଡ଼ାର ବିବେକାନନ୍ଦ ଦତ୍ତ ଓ କୁସୁମୀର ଗୋବିନ୍ଦ ଚନ୍ଦ୍ର ସୋରେନଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଉଦଯାପନୀ ସଭାରେ ପଞ୍ଚାୟତିରାଜ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଚାଷୀ, ଏନଜିଓର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ, ସହରର ବୁଦ୍ଧଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ମେଳାରେ ଗତ ୪ ଦିନ ଧରି ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ସରକାରୀ ଆର୍ଥିକ ସହାୟତାର ସଚେତନତା ସହ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧନା, କୃଷକ ପରିଭ୍ରମଣ, ବୈଷୟିକ ଅଧିବେଶନ ସହ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଜିର ସଭାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦାସ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ, କୃଷି ଉପନିର୍ଦ୍ଦେଶିକା ସୁଶ୍ରୀ ମଧୁସ୍ମିତା ଜେନା ସଭା ସଞ୍ଚାଳନ କରିଥିଲେ ଏବଂ ଅତିରିକ୍ତ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧକ୍ଷତାରେ ନବରଙ୍ଗପୁର ପୌର-ପାଳିକା ସମ୍ମିଳନୀ କକ୍ଷରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଜନ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ସିଡିଓ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ ମିଶ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୪୨ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥି ମଧ୍ୟରୁ ୩୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୫ଟି ସାମୂହିକ ସମସ୍ୟା ରହିଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପୌରପାଳିକା ଅଞ୍ଚଳର ୧୩ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଇ-ରିକ୍ସା ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ସେଭଳି ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶ୍ରମିକ କଲ୍ୟାଣ ସହାୟତା ଯୋଜନା ଅନ୍ତର୍ଗତ ୧୨୮ ଜଣଙ୍କୁ ୬୯,୩୦,୦୦୦/- ଟଙ୍କାର ସହାୟତା ରାଶି ତାଙ୍କ ବ୍ୟାଙ୍କ ଖାତାରେ ଜମା କରଯାଇଥିଲା। ଶୁଣାଣି ପରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ବିକା ଧାକଡ଼ ଏବଂ ବୃନ୍ଦି ମାଝୀଙ୍କୁ ବିବାହ ସହାୟତା ବାବଦକୁ ପ୍ରତ୍ୟେକଙ୍କୁ ୫୦,୦୦୦/- ଟଙ୍କା, ମୃତ୍ୟୁକାଳିନ ଏବଂ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ଉମ୍ବରୁଧର ଜାନିଙ୍କୁ ୨,୦୫,୦୦୦/- ଏବଂ ପୂର୍ଣ୍ଣୀ ଗଉଡ଼ଙ୍କୁ ୩,୦୫,୦୦୦/- ଟଙ୍କା, ଶିକ୍ଷା ସହାୟତା ବାବଦକୁ ସୀତାରାମ ଗଉଡ଼ଙ୍କୁ ୭୦୦୦/- ଏବଂ ଜ୍ୟୋସ୍ନା ରାଣୀ ଭତ୍ରାଙ୍କୁ ୮୪୦୦/- ଟଙ୍କା, ମାତୃତ୍ୱ ସହାୟତା ବାବଦ ବନିତା ମାଝୀ ଏବଂ ଜୟନ୍ତି ସୌରାଙ୍କୁ ପ୍ରତ୍ୟେକ ୧୦,୦୦୦/- ଟଙ୍କା ଚେକ୍ ପ୍ରଦାନ କରିଥିଲେ।

## ସଡ଼କ ସୁରକ୍ଷା ସପ୍ତାହ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ସୋମବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ଏକ ସଚେତନତା ସଭା ଅନୁଷ୍ଠିତ କରି ଶୋଭାଯାତ୍ରା ବଜାର ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ସ୍ଲୋଗାନ ପ୍ରଦାନ କରିବା ସହ ଏକ ନିଆରା ଢଙ୍ଗରେ ଲୋକ ମାନଙ୍କୁ ସଚେତନ କରାଇଥିଲେ। ହେଲମେଟ୍ ପିନ୍ଧି ନଥିବା ଲୋକମାନଙ୍କୁ ହେଲମେଟ୍ ପିନ୍ଧାଇବା ସହ ଗୋଲାପ ଫୁଲ ପ୍ରଦାନ କରି ହେଲମେଟ୍ ପିନ୍ଧିବା ପାଇଁ ଅନୁରୋଧ କରିଥିଲେ। ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ଲୋକ ମାନଙ୍କୁ ଅସାବଧାନତା ଓ ଦାୟିତ୍ୱ ହୀନତା କିପରି ମହାମୂଲ୍ୟ ଜୀବନଟିକୁ ନେଇଯାଉଛି ସେ ବାବଦରେ ବୁଝାଇଥିଲେ। ଶିକ୍ଷକଶିକ୍ଷୟିତ୍ରୀ ତପଜା ସାହୁ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ବିଷ୍ଣୁପ୍ରିୟା ଯେନା, ବର୍ଷା ରାଣୀ ପଲକ, ଗଙ୍ଗାଧର ଦଳେଇ, ନରେନ୍ଦ୍ର ନାୟକ, ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ଲୋକମାନଙ୍କୁ ଟ୍ରାଫିକ ନିୟମ ମାନିବା, ମଦ୍ୟପାନ ନ କରିବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନକରିବା, ସିଟ୍ ବେଲ୍ଟ ବାନ୍ଧିବା, ହେଲମେଟ୍ ବ୍ୟବହାର କରିବା ଉପରେ ଲୋକମାନଙ୍କୁ ବୁଝାଇଥିଲେ। ଏନ୍‌ସିସି ଶିକ୍ଷକ ମାନସ କୁମାର ସାହୁ ସମସ୍ତ କାର୍ଯ୍ୟକୁ ପରିଚାଳନା କରି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ।

## ଆତ୍ମାରକ୍ଷା କୌଶଳ ଶିବିର ଉଦଘାଟିତ




ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳି ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ତପନକୁମାର ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ଅମିୟବାଳା ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ବାବଦରେ ଅବଗତ କରାଇଥିଲେ। ପ୍ରଶିକ୍ଷିକା ଭାବେ ଓଡିଶା ସରକାରଙ୍କ ଦ୍ୱାରା ତାଲିମ ପ୍ରାପ୍ତ ପୂର୍ବତନ ଛାତ୍ରୀ ମୀତା ସ୍ୱାଇଁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଭଗବାନ ଜେନା, ରାମଚନ୍ଦ୍ର ଜେନା, ପଦ୍ମାଳୟା ମହାରଣା, ଉମାକାନ୍ତ ଓଝା, ପ୍ରତାପ ଚନ୍ଦ୍ର ବେହେରା, ଗୁରୁଲତା ନାୟକ, ଅନୁରାଧା ପ୍ରଧାନ ପ୍ରମୁଖ ଯୋଗ ଦେଇ ଶିବିରାର୍ଥୀ ମାନଙ୍କୁ ଆତ୍ମରକ୍ଷା କୌଶଳର ଉଦ୍ଦେଶ୍ୟ ଓ ଉପକାରିତା ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ବର୍ଷ କଳା ଓ ବିଜ୍ଞାନରୁ ୮୯ ଜଣ ଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦୀର୍ଘ ଆଠଦିନ ବ୍ୟାପି ଚାଲିବ। ଏହାର ତତ୍ତ୍ୱାବଧାରକ ଭାବେ ବି.ଜେ.ବି. ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଭୁବନେଶ୍ୱରଙ୍କୁ ଦାୟୀତ୍ୱ ଅର୍ପଣ କରାଯାଇଛି।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅବିଭାବକଙ୍କ ନିମନ୍ତେ ତାଲିମ ଶିବିର

ଆସିକା, (ଭାସ୍କର ନ୍ୟୁଜ୍): ସମଗ୍ର ଶିକ୍ଷା, ଗଞ୍ଜାମ ଆନୁକୁଲ୍ୟରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ବାଲିଶିରା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅବିଭାବକମାନଙ୍କ ନିମନ୍ତେ ଏକ ଦିବସିୟ ତାଲିମ ଶିବିର ଆସିକା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭଞ୍ଜୀ ବେହେରାଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ, ଅର୍ଚ୍ଚନା ବେହେରା, ମନୋଜ କୁମାର ତ୍ରିପାଠୀ ଉପସ୍ଥିତ ରହି ତାଲିମ ଦେଇଥିଲେ। ଉକ୍ତ ବୈଠକରେ ଛାତ୍ରଛାତ୍ରୀମାନଙ୍କ ପରିବାର ମଧ୍ୟରେ ବିଦ୍ୟାଳୟ ସ୍ତରରେ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅବିଭାବକ, ଶିକ୍ଷକମାନଙ୍କ ଭୂମିକା ବିଭିନ୍ନ ସହାୟକ ଉପକରଣ ଓ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ ମିଳୁଥିବା ସହାୟତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

## ଛତ୍ରପୁର ମେଡିକାଲରେ ଡାଏଲେସିସ କେନ୍ଦ୍ର ଉଦ୍‌ଘାଟିତ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା ସଦର ମହକୁମା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ନୂତନ ଡାଏଲେସିସ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ୪୦ ଲକ୍ଷ ଟଙ୍କାରେ ନିର୍ମିତ ଏହି କେନ୍ଦ୍ରରେ କିଡ଼ନୀ ରୋଗୀ ମାଗଣାରେ ପରୀକ୍ଷା କରିପାରିବେ। ଏଥିପାଇଁ ଜଣେ ଡାକ୍ତର, ଦୁଇଜଣ ବୈଷୟିକ କର୍ମଚାରୀ ଓ ଦୁଇଜଣ ଚତୁର୍ଥଶ୍ରେଣୀ କର୍ମଚାରୀ ନିୟୋଜିତ ରହିଛନ୍ତି। ଗଞ୍ଜାମ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ସାରା ରାଜ୍ୟରେ ସରକାରୀ ଡାକ୍ତର ଖାନାରେ ଖାଲି ପଡ଼ିଥିବା ଡାକ୍ତର ଓ ନର୍ସ ପଦବୀ ଅତି ଶୀଘ୍ର ପୂରାଣ ହେବ। ଛତ୍ରପୁର ଡାକ୍ତରଖାନାରେ ଡାଏଲେସିସ ସେବା ଆରମ୍ଭ ଫଳରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ସମେତ ଖଲ୍ଲିକୋଟ ବ୍ଲକ୍ ଓ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ୍‌ର ଜନସାଧାରଣ ଉପକୃତ ହୋଇ ପାରିବେ। ସେମାନଙ୍କୁ ଆଉ ଦୁର ଦୂରନ୍ତକୁ ଯିବାକୁ ପଡ଼ିବନି ବୋଲି ମନ୍ତ୍ରୀ କହିଛନ୍ତି। ରବିବାରକୁ ବାଦ ଦେଇ ସପ୍ତାହରେ ଆଉ ୬ ଦିନ ଏହି ସେବା ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ପଣ୍ଡା, ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି.ପାପା ରାଓ, ଛତ୍ରପୁର ବ୍ଲକ୍ ଉପାଧ୍ୟକ୍ଷା ଏସ.ଶାରଦା ରେଡ଼ି, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା ପ୍ରଫୁଲ ଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀନିବାସ ପ୍ରଧାନଙ୍କ ପରଲୋକ



ବାରିପଦା, (ଭାସ୍କର ନ୍ୟୁଜ୍): ଜଣେ ଶ୍ରେଷ୍ଠ ଆଇନଜୀବୀ, ସୁଚିନ୍ତକ, କବି, ସାହିତ୍ୟିକ ଓ ସମାଜସେବୀ ଭାବରେ ପରିଚିତ ଶ୍ରୀନିବାସ ପ୍ରଧାନ (୮୪) ରବିବାର ମଧ୍ୟରାତ୍ରିରେ ତାଙ୍କ ବାସଭବନରେ ପରଲୋକ ଗମନ କରିଛନ୍ତି। ସେ ଜିଲ୍ଲା ଓକିଲ ସଂଘର ଦୁଇଥର ସଭାପତି ଭାବରେ ନିର୍ବାଚିତ ହୋଇ ଜିଲ୍ଲାର ଆଇନ ଜଗତରେ ମହାତ୍ମା ସ୍ଥାନ ହାସଲ କରିଥିଲେ। ସାମାଜିକ ଓ ସାହିତ୍ୟିକ କ୍ଷେତ୍ରରେ ତାଙ୍କ ଅବଦାନ ଜନମନେ ଅଭୁଲା ଚିହ୍ନ ଛାଡ଼ିଯାଇଛି। ପ୍ରଧାନ ଏକ ସମୟରେ ଜଣେ ଦକ୍ଷ ଆଇନଜୀବୀ ହେବା ସହିତ ଲେଖକ, କବି ଓ ସୁବକ୍ତା ଭାବରେ ଖ୍ୟାତି ଲାଭ କରିଥିଲେ। ସେ ନିଜ ଜୀବନରେ ଦାରିଦ୍ର୍ୟ ଓ ଚାପକୁ ପଛ କରି ସଫଳତାର ଶିଖରକୁ ପହଞ୍ଚିଥିଲେ। ବିଭିନ୍ନ ସାମାଜିକ ସଙ୍ଗଠନରେ ତାଙ୍କର ସକ୍ରିୟ ଭୂମିକା ଜନସାଧାରଣଙ୍କ ପାଇଁ ପ୍ରେରଣାଦାୟକ ହୋଇ ରହିଛି। ସେ ବୟସାଧିକ୍ୟ ହେତୁ ଦୀର୍ଘଦିନ ରୋଗାକ୍ରାନ୍ତ ଥିଲେ ଓ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁଅ – ଇନ୍ଦୁଭୂଷଣ, ଶଶିଭୂଷଣ, ରାଜୀବଲୋଚନ; ଝିଅ ଶୁଭଲକ୍ଷ୍ମୀ, ଜ୍ୱାଇଁ ସୁକାନ୍ତ ଓ ନାତିନାତୁଣୀ ସମେତ ଅନ୍ୟାନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁର ସୂଚନାରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ବିଜନ ଦାସ, ପ୍ରଦୀପ ରଥ, ପ୍ରବୀର ବସା ଏବଂ ସଂଘର ଅନ୍ୟାନ୍ୟ ସଦସ୍ୟଙ୍କ ସହ ସହସ୍ର ଆଇନଜୀବୀ ତାଙ୍କ ବାସଭବନରେ ଯାଇ ଅନ୍ତିମ ଦର୍ଶନ କରିଥିଲେ। ସ୍ଥାନୀୟ ଦାରୋଗା ଡାହି ଶ୍ମଶାନଘାଟରେ ପରିବାର, ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଦିବଂଗତ ସ୍ୱର୍ଗତ ପ୍ରଧାନଙ୍କ ସାନପୁଅ ଆଇନଜୀବୀ ରାଜୀବଲୋଚନ ମୁଖାଗ୍ନି ପ୍ରଦାନ କରିଛନ୍ତି। ତାଙ୍କ ବିୟୋଗରେ ଆଇନଜୀବୀ, ସାମାଜିକ, ସାହିତ୍ୟିକ ଓ ବ୍ୟବସାୟିକ ମହଲରେ ଗଭୀର ଶୋକ ପ୍ରକାଶିତ ହୋଇଛି। ଜଣେ ସଫଳ ଆଇନଜୀବୀ ଭାବେ ଆଜୀବନ ନିଜର ସେବା ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ସମର୍ପଣ କରିଥିବା ଶ୍ରୀନିବାସ ପ୍ରଧାନଙ୍କ ଜୀବନ ସଦା ସ୍ମରଣୀୟ ହେବ। ତାଙ୍କ ଜୀବନୀ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବା ସହିତ ବର୍ତ୍ତମାନର ଯୁବପିଢିଙ୍କ ପାଇଁ ଆଲୋକ ବର୍ତ୍ତିକା ହେବ ବୋଲି ଶୋକପ୍ରକାଶ କରିଛନ୍ତି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ସୋମବାର ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ଅଧିକାରୀମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ସୋମବାର ଏହି ପରିପ୍ରେକ୍ଷୀରେ ମୋଟ ୩୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୨ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨ ଟି, ପେନସନ ପାଇବା ପାଇଁ ୩ ଟି, ପୋଲିସ ସହାୟତା ପାଇବା ପାଇଁ ୨ ଟି ଏବଂ ଅନ୍ୟାନ୍ୟ ୨୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା, ବିକାଶ କୁମାର ମହାନ୍ତି, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନଖଣ୍ଡ ଅଧୀନସ୍ଥ ବିଶ୍ୱପ୍ରସିଦ୍ଧ ଜାତୀୟ ଉଦ୍ୟାନ ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ବଉଳା କୁମ୍ଭୀରଙ୍କ ଭୂସ୍ୱର୍ଗ ଭାବେ ପରିଚିତ ଏହି ଉଦ୍ୟାନକୁ ପ୍ରତିବର୍ଷ ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସିଥାନ୍ତି। ହେଲେ ପ୍ରତିବର୍ଷ ଠାରୁ ଚଳିତବର୍ଷ ଏଠାରେ ଅଧିକ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ୧୪ରୁ ୨୨ପର୍ଯ୍ୟନ୍ତ କୁମ୍ଭୀର ଗଣନା ପାଇଁ ଭିତରକନିକା ବନ୍ଦ ରହିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ଓ ବଉଳା କୁମ୍ଭୀର ବିଶାରଦ ଡଃ ସୁଧାକର କରଙ୍କ ତତ୍ତ୍ୱାବଧାନରେ ଏହି ଗଣନା କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦରେ ରହିଥିବା ଆର୍ଦ୍ରଭୂମି ଓ ଆଖପାଖ ଅଞ୍ଚଳରେ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହିମାଳୟ ପାଦଦେଶରୁ ଆସିଥିବା ଅସଂଖ୍ୟ ବିଦେଶୀ ପକ୍ଷୀମାନଙ୍କର ଆସ୍ଥାନ ଜମିଛି। ଏହା ଭିତରେ ବିଦେଶାଗତ ପକ୍ଷୀମାନଙ୍କର ମଧ୍ୟ ଗଣନା କାର୍ଯ୍ୟ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏପରି ସ୍ଥଳେ ପର୍ଯ୍ୟଟକଙ୍କର ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ମତ ପ୍ରକାଶ ପାଇଛି।

## ସରିଲା ନିଖିଳ ଉତ୍କଳ ଦାସକାଠିଆ କଳାକାର ସଂଘର ବାର୍ଷିକ ମହୋତ୍ସବ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ସ୍ଥିତ ଭାବନ୍ଧ ଠାରେ ଥିବା ଶ୍ରୀ ପାଗଳବାବା ଆଶ୍ରମ ପରିସରରେ ଗତ ୪ ଓ ୫ ତାରିଖ (ଶନିବାର ଓ ରବିବାର) ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଥିବା ନିଖିଳ ଉତ୍କଳ ଦାସକାଠିଆ କଳାକାର ସଂଘର ୪୪ ତମ ବାର୍ଷିକ ମହୋତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଆସିକା ସାଂସଦ ଅନିତା ପ୍ରିୟଦର୍ଶିନୀ ଯୋଗଦେଇ ଗଞ୍ଜାମର ଲୋକକଳାକୁ ସୁରକ୍ଷା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବା ସହିତ ଦାସକାଠିଆ ସଂଘ ଗୃହ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଛତ୍ରପୁର ୦୬.୦୧ ସଂଘର ସଭାପତି ବାଳକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଦୁଇଦିନିଆ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପାଗଳବାବା ଆଶ୍ରମର ମୁଖ୍ୟ ଚକ୍ରଧର ସାହୁଙ୍କ ତତ୍ତ୍ୱାବଧାନ ଓ ପୂର୍ଣ୍ଣ ସହଯୋଗରେ ସଫଳ ହୋଇଥିଲା। ପ୍ରଥମ ଦିବସରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପାଗଳ ବାବା ଆଶ୍ରମର ମୁଖ୍ୟ ଚକ୍ରଧର ସାହୁ ପ୍ରମୁଖ ଦାସକାଠିଆ ସଂଗଠନକୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରବି ନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଙ୍ଗଠନର ଅଧ୍ୟକ୍ଷ ତଥା ନବୀନର ସମ୍ପାଦକ ରବି ରଥ, ଦକ୍ଷିଣାଞ୍ଚଳ ଲୋକ ସଂସ୍କୃତି ପରିଷଦର ସଭାପତି ଡ. ମିହିର ତ୍ରିପାଠୀ, ବରିଷ୍ଠ ଦାସକାଠିଆ କଳାକାର ତଥା ଉପେନ୍ଦ୍ରଭଞ୍ଜ ସମ୍ମାନ ବିଜେତା ଉପେନ୍ଦ୍ର ପାଣିଗ୍ରାହୀ, ସମାଜସେବୀ ଦୁର୍ଗା ମାଧବ ମହାନ୍ତି, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଦାଶ ପ୍ରମୁଖ ଉଦବୋଧନ ଦେଇଥିଲେ। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବହୁ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଉପସଭାପତି ସୁରେନ୍ଦ୍ର ନାଥ ଦାଶ, ସମ୍ପାଦକ ଦେବେନ୍ଦ୍ର ନାଥ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୫୦ ଟି ଦାସକାଠିଆ ଦଳ ଭାଗ ନେଇଥିଲେ। ଦୁଇ ଦିନିଆ ଅଧିବେଶନରେ ସଂଘର ଗୃହ ପାଇଁ ସରକାରୀ ଜାଗା ଯୋଗାଣ, ଦୁଇ ହଜାରରୁ ୫ ହଜାର ଟଙ୍କା ଭତ୍ତା ବୃଦ୍ଧି, ଦାସକାଠିଆ କଳାକାରଙ୍କ ପାଇଁ କର୍ମଶାଳା, ଉଚିତ ସମ୍ମାନ ପ୍ରଦାନ, ନାଟକ ଏକାଡ଼େମୀରେ ଦାସକାଠିଆକୁ ସାମିଲ କରିବା, ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରଚାର କାର୍ଯ୍ୟରେ ଦାସକାଠିଆ ଦଳକୁ ସାମିଲ କରିବା, ଦାସକାଠିଆ କଳାକାରଙ୍କୁ ପଦ୍ମ ଉପାଧି ପ୍ରଦାନ, ସଂଘର ବାର୍ଷିକ ସମ୍ମିଳିନୀ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ, ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଙ୍କିତ ପ୍ରାଚୀର ଛବିରେ ଦାସକାଠିଆକୁ ସ୍ଥାନ ଦେବା ପାଇଁ ଦାବି କରାଯାଇଥିଲା।

## ଯୁବ ଓ ଛାତ୍ର ବିଜେଡ଼ିର ବନ୍ଧୁମିଳନ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ନଗର ଯୁବ ଓ ଛାତ୍ର ବିଜୁ ଜନତା ଦଳ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଗାନ୍ଧିଛକ ସ୍ଥିତ ଟାଉନ୍‌ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୯ଗୋଟି ଓ୍ୱାର୍ଡ଼ ଓ ୫ଟି ପଞ୍ଚାୟତ ଯଥା ଆଗ୍ରାହାଟ, ବାଣିପଦା, ଇନ୍ଦ୍ରାଣୀପାଟଣା, କୟଳପଡ଼ା ଓ ନଖରା ପଞ୍ଚାୟତର ଯୁବ ଓ ଛାତ୍ର ବିଜେଡ଼ି ସଙ୍ଗଠନର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟମାନେ ଏହି ବନ୍ଧୁ ମିଳନରେ ଯୋଗ ଦେଇଥିଲେ। ଚୌଦ୍ୱାର ନଗର ଯୁବ ବିଜେଡ଼ି ସଭାପତି ଶାରଦା ରଞ୍ଜନ ପରିଜାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବନ୍ଧୁମିଳନରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଚେୟାରମ୍ୟାନ୍ ପ୍ରେମଚାନ୍ଦ ନାୟକ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ତଥା କଟକ ଜିଲ୍ଲା ବିଜେଡ଼ି ଉପସଭାପତି ଶୁଭେନ୍ଦୁ ସାମଲ, ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଉପାଧକ୍ଷା ସୁପ୍ରିୟା ଜେଠୀ, ଚୌଦ୍ୱାର ନଗର ବିଜେଡ଼ି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଯୁବ ନେତୃତ୍ୱ ଅର୍ଜ୍ଜୁନ ପଣ୍ଡା ଓ ସ୍ୱାଧୀନ ଦାସ, କାଉନ୍‌ସିଲର ଦିଲ୍ଲୀପ ସାହୁ, ବିଜୟ ମଲ୍ଲିକ, ବିଜୟ ସାହୁ, ପୂର୍ବତନ କାଉନ୍‌ସିଲର ମନୋଜ ମହାନ୍ତି, ସବିତା ନାୟକ, ପ୍ରଶାନ୍ତ ଦାସ, ଯୁବ ସଙ୍ଗଠକ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ମୁନା ରାଉତ, ମହିଳା ନେତୃତ୍ୱ କଳ୍ପନା ଜେନା, କବିତାରାଣୀ ଲେଙ୍କା, ରୋଜି ନାୟକ, ବୀଣାପାଣି ଦାସ ଓ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚୌଦ୍ୱାର ଯୁବ ଓ ଛାତ୍ର ବିଜେଡ଼ିର ଉପଦେଷ୍ଟା ତଥା ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ସୁବ୍ରତ କୁମାର ସାମଲ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଉଭୟ ସଙ୍ଗଠନର ସଞ୍ଜୟ କୁମାର ବେହେରା, ସରୋଜ କୁମାର ସାହୁ, ରାଜେନ୍ଦ୍ର ମହାରଣା, ପ୍ରଦୀପ ଦାସ, ରମେଶ ସ୍ୱାଇଁ, ରଞ୍ଜନ ବାରିକ, ବାପିନା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଚୌଦ୍ୱାର ନଗର ଛାତ୍ର ବିଜେଡ଼ି ସଭାପତି ଭରତ ଚନ୍ଦ୍ର ସାହୁ ଏହି ବନ୍ଧୁମିଳନର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ): ସିଡ଼ିଏ , ସେକ୍ଟର-୬ ରେଥିବା ପିଚୁ ରାସ୍ତା ଗୁଡ଼ିକ ଦୀର୍ଘ ଦିନ ଧରି ମରାମତି କିମ୍ବା ନୂତନ ଭାବେ କାର୍ଯ୍ୟ ହୋଇ ନଥିବାରୁ ଦୈନନ୍ଦିନ ଛୋଟ ଛୋଟ ଦୁର୍ଘଟଣା ଘଟୁଥିବାର ଘଟଣା ମର୍କତ ନଗର ଆବାସିକ ସଂଘ ସେକ୍ଟର-୬ର ଦୃଷ୍ଟିକୁ ଆସିବାରୁ ମର୍କତ ନଗର ଆବାସିକ ସଂଘର ସମ୍ପାଦକଙ୍କ ନେତୃତ୍ୱରେ ଆଣ ଏଣ୍ଡ ବିର ଅଧିକ୍ଷଣ ଯନ୍ତ୍ରୀ ଇଂ ଆଶିଷ କୁମାର ନାୟକଙ୍କୁ ଏକ ଦାବୀପତ୍ର ପ୍ରଦାନ କରିବା ସହ ସେକ୍ଟର-୬ରେ ଥିବା ପିଚୁ ରାସ୍ତା ଗୁଡ଼ିକର ତୁରନ୍ତ ନିର୍ମାଣ ଓ ପିଚୁ ରାସ୍ତା କରିବା ପାଇଁ ଦିଆଯାଇଥିବା ପ୍ରସ୍ତାବ ଗୁଡ଼ିକର ତୁରନ୍ତ କାର୍ଯ୍ୟକାରୀ କରିବାପାଇଁ ଉକ୍ତ ଦାବୀପତ୍ରରେ ଉଲ୍ଲେଖ କରାଯାଇଅଛି । ଏହି ପିଚୁ ରାସ୍ତା ଗୁଡ଼ିକ ଯଥାଶିଘ୍ର କନିଷ୍ଠ ଯନ୍ତ୍ରୀଙ୍କ ତଦାରଖପରେ କାର୍ଯ୍ୟକାରୀ କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଇଂ. ନାୟକ ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ବଂକିମ ଚନ୍ଦ୍ର ମହାନ୍ତି, ଆଇନଜୀବୀ ଗଦାଧର ସାହୁ, ଶଶିଭୂଷଣ ପ୍ରଧାନ ଓ ସଂଜୟ କୁମାର ଦେଓଙ୍କ ସହ ବହୁ କର୍ମକର୍ତା ଯୋଗଦେଇଥିଲେ ।



# ୩ ନୂଆ ପାର୍କ ଲୋକାର୍ପଣ କଲେ ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ତଥା ବିଡ଼ିଏ ଅଧ୍ୟକ୍ଷ ଡ଼ା. କୃଷ୍ଣ ଚନ୍ଦ୍ର ମହାପାତ୍ର ସୋମବାର ଭୁବନେଶ୍ୱରରେ ୩ ନୂଆ ପାର୍କ ସହ ଏପିଜେ ଅବଦୁଲ କଲାମ ପାର୍କଠାରେ ମ୍ୟୁଜିକାଲ୍ ଫାଉଣ୍ଟେନକୁ ଲୋକାର୍ପିତ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଡ଼.ଏନ୍. ତିରୁମାଲା ନାଏକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମନ୍ତ୍ରୀ ଏପିଜେ ଅବଦୁଲ କଲାମ ପାର୍କରେ ମ୍ୟୁଜିକାଲ ଫାଉଣ୍ଟେନ୍ ସୋ ଦେଖିବା ସହ ପାର୍କରେ ଦର୍ଶକଙ୍କ ସହ ଆଲୋଚନା କରିଥିଲେ । ସହରର ଏକ ଅବ୍ୟବହୃତ ସ୍ଥାନକୁ ଉପଯୋଗ କରି କେ-୭ କଳିଙ୍ଗ ନଗର ପାର୍କ ମନୋରଞ୍ଜନ ଏବଂ ଆରାମ ପାଇଁ ଏକ ଜୀବନ୍ତ ପରିବେଶ ତିଆରି କରାଯାଇଛି । ୪.୭ ଏକରରେ ବ୍ୟାପ୍ତ ଏହି ପାର୍କରେ ଫୁଲଶଯ୍ୟା ଏବଂ ଫଳବଗିଚା ରହିଛି, ଯାହା ପରିଦର୍ଶକମାନଙ୍କୁ ପ୍ରକୃତି ସହିତ ଜଡ଼ିତ ହେବା ପାଇଁ ଏକ ଅପୂର୍ବ ସୁଯୋଗ ଆଣିବ । ଏଜି କଲୋନୀ ନିକଟରେ ୨ ଏକର ଜାଗାରେ ନିର୍ମାଣ ହୋଇଥିବା ପାର୍କଟି ସାଂସ୍କୃତିକ କାର୍ଯ୍ୟକଳାପ ବୃଦ୍ଧି, ଶାରୀରିକ ସୁସ୍ଥତାକୁ ତ୍ୱରାନ୍ୱିତ ଏବଂ ବିଭିନ୍ନ ଗୋଷ୍ଠୀଙ୍କୁ ଏକତ୍ରିତ କରିବା ଆଦି ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଲୋକମାନେ ବିଭିନ୍ନ ପର୍ବ ପାଳନ ଓ କାର୍ଯ୍ୟକ୍ରମ କରିବା ନିମନ୍ତେ ବ୍ୟବସ୍ଥା ରହିଛି । ଦ୍ୱିତୀୟରେ କୁନି ପିଲାଙ୍କ ଶାରୀରିକ ବିକାଶ, ଏବଂ ସୁରକ୍ଷିତ ପରିବେଶରେ ଖେଳିବା ନିମନ୍ତେ ସ୍ପୋର୍ଟ୍ସ କୋର୍ଟ ରହିଛି । ଅନନ୍ତ ବିହାର ଫେଜ-୩ ପାର୍କ (୦.୮ଏକର) ପୋଖରୀପୁଟ ସ୍ଥିତ ୦.୮ ଏକରରେ ସୀମିତ ଏହି ପକେଟ-ପାର୍କଟି ଏକ ସାମାନ୍ୟ ସହରୀ ଜୀବନକୁ ଏକ ଶାନ୍ତ ସବୁଜ ଅଞ୍ଚଳରେ ପରିଣତ କରୁଛି । ଏହି ପାର୍କରେ ଶିଶୁ ଖେଳ କ୍ଷେତ୍ର, ମୁକ୍ତାକାଶ ବ୍ୟାୟାମଶାଳା, ଏବଂ ଏକ ଯୋଗିଂ ଟ୍ରାକ୍ ରହିଛି । ଯାହା ସବୁ ବୟସର ଲୋକଙ୍କ ପାଇଁ ଏକ ଉନ୍ନତ ଜୀବନଶୈଳୀ ଅତିବାହିତ ନେଇ ଉତ୍ସାହିତ କରୁଛି । କଲାମଙ୍କ ସମ୍ମାନାର୍ଥେ ନିର୍ମାଣ ହୋଇଥିବା ଏହି ପାର୍କଟି ସହରବାସୀଙ୍କୁ ପ୍ରେରଣା ଯୋଗାଇବା ସହ ତାଙ୍କ ଜୀବନଶୈଳୀରେ ଅନୁପ୍ରାଣିତ ହେବା ନେଇ ଉତ୍ସାହିତ କରିବ ।

## ଜୟପୁରରେ ହେବ ଓପିଏସ୍‌ସି ପରୀକ୍ଷା ଜୋନ୍

କଟକ(ଭାସ୍କର ନ୍ୟୁଜ): ଜାନୁଆରୀ ୧ ତାରିଖ ଦିନ ରାଜ୍ୟର ନିଯୁକ୍ତି କମିଶନମାନଙ୍କ ସହିତ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୋରାପୁଟ ଜିଲ୍ଲା ଜୟପୁର ଠାରେ ଏକ ପରୀକ୍ଷା କେନ୍ଦ୍ର ସ୍ଥାପନ କରିବା ପାଇଁ ଓଡ଼ିଶା ଲୋକ ସେବା ଆୟୋଗକୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ସୋମବାର ଲୋକ ସେବା ଆୟୋଗ ଜୟପୁରରେ ପରୀକ୍ଷା କେନ୍ଦ୍ର ସ୍ଥାପନ ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

## ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଓଡ଼ିଶାରେ ପହଞ୍ଚିଲେ ଜୟଶଙ୍କର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଭୁବନେଶ୍ୱରରେ ପହଂଚିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଁଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶ୍ରୀ ଜୟଶଙ୍କରଙ୍କୁ ସ୍ୱାଗତ କରିଥିଲେ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ।

## ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ଜନ୍ମ ଦିନରେ ଜଣେ ପରିଶ୍ରମୀ ନେତା ବୋଲି କହିବା ସହ ତାଙ୍କୁ ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ସୋସିଆଲ ମିଡିଆ ହ୍ୟାଂଡେଲରେ ଲେଖିଛନ୍ତି, ଓଡିଶାର ପରିଶ୍ରମୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କର ଜନ୍ମ ଦିନରେ ହାର୍ଦ୍ଦିକ ଶୁଭକାମନା । ଜଣେ ତୃଣମୂଳସ୍ତରର ନେତା ଜନ ସେବା ଓ ଗରୀବ ମାନଙ୍କୁ ଶକ୍ତିଶାଳୀ କରିବାରେ ସେ ଅଗ୍ରଣୀ । ସେ ଓଡିଶାର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରୁଛନ୍ତି । ତାଙ୍କର ଦୀର୍ଘ ଓ ସୁସ୍ଥ ଜୀବନର କାମନା କରୁଛି । ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି ଯେ ତାଙ୍କର ମାର୍ଗଦର୍ଶନ ତାଙ୍କୁ ଜନ ସେବା କରିବାରେ ପ୍ରେରିତ କରିଥାଏ । ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆ ପୋଷ୍ଟର ଉତର ଦେଇ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ଆପଣଙ୍କ ଦୟାଳୁ ଶବ୍ଦ ଓ ଶୁଭକାମନା ପାଇଁ ମୁଁ ଆପଣଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି । ଆପଣ ଓଡିଶାର ପ୍ରଗତି ଓ ଲୋକ ମାନଙ୍କର ଭଲ ପାଇଁ ସମର୍ପିତ । ଆପଣଙ୍କର ମାର୍ଗଦର୍ଶନ ଆମକୁ ପ୍ରେରଣା ଦେଇଥାଏ ।

## ଆତ୍ମହତ୍ୟା ନ କରିବାକୁ ଚାଷୀଙ୍କୁ ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନର ନିବେଦନ

କଟକ(ଭାସ୍କର ନ୍ୟୁଜ): ବ୍ୟବସ୍ଥାର ଦୋଷକୁ ନିଜ ଦେହକୁ ନେଇ ଅଯଥା ଜୀବନ ନ ହାରିବାକୁ ଓ ପରିବାରକୁ ଅନାଥ ଏବଂ ଅସହାୟ ନ କରିବାକୁ ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନ ପକ୍ଷରୁ ରାଜ୍ୟର ଚାଷୀ କୁଳକୁ ନିବେଦନ କରାଯାଇଛି । ଆଜି ଅଭିଯାନର ଏକ ଜରୁରୀ ବୈଠକ ଗାନ୍ଧି ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ବର୍ତ୍ତମାନ ଲଗାମ ଛଡ଼ା ଦରଦାମ ବୃଦ୍ଧି ଘଟି ଚାଲୁଥିବା ସମୟରେ ଚାଷୀର ଫସଲ ହାନି ସହିତ ଋଣ ବୋଝ ଚାଷୀକୂଳକୁ ଘୋର ହତାଶା ଭିତରକୁ ଠେଲି ଦେଇଛି । ଖବର ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୧୫ ଚାଷୀ ଜୀବନ ହାରିଲେଣି । ଏହି ବୈଠକରେରେ ସର୍ବସମ୍ମତି କ୍ରମେ ଚାଷୀଙ୍କୁ ଆତ୍ମହତ୍ୟା ଭଳି ଏକ ଅନୁଚିତ ପଦକ୍ଷେପ ନ ନେବାକୁ ନିବେଦନ କରିବା ସହ ସରକାର ଯୁଦ୍ଧକାଳୀନ ଭିତିରେ ଆତ୍ମହତ୍ୟା ପ୍ରବାହ ରୋକିବାକୁ ଆଶୁ ପଦକ୍ଷେପ ନେବାକୁ ଦାବି କରାଯାଇଛି । ସରକାର ସମସ୍ତ ପ୍ରକାର ଋଣ ଆଦାୟ ବନ୍ଦ କରିବାକୁ, ସରକାରୀ ଋଣ ତୁରନ୍ତ ଛାଡ଼ କରିବାକୁ ଓ ତତ୍‌କ୍ଷଣାତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବଞ୍ଚିବା ସହାୟତା ରାଶି ପ୍ରଦାନ କରିବାକୁ ଅଭିଯାନ ପକ୍ଷରୁ ଦାବି କରାଯାଇଛି । ଅଦିନିଆ ବର୍ଷା ସବୁ ସମୟରେ ବିପତ୍ତି । ଏହାକୁ ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ କହି ଦାୟୀତ୍ୱ ଖସାଇବା ଅତ୍ୟନ୍ତ ନିନ୍ଦନୀୟ । ତୁରନ୍ତ ଏହାର ପ୍ରତିକାର କରବାକୁ ଅଭିଯାନ ପକ୍ଷରୁ ଦାବି କରାଯାଇଛି । ଯୁଗଳ ନାୟକଙ୍କ ସଂଯୋଜନାରେ ଚିତ୍ତରଞ୍ଜନ ମହାନ୍ତି, ବିଶ୍ୱାବସୁ ଦାସ, ଡଃ ବିଶ୍ୱଜିତ, ଖଗେଶ୍ୱର ସେଠୀ, ଇଂ କ୍ଷୀରୋଦ ମହାପାତ୍ର,ପ୍ରଶାନ୍ତ ଦାସ, ଅକ୍ଷୟ ରାଉଳ, ଲକ୍ଷ୍ମୀପ୍ରିୟା ମହାନ୍ତି, ରାଜକିଶୋର ମଲ୍ଲିକ, ସୁକାନ୍ତ ନାୟକ, ସୁବାସ ବେହେରା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

## ଦରଦାମ୍ ବୃଦ୍ଧି ପାଇଁ ବିଜେଡି ନିଜେ ଦାୟୀ ବୋଲି ଭୁଲିଯାଉଛି: ଗୋଲକ ମହାପାତ୍ର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାରକୁ କେବଳ ୬ ମାସ ବିତିଛି । ଗତ ୨୪ ବର୍ଷ ଧରି ବିଜେଡି ସରକାର ଯାହା କରି ପାର ନ ଥିଲା ମୋହନ ସରକାର ମାତ୍ର ଅଳ୍ପ ଦିନ ମଧ୍ୟରେ ତାହା କରି ଦେଖାଇପାରିଛି । ମୋହନ ସରକାରଙ୍କ ସଫଳତା ଦେଖି ବିଜେଡିର ଚିନ୍ତା ବଢ଼ିଯାଇଛି । ଲୋକଙ୍କ ପାଇଁ ବିଜେପି ସରକାର ଏଭଳି ପ୍ରଗତି କରି ଚାଲିଲେ ବିଜେଡିର ସତା ଲୋପ ପାଇଯିବ ଭୟରେ ଏବେ ସେମାନେ ପ୍ରଳାପ କରୁଛନ୍ତି । ଦରଦାମ ବୃଦ୍ଧି ପାଇଁ ସେମାନେ ନିଜେ ଦାୟୀ ବୋଲି ଭୁଲିଯାଇଛନ୍ତି । ନିଜ ଦଳକୁ ବଞ୍ଚାଇବା ପାଇଁ ଓ ଚର୍ଚ୍ଚାରେ ରହିବା ପାଇଁ ଏବେ ସେମାନେ ରାସ୍ତାକୁ ଓହ୍ଲାଇଛନ୍ତି । ଗଣତାନ୍ତ୍ରିକ ପ୍ରକ୍ରିୟା ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କ ରହିଛି । ମାତ୍ର ପ୍ରବାସୀ ଭାରତୀୟଙ୍କୁ ଯେତେବେଳେ ପୁରା ଓଡ଼ିଶା ସ୍ୱାଗତ କରିବାକୁ ଅପେକ୍ଷା କରିଛି । ସେତେବେଳେ ସାରା ବିଶ୍ୱରେ ଓଡ଼ିଶାର ଛବି ମଳିନ କରିବାକୁ ବିଜେଡି ହୀନ ପ୍ରୟାସ କରୁଛି । ଏହାକୁ ବିଜେପି ନିନ୍ଦା କରୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପି ସଭାପତି ଗୋଲଖ ମହାପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ, ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର, ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସର ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି । ରାଜ୍ୟରୁ ଗଞ୍ଜେଇ ଚାଷ ମୂଳପୋଛ କରିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଏହି ପରିପ୍ରେକ୍ଷୀରେ ୨୦୨୪- ୨୫ ମସିହାରେ ଡ଼ିସେମ୍ବର ମାସ ୩୦ ତାରିଖ ସୁଦ୍ଧା ୧୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି । ଚଳିତ ବର୍ଷ ୧ କୋଟି ୭୭ ଲକ୍ଷ ଗଞ୍ଜେଇ ଗଛ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି । ରାଜ୍ୟର ବିଭିନ୍ନ ଥାନାରେ ୩୫୦ ଟି ମାମଲା ରୁଜୁ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୧୧୨ଟି ମାମଲା ରୁଜୁ ହୋଇଥିବା ବେଳେ ୫ ହଜାର ୪୦୦ ଏକରରୁ ଅଧିକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ସେହିପରି ଗଜପତି ଜିଲ୍ଲାରେ ୩୪ ଟି ମାମଲା ରୁଜୁ ହୋଇଥିବା ବେଳେ ୧ ହଜାର ୨୨ ଏକରରୁ ଅଧିକ ଗଞ୍ଜେଇ ନଷ୍ଟ କରାଯାଇଛି । ହଜାର ହଜାର ଏକର ଗଞ୍ଜେଇ ଚାଷ ନଷ୍ଟ କରିବା ପୋଲିସ ପାଇଁ ବଡ଼ ସଫଳତା ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି । ଆଗାମୀ ଦିନରେ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ଡିଜିପି କହିଛନ୍ତି । ରାଜ୍ୟର ୮ ଟି ଜିଲ୍ଲାରେ ଗଞ୍ଜେଇ ଚାଷ ବିରୁଦ୍ଧରେ ସ୍ପେଶାଲ ଡ୍ରାଇଭ ଚାଲିଛି । ରାୟଗଡା, ମାଲକାନଗିରି, କୋରାପୁଟ, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ ଏବଂ ନବରଙ୍ଗପୁର ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷ କରାଯାଉଥିବା ବେଳେ ଏହାର ମୂଳୋତ୍ପାଟନ ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି । ଡ୍ରୋନ ଏବଂ ସାଟେଲାଇଟ ସାହାଯ୍ୟରେ ଏକର ଏକର ଗଞ୍ଜେଇ ଚାଷ ଜମିକୁ ଚିହ୍ନଟ କରାଯିବା ପରେ ଏହାକୁ ନଷ୍ଟ କରାଯାଉଛି । ଏହା ସହ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ପୋଲିସ ସଚେତନ କରାଉଥିବା ବେଳେ ଗଞ୍ଜେଇ ଚାଷ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଚେତାବନୀ ଦେଇଛନ୍ତି ।

## ରାଜ୍ୟପାଳଙ୍କୁ ଭେଟିଲେ ବିଜେପି ରାଜ୍ୟସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟପାଳଙ୍କୁ ସାକ୍ଷାତ କଲେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ଏନେଇ ଓଡ଼ିଶା ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ କହିଛନ୍ତି ଯେ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ଆଜି ରାଜଭବନ ଆସି ମାନ୍ୟବର ରାଜ୍ୟପାଳଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଡିଜିପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ରାଜଭବନ ପରିସରରେ ଓଡ଼ିଶାର ନୂତନ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଜ୍ୟପାଳଙ୍କୁ ରାଜ୍ୟର ଆଇନ ଓ ଶୃଙ୍ଖଳା ପରିସ୍ଥିତି, ରାଜ୍ୟବାସୀଙ୍କ ସୁରକ୍ଷା ଓ ନିରାପତ୍ତା ଆଦି ପ୍ରସଙ୍ଗରେ ଡିଜିପି ଅବଗତ କରିଥିଲେ ।

## ପ୍ରବାସୀ ଭାରତୀୟ ଦିବସ ପାଇଁ ଟ୍ରାଫିକ୍ ଆଡଭାଇଜରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ ଆଡଭାଇଜରୀ ଜାରୀ କରାଯାଇଛି । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଓ ଅନ୍ୟ ଗୁରୁତ୍ୱପୂର୍ଣ ବ୍ୟକ୍ତିମାନଙ୍କ ଗସ୍ତ ପାଇଁ ୮ ତାରିଖରୁ ୧୦ ଯାଏଁ କମିଶନରେଟ୍ ପୋଲିସର ଟ୍ରାଫିକ କଟକଣା ଜାରୀ କରାଯାଇଛି । ଭିଭିଆଇପିଙ୍କ ଗସ୍ତକୁ ଦେଖି ନିର୍ଦ୍ଦିଷ୍ଟ ସମୟ ଓ ଅଞ୍ଚଳ ପାଇଁ କଟକଣା ସମ୍ପର୍କରେ କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏୟାରପୋର୍ଟ ଛକ, ହସ୍ପିଟାଲ ଛକ, ଏଜି ଛକ, ରାଜଭବନ ଅଞ୍ଚଳ, ପାୱାର ହାଉସ୍, ୧୨୦ ବାଟାଲିୟନ, ଶାସ୍ତ୍ରୀ ନଗର, ବେହେରା ସାହି, ଜୟଦେବ ବିହାର, ଜାଭିୟର, ନାଲ୍‌କୋ ଛକ ଆଦି ଅଞ୍ଚଳ ପାଇଁ କଟକଣା ରହିବ । ଭିଭିଆଇପିଙ୍କ ଯାତ୍ରା ସମୟରେ ସଂପୃକ୍ତ ଅଞ୍ଚଳରେ ଅନ୍ୟ ଗାଡ଼ି ପ୍ରବେଶ ଉପରେ ରୋକ ରହିବ ।

### ଓଡିଶାରେ ପ୍ରବାସୀ ଭାରତୀୟ ଦିବସ

## ଅପାର ସମ୍ଭାବନାକୁ ବାସ୍ତବ ରୂପ ଦେବାର ସୁଯୋଗ ପାଖକୁ ଆସିଛି: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ହେଉଛି ବିଜେପିର ମୂଳ ଲକ୍ଷ୍ୟ । କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ଓଡିଶାକୁ ସବୁବେଳେ ଗୁରୁତ୍ୱ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୮, ୯ ଓ ୧୦ ତାରିଖ ତିନି ଦିନ ଧରି ପ୍ରଥମ ଥର ପାଇଁ ଓଡ଼ିଶାରେ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି । ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ବୈଶ୍ୱିକସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଯୋଗୁ ଓଡ଼ିଶାର ମାନ ଓ ସମ୍ମାନ ବିଶ୍ୱସ୍ତରରେ ବୃଦ୍ଧି ପାଇବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଏବେ ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ପାଳନ ହେବାକୁ ଯାଉଛି । ଏଥିପାଇଁ ଗତ ୩ ମାସ ହେଲାଣି ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଏବଂ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଛନ୍ତି । ଏହା ହେଉଛି ୧୮ତମ ପ୍ରବାସୀ ଭାରତୀୟ ଦିବସ । ପାଖାପାଖି ୧୬୦ଟି ଦେଶରୁ ପ୍ରବାସୀ ଭାରତୀୟ ଅତିଥି ଆସିବେ । ଏହାଦ୍ୱାରା ଓଡ଼ିଶାରେ ଐତିହ୍ୟ, ସଂସ୍କୃତି, କଳା, ଖାଦ୍ୟ ଓ ପରମ୍ପରାକୁ ବ୍ୟାପକ କରିବାର ସମ୍ଭାବନା ସୃଷ୍ଟି ହୋଇଛି । ଏଥିଯୋଗୁ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ହେବ । ଅନ୍ୟ ରାଜ୍ୟ ସମେତ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ । ଓଡ଼ିଶାର ବିକାଶ ପାଇଁ ମୋଦିଜୀ ଆଣି ଦେଇଥିବା ଏଭଳି ଅପାର ସମ୍ଭାବନାକୁ ବାସ୍ତବ ରୂପ ଦେବାର ସୁଯୋଗ ଆମ ସମସ୍ତଙ୍କ ପାଖକୁ ଆସିଛି । ଏହି ୩ ଦିନରେ ମହାମହିମ ରାଷ୍ଟ୍ରପତି, ଯଶସ୍ୱୀ ପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀଙ୍କ ସମେତ ଦେଶ ତଥା ବିଦେଶରୁ ଅନେକ ମାନ୍ୟଗଣ ଅତିଥି ଆସିବେ । ଅତିଥିମାନଙ୍କ ସ୍ୱାଗତ ଓ ସମ୍ବର୍ଦ୍ଧନା ପାଇଁ ବିଜେପି କାର୍ଯ୍ୟକର୍ତ୍ତା ପ୍ରସ୍ତୁତ ଅଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଉପସ୍ଥିତ ଥିଲେ ।

## ପୁଣି ରାଜଧାନୀରେ ବୋମାମାଡ଼ ଦୁଇ ଆହତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁଣି ରାଜଧାନୀରେ ବୋମାମାଡ଼ ହୋଇଛି । ବର୍ଷର ମାତ୍ର ୬ ଦିନ ନ ପୁରୁଣୁ ପୁଣି ବୋମାମାଡ଼ ହେବା ସାଧାରଣ ଜନତାଙ୍କୁ ଆତଙ୍କିତ କରିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାଜଧାନୀର ପେଣ୍ଠସ୍ଥଳୀରେ ଏପରି ବୋମାମାଡ଼ ହୋଇଛି । ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡ଼ିଆ ବସ୍ତିରେ ବୋମା ମାଡ଼ ହେବାରୁ ବସ୍ତିରେ ଚାପା ଉତ୍ତେଜନା ଦେଖାଦେଇଛି । ଦୁଇଟି ବାଇକ୍‌ରେ ଚାରିଜଣ ଯୁବକ ଆସି ବୋମାମାଡ଼ କରି ଫେରାର ହୋଇଯାଇଛନ୍ତି । ତେବେ ବୋମାମାଡ଼ରେ ଦୁଇ ଯୁବକ ଆହତ ହୋଇଥିବା ବେଳେ ସେମାନଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏ ସଂକ୍ରାନ୍ତରେ ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ରାତି ପାହିଲେ ରାଜଧାନୀରେ ପ୍ରବାସୀ ଭାରତୀୟ ଦିବସ ପାଳନ ହେବାକୁ ଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହା ଭିତରେ ବୋମାମାଡ଼ ଘଟଣା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

## ଆଧୁନିକ କଳା, ଭାସ୍କର୍ଯ୍ୟ ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଲଳିତ କଳା ଏକାଡ଼େମୀ ଠାରେ ନ୍ୟାସନାଲ ଗ୍ୟାଲେରୀ ଅଫ୍ ମର୍ଡନ ଆର୍ଟ ଓ ଲଳିତ କଳା ଏକାଡ଼େମୀର ମିଳିତ ଆନୁକୁଲ୍ୟରେ ଆୟୋଜିତ ଆଧୁନିକ କଳା, ଭାସ୍କର୍ଯ୍ୟ ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ ହୋଇଛି । ଆସନ୍ତା ୮ ଜାନୁୟାରୀରୁ ୧୦ ପର୍ଯ୍ୟନ୍ତ ପ୍ରବାସୀ ଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଅବସରରେ ଏହି ପ୍ରଦର୍ଶନୀ ଆୟୋଜିତ ହେଉଛି । ଉଦଘାଟନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ । ଏହା ସହ ବାଲେଶ୍ୱର ଲୋକସଭା କ୍ଷେତ୍ରର ସାଂସଦ ପ୍ରତାପ ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଚିତ୍ରକଳା ପ୍ରଦର୍ଶନୀ ଗୁଡ଼ିକ ଅତିଥି ମାନଙ୍କୁ ବେଶ୍ ବିମୋହିତ କରିବା ସହ ଓଡ଼ିଶାର ପରିଚୟକୁ ବିଶ୍ୱ ସ୍ତରରେ ପହଁଞ୍ଚାଇ ପାରିବ ବୋଲି ଆଶା କରାଯାଉଛି ।

## ଦରଦାମ୍ ବୃଦ୍ଧି ନେଇ ନାଟକ କରୁଛି ବିଜେଡ଼ି: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦରଦାମ ବୃଦ୍ଧିକୁ ନେଇ ବିଜେଡିର ଆନ୍ଦୋଳନ ଉପରେ କଡ଼ା ଜବାବ ରଖିଲେ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଦରଦାମ ବୃଦ୍ଧି ପ୍ରତିବାଦ ଗୋଟେ ନାଟକ, ଆଉ କିଛି ନୁହେଁ । ଦରଦାମ ବୃଦ୍ଧି ନେଇ ନାଟକ କରୁଛି ବିଜେଡ଼ି । ବିରୋଧୀ ଦଳ ସେମାନଙ୍କ କର୍ତ୍ତବ୍ୟ କରନ୍ତୁ । ମୋହନ ମାଝୀଙ୍କ ସରକାର ଯାହା କହୁଛନ୍ତି, ତାହା କରୁଛନ୍ତି । ଦରଦାମ ବୃଦ୍ଧି ପ୍ରତିବାଦ ଗୋଟେ ନାଟକ, ଆଉ କିଛି ନୁହେଁ । ପନିପରିବା ଦର ବହୁତ କମ ଅଛି । ଅନ୍ୟାନ୍ୟ ଜିନିଷ ଡାଲି, ତେଲ ଆଦିର ଦର ଦେଶ ତୁଳନାରେ ଓଡିଶାରେ ବହୁତ କମ ଅଛି । ଦରଦାମ ବୃଦ୍ଧି ନେଇ ନାଟକ କରୁଛି ବିଜେଡ଼ି । ୨୪ ବର୍ଷରେ କେତେ ଥର ଫିଲଡକୁ ଯାଇଛନ୍ତି ନବୀନ, ପ୍ରଶ୍ନ କଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମୁଖ୍ୟମନ୍ତ୍ରୀ ଧାନ ବିଲକୁ ଗଲା ପରେ ତାଙ୍କୁ କମ୍ପିଟିସନ କରି ନବୀନ ଧାନ ବିଲକୁ ଯାଇଛନ୍ତି, ଭଲ କଥା । ବିରୋଧୀ ଦଳ ନେତା ଯିବା ଦରକାର । ମୁଖ୍ୟମନ୍ତ୍ରୀ ଦୁର୍ଗାପୂଜା ଦେଖିବାକୁ କଟକ ଗଲେ ଏ ବି ଗଲେ, ନବୀନ ଫଲୋ କରୁଛନ୍ତି କରନ୍ତୁ, ଏହା ଭଲ ଅଭ୍ୟାସ । ବିଜେଡ଼ିରୁ ସମସ୍ତେ ଆସି ବିଜେପିରେ ମିଶୁଛନ୍ତି । ଆଉ କିଛି ଦିନରେ ବିଜେଡ଼ି ରହିବ ନାହିଁ ।

### ଗୁରୁପ୍ରଣାମ ମହୋତ୍ସବ ଉଦ୍‌ଘାଟିତ

## ସାଧୁସନ୍ଥ ଓ ବିଜ୍ଞବ୍ୟକ୍ତିତ୍ୱଙ୍କ ସମ୍ମିଳନୀ ମହାକୁମ୍ଭ ସହ ସମାନ: ପଦ୍ମଶ୍ରୀ ବାବା ବଳିଆ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହୋଇଥିବା ପଞ୍ଚଦିବସୀୟ ଜ୍ଞାନ, ବିଜ୍ଞାନ, ପରିବେଶ, ଗୀତା କଥା, ଗଣତନ୍ତ୍ର, ଧର୍ମୀୟ ସଚେତନତା ସହିତ ଶେଷ ଦିବସରେ ଗୁରୁପ୍ରଣାମ ମହୋତ୍ସବ ୨୦୨୫ ଓ ସଂସ୍କୃତି ପୁରୁଷ ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଶୁଭ ଜନ୍ମ ଦିବସ ଅବସରରେ ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପଦ୍ମଶ୍ରୀ ବାବା ବଳିଆ ଉଦ୍‌ଘାଟକ ଭାବେ ଉପସ୍ଥିତ ରହିବା ସହ ଉଦଘାଟନ କରିଥିଲେ. ପୂଜ୍ୟ ପୂଜା ର ଏହି ମହାନ ପରମ୍ପରା,ରାଷ୍ଟ୍ରର ପ୍ରଗତି ସମ୍ପର୍କ, ତଥା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଅଧ୍ୟକ୍ଷ, ଇଷ୍ଟର୍ଣ୍ଣ ମିଡ଼ିଆ ମୁଖ୍ୟ ସୌମ୍ୟ ରଞ୍ଜନ ପଟନାୟକ, ମୁଖ୍ୟବକ୍ତା ଭାବେ ବାଗ୍ମୀ, ଅଧ୍ୟକ୍ଷ ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପ୍ରଦ୍ୟୁମ୍ନ ଶତପଥି, ସମ୍ମାନିତ ଅତିଥି ଭାବେ ସ୍ୱାମୀ ବ୍ରହ୍ମା ନନ୍ଦ ସରସ୍ୱତୀ, ବାବାଜୀ ବାଳକା ନନ୍ଦ ଦାସ, ବାବା ବିଶ୍ୱନାଥ ଦାସ, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ, ଡ଼ଃ ପ୍ରସନ ପାଟଶାଣୀ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟନାୟକ, ଉପସ୍ଥିତ ରହିବା ସହ ପୂଜ୍ୟପୂଜାକୁ ପ୍ରାଧାନ୍ୟ ଦେବା, ଗୁରୁଙ୍କ ମାର୍ଗଦର୍ଶନ, ମାନବିକତା, ଗଣତନ୍ତ୍ରକୁ ସମ୍ମାନପୂର୍ବକ ଅନୁପାଳନ, ପରିବେଶ ର ସନ୍ତୁଳନ, ଧର୍ମୀୟ ସଚେତନତା ପ୍ରମୁଖ ପ୍ରସଙ୍ଗରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଡ଼ଃ ଜ୍ଞାନେନ୍ଦ୍ରଙ୍କ ଶୁଭ ଜନ୍ମ ଦିବସ ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟନାୟକ, ବିଦ୍ୟାଧର କୁଅଁର, ଡ଼ଃ ବଦ୍ରୀନାଥ ପଟନାୟକ, ଡ଼ଃ ବ୍ରଜବନ୍ଧୁ ପଣ୍ଡା, ବରୁଣ ରାଜ, ଅରବିନ୍ଦ ତ୍ରିପାଠୀ, ସମିତା ମହାରଣା, ବାବା ପରମାତ୍ମା ଦାସ, ପ୍ରଜ୍ଞା ନନ୍ଦ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ ।

# ଦରବୃଦ୍ଧି ବିରୋଧରେ ବିଜେଡିର ବିଶାଳ ବିକ୍ଷୋଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦରଦାମ ବୃଦ୍ଧିକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ବିଶାଳ ବିକ୍ଷୋଭରେ ସାମିଲ ହୋଇ ବିଜୁ ଜନତା ଦଳର ମୁଖ୍ୟ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ବିଜେପି ସରକାର ବିରୁଦ୍ଧରେ ବର୍ଷିଛନ୍ତି । ସେ ରାଜ୍ୟର ବିଜେପି ସରକାରକୁ ମହଙ୍ଗା ମାଡର ସରକାର ବୋଲି କହିଛନ୍ତି । ଦର ବୃଦ୍ଧି ବିରୁଦ୍ଧରେ ବିଜେଡି ଡାକରାରେ ଆପଣ ମାନେ ସାରା ଓଡିଶାରୁ ଏତେ ଶୀତରେ ଭୁବନେଶ୍ୱର ଆସିଛନ୍ତି । ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସେ କହିଛନ୍ତି ଜୁନ ମାସରେ ବିଜେପି ସରକାର ଗଠନ ହେଲା । ସାତ ମାସ ହୋଇଗଲା, ହଁ କେବଳ ଲମ୍ବା ଲମ୍ବା ଭାଷଣ ଆମେ ଏବେ ଶୁଣୁଛୁ । କିନ୍ତୁ କାମ ଘର ଶୂନ.. ଦରଦାମ ବଢ଼ି ବଢ଼ି ଚାଲିଛି କିନ୍ତୁ ଆକ୍ସନ କିଛି ନାହିଁ । ଏ ସରକାର ଲୋକଙ୍କ ସରକାର ବୋଲି ଦାବି କରୁଛି । କିନ୍ତୁ ଲୋକଙ୍କ ସୁଖ ଦୁଃଖ ସହ ଏସରକାରର ସମ୍ପର୍କ ଥିବା ପରି ଜଣାପଡୁନାହିଁ । ଡାଲି କୁହନ୍ତୁ, ତେଲ କୁହନ୍ତୁ, ପରିବା କଥା କୁହନ୍ତୁ, ଗ୍ରୋସରୀ ଠାରୁ ଆରମ୍ଭ କରି ମେଡିସିନ ପର୍ଯ୍ୟନ୍ତ ସବୁ ଏସେନ୍ସିଆଲ କମୋଡିଟୀର ଦର ଏବେ ଆକାଶ ଛୁଆଁ । ମାର୍କେଟ ଉପରେ ସରକାରଙ୍କ କଣ୍ଟ୍ରୋଲ ନାହିଁ । ଡବଲ ଇଞ୍ଜିନ ଡବଲ ମାଡ । ଏପଟେ ଦରବୃଦ୍ଧି ମାଡ । ସେପଟେ ଜିଏସଟି ମାଡ଼ । ସବୁ ଜିନିଷରେ ଜିଏସଟି । ଗରିବ ଲୋକ ବେଶୀ ଜିଏସଟି ଦେଉଛନ୍ତି । ବିଜେପି ସରକାର ଟ୍ରେଲରରେ ଗୋଲାପୀ ଚିତ୍ର ଦେଖାଇଲେ, କିନ୍ତୁ ଫିଲ୍ମ ରିଲିଜ ହେଲା ଏମ୍‌ଏମ୍ ସରକାର । ମହଙ୍ଗା ମାଡ ସରକାର । ସାଢେ ଚାରି କୋଟି ଓଡ଼ିଆଙ୍କ ପ୍ରତିବାଦ ହିଁ ସରକାରଙ୍କ ଅସଲ ଚେହେରା ଖୋଲିଦେବ । । ଅହେତୁକ ଦରଦାମ ବୃଦ୍ଧି ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଛି ବିଜୁ ଜନତା ଦଳ । ଗାନ୍ଧୀ ମାର୍ଗରେ ଦଳ କରିଛି ବିଶାଳ ବିକ୍ଷୋଭ ସମାବେଶ । ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରୁ ନେତା ନିଜ ନିଜ କର୍ମୀଙ୍କୁ ଧରି ବିକ୍ଷୋଭ, ସ୍ଥଳରେ ପହଞ୍ଚିଛନ୍ତି । ବରିଷ୍ଠ ନେତା ବଦ୍ରିନାରାୟଣ ପାତ୍ର, ପ୍ରତାପ ଜେନା, ସଂଜୟ ଦାସବର୍ମା, ସସ୍ମିତ ପାତ୍ର, ନିରଞ୍ଜନ ପୂଜାରୀ, ସସ୍ମିତ ପାତ୍ର, ଶାରଦା ନାଏକ, ପ୍ରଣବ ପ୍ରକାଶ ଦାସଙ୍କ ଭଳି ବରିଷ୍ଠ ନେତା ଉପସ୍ଥିତ ଥିଲେ । ଭୁବନେଶ୍ୱର ସଲଗ୍ନ ଜିଲ୍ଲା ମାନଙ୍କରୁ ହଜାର ହଜାର ଲୋକ ଏହି ବିକ୍ଷୋଭରେ ଯୋଗ ଦେଇଥିଲେ । ଲୋକସେବା ଭବନ ସମ୍ମୁଖରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଦଳଗତ ଭାବେ ବିଭିନ୍ନ ଦିଗରୁ ବିଜେପି ସରକାରଙ୍କ ବିରୋଧରେ ପ୍ଲାକାର୍ଡ ଧରି ଓ ବିଭିନ୍ନ ସ୍ଲୋଗାନ ଦେଇ ସଭାସ୍ଥଳରେ ପହଞ୍ଚିଥିଲେ । ବିଜେଡିର ସମନ୍ୱୟ କମିଟିର ଅଧ୍ୟକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ସମସ୍ତ ବରିଷ୍ଠ ନେତାମାନେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ପ୍ରତାପ ଦେବ, ପ୍ରତାପ ଜେନା, ଅରୁଣ ସାହୁ, ସୁଦାମ ମାରାଣ୍ଡି, ସଞ୍ଜୟ ଦାସବର୍ମା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଧ୍ରୁବ ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ବିଭୂତି ବଳବନ୍ତରାୟ, ସୁଲୋଚନା ଦାସ ଓ ଦଳର ସମସ୍ତ ବିଧାୟକ ମାନେ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ରାଜ୍ୟ ଖବର





ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ସ୍ଥିତ ହଳଦିଆ ଡ୍ୟାମ ଠାରେ ମାସାଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ସ୍ତରୀୟ ଯୁବ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ଏମ୍.ପି. ସି ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମେତ ମୟୂରଭଞ୍ଜ ର ବିଭିନ୍ନ କଲେଜରୁ ଏକ ହଜାରରୁ ଉର୍ଦ୍ଧ ଯୁବ ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ । ମାସା ଆର୍ମୀ ସଂଗଠନ ପକ୍ଷରୁ ଚାଲିଥିବା ମୟୂରଭଞ୍ଜକୁ ପୁଣିଥରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ସହିତ ମୟୂରଭଞ୍ଜରେ ଏମସ୍ ପ୍ରତିଷ୍ଠା ଦାବିରେ ଚାଲିଥିବା ଆନ୍ଦୋଳନକୁ ଜୋରଦାର କରିବା ସହିତ ଦାବି ହାସଲ ନିମନ୍ତେ ଚଳିତ ବର୍ଷ ଠାରୁ ହେବାକୁ ଥିବା କଲେଜ ନିର୍ବାଚନ ଲଢା ଯିବ ବୋଲି ମାସାଆର୍ମୀ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଆଜିର କାର୍ଯ୍ୟକ୍ରମ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରାଜ୍ୟ ସମ୍ପାଦକ ସୁକୁଲ ମାରାଣ୍ଡି, ରାଜ୍ୟ ସାଂସ୍କୃତିକ ସମ୍ପାଦକ ଫାଣ୍ଟୁସ ମୁର୍ମୁ, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ,ଜିଲ୍ଲା ସାଧାରଣ ସମ୍ପାଦକ ରଣଜିତ ମୁର୍ମୁ ପ୍ରମୁଖ ସଭା ପରିଚାଳନା କରିଥିଲେ ।

# ଗଞ୍ଜେଇ ଜବତ: ଜଣେ ଗିରଫ



ଭଂଜନଗର(ଭାସ୍କର ନ୍ୟୁଜ): କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ବେଳେ ଭଂଜନଗର ଅବକାରୀ ବିଭାଗ ପକ୍ଷରୁ ଭଂଜନଗର ନିଧିଆପଲ୍ଲୀ ନିକଟରେ ଚଢ଼ାଉ କରି ୧୦ କିଲୋ ଗଞ୍ଜେଇ ଜବତ କରିଛି । ଏଥିରେ ସଂପୃକ୍ତ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ସୂଚନା ପ୍ରକାରେ, ଗଞ୍ଜେଇ ଚାଲାଣ ହେଉଥିବା ସଂକ୍ରାନ୍ତରେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଅବକାରୀ ବିଭାଗ । ଏନେଇ ଭଂଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାର ମୁଜାଗଡ-ନିଧିଆପଲ୍ଲୀ ଛକରେ ଚାଲାଣକାରୀ ବସ୍‌କୁ ଅପେକ୍ଷା କରିଥିବା ବେଳେ ଅବକାରୀ ବିଭାଗ କର୍ମଚାରୀମାନେ ଗାଡ଼ି ନିକଟକୁ ଯାଇ ଯାଞ୍ଚ କରିଥିଲେ । ଗୋଟିଏ ବସ୍ତାକୁ ଯାଞ୍ଚ କରିବା ପରେ ସେଥିରୁ ୧୦ କିଲୋ ଗଞ୍ଜେଇ ଜବତ କରିଥିଲେ । ଚାଲାଣକାରୀ ଜଣଙ୍କ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡା ଗ୍ରାମର ବିଜୟା ମଲ୍ଲିକ । ତାଙ୍କୁ ଗିରଫ କରିବା ସହ ଅବକାରୀ ବିଭାଗ ପକ୍ଷରୁ ୭୫/୨୪-୨୫ରେ ଏକ ମାମଲା ରୁଜୁ ହୋଇଛି । ଏହି ଘଟଣାର ତଦନ୍ତକାରୀ ଅବକାରୀ ଥାନାଧିକାରୀ ଡମ୍ବରୁଧର ହରିଜନ ତଦନ୍ତ ଚଳାଇଥିବା ବେଳେ ଏସଆଇ ଅଲ୍ଲିଭା ମାଝି, ଏଏସଆଇ ବହୁମୂଲ୍ୟ ପରିଛା, ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସାମିଲ ଥିଲେ ।

# ସାଇକେଲ୍‌ରେ ଅଯୋଧା ଯାତ୍ରା




କଣିହାଁ (ଭାସ୍କର ନ୍ୟୁଜ): କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତ ଧୋବାପାଳ ଗ୍ରାମର ସଞ୍ଜୟ ସାହୁ(୪୧) ନିଜ ଗ୍ରାମରୁ ସାଇକେଲେ ଯୋଗେ ଅଯୋଧା ଯାତ୍ରାରେ ବାହାରିଛନ୍ତି । ସୋମବାର ସକାଳ ୮ଟା ସମୟରେ ଗ୍ରାମରେ ପୂଜାର୍ଚ୍ଚନା କରିବା ସହିତ ଗ୍ରାମବାସୀ ନାମ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥିଲେ । ଶେଷରେ ଗ୍ରାମେଶ୍ୱରୀ ପୀଢ଼ରେ ଦର୍ଶନ କରି ସଞ୍ଜୟ କଣିହାଁ ଅଭିମୁଖେ ବାହାରିଥିଲେ । ସେଠାରୁ ଦେବଗଡ଼ ଝାରସୁଗୁଡ଼ା ଦେଇ ଛତିଶଗଡ଼ ଅଭିମୁଖେ ଯାତ୍ରା କରିବେ । ୨୮ରୁ ୩୦ ଦିନ ମଧ୍ୟରେ ଅଯୋଧା ପହଞ୍ଚି ସେ ରାମଲାଲାଙ୍କ ଦର୍ଶନ କରିବାର ଲକ୍ଷ୍ୟ ରଖିଛନ୍ତି ।

# ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ଭୁଲ ଓ ଶୁଦ୍ଧ ଭୋଟର ତାଲିକାର ଆବଶ୍ୟକତା ରହିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ସୋମବାର ଚୂଡ଼ାନ୍ତ ଭୋଟର ତାଲିକା – ୨୦୨୫ ପ୍ରକାଶ ପାଇଛି । ଏହି ଅବସରରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ ଜିଲ୍ଲାପାଳ ଅଶୋକ କୁମାର ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା, ବିଜେପିର ଉପିନ କୁମାର ରାଉତ, ସି.ପି.ଆଇ.(ଏମ)ର ଗୟାଧର ଧଳ, ଆଇ.ଏନ.ସି.ର ପ୍ରଫୁଲ୍ଲ କୁମାର ଦାସ, ଆମ ଆଦମି ପାର୍ଟିର ସୁର୍ଯ୍ୟକାନ୍ତ ପରିଡା, ବି.ଏସ.ପି.ର ସୁଧାକର ମଲ୍ଲିକ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ ତା. ୨୦.୦୮.୨୦୨୪ ରିଖ ଠାରୁ ଘରକୁ ଘର ବୁଲି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବିଶେଷ ଅଭିଯାନ ଦିବସ ଭାବେ ନଭେମ୍ବର-୨, ୧୦ ଓ ୨୪ ତାରିଖରେ ନିଜ ଘର ପାଖ ବୁଥରେ ଭୋଟର ତାଲିକାରେ ନାମ ଯୋଗ ଓ ସଂଶୋଧନ କରିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିଲା । ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀରେ ୧୪୪୯ ମତଦାନ କେନ୍ଦ୍ର ଥିବାବେଳେ ୧୪୪୯ ବିଏଲଓ ଓ ୧୪୫ ଜଣ ବିଏଲଓ ସୁପରଭାଇଜର କାର୍ଯ୍ୟ କରୁଥିଲେ । ତା. ୨୯.୧୦.୨୦୨୪ ଡ୍ରାଫ୍ଟ ଇଲେକ୍ଟୋରାଲ୍ ରୋଲ ୨୦୨୫ ପ୍ରକାଶନ ସମୟରେ ଜିଲ୍ଲାରେ ୬୬୩୧୦୭ ପୁରୁଷ, ୬୧୬୯୪୦ ମହିଳା ଓ ୪୯ ଅନ୍ୟାନ୍ୟ, ମୋଟ ୧୨୮୦୦୯୬ ଜଣ ଭୋଟର ଥିଲେ ଓ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ସମୟରେ ୭୮୨୮ ଭୋଟର ବାଦ୍ ପଡିଥିବା ବେଳେ ୧୨୮୩୪ ଜଣ ଭୋଟର ନୂତନ ଭାବେ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ । ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଆଜି ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ (ତା. ୦୬.୦୧.୨୦୨୫ ସୁଦ୍ଧା) ଜିଲ୍ଲାରେ ପୁରୁଷ ଭୋଟର ୬୬୫୪୬୭, ମହିଳା ଭୋଟର ୬୨୧୨୮୮ ଓ ତୃତୀୟ ଲିଙ୍ଗୀ ୪୬, ମୋଟ ୧୨୮୬୮୦୧ ଜଣ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ବୋଲି ଡେପୁଟି କଲେକ୍ଟର (ନିର୍ବାଚନ) ସୂଚନା ପ୍ରଦାନ କରିଛନ୍ତି ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୪ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ର ଛାତ୍ରୀଙ୍କର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ପୁରାତନ ଛାତ୍ର ଛାତ୍ରୀମାନେ ପରସ୍ପର ମଧ୍ୟରେ ବନ୍ଧୁତ୍ୱର ଭାବ ଆଦାନ ପ୍ରଦାନ କରିଥିଲେ । ଏହି ଉତ୍ସବରେ ପୁରାତନ ଛାତ୍ର ସର୍ବଶ୍ରୀ ଦେବେନ୍ଦ୍ର କୁମାର ଲେଙ୍କା, ପ୍ରଶାନ୍ତ କୁମାର ପଣ୍ଡା,ପ୍ରଶାନ୍ତ କୁମାର ରାଉତ, ବିନାୟକ ସାହୁ, ସୁଶାନ୍ତ କୁମାର ମହାପାତ୍ର, ରଶ୍ମି ସ୍ୱାଇଁ ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

# ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର




କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପ୍ରଥମ ବର୍ଷ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ସଂଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ସୁନିଲ ମିଶ୍ର ଯୋଗଦେଇଥିବା ବେଳେ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫୁଲ କୁମାର ଜେନା, ଅତିଥି ଭାବେ ଯୋଗଦେଇ ବାଳିକା ପିଲାମାନେ ଆଜିର ସମାଜରେ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେଥିପାଇଁ ଏହି ଆତ୍ମ ରକ୍ଷା ତାଲିମୀ ଶିବିର ଅନୁଷ୍ଠିତ ହେଉଥିବା ବେଳେ ପ୍ରତ୍ୟେକ ଝିଅମାନେ ଆତ୍ମ ରକ୍ଷା କୌଶଳ ନିତ୍ୟାନ୍ତ ଶିକ୍ଷିବା ଦରକାର ବୋଇଲି ସୂଚନା ଦେଇଥିଲେ । ରସାୟନ ବିଜ୍ଞାନ ଅଧ୍ୟାପକ ଗଦାଧର ଶତପଥୀ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରମୋଦ କୁମାର ହୋତା ଯୋଗଦେଇଥିଲେ । ଲିସ୍ନା ପରିଡା, ରସ୍ମିତା ଜେନା ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ପ୍ରୋଗାମ କୋଡିନେଟର ଅଧ୍ୟାପକ ଗଙ୍ଗାଧର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେବାସହ ଏହି ଶିବିର ଆଠଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ସୂଚନା ଦେଇଥିଲେ ।

# ମୃତ ଚାଷୀଙ୍କ ପରିବାରକୁ ଭେଟିଲା ବିଜେଡି

ଆଳି (ଭାସ୍କର ନ୍ୟୁଜ): ଫସଲହାନି ଯୋଗୁ ଜଣେ ଚାଷୀ ଶନିବାର ବିଷପିଇ ମୃତ୍ୟୁବରଣ କରିଥିବାର ଅଭିଯୋଗ ହୋଇଛି । ମୃତକ ଚାଷୀ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କୋଳଢ଼ିଅ ଗାଁର କୈଳାସ ଚନ୍ଦ୍ର ଧଳ(୫୭ବର୍ଷ),ସେ ୮ଏକର ଜମିରେ ଧାନଚାଷ କରିଥିଲେ । ଅଦିନିଆ ବର୍ଷାଯୋଗୁଁ ସବୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା । ଚାଷ କରିବା ପାଇଁ କୈଳାସ ବିଭିନ୍ନ ଲୋକଙ୍କ ଠାରୁ ଅଢେଇ ଲକ୍ଷଟଙ୍କା ଧାରକରଜ କରିଥିଲେ ।ଫସଲ କ୍ଷତି ଦେଖି କିଛି ଦିନ ହେବ କୈଳାସ ମାନସିକ ଚିନ୍ତାରେ ଥିଲେ । ଗତ ଶୁକ୍ରବାର ରାତିରେ ସେ ବିଷପିଇ ମୃତ୍ୟୁ ବରଣ କରିଥିବା ନେଇ ଶନିବାର ସଖାଳେ ପରିବାର ଲୋକେ ଜାଣିବାକୁ ପାଇଥିଲେ । ଏମିତି ଏକ ଦୁଃଖଦ ପରିସ୍ଥିତିରେ ଖବର ପାଇ ଆଳି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ସହିତ ଜିଲ୍ଲାପରିଷଦ ସଭ୍ୟ ତଥା ବିଜେଡି ସଂଗଠକ ଭୀଷ୍ମ ମହାନ୍ତି, ବିଜେଡି ନେତା ସୁବ୍ରତ ଦାସ, ମନୋଜ ମହାନ୍ତି, କୃଷ୍ଣଚନ୍ଦ୍ର ପରିଡା ଓ କୋଳିଡିହ ପଞ୍ଚାୟତର ସରପଞ୍ଚ ହେମନ୍ତ ଧଳ ପ୍ରମୁଖ ଏକ ଟିମ କୋଳିଡିହ ସ୍ଥିତ ମୃତକ ଚାଷୀଙ୍କ ପରିବାର ପାଖେ ପହଞ୍ଚି ଶୋକାକୁଳ ପରିବାରକୁ ସମବେଦନା ଜଣେଇବା ସହିତ କିଛି ନଗଦ ଅର୍ଥରାଶି ପ୍ରଦାନ କରିଥିଲେ ।

## କେନ୍ଦ୍ରାପଡ଼ା ପୁସ୍ତକ ମେଳା ଉଦ୍‌ଘାଟିତ

# ‘ବହିର ଉତ୍ସବ ହେଉଛି ପୁସ୍ତକ ମେଳା’



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ଦ୍ୱାରା ଆୟୋଜିତ ଏକବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକମେଳା ମହିପାଳ ସ୍ଥିତ ଟେଲିକମ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି । କେମ୍‌ର ସଭାପତି ଅକ୍ଷୟ ପାଣିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଓ ଉଦ୍‌ଘାଟକ ଭାବେ ବର୍ଷିଆନ ସାହିତ୍ୟିକ କୃଷ୍ଣ ସିଂହ ଯୋଗ ଦେଇ କହିଲେ ଯେ, ଆମ ସଂସ୍କୃତି କୃଷିର ସଂସ୍କୃତି । କୃଷି ହେଉଛି ଆମର ପ୍ରଧାନ କର୍ମକ୍ଷେତ୍ର । ଯେଉଁ ସାହିତ୍ୟକମାନେ ଉପଲବ୍ଧି କରି ସାହିତ୍ୟ ରଚନା କରନ୍ତି ସେହି ସାହିତ୍ୟ କାଳଜୟୀ । ଓଡିଶାର କୋଣାର୍କ ମନ୍ଦିର, ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର ଖୋଦେଇରେ ଯେଉଁ କଳା ନିପୁଣତା ରହିଛି ତାହା ହିଁ ଓଡିଆ ସାହିତ୍ୟର ଇତିହାସ । ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ଦାଶ ବେନହୁର ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଲେ ବହିର ଉତ୍ସବ ହେଉଛି ପୁସ୍ତକ ମେଳା । ବହି ସମାଜର ଜୀବନଶୈଳୀକୁ ପରିବର୍ତ୍ତନ କରେ । ସାହିତ୍ୟ ଯୋଡେ, ଗଢେ ଓ ମଣିଷ ଗଠନ କରେ । ତେଣୁ ବହି ଅମର । ଭାରତର ଆତ୍ମାକୁ ବୁଝିବା ପାଇଁ ବହି ମାଧ୍ୟମରେ ରାମାୟଣ, ମହାଭାରତ ଓ ଗୀତା ଲେଖାଯାଇଛି । ସେହିପରି ବିଶିଷ୍ଟ ଅତିଥି ଭାବେ ଖ୍ୟାତନାମା ଆନ୍ତର୍ଜାତିକ ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଯୋଗଦେଇ ଚିତ୍ର ମାଧ୍ୟମରେ ଜଗନ୍ନାଥଙ୍କ ଗାଥା ବର୍ଣ୍ଣନା କରିଥିଲେ । ସମ୍ପାଦକ ଜାହିଦ୍ ଖାଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ କେମ୍ ଦ୍ୱାରା ପ୍ରକାଶିତ ମୁଖପତ୍ର “କେନ୍ଦ୍ରାପଡା ପରିକ୍ରମା”(ଭିତର କନିକା ବିଶେଷାଙ୍କ) ସହିତ ବିଶିଷ୍ଟ ସାହିତ୍ୟକ ମାନଙ୍କର ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା । ଏହି ମେଳାରେ କେମ୍‌ର ପ୍ରତିଷ୍ଠାତା ଡ. ବିରଜା ରାଉତରାୟ, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ବିଶିଷ୍ଟ ଗାଳ୍ପିକ ଡ. ରାମଚନ୍ଦ୍ର ବେହେରା, ଲେଖକ ନିରାକାର ଦାସ, ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ଅଧ୍ୟାପକ ଅଜୟ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହାପରେ କେନ୍ଦ୍ରାପଡାର ଆନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପକ୍ଷରୁ ପ୍ରଦର୍ଶିତ ଚିତ୍ର ଗ୍ୟାଲେରିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ । କେମ୍‌ର ସଦସ୍ୟ ନବଜ୍ୟୋତି ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରଗୁରୁ ହିମାଂଶୁ ଦାସଙ୍କ ନେତୃତ୍ୱରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାକୁ ଧର୍ମଦର୍ଶୀ କର, ଜ୍ୟୋତିରଞ୍ଜନ ନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜେନ୍ଦ୍ର ମହାପାତ୍ର, ସନ୍ଦୀପ ସାହୁ, ପ୍ରଶାନ୍ତ ଆଚାର୍ଯ୍ୟ, ପ୍ରତାପ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଭୂଷଣ ପରିଡା, ଅତିରିକ୍ତ ସଭାପତି ସରୋଜକାନ୍ତ ସାହୁ, ଉପଦେଷ୍ଟା ଶିବ ଚରଣ ସାମଲ, ରଞ୍ଜିତ ପରିଡା, ନୃସିଂହ ତ୍ରିପାଠୀ, ଆଇନଜୀବୀ ମହମ୍ମଦ ମୁସ୍ତକ, ଅମରିନ ସାହାଦତ, ଶେଷଦେବ ଦାସ, ମିର ମୁରସିଦ୍, ବିକାଶ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଘଣ୍ଟପଡା ତ୍ରିନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ତାଳଚେର (ଭାସ୍କର ନ୍ୟୁଜ) : ତାଳଚେର ବ୍ଲକ ଘଂଟପଡା ଗ୍ରାମର ତ୍ରିନାଥ ମନ୍ଦିର ନିକଟସ୍ଥ ପଡିଆ ଠାରେ ଟାଇଗର ବଏଜ୍ ପକ୍ଷରୁ ପ୍ରଥମ ତ୍ରିନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସମାଜସେବୀ କ୍ଷିରୋଦ ସାହୁ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ ମନୋଜ କୁମାର ବେହେରା, ରଞ୍ଜନ ବେହେରା, ସୁବାଷ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉଦ୍ଘାଟନ କରିବା ସହିତ ଖେଳାଳୀ ମାନଙ୍କ ସହିତ କର ମର୍ଦନ କରିଥିଲେ ଏବଂ ଉତ୍ସାହିତ କରିଥିଲେ । ଉଦ୍ଘାଟନ ମ୍ୟାଚ୍‌ରେ କୁକୁଡାଙ୍ଗ ସହିତ ହେଁସମୂଳ କ୍ରିକେଟ୍ ଟିମ୍ ମଧ୍ୟରେ ଖେଳ ଆରମ୍ଭ ହୋଇଥିଲା । ପ୍ରଥମ ମ୍ୟାଚରେ କୁକୁଡାଙ୍ଗ ଦଳ ୧୦ ଓଭରରେ ୧୪୩ ରନ୍ କରିଥିବାବେଳେ ହେଁସମୂଳ ଦଳ ୮୦ ରନ୍ କରି ପରାସ୍ତ ହୋଇଥିଲେ । ଏହି ଖେଳରେ ଏମ୍ପାୟାର ଭାବେ ସିଙ୍ଗଲ ଦାସ ଓ ଚିନୁ ସାହୁ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଗୌତମ ପ୍ରଧାନ, ବାଦଲ ସାହୁ, ଜିତୁ ସାହୁ ଏବଂ ଭାଷ୍ୟକାର ଭାବେ ଟିକନ ମାଷ୍ଟ୍ରେ କାର୍ଯ୍ୟ ତୁଲାଇଥିଲେ । ଏଥିରେ ଟାଇଗର ବଏଜ୍ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଖେଳ ୧୦ ଦିନ ଧରି ଚାଲିବ ଏବଂ ଆସନ୍ତା ୧୫ ତାରିଖରେ ଗ୍ରାଣ୍ଡ ଫାଇନାଲ୍ ଖେଳ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ଓଡ଼ିଶା ରାଜ୍ୟପାଳଙ୍କ ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଲୋକଙ୍କ ସେବାରେ ନିରନ୍ତର ସଫଳତା ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଆଳୁ ଚାଷ ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଳୁ ଚାଷ ଉପରେ ଗୁରୁତ୍ୱ ଦେଇଛୁ । ଗତକାଲି କୃଷି ମନ୍ତ୍ରୀଙ୍କ ଏ ବିଷୟରେ ଆଲୋଚନା ହୋଇଛି, ଚଳିତ ବର୍ଷ ୬ ଲକ୍ଷ ମେଟ୍ରିକ ଟନ ଅଧିକ ଆଳୁ ଚାଷ ହେବ ବୋଲି ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ପ୍ରତି ବର୍ଷ ୩ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ହୁଏ, କିନ୍ତୁ ଆବଶ୍ୟକତା ହେଉଛି ୧୪ ଲକ୍ଷ ମେଟ୍ରିକ ଟନ । ୧୧ ଲକ୍ଷ ମେଟ୍ରିକ ଟନ ଆମେ ଅନ୍ୟ ରାଜ୍ୟ ଗୁଡିକଠାରୁ ଆମଦାନୀ ହୁଏ । ଏଥର କୃଷି ମନ୍ତ୍ରୀ କହିଛନ୍ତି ୬ ଲକ୍ଷ ମେଟ୍ରିକ ଟନ ଅଧିକ ଆଳୁ ଚାଷ ହେବ । ଆଗକୁ ଆହୁରି ଅଧିକ ଯୋଜନା କରାଯିବ । ଆଗାମୀ ଦିନରେ ଆଳୁର ଅଭାବ ରହିବ ନାହିଁ ଏବଂ ସ୍ୱାବଲମ୍ବୀ ହେବ ବୋଲି ବିଶ୍ୱାସ ଅଛି ବୋଲି ମନ୍ତ୍ରୀ କହିଛନ୍ତି ।

# ୩୧ ପର୍ଯ୍ୟଟନ ସ୍ଥଳ ବୁଲି ଦେଖିବେ ପ୍ରବାସୀ ଭାରତୀୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୩୧ ପର୍ଯ୍ୟଟନ ସ୍ଥଳ ବୁଲି ଦେଖିବେ ପ୍ରବାସୀ ଭାରତୀୟ । ସେମାନଙ୍କୁ ପର୍ଯ୍ୟଟନ ସ୍ଥଳୀ ବିଷୟରେ ବୁଝାଇବାକୁ ୩ ଭାଷାରେ ପ୍ରବୀଣ ଗାଇଡ ମାନଙ୍କୁ ସେମାନଙ୍କ ସହ ରଖାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି । ଯେଉଁ ଗାଇଡ ମାନେ ଆଜି ଯୋଗ ଦେଇଛନ୍ତି । ପ୍ରଥମ ଥର ଓଡ଼ିଆ ଘରେ ପ୍ରବାସୀ ଭାରତୀୟ ଅତିଥିଙ୍କୁ ରଖିବାକୁ ବ୍ୟବସ୍ଥା କରିଛୁ । ୨୮୦ ରେଜିଷ୍ଟ୍ରେସନ ପର୍ଯ୍ୟଟନ ବିଭାଗ ସହ ହୋଇଛି । ହୋମଷ୍ଟେ ପାଇଁ ଯେଉଁମାନେ ରେଜିଷ୍ଟ୍ରେସନ କରିଛନ୍ତି ପର୍ଯ୍ୟଟନ ବିଭାଗ ଦ୍ୱାରା, ସେମାନଙ୍କ ଓ ପ୍ରବାସୀଙ୍କ ମଧ୍ୟରେ ମିଡ଼ିଲ ମ୍ୟାନ ଭଳି କାମ କରିବ ବିଭାଗ । ପ୍ରବାସୀମାନେ ସେଠାରେ ଡିପୋଜିଟ କରିବେ ଓ ହୋମଷ୍ଟେ ରେ ରହିବେ । ପରିବାର ଭିତରେ ଯେହେତୁ ରହିବେ ସେମାନେ ଶତ ପ୍ରତିଶତ ସୁରକ୍ଷିତ ରହିବେ । ଏହା ସହ ବର୍ତ୍ତମାନ ଭୁବନେଶ୍ୱର ଓ ପୁରୀରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ପ୍ରଭାତି ପରିଡା କହିଛନ୍ତି ।

# ପର୍ଯ୍ୟଟକ ଗାଇଡଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଇତିହାସରେ ପ୍ରଥମ କରି ଆସନ୍ତା ୮ତାରିଖରୁ ତିନିଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି ପ୍ରବାସୀ ଭାରତ ଦିବସ । ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ ବିଭାଗର ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଂଚିଛି । ଆଜି ଓଡ଼ିଶାର ପର୍ଯ୍ୟଟନ ବିଭାଗ ତରଫରୁ କୃଷି ସଦନ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି ପର୍ଯ୍ୟଟକ ଗାଇଡ, ସୁପରଭାଇଜର ଓ ସଂଯୋଜକ ନିମନ୍ତେ ଏକ ଦିଗଦର୍ଶନ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିବା ସହ ‘ଅତିଥି ଦେବୋ ଭବ’ ମନ୍ତ୍ରରେ ମୁଗ୍ଧ ହୋଇ କାର୍ଯ୍ୟ କରିବାକୁ ପ୍ରେରିତ କରିଥିଲେ । ଏବେ ଓଡ଼ିଶାର ପର୍ଯ୍ୟଟନ ରହସ୍ୟକୁ ଉନ୍ମୋଚନ କରିବାର ସମୟ ଆସିଛି ବୋଲି ଉଦବୋଧନ ଦେଇ ସେ କହିଲେ ଯେ ଓଡ଼ିଶାର ପର୍ଯ୍ୟଟନକୁ ବିଶ୍ୱର କୋଣେ ଅନୁକୋଣେ ପହଂଚାଇବା ପାଇଁ ଏହି ୩ ଦିନିଆପ୍ରବାସୀ ଭାରତ ଦିବସ ଆମ ପାଇଁ ଏକ ଶ୍ରେଷ୍ଠ ସୁଯୋଗ । ଏହି ତିନି ଦିନ ପାଇଁ ପର୍ଯ୍ୟଟକ ଗାଇଡମାନେ ହେବେ ଆମ ଓଡ଼ିଶାର ଆମ୍ବାସଡର । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ବିଭାଗୀୟ ନିର୍ଦ୍ଦେଶକ ସମର୍ଥ ବର୍ମା ଓ ବିଭାଗୀୟ ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଦିନ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ଓ କରଞ୍ଜିଆ ପୋଲିସ ପ୍ରଶାସନ ସହଯୋଗରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ସଡକ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଚେତନତା ଯାତ୍ରା ବିଦ୍ୟାଳୟ ପ୍ରାଙ୍ଗଣରୁ ବାହାରି ଅଙ୍କୁରା ଛକ ହୋଇ କରଞ୍ଜିଆ ସହର ପରିକ୍ରମା କରିଥିଲା । ଏହି ସଚେତନତା ଯାତ୍ରାରେ କରଞ୍ଜିଆ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ଏନ.ମଲ୍ଲିକଙ୍କ ସହିତ କରଞ୍ଜିଆ ଥାନାର ଅନ୍ୟାନ୍ୟ କର୍ମଚାରୀ ମାନେ ମଧ୍ଯ ଉପସ୍ଥିତ ରହି ଏହିଯାତ୍ରାକୁ ସଫଳ କରିବାରେ ସହଯୋଗ କରିଥିଲେ । ଏହି ସଡକ ସୁରକ୍ଷା ମାସ ପାଳନ ଅବସରରେ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶ ଦାତା ଓଡ଼ିଆ ଅଧ୍ୟାପକ ମାନସ ରଞ୍ଜନ ବେହେରା, କ୍ରୀଡା ଶିକ୍ଷୟତ୍ରୀ ସେହନାଜ ବେଗମ, ରାଜନୀତି ବିଜ୍ଞାନର ଅଧ୍ୟାପିକା ରୀମା ସେଠୀଙ୍କ ସହ ଯୁକ୍ତ ଦୁଇ ପ୍ରଥମ ବର୍ଷର ଈଶା ପାତ୍ର, ଅଞ୍ଜନା ନାଏକ, ସସ୍ମୀତା ହେମ୍ବ୍ରମ, ମାମୁନି ପ୍ରିୟଦର୍ଶନୀ ନାଏକ, ଜ୍ଞାନେଶ୍ୱରୀ ମୁଖାର୍ଜୀ, ଭୁବନମୟୀ ବେହେରା, ଭାଗ୍ୟବତୀ ମହାନ୍ତ, ଅନୁସୟା ସୋରେନ, ପୁଷ୍ପାଞ୍ଜଳୀ ମହାନ୍ତ, ଡଳି ପାତ୍ର, ତପସ୍ୱୀନୀ ଗଡମାଝୀ, ଡଲି ନାଏକ, ରାଖୀ ପାତ୍ର, ମୋନାଲିସା ପାତ୍ର ଅଂଶଗ୍ରହଣ କରି ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିଥିଲେ ।

# ଖୁବ୍ ଶୀଘ୍ର ବିଜେପି ରାଜ୍ୟ ନୂଆ ସଭାପତି ଚୟନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାନୁଆରୀ ୧୫ ତାରିଖରେ ଭିତରେ ବିଜେପି ରାଜ୍ୟ ସଭାପତି କିଏ ହେବେ ସେ ନେଇ ଜଣାପଡିବାର ସମ୍ଭାବନା ଅଛି । ତେବେ କେନ୍ଦ୍ରୀୟ ନେତୃତ୍ୱ ଶେଷ ନିଷ୍ପତ୍ତି ନେବେ ବୋଲି କହିଛନ୍ତି ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର । ବିଜେପି ରାଜ୍ୟ ସଭାପତି ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ଭାବେ ବିହାରର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ଦାୟିତ୍ୱ ଦିଆଯାଇଛି । ଖୁବଶୀଘ୍ର ସେ ଓଡ଼ିଶା ଗସ୍ତର ଆସିବେ । ସେହିପରି ଆସନ୍ତା ୧୦ ତାରିଖ ସୁଦ୍ଧା ବିଜେପିର ଜିଲ୍ଲା ସଭାପତି ନିର୍ବାଚନ ଶେଷ ହେବ ବୋଲି ସେ କହିଛନ୍ତି ।



# ଆମ କଳାହାଣ୍ଡି





## ଜିଲ୍ଲାସ୍ତରୀୟ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ସାମାଜିକ ମହୋତ୍ସବ

# ରିଙ୍ଗ ସେରେମୋନି ପାଳନକୁ ମନା



କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମ ସ୍ଥିତ ଗୋବର୍ଦ୍ଧନ ପୀଠ ପରିସରରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ପକ୍ଷରୁ ଜିଲା ସ୍ତରୀୟ ଅଷ୍ଟମ ସାମାଜିକ ମହୋତ୍ସବ ଜିଲା ସଭାପତି ନୀଳମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବାଲସି ଜଗନ୍ନାଥ ମନ୍ଦିରରୁ ମାଶାଲ ଯାତ୍ରା କରାଯାଇ ଗୋବର୍ଦ୍ଧନ ପୀଠ ସଭା ମଞ୍ଚରେ ମଶାଲ ସ୍ଥାପନ କରା ଯାଇଥିଲା। ସାହୁ ସାମାଜିକ ପତାକାକୁ ସଭାପତି ଉତ୍ତୋଳନ କରିଥିଲେ। ଜିଲା ସାଧାରଣ ସଂପାଦକ ନବୀନ କିଶୋର ସାହୁ ବିବରଣୀ ପଠନ କରିଥିଲେ। ଗ୍ରାମ୍ୟ କମିଟି, ମଣ୍ଡଳ କମିଟି, ବ୍ଲକ କମିଟି, ଜିଲା କମିଟିର ସଦସ୍ୟଙ୍କୁ ସମାଜ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରା ଯାଇଥିଲା।ଏହି ସଭାରେ ଉପସ୍ଥିତ ସମସ୍ତ ସାହୁ ସମାଜର ଲୋକଙ୍କୁ ସଚେତନତା ପାଇଁ ସଭାପତି ଶ୍ରୀ ସାହୁ ସମାଜ ରେ ରିଙ୍ଗ ସେରେମୋନି ଉଚ୍ଛେଦ, ଝିଅର ନଡ଼ିଆ ଧରାବାବଦକୁ ଦୁଇ ହାଜରରୁ ଉର୍ଦ୍ଧ୍ୱ ଧରାଇ ପାରିବେ ନାହିଁ, ବିବାହ ବେଳେ ବରାନୁଗମନ ରାତ୍ର ୧୦ଟା ଓ ବର କନ୍ୟା ଛାଡିବା ଦିନ ୧୧ଟା ସୁଦ୍ଧା ପହଁଚିବା ପାଇଁ ସଭାପତି ତାଙ୍କ ଅଭିଭାଷଣରେ କହିଥିଲେ। ସମାଜର ବାଇ-ଲ, ଯୌତୁକ ନିଷେଧ, ନାରୀ ନିର୍ଯ୍ୟାତନା ଆଦି ବିଷୟରେ ଆବଗତ କରାଯାଇ ଥିଲା। ପୁଅ ଝିଅଙ୍କୁ ଶିକ୍ଷିତ କରିବା ସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ଧ୍ୟାନ ଦେବା ପାଇଁ ଆଲୋଚନା କରାଯାଇଥିଲା। ସମାଜର ବିଭିନ୍ନ ସମସ୍ୟା ଓ ଯୌତୁକ, ନିଶା ନିବାରଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନେଗି କୋଦଣ୍ଡ ସାହୁ, ବେହେରା ଜିତେନ୍ଦ୍ର ସାହୁ ଜିଲା ଉପ ସଭାପତି ଯୁବରାଜ ସାହୁ, ଯୁଗ୍ମ ସମ୍ପାଦକ ସୁଲପାଣି ସାହୁ, କାର୍ଜି ବିରଞ୍ଚି ସାହୁ, କିଶନ ସାହୁ, ଜୟ ସାହୁ, କୃଷ୍ଣଚନ୍ଦ୍ର ସାହୁ, ସତ୍ୟନାରାୟଣ ସାହୁ, ହେମ କିଶୋର ସାହୁଉମାକାନ୍ତ ସାହୁ, ଦୀନବନ୍ଧୁ ସାହୁ, ଅନିରୁଦ୍ଧ ସାହୁ, ପ୍ରଦୀପ ସାହୁ, ଉଜ୍ୱଳ ସାହୁ, ଥବିର ସାହୁ, ହୃଷୀ ସାହୁ, ଅକ୍ରୁର ସାହୁଙ୍କ ସମେତ ବ୍ଲକ ସଭାପତି ଚକ୍ରଧର ସାହୁ, ମଣ୍ଡଳ ସଭାପତି ମନୋହର ସାହୁ, ଗ୍ରାମ୍ୟ କମିଟି ସଭାପତି ନକୁଳ ସାହୁ, ସମ୍ପାଦକ ଫକୀର ସାହୁ, ପ୍ରମୁଖ ଉପସ୍ଥିତ ରହି ସାହୁ ସମାଜର ଉତ୍ତରୋତ୍ତର ଶୁଭ କାମନା ଜଣାଇଥିଲେ। ମଞ୍ଚ ପରିଚାଳନା କରିଥିଲେ ବାଲସି ମଣ୍ଡଳ ସମ୍ପାଦକ ଅଶ୍ୱନୀ କୁମାର ସାହୁ,ଲିଙ୍ଗରାଜ ସାହୁ, ଖୁସିରାମ ସାହୁ, ଦୁର୍ଗା ପ୍ରସାଦ ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ବିଭିନ୍ନ ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲସି ଗ୍ରାମ ସ୍ଥିତ ଗୋବର୍ଦ୍ଧନ ପୀଠରେ ଅନୁଷ୍ଠିତ ହୋଇଥିଲା ଅଷ୍ଟମ ସାମାଜିକ ମହୋତ୍ସବ।

# ଜୁନାଗଡ଼ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଜୁନାଗଡ଼ (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ହାଇସ୍କୁଲ୍ ଖେଳପଡିଆ ମା ଲଙ୍କେଶ୍ୱରୀ ମଞ୍ଚରେ ଜୁନାଗଡ଼ ମହୋତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ଫେବୃଆରୀ ମାସରେ ୩ ଦିନ ଧରି ଜୁନାଗଡ଼ ମହୋତ୍ସବ ଅନୁଷ୍ଠିତ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । ନିଜ ଅଂଚଳର କଳା ସଂସ୍କୃତିର ଉଜାଗର ତଥା ଅଂଚଳର ଜନସାଧାରଣଙ୍କ ସଂସ୍କୃତି ପ୍ରେମକୁ ଆଖି ଆଗରେ ରଖି ଜୁନାଗଡ଼ ଅଂଚଳ ବାସି ତିନିଦିନ ଧରି ଜୁନାଗଡ଼ ମହୋତ୍ସବ କରିବା ପାଇଁ ନିଷ୍ପତି ନେଇଛନ୍ତି। ଓକିଲ ସଙ୍ଘ ସମ୍ପାଦକ ହିମାଂଶୁ ଶେଖର ବରାଡ଼ଙ୍କ ଆବାହନ ଓ ଅନୁରୋଧ ରକ୍ଷା କରି ଶହ ଶହ ଜୁନାଗଡ଼ ବାସି ସ୍ଥାନୀୟ ମା ଲଙ୍କେଶ୍ୱରୀ ମଞ୍ଚରେ ଏକତ୍ରିତ ହୋଇ ଜୁନାଗଡ଼ର ସ୍ୱାଭିମାନକୁ ଆଖିଆଗରେ ରଖି ମହୋତ୍ସବ ପାଇଁ ଏକ କୋର କମିଟି ଗଠିତ ହୋଇ ଯାଇଛି । ଏଥିରେ ସର୍ବସମ୍ମତି କ୍ରମେ ଜୁନାଗଡ଼ ଏନଏସି ଅଧକ୍ଷା ହିମାଦ୍ରୀ ନାଏକ ପାରିଷଦ ସଚିନ ଅନ୍ଧାନୀ, କୁନା ବୈଠରୁ, ଚକ୍ରଧର ବାଗ, କୁନା ଦଣ୍ଡସେନା ପୁଷ୍ପାଞ୍ଜଳି ଢଙ୍ଗଡ଼ାମାଝି, ହିମାଦ୍ରୀ ସିନ୍ଦୁର ଓ ସମସ୍ତ ପାରିଷଦ ସହ ଦୁର୍ଗା ପ୍ରସାଦ ନାଏକ, ଲଳିତ କୁମାର ଅଗ୍ରଓ୍ୱାଲ, ଶିବ ପ୍ରସାଦ ମହାନ୍ତି, ଈଶ୍ୱର ଚନ୍ଦ୍ର ପୂଝରୀ, ଅଶୋକ କୁମାର ପଟ୍ଟନାୟକ, ବିଘ୍ନ ରାଜ ବରାଡ଼, ସରୋଜ କୁମାର ପଣ୍ଡା, ସମୀର କୁମାର ସାହୁ, ରଞ୍ଜନ କୁମାର ଜାଲ, ଆଶିଷ ଗୋଏଲ, ଦିଲୀପ କୁମାର ପଣ୍ଡା, ଅନିଲ କୁମାର ପଣ୍ଡା ଓ କୋର କମିଟି ଆବାହକ ହିମାଂଶୁ ଶେଖର ବରାଡ଼ ମନୋନୀତ ହୋଇଛନ୍ତି । ଶେଷରେ ମାନସ ରଞ୍ଜନ ସେଠି ଧନ୍ୟବାଦ ଦେଇ ସଭା ଶେଷ କରାଯାଇଥିଲା।



# ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞଙ୍କ ପରଲୋକ



ଭବାନୀପାଟଣା,(ଭାସ୍କର ନ୍ୟୁଜ୍): ଭବାନୀପାଟଣାର ସହରର ନୂଆପଡା ନିବାସୀ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର କରୁଣାକର ଦେଓଙ୍କ ଅକାଳ ବିୟୋଗ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିବା ତାଙ୍କ ପରିବାର ପକ୍ଷରୁ ଜଣା ପଡିଛି। ବୁର୍ଲା ମେଡ଼ିକାଲ କଲେଜରୁ ୧୯୬୮ ମସିହାରେ ସ୍ୱର୍ଗତ ଦେଓ ଡାକ୍ତରୀ ପାସ୍ କରିବାପରେ ଏଯାବତ୍ ରୋଗୀ ସେବା କରି ଆସୁଥିଲେ। ସେ ଜଣେ ମିଷ୍ଟଭାଷୀ ଓ ଅତ୍ୟନ୍ତ ମେଳାପୀ ଚିକିତ୍ସକ ଭାବେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ତାଙ୍କ ପଛରେ ପରିବାରରେ ପତ୍ନୀ ଓ ଦୁଇ ଝିଅଙ୍କୁ ଛାଡି ଯାଇଛନ୍ତି। ତାଙ୍କ ପରଲୋକ ଖବର ଏଠାରେ ପହଞ୍ଚିବା ପରେ ସ୍ଥାନୀୟ ସହରରେ ଶୋକର ଛାୟା ଖେଳିଯାଇଥିଲା। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ଓ ତାଙ୍କ ପୁତୁରା ବିଶ୍ୱନାଥ ସାହା ଦେଓ ମୁଖାଗ୍ନି ଦେଇଥିଲେ। ତାଙ୍କର ଅନ୍ତିମ ଦର୍ଶନ ପାଇଁ ଭୁବନେଶ୍ୱର ଠାରେ ବହୁ ବନ୍ଧୁ ପରିଜନ ଏବଂ ସହପାଠୀ ଡାକ୍ତରଖାନାଠାରେ ଭିଡ ଲଗାଇଥିଲେ।

# ଟ୍ରକ୍ ଧକ୍କାରେ ବୃଦ୍ଧା ମୃତ



ଧର୍ମଗଡ଼ (ଭାସ୍କର ନ୍ୟୁଜ) ଧର୍ମଗଡ ଥାନା ବୋଡ଼େନ ଠାରେ ଏକ ୪୦୭ ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣକ ହେଲେ ବୋଡ଼େନ ଗାଁର ଗୌରୀ ସାଙ୍କ ସ୍ତ୍ରୀ ଯଶୋବନ୍ତି ସା (୭୦)। ସୂଚନାରୁ ପ୍ରକାଶ ଯେ ବୃଦ୍ଧା ଜଣକ ରାସ୍ତାରେ ଥିବା ସମୟରେ ଓଆର ୦୮ ଏ ୯୫୨୯ ନମ୍ବର ବିଶିଷ୍ଟ କୁଣା ବୋଝେଇ ଏକ ୪୦୭ଗାଡି ଧକ୍କା ଦେଇଥିଲା। ଦୁର୍ଘଟଣା ହେବା ଫଳରେ ବୃଦ୍ଧାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ଧର୍ମଗଡ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଶବ ଜବତ କରିବା ସହ ଧର୍ମଗଡ ଥାନା କେଶ ନମ୍ବର ୯/୨୫ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା କୁ ପଠେଇଛି।

# ଅସହାୟ ଅବସ୍ଥାରେ ୩ ଅନାଥ ବାଳିକା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ମା'ବାପାଙ୍କ ମୃତ୍ୟୁ ପରେ ଗୋଟିଏ ପରିବାରର ୨ ଭଉଣୀଙ୍କ ସମେତ ଅନ୍ୟ ଏକ ପରିବାର ଜଣେ ବାଳିକା ଅସହାୟ ହୋଇପଡିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଗଣ୍ଡବାରଝୋଲା ପଞ୍ଚାୟତ କରାଟିକିଲି ଗ୍ରାମରେ। ଏହି ଗାଁର ରଜ ମାଝୀ ଓ ଗୋମତୀ ମାଝୀଙ୍କ ମୃତ୍ୟୁ ପରେ ତାଙ୍କ ୨ ଝିଅ ପାୟଲ ମାଝୀ (୧୧) ଓ ବନିତା ମାଝୀ (୯) ଏବେ ବେସାହାରା ହୋଇପଡିଛନ୍ତି। ବଡ଼ ଝିଅ ପାୟଲ ବାଦିଲୀ କିସ ଆବାସିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପଢୁଥିବା ବେଳେ ବନିତା ଗାଁ ପ୍ରାଥମିକ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ୧୦ବର୍ଷ ତଳେ ତାଙ୍କ ବାପା ରଜଙ୍କ ମୃତ୍ୟୁ ହୋଇଥିବାବେଳେ ଗତ ୨୫ ତାରିଖରେ ମା' ଗୋମତୀଙ୍କ ମୃତ୍ୟୁ ହୋଇଛି। ମା'ବାପା ଚାଲିଯିବା ପରେ ଦୁଇଭଉଣୀ ଏବେ କେଉଁଠି ରହିବେ କାହା ସହ ରହିବେ ତା'କୁ ନେଇ ଚିନ୍ତାରେ ରହିଛନ୍ତି। କାରଣ ନିଜର ବୋଲି ଏବେ ତାଙ୍କର କେହି ନାହାନ୍ତି। ୨ ଅନାଥ ଭଉଣୀ ଅସହାୟ ଅବସ୍ଥାରେ ରହୁଥିବା ଜାଣିବା ପରେ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା, ସ୍ଥାନୀୟ ସ୍କୁଲର ଶିକ୍ଷକ ଗୋବର୍ଦ୍ଧନ ମାଝୀ, ସିଆର୍‌ପି ଦେବକୀ ଗଉଡ଼ ପ୍ରମୁଖ ସେମାନଙ୍କୁ ଭେଟିବା ସହ ତାଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ୨ ଭଉଣୀ ପାଠ ପ୍ରତି ଆଗ୍ରହ ରଖିଥିବାରୁ ସରକାରୀ ସହଯୋଗ ମିଳିଲେ ଆହୁରି ଆଗକୁ ପଢିବେ ବୋଲି ମତ ରଖିଥିଲେ। ସେହିପରି ଉକ୍ତ ଗାଁର ଯୋଶୀତା ମାଝୀ (୧୫) ମଧ୍ୟ ପିତାମାତାଙ୍କ ଦେହାନ୍ତ ପରେ ଘରେ ଆର୍ଥିକ ଅସୁବିଧା ହେତୁ ମାଟ୍ରିକ ପରେ ପଢା ଛାଡିଛନ୍ତି। ତାଙ୍କୁ ସରକାରୀ ସହାୟତା ମିଳିଲେ ସେ ମଧ୍ୟ ଆସନ୍ତା ବର୍ଷରୁ କଲେଜରେ ଆଡ଼୍‌ମିଶନ କରିବେ ବୋଲି ପ୍ରକାଶ କରିଛନ୍ତି। ଉପରୋକ୍ତ ଅନାଥ ବାଳିକାମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ନେଇ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା ଓ ଗ୍ରାମବାସୀ ଦାବି କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

କର୍ଲାମୁଣ୍ଡା, ( ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ତଥା ବିଶିଷ୍ଟ ସାହିତ୍ୟିକ ଡକ୍ଟର ଶିବ ପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଶିଶୁମନ୍ଦିରର ସମ୍ପାଦକ କାହ୍ନୁ ଚରଣ ସାହୁ, ପ୍ରଧାନଚାର୍ଯ୍ୟ ଶାନ୍ତନୁ ମିଶ୍ର ପ୍ରମୁଖ ଯୋଗ ଦେଇ ଉତ୍ତମ ମଣିଷ ତିଆରିରେ ଗୁରୁଜୀ ଗୁରୁମାଙ୍କ ସହିତ ଅଭିଭାବକ ଅଭିଭାବିକା ମାନଙ୍କ ମଧ୍ୟ ସମାନ ଭୂମିକା ରହିଛି ବୋଲି କହିଥିଲେ। ଏଥିରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ସଫଳତା ପାଇଥିବା ପୁରାତନ ଭଉଣୀ ଭାଇ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭଉଣୀ ଆରାଧା ଦାସ ସଂଯୋଜନା କରିଥିଲେ ଓ ପୁରସ୍କାର ବିତରଣ ସଭାରେ ଗୁରୁଜୀ ତୁମ୍ଭେଶ୍ୱର ସାହୁ ସଂଯୋଜନା କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଜତୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ ଅଭିଭାବିକା, ପରିଚାଳନା ସମିତିର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ। ଭାଇଭଉଣୀଙ୍କୁ ମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କ ମନ ମୋହିଥିଲ।

# ପ୍ରକୃତିର ଗନ୍ତାଘର ରାବଣଧର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ହେଉଛି କଳା ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏକ ଗନ୍ତାଘର । ଶୀତର ମାତ୍ରା ୧୦ଡିଗ୍ରୀ ପାଖାପାଖି ଥିବାବେଳେ ପ୍ରକୃତି କୋଳରେ ବଣଭୋଜିର ଆସର ଖୁବ୍ ମନଲୋଭାଣିଆ। କଳାହାଣ୍ଡି ଜିଲ୍ଲାରେ ସେହିଭଳି ବଣଭୋଜି ପାଇଁ ଅନେକ ସୁନ୍ଦର ସୁନ୍ଦର ସ୍ଥାନ ରହିଛି । ସେ ମଧ୍ୟରୁ ରାବଣ ଧରର ଏକ ଅନନ୍ୟ ଶୋଭା ରହିଛି । ରାବଣ ଧର ଜଳପ୍ରପାତ ସଦର ମହକୁମା ଭବନୀପାଟଣା ଠାରୁ ମାତ୍ର ୧୫ କିମି ଦୂରତାରେ ରହିଛି । ପ୍ରକୃତି ପ୍ରେମୀଙ୍କ ପାଇଁ ରାବଣ ଧର ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳି, ଯେଉଁଠାରେ ପର୍ଯ୍ୟଟକ ମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଜଳ କ୍ରୀଡାର ମଧ୍ୟ ମଜା ନେଇ ପାରିବେ । ପ୍ରକୃତି କୋଳରୁ ଏକ ସୁନ୍ଦର ଝରଣା ବହିଯାଉଛି । ସେହି ଝରଣା ସାଙ୍ଗରେ ରହିଛି ଅନେକ ପ୍ରାକୃତିକ ସୋନ୍ଦର୍ଯ୍ୟ, ଯାହାକୁ ଦେଖିବା ପାଇଁ ଲାଗୁଛି ଦୂର ଦୂରାନ୍ତରୁ ପର୍ଯ୍ୟଟକଙ୍କ ଭିଡ଼ । ଝରଣାର କୁଳୁକୁଳୁ ମଧୁର ସ୍ୱର ପର୍ଯ୍ୟଟକଙ୍କ ମନ ମୋହୁଥିବା ବେଳେ ଆପଣ ପାହାଡ଼ ଉପରେ ଟ୍ରେକିଂ ଓ କ୍ୟାମ୍ପିଂର ମଧ୍ୟ ମଜା ନେଇ ପାରିବେ। ରାଜ୍ୟ ବାହାରୁ ମଧ୍ୟ ପର୍ଯ୍ୟଟକ ଆସୁଥିବା ବେଳେ ଯିବା ପାଇଁ ଥିବା ରାସ୍ତାକୁ ନେଇ ଆପତ୍ତି ପ୍ରକାଶ କରିଛନ୍ତି। ଯଦି ରାସ୍ତା ସମସ୍ୟା ର ସମାଧାନ ହୁଅନ୍ତା ତେବେ ଆହୁରି ପର୍ଯ୍ୟଟକ ସୁରୁଖୁରୁରେ ଯାତାୟାତ କରିପାରନ୍ତେ।

# ଦଳିତ ବୁଦ୍ଧିଜୀବୀ ଆଲୋଚନାଚକ୍ର



ଧର୍ମଗଡ଼ (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ୍ ଜୟନ୍ତପୁର ଶିଶୋ ବଗିଚା ଠାରେ ଦଳିତ ବୁଦ୍ଧିଜୀବୀ ଆଲୋଚନା ଚକ୍ର ଦିନ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡପାଟ ମୂଳ ନିବାସୀ ଦଳିତ ବୁଦ୍ଧିଜୀବୀ ମହାସଂଘ କଳାହାଣ୍ଡି ପକ୍ଷରୁ ଆୟୋଜିତ ହୋଇଥିବା ଏହି ଆଲୋଚନା ଚକ୍ରରେ ଧିମାନ ତରଣୀ ସୁନା (ଓ ଏଏସ) ଏସ୍‌ଇଡି ଓ ବଲାଙ୍ଗିର, ଧୀମାନ ବିବେକାନନ୍ଦ ମହାନନ୍ଦ ମେଡିକାଲ ଅଫିସର ଜୁନାଗଡ଼, ଧିମାନ ବନମାଳୀ ଦୀପ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ମହାପୁରୁଷ ଗୌତମ ବୁଦ୍ଧ ଓ ଡଃ ବାବା ସାହେବ୍ ବି ଆର୍ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବୁଦ୍ଧ ବନ୍ଦନା ଗାନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅତିଥି ମାନଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଲା ପରେ ରିନା କୁମାର ଏକ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଓ ତ୍ରିବିକ୍ରମ ନାଏକ ଏକ ସଚେତନମୂଳକ ସଂଗୀତ ପରିବେଷଣ କରିଥିଲେ। ଅଞ୍ଚଳର ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ଦିଗାମ୍ବର ଦୁରିଆ କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ଉପସ୍ଥାପନ କରିଥିଲେ। ପରେ ଉପସ୍ଥିତ ଅତିଥିମାନେ ସମ୍ବିଧାନରେ ଜାତି ସଂରକ୍ଷଣ ବ୍ୟବସ୍ଥା ଓ ଏହାର ଭବିଷ୍ୟତ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସମାଜର ବିଶିଷ୍ଟ ବ୍ୟକ୍ତିତ୍ୱ ମାନଙ୍କ ମଧ୍ୟରେ ହୀରା ଲାଲ ବାଗ, ପଦ୍ମଲୋଚନ ପାଣିଗ୍ରାହୀ, ତ୍ରିଲୋଚନ ବାଗ, ପଞ୍ଚାନନ ଦୁରୀଆ, ଲିଙ୍ଗରାଜ ଆଜାଦ, ଭୋଳା ନାଥ ଭରତିଆ, ପ୍ରଦୀପ ସେଠୀଆ, ମାନସିଂହ ଭରତିଆ, ତ୍ରିବିକ୍ରମ ନାଏକଙ୍କୁ ଫୁଲ ତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ଲିଙ୍ଗରାଜ ଆଜାଦ, ଯୋଗେଶ୍ୱର ସାଗର ପ୍ରମୁଖ ଯୋଗଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ରୁପେନ୍ଦ୍ର ସୁନାନୀ ଓ ଅଖଣ୍ଡଳ ମଣି ଭରତିଆ ସଂଯୋଜନା କରିଥିବା ବେଳେ ସମାଜସେବୀ ନୋଜଲ ବାଗ, ମାଧବ ଠାକୁର, ପ୍ରଦୀପ ସେଠୀଆ, ଭୋଳାନାଥ ଭରତିଆ, ମାନସିଂହ ଭରତିଆ, କ୍ରିଷ୍ଣା ନାଗ, ରାଜେଶ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଗଜେନ୍ଦ୍ର ଚଲାନ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ, ମହିଳା, ଯୁବକ ଭାଇ ଭଉଣୀ ସାମିଲ ହୋଇଥିଲେ।

## ବଙ୍ଗୋମୁଣ୍ଡିଆ ବାଘବଂଶ ଭତରା ଜାତିର ଭେଟଘାଟ


# ଏକଜୁଟ ହେଲେ ୨ ଜିଲ୍ଲାରୁ ଶହେ ଗ୍ରାମର ବନ୍ଧୁବାନ୍ଧବ




କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋର୍ଣ୍ଣଡାଠାରେ ବଙ୍ଗୋମୁଣ୍ଡିଆ ବାଘବଂଶ ଭତରା ଜାତିର ଦ୍ୱିତୀୟ ବାର୍ଷିକ ଉତ୍ସବ ଭାଇଚାରାର ସମ୍ପର୍କ ଓ ନୂଆବର୍ଷର ଭେଟଘାଟ ସମାବେଶ ଅନୁଷ୍ଠିତ ହୋଇଛି। ଏହି ସମାବେଶରେ ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ବାଘ ବଂଶିୟ ଓ ବନ୍ଧୁକୁଟୁମ୍ବ ଯୋଗଦେଇ ଥିଲେ। ପ୍ରଥମେ ଭତରା ଜାତିର ଆରାଧ୍ୟ ଦେବତା ଭୈରବ ଦେବଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବଙ୍ଗୋମୁଣ୍ଡିଆ ବାଘ ବଂଶିୟ ସମ୍ପର୍କ କମିଟିର ସଭାପତି ଟିକେଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଲାଞ୍ଜିଗଡ଼ ବିଧାୟକ ପ୍ରଦିପ ଦିଶାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଇଂ ତୃପ କୁମାର ପାତ୍ର ମୁଖ୍ୟବକ୍ତା, ପୂର୍ବତନ ଡାବୁଗାଁ ବିଧାୟକ ଭୂଜବଳ ମାଝୀ, ଅବସରପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦ୍ମକିଶୋର ପୁଝାରୀ, ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୟାନିଧି ପୁଝାରୀ, ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିର୍ମଳ ପୂର୍ଣ୍ଣଚନ୍ଦ୍ର ନାଏକ, କଳାହାଣ୍ଡି ଜିଲ୍ଲା ଭତରା ସମାଜ ସଭାପତି କୈଳାଶ ଚନ୍ଦ୍ର ମାଝୀ, ଘନଶ୍ୟାମ ନାଏକ, ଉପସଭାପତି ଗରୁଡଧ୍ୱଜ ମାଝୀ, ପଦ୍ମନ ନାଏକ, ବସନ୍ତ କୁମାର ନାଏକ, ଅବସରପ୍ରାପ୍ତ ଶିକ୍ଷାବିତ ବନମାଳୀ ମାଝୀ, ଋତୁରାଜ ମାଝୀ, ତରୁଣ ମାଝୀ ଟିକେ ମାଝୀ, ବସନ୍ତ ମାଝୀ, ସୁଶାନ୍ତ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ସମାବେଶରେ ସମାଜର ଶିକ୍ଷା, ଅର୍ଥନୈତିକ, ରାଜନୈତିକ, କୃଷି, ବୃତ୍ତି, ନିଯୁକ୍ତି ଓ ଭବିଷ୍ୟତ ଯୋଜନା ସମ୍ବଧରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏଥିରେ ଦୁଇ ଜିଲ୍ଲା ଓ ବସ୍ତର ଅଞ୍ଚଳରୁ ବଙ୍ଗୋମୁଣ୍ଡିଆ ବାଘ ବଂଶିୟ ସମେତ ବନ୍ଧୁବାନ୍ଧବ ମାନେ ସାମିଲ ହୋଇଥିଲେ। ରଶିକ ମାଝୀ ମଞ୍ଚ ସଂଯୋଜନା କରିଥିବାବେଳେ ଜଗବନ୍ଧୁ ପୁଝାରୀ, ଜ୍ୟେଷ୍ଠ ପୁଝାରୀ, ଗୌତମ ପୁଝାରୀ, କ୍ଷୀରସିନ୍ଧୁ ମାଝୀ, ଦୁର୍ଯ୍ୟୋଧନ ପୁଝାରୀ, ହେମନ୍ତ ମାଝୀ, ତୁଳସୀ ରାମ ପୁଝାରୀ, ଡ଼ ପରମାନନ୍ଦ ପୁଝାରୀ, ଗଙ୍ଗାଧର ପୁଝାରୀ, ମୁରଲୀ ପୁଝାରୀ, ଦିନବନ୍ଧୁ ପୁଝାରୀ ସମେତ ବାଘ ବଂଶର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଶିଫଳ

ମଙ୍ଗଳବାର, ୦୭ ଜାନୁଆରୀ ୨୦୨୫



**ମେଷ:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ।




**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ।



**ମିଥୁନ:**ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ। ଆପଣଙ୍କ ବୁଦ୍ଧି ସାମାଜିକ ସମ୍ମାନ ଲାଭ କରିବ।



**କର୍କଟ ରାଶି:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଯାନ-ଯନ୍ତ୍ରପାତି କ୍ରୟ ସମ୍ଭାବନା। ବ୍ୟବସାୟରେ ବାଧା ଆସିବ।




**ସିଂହ:** ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।




**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ଉପହାର ଗ୍ରହଣ କରିବେ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।




**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।




**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯